R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୪୧
ତିଥି: ସପ୍ତମୀ
୨୩ ଫେବୃଆରୀ ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 141
23 February 2026, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଝାରସୁଗୁଡ଼ାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

# ୫ ପୋଲିସ ମୃତ, ୩ ଗୁରୁତର

ଝାରସୁଗୁଡ଼ା, ୨୨।୨ (ସବ୍ୟୁ): ଝାରସୁଗୁଡା ସଦର ଥାନା ସମ୍ମୁଖରେ ରବିବାର ଭୋର ସମୟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ଆହତଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । କାଶୀରାମ ଭୋଇ, ନିରଞ୍ଜନ କୁଜୁର, ଦେବଦତ୍ତ ସା, ଲିଙ୍ଗରାଜ ଧୃରୁଆ ଓ ଭକ୍ତବନ୍ଧୁ ମିର୍ଦ୍ଧାଙ୍କ ମୃତ୍ୟୁ ହୋଇଥିବା ବେଳେ ଆହତ ଦୁବରାଜ ମିରିଗ, ଆକାଶ ନାଏକ ଓ ରାଜୀବ ଭରସାଗରଙ୍କ ଚିକିତ୍ସା ଜାରି ରହିଛି । ପ୍ରାପ୍ତ ସୂଚନା ମତେ ଜଣେ ପୁଲିସ କନଷ୍ଟେବଲଙ୍କ ବାହାଘର ଭୋଜିରେ ରେଙ୍ଗାଲି ଥାନାର ଏକ ଗ୍ରାମକୁ ଯୋଗ ଦେବାକୁ ଯାଇ ଏକ ବୋଲେରୋ କାରରେ ସମସ୍ତେ ଝାରସୁଗୁଡ଼ା ଫେରୁଥିଲେ । ଭୋର ସକାଳ ପ୍ରାୟ ସାଢେ ତିନିଟାରେ ଝାରସୁଗୁଡ଼ା ସଦର ଥାନା ସମ୍ମୁଖରେ



## ମୃତକଙ୍କ ପରିବାରକୁ ୫ ଲକ୍ଷ ସହାୟତା ଘୋଷଣା

ବିପରୀତ ଦିଗରୁ ଆସୁଥିବା ଏକ ଦ୍ରୁତଗାମୀ ଚିପ୍ସ ବୋଝେଇ ଟ୍ରେଲର ସହ ବୋଲେରୋ ଗାଡ଼ି ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ୫ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ହୋଇଥିଲେ । ବୋଲେରୋ ଗାଡିଟି ସମ୍ପୂର୍ଣ୍ଣ ଭାବେ ଚୂରମାର ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ଟିମ ବୋଲେରୋ ଗାଡି ଭିତରୁ ମୃତଦେହଗୁଡିକୁ ବାହାର କରିଥିଲେ ଓ ଗୁରୁତର ଆହତ ମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ଖବର ପ୍ରଚାରିତ ହେବା ପରେ ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, (୯ ପୃଷ୍ଠାରେ)

# ୧୬ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି, ୨୨।୨ (ସବ୍ୟୁ) : ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ତେଲେଙ୍ଗାନା ପୁଲିସ ନିକଟରେ ଦୁଇ ଦୁର୍ଦାନ୍ତ ମାଓ ନେତା ଆତ୍ମସମର୍ପଣ କରିଥିବା ନେଇ ଚର୍ଚ୍ଚା ଜୋର ଧରିଛି । ତେବେ ତେଲେଙ୍ଗାନା ପୁଲିସ ଏନେଇ କୌଣସି ସ୍ପଷ୍ଟ କରିନଥିବା ବେଳେ ଆଗାମୀ ଦୁଇ ଦିନ ମଧ୍ୟରେ ଏହି ନେତାମାନଙ୍କୁ ଗଣମାଧ୍ୟମ ନିକଟରେ ଅଣାଯିବ ବୋଲି କୁହାଯାଇଛି । ଏମାନେ ହେଲେ କେନ୍ଦ୍ରୀୟ କମିଟି ମେମ୍ବର ତଥା ମହାସଚିବ ଦେବଜୀ ଓରଫ ତିରୁପତି ଓ ରାଜିରେଡ୍ଡୀ ।

ଗତ ତିନି ଦିନ ଚାରି ଦିନ ତଳେ କେରାଗୁଟ୍ଟା ଜଂଗଲରେ ଅପରେସନ ବ୍ଲାକ ଫରେଷ୍ଟ-୨ ଆରମ୍ଭ ହୋଇଥିବା ବେଳେ ନକ୍ସଲ ଆଉ କାରେଗୁଟ୍ଟା ଜଂଗଲରେ ସୁରକ୍ଷିତ ନଥିବା ଜାଣିବା ପରେ ଆତ୍ମସମର୍ପଣ କରୁଥିବା ଜଣାପଡିଛି । ତେବେ ଦେବଜୀ ଏବଂ ରାଜିରେଡ୍ଡୀଙ୍କ ସହ ଅନ୍ୟ ୧୬ ଜଣ ମାଓବାଦୀ ମଧ୍ୟ ଆତ୍ମସମର୍ପଣ କରିଥିବା କୁହାଯାଇଛି । ଗତ ୨୦୨୫ରେ ନକ୍ସଲ ସଂଗଠନର ମହାସଚିବ ବାସବରୁଜା ନାରାୟଣପୁର ଜିଲ୍ଲାରେ ଏନକାଉଣ୍ଟରରେ ନିହତ ହୋଇଥିଲେ । ଏହା ପରେ ଦେବଜୀଙ୍କୁ ଏହି ଦାୟୀତ୍ୱ ହସ୍ତାନ୍ତର କରାଯାଇଥିଲା । ତେବେ ସେହି ଏନକାଉଣ୍ଟରରେ ବାସବରାଜୁଙ୍କ ସହ ୨୬ ଜଣ ନକ୍ସଲ ନିହତ ହୋଇଥିଲେ । ତେଲେଙ୍ଗାନା ପୁଲିସ ଗତ ୪ ଦଶନ୍ଧି ଧରି ନକ୍ସଲ ଦମନ ନେଇ କାମ କରି ସଫଳତା ପାଉଛି । ଲଗାତାର ଏନକାଉଣ୍ଟର ଏବଂ ଆତ୍ମସମର୍ପଣ ଯୋଗୁଁ ରାଜ୍ୟରେ ମାଓବାଦୀଙ୍କ ଗତିବିଧି କମିଥିବା କୁହାଯାଇଛି । ତେବେ ଏହି ଦୁଇ ନକ୍ସଲ ଯଦି ଆତ୍ମସମର୍ପଣ କରିଥାନ୍ତି ତେବେ ସଂଗଠନ ସଂପୂର୍ଣ୍ଣ ଭୁଷୁଡି ଗଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଏପେ ସୁରକ୍ଷାକର୍ମୀ ଜଂଗଲରେ ଚୋକ୍କା ରାଓ ଏବଂ ଦାମୋଦରଙ୍କୁ (୯ ପୃଷ୍ଠାରେ)

## ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍

# ଓଡ଼ିଶା କୃଷକଙ୍କ ସଫଳତା ପ୍ରତିଫଳିତ

ନୂଆଦିଲ୍ଲୀ, ୨୨।୨ : ଆମ କୃଷକମାନେ କେବଳ ଅନ୍ନଦାତା ନୁହଁନ୍ତି । ସେମାନେ ମାଟି ମା'ର ପ୍ରକୃତ ସାଧକ । ମାଟି କିପରି ସୁନା ହେବ, ସେକଥା ଆମେ କୃଷକଙ୍କଠାରୁ ଶିଖିବା । ଆଜିର କୃଷକ ତ ପରମ୍ପରା ଏବଂ ଟେକ୍ନୋଲଜି ଉଭୟଙ୍କୁ ସାଥିରେ ନେଇ ଚାଲେ । ମୁଁ ବହୁତ ଖୁସି ଯେ ଆମ କୃଷକମାନେ କେବଳ ଉତ୍ପାଦନ କରୁନାହାନ୍ତି, ତତସହିତ ସେମାନେ ଗୁଣାତ୍ମକତା, ମୂଲ୍ୟ ମିଶ୍ରଣ ଏବଂ ନୂଆ ବଜାର ଉପରେ ମଧ୍ୟ ଧ୍ୟାନ ଦେଉଛନ୍ତି । ଓଡ଼ିଶାର ଯୁବଚାଷୀ ହିରୋଦ ପଟେଲଙ୍କ କଥା ବାସ୍ତବିକ ବହୁତ ପ୍ରେରଣାଦାୟୀ । ପ୍ରାୟ ଆଠବର୍ଷ ପୂର୍ବରୁ ସେ ତାଙ୍କ ବାପା ଶିବଶଙ୍କର ପଟେଲଙ୍କ ସହିତ ପାରମ୍ପରିକ ଶୈଳୀରେ ଧାନଚାଷ କରୁଥିଲେ । କିନ୍ତୁ



ସେ ଚାଷକାର୍ଯ୍ୟକୁ ଗୋଟିଏ ନୂତନ ଦୃଷ୍ଟିରେ ଦେଖିବା ଆରମ୍ଭ କଲେ । ସେ ନିଜ ଜମିରେ ଥିବା ପୋଖରୀ ଉପରେ ଗୋଟିଏ ଶକ୍ତ ଜାଲି ଢାଞ୍ଚା ତିଆରି କଲେ । ସେଠାରେ ଲତାଜାତୀୟ ପରିବା ଲଗାଇଲେ । ପୋଖରୀ ଚତୁଃଦିଗରେ କଦଳୀ, ପିଜୁଳି (୯ ପୃଷ୍ଠାରେ)

# ଭାରତୀୟ କୃଷି କ୍ଷେତ୍ରରେ ପରିବର୍ତ୍ତନ ଆଣୁଛି ଏଆଇ

ନୂଆଦିଲ୍ଲୀ, ୨୨।୨ : ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଭାରତ ବିଶ୍ୱର ଏକ ଅଗ୍ରଣୀ ରାଷ୍ଟ୍ର ପାଲଟିଛି । ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ବିଶ୍ୱବ୍ୟାପୀ ଏଆଇ ପ୍ରତିଯୋଗିତା ମାନ୍ୟତା ଅନୁଯାୟୀ ଏଆଇ ପ୍ରତିଯୋଗିତା ମାନ୍ୟତାରେ ଭାରତ ତୃତୀୟସ୍ଥାନରେ ରହିଛି । ନିକଟରେ ନୂଆଦିଲ୍ଲୀରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ୨୦୨୬ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଯୁକ୍ତିବିଦ୍ୟାକୁ ସାର୍ବଜନୀନ କରିବା ଏବଂ ଏଆଇ କ୍ଷମତାର ସମାନତାପୂର୍ଣ୍ଣ ଏବଂ ସୁଲଭ ଉପଲବ୍ଧତା ସୁନିଶ୍ଚିତ କରିବା ଉପରେ ଆଲୋକପାତ କରାଯାଇଛି । ଭାରତର ପ୍ରଶାସନିକ ସୁଧାର, ସେବା ବିତରଣ ଏବଂ ଦୀର୍ଘସ୍ଥାୟୀ ବିକାଶ ଲାଗି ଏଆଇର



ମାନବ କୈନ୍ଦ୍ରିକ ଏବଂ ନୈତିକ ବ୍ୟବହାର ଲାଗି ସବୁବେଳେ ସ୍ପଷ୍ଟ ଆଭିମୁଖ୍ୟ ଗ୍ରହଣ କରିଛି । ଭାରତର କୃଷି କ୍ଷେତ୍ରରେ ଚାଷୀଙ୍କୁ ସହାୟତା ଯୋଗାଇ ଦେବା, ନିଷ୍ପତ୍ତି ପ୍ରକ୍ରିୟାକୁ ସୁଦୃଢ଼ କରିବା ଏବଂ ଉତ୍ପାଦକତା ବଢ଼ାଇବା ଲାଗି ଏଆଇର ବର୍ଦ୍ଧିତ ଉପଯୋଗ କରାଯାଉଛି ।

ଉପଗ୍ରହ ଚିତ୍ର, ଡ୍ରୋନ ଆଧାରିତ ନିରୀକ୍ଷଣ ଏବଂ କୃଷି ସ୍ତରୀୟ ଫଟୋକୁ ବ୍ୟବହାର କରି ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ଏଆଇର ଉପଯୋଗ କରାଯାଉଛି । ଏହା ପ୍ରୟୋଗଶାଳାରେ ମାଟି ପରୀକ୍ଷାର ଆବଶ୍ୟକତାକୁ ଦୂର କରୁଛି । ଏଆଇ ମଧ୍ୟ ବୃଷ୍ଟିପାତ ସ୍ଥିତି, ତାପମାତ୍ରା ପରିବର୍ତ୍ତନ ଏବଂ ଖରାପ ପାଣିପାଗ ପୂର୍ବାନୁମାନ ଲାଗି ପାଣିପାଗ ଏବଂ ଜଳବାୟୁ ତଥ୍ୟର ବିଶ୍ଳେଷଣରେ ସହାୟକ ହେଉଛି । ଏହା ମଧ୍ୟ କୀଟ ଏବଂ ଫସଲ ରୋଗ ଚିହ୍ନଟ କରିବା ଲାଗି ଉପଗ୍ରହ ଚିତ୍ର, ଡ୍ରୋନ, ସେନ୍ସର ଏବଂ ଅନ୍ୟ ଫଟୋଗୁଡ଼ିକୁ ବିଶ୍ଳେଷଣ କରୁଛି । ଏଆଇ ଆଧାରିତ ଚିତ୍ର ବର୍ଗୀକରଣ ଏବଂ ମସିନ ଲର୍ଣ୍ଣିଂ ଉପକରଣ ଡ୍ରୋନ, ରିମୋଟ୍ ସେନ୍ସିଂ ଓ ସ୍ଥାନୀୟ ସେନ୍ସର ଡାଟା ଉପଯୋଗ କରି କୃଷି ଯନ୍ତ୍ରାଂଶର ଦକ୍ଷ ଉପଯୋଗ କରାଯାଇପାରୁଛି । ସେହିପରି ଏଆଇ ଚାହିଦା-ଯୋଗାଣ ପୂର୍ବାନୁମାନ, ବଜାର ଗୁଇନ୍ଦା ଏବଂ କୃଷି ମୂଲ୍ୟ ଶୃଙ୍ଖଳରେ ସମନ୍ୱୟକୁ ସୁଦୃଢ଼ କରିଛି । ଏହାଫଳରେ ଚାଷୀଙ୍କୁ ସେମାନଙ୍କ ଉତ୍ପାଦର ଉଚିତ୍ ମୂଲ୍ୟ ମିଳିପାରୁଛି । ଇନାମ, ଆଗମାର୍କେଟ, କୃଷି ଉପକରଣ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ କାର୍ଯ୍ୟକ୍ରମ ଭଳି ପ୍ଲାଟଫର୍ମରେ ଦର ବିଶ୍ଳେଷଣ ଏବଂ ପୂର୍ବାନୁମାନରେ ଏଆଇ ସହାୟକ ହୋଇଛି । ଏହାଦ୍ୱାରା ୧୨ଟି ରାଜ୍ୟରେ ୧୮ ଲକ୍ଷ ଚାଷୀ ଉପକୃତ ହୋଇଛନ୍ତି ।

ଏଆଇ ମଧ୍ୟ ପାଣି, ସାର ଓ କୀଟନାଶକକୁ ଉପଯୁକ୍ତ ପରିମାଣରେ ପ୍ରୟୋଗ କରିବାରେ ଚାଷୀଙ୍କୁ ସହାୟକ ହେଉଛି । ଏହାଦ୍ୱାରା ଉତ୍ପାଦକତା ବୃଦ୍ଧି ପାଇବା ସହିତ ଜଳ ଏବଂ ଇନ୍ଧନ ସଞ୍ଚୟରେ ସହାୟତା ମିଳୁଛି । ସେହିପରି ଅଙ୍ଗାରକାମ୍ଳ ନିର୍ଗମନ ମଧ୍ୟ ହ୍ରାସ ପାଇଛି । ସରକାର ନୀତିଗତ (୯ ପୃଷ୍ଠାରେ)

# ଆତଙ୍କୀ ଷଡ଼ଯନ୍ତ୍ର :୬ ସନ୍ଦିଗ୍ଧ ଗିରଫ

ଚେନ୍ନାଇ, ୨୨।୨ : ଭାରତରେ ଏକ ବଡ଼ ଆତଙ୍କବାଦୀ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ୍ ହୋଇଛି । ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ଓ ଏକ ବାଂଲାଦେଶୀ ଆତଙ୍କବାଦୀ ନେଟୱାର୍କର ନିର୍ଦ୍ଦେଶରେ ଷଡ଼ଯନ୍ତ୍ର ରଚା ଯାଇଥିବା ଅଭିଯୋଗ ଆଧାରରେ ସୁରକ୍ଷା ଏଜେନ୍ସିଗୁଡ଼ିକ ଛଅ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଛନ୍ତି । ସମସ୍ତ ଅଭିଯୁକ୍ତଙ୍କୁ ତାମିଲନାଡୁରୁ ଗିରଫ କରାଯାଇଛି । ସେମାନେ ଏକ ପୋଷାକ କାରଖାନାରେ କାମ କରିବାର ଆଳ ଦେଖାଇ ଲୁଚି ରହିଥିଲେ ।

ପ୍ରାଥମିକ ପଚରାଉଚରା ପାଇଁ ସେମାନଙ୍କୁ ଦିଲ୍ଲୀ ଅଣାଯାଉଛି । ଗିରଫ ଅଭିଯୁକ୍ତମାନଙ୍କୁ ମିଜାନୁର ରହମାନ, ମହମ୍ମଦ ଶବତ, ଉମର, ମହମ୍ମଦ ଲିଥାନ, ମହମ୍ମଦ ଶାହିଦ ଓ ମହମ୍ମଦ ଉଜ୍ଜଲ ଭାବରେ ଚିହ୍ନଟ କରାଯାଇଛି । ତିରୁପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳର ଉଥୁକୁଲି, ପାଲଲଡମ ଏବଂ ଥିରୁମୁରୁଗାନପୁଣ୍ଡି ରେ ଅବସ୍ଥିତ ପୋଷାକ ୟୁନିଟ୍ରୁ ସେମାନଙ୍କୁ ଗିରଫ କରାଯାଇଛି । ତଦନ୍ତରୁ ଜଣାପଡିଛି ଯେ ଏହି ବ୍ୟକ୍ତିମାନେ ନକଲି ଆଧାର କାର୍ଡ ବ୍ୟବହାର କରୁଥିଲେ ଓ ଦୀର୍ଘ ଦିନ ଧରି ଭାରତରେ ସକ୍ରିୟ ଥିଲେ । (୯ ପୃଷ୍ଠାରେ)

# ବାହାଘର ପୂର୍ବରୁ ବିଷ ପିଇଦେଲେ ଦୁଇ ଭଉଣୀ

ଯୋଧପୁର, ୨୨।୨ : ବାହାଘରର କେଇ ଘଣ୍ଟା ପୂର୍ବରୁ ବିଷ ପିଇ ଦୁଇ ଭଉଣୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ରାଜସ୍ଥାନର ଯୋଧପୁରରେ ଘଟିଛି ଏହି ଘଟଣା । ମୃତକମାନେ ହେଉଛନ୍ତି ଦୀପ ସିଂହଙ୍କ ଦୁଇ ଝିଅ ଶୋଭା (୨୫) ଓ ବିମଳା (୨୩) । ଦୁଇ ଭଉଣୀ ଏକ ଘରୋଇ ସ୍କୁଲରେ ଶିକ୍ଷୟିତ୍ରୀ ଥିଲେ । ଶନିବାର ସେମାନଙ୍କର ବାହାଘର ଥିଲା । ଦୁଇ ଭଉଣୀଙ୍କ ବାହାଘର ଗୋଟିଏ ଦିନରେ ଧାର୍ଯ୍ୟ ହୋଇଥିଲା । ହେଲେ ବାହାଘରର କିଛି ଘଣ୍ଟା ପୂର୍ବରୁ ଘଟିଲା ଦୁଃଖଦ ଘଟଣା । ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଶୋଭା ଓ ବିମଳା ବିଷ ପିଇ ଆତ୍ମହତ୍ୟା କରିଛନ୍ତି । ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ସେମାନଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି । ଅନ୍ୟପକ୍ଷରେ ଏହି ଘଟଣା ପଛରେ କିଛି ଷଡ଼ଯନ୍ତ୍ର ରହିଥିବା ସନ୍ଦେହ କରୁଛନ୍ତି ଶୋଭା ଓ ବିମଳାଙ୍କ ସଂପର୍କୀୟମାନେ । ପରିବାର ଲୋକେ ମୃତଦେହ ଦୁଇଟିକୁ ଘରକୁ ନେଇ ଶବ ସଂସ୍କାର ପାଇଁ ପ୍ରସ୍ତୁତି କରୁଥିବା ବେଳେ ଖବର ପାଇ ପୁଲିସ ସେଠାରେ ପହଞ୍ଚିଥିଲା (୯ ପୃଷ୍ଠାରେ)

# ୱାଶିଂଟନ ଡିସିରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା

ୱାଶିଂଟନ, ୨୨।୨ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୱାଶିଂଟନ ଡିସିରେ ଜରୁରୀକାଳୀନ ଘୋଷଣାକୁ ଅନୁମୋଦନ କରିଛନ୍ତି । ସ୍ୱେରେଜ ପାଇପ୍ ଫାଟିବା ପରେ ପୋଟୋମାକ୍ ନଦୀରେ ନର୍ଦ୍ଦମା ପାଣି ପ୍ରବାହିତ ହେଉଥିବାରୁ ଏବଂ ପରିସ୍ଥିତି ଜଟିଳ ରହିଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି । ଫେଡେରାଲ୍ ଜରୁରୀକାଳୀନ ପରିଚାଳନା ଏଜେନ୍ସି (ଏଫଇଏମଏ) ଏକ ପ୍ରେସ୍ ରିଲିଜ୍ ରେ କହିଛି ଯେ ଜାନୁଆରୀ ୧୯ ତାରିଖରୁ ସ୍ୱେରେଜ୍ ଲାଇନ ଭାଙ୍ଗିବା ଯୋଗୁଁ ସୃଷ୍ଟି ହୋଇଥିବା ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ କୋଲମ୍ବିଆ ଜିଲ୍ଲାକୁ ଫେଡେରାଲ୍ ବିପର୍ଯ୍ୟୟସହାୟତାଯୋଗାଇଦିଆଯିବ । ଏଫଇଏମଏ କହିଛି ଯେ ରାଷ୍ଟ୍ରପତିଙ୍କ ନିଷ୍ପତ୍ତି ପରେ ସମସ୍ତ ପ୍ରୟାସକୁ ସମନ୍ୱୟ କରିବା ପାଇଁ ଏଜେନ୍ସିକୁ ଅଧିକାର ମିଳିଛି । ଏହାର ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ କଷ୍ଟକୁ ଦୂର କରିବା, ଜୀବନ




ରକ୍ଷା କରିବା, ସମ୍ପତ୍ତିର ସୁରକ୍ଷା କରିବା ଏବଂ ଜନସ୍ୱାସ୍ଥ୍ୟ ଓ ନିରାପତ୍ତା ସୁରକ୍ଷା କରିବା । ଏହି ସହାୟତା କୋଲମ୍ବିଆ ଜିଲ୍ଲା, ମେରିଲ୍ୟାଣ୍ଡ ଓ ଭର୍ଜିନିଆର ସେହି ଅଞ୍ଚଳଗୁଡ଼ିକୁ ପ୍ରଦାନ କରାଯିବ ଯେଉଁଠାରେ ଜିଲ୍ଲା ପ୍ରଶାସନିକ ଦାୟିତ୍ୱରେ ଅଛି । ୱାଶିଂଟନ୍, ଡିସିର ମେୟର ମୁରିଏଲ୍ ବାଉସର୍ ଶୁକ୍ରବାର ଦିନ ପୁନରାବୃତ୍ତି କରି କହିଛନ୍ତି, ସ୍ୱେରେଜ୍ ଲାଇନ୍ ଫାଟିବା ପାନୀୟ ଜଳକୁ ପ୍ରଭାବିତ କରିନାହିଁ । ରିପୋର୍ଟ ଅନୁଯାୟୀ ଜାନୁଆରୀ ୧୯ ତାରିଖରେ, ଡିସି ୱାଟର ଦ୍ୱାରା ପରିଚାଳିତ ଏକ ପ୍ରମୁଖ ସ୍ୱେରେଜ୍ ପାଇପଲାଇନର ଏକ ଅଂଶ, ଯାହାକୁ ପୋଟୋମାକ୍ ଇଣ୍ଟରସେପ୍ଟର କୁହାଯାଏ, ତାହା ଫାଟି ଯାଇଥିଲା, ଯାହା ଫଳରେ ୨୦୦ ମିଲିୟନ୍ ଗ୍ୟାଲନରୁ ଅଧିକ ସ୍ୱେରେଜ୍ ପୋଟୋମାକ୍ ନଦୀରେ ନିର୍ଗତ ହୋଇଥିଲା । (୯ ପୃଷ୍ଠାରେ)

# ଅଗ୍ନିକାଣ୍ଡରେ ପାରାଦୀପ ପରିବା ମାର୍କେଟ୍ ଛାରଖାର

ପାରାଦୀପ, ୨୨।୨ (ଜିପ୍ର) : ମାତ୍ର ଚାରିଦିନ ହେବ ସେ ଆସିଥିଲା । ତା ମାଲିକ ତାକୁ ଆଣିଥିଲେ ମଧ୍ୟ ସେ ଅଳ୍ପ ସମୟ ମଧ୍ୟରେ ସମସ୍ତଙ୍କର ପ୍ରିୟ ପାଲଟିଥିଲା । ସେଇଥିପାଇଁ ତ ସମସ୍ତେ ତାକୁ ଆଦର କରୁଥିଲେ ଆଉ ବିସ୍କୁଟ ମଧ୍ୟ ଦେଉଥିଲେ କିନ୍ତୁ ଆଜି ତାକୁ ସମସ୍ତେ ଝୁରି ହେଉଛନ୍ତି । ତାର ଭଲ ପାଇବା ଏତେ ଦେଖାଇଛି ଯେ ତାକୁ ଏବେ ସମସ୍ତେ ଖୋଜୁଛନ୍ତି । ଅନେକ ତାପାଇଁ କାନ୍ଦି ମଧ୍ୟ ପକାଉଛନ୍ତି । ସେ ଚାରିଦିନର ଭଲପାଇବା ପ୍ରତିଦାନରେ ୧୫ ଜଣଙ୍କ ଜୀବନ ବଞ୍ଚାଇ ନିଜ ଜୀବନକୁ କୁର୍ବାନ ଦେଇ ଆରପାରିକୁ ଚାଲି ଯାଇଛି । ଗତକାଲି ପାରାଦୀପ ବଡପଡିଆ ପରିବା ମାର୍କେଟରେ ଘଟିଥିବା ଭୟାଭୟ ଅଗ୍ନିକାଣ୍ଡରେ ୫୦ରୁ ଉର୍ଦ୍ଧ୍ୱ ଦୋକାନ ପୋଡି ପାଉଁଶ ହୋଇ ଯାଇଥିବା ବେଳେ ଅଗ୍ନିକାଣ୍ଡର ଭୟାବହ



ଏଭଳି ଥିଲା ଯେ ୫୦ରୁ ଉର୍ଦ୍ଧ୍ୱ ଦୋକାନ ପୋଡି ଯାଇଛି । କ୍ୱିଣ୍ଟାଲ କ୍ୱିଣ୍ଟାଲ ପରିବା ପୋଡି ଅଙ୍ଗାର ପାଲଟି ଯାଇଥିବା ବେଳେ ଗୋଟିଏ ମୋଟର ସାଇକେଲ ଓ ଚାରିଟି ସାଇକେଲ ସହ ୧୨ ଲକ୍ଷରୁ ଉର୍ଦ୍ଧ୍ୱ ନଗଦ ଟଙ୍କା ମଧ୍ୟ ପୋଡି ଯାଇଛି । କିନ୍ତୁ ପରିବା ଦୋକାନ ମଧ୍ୟରେ ଶୋଇ ରହିଥିବା ୧୫ ଜଣ ବ୍ୟବସାୟୀ ବଞ୍ଚି ଯାଇଛନ୍ତି । ଆଉ ତାଙ୍କ ଜୀବନ ବଞ୍ଚାଇ ଦେଇଛି ଏକ କୁକୁର ତା ନାମ ଲିକୁ । ଗତ ଚାରିଦିନ ତଳେ ତାକୁ ଜୈନିକ ବ୍ୟବସାୟୀ ଅତି ଶ୍ରଦ୍ଧାରେ ଆଣିଥିଲେ । ରାତି ପ୍ରାୟ ଗୋଟାଏ ପଇଁଚାଳିଶ ବେଳେ ହଠାତ ନିଆଁ ମାର୍କେଟ ମଧ୍ୟରେ ଲାଗି ଯାଇଥିବା ବେଳେ ଆଗ କୁକୁର ଲିକୁ ଭୋକିଲା । ତା ଭୋକିଲା ଶବ୍ଦ ଶୁଣି ମାର୍କେଟ ଭିତରେ ଶୋଇଥିବା ବ୍ୟବସାୟୀ ମାନେ ଉଠି ଦେଖିବା ବେଳକୁ ନିଆଁ ମାଡି ଆସିଲା । ଦୋକାନ ଗୁଡିକ ପଲିଥିନରେ ହୋଇଥିବାରୁ ଆଖି ପିଛୁଳାକେ ଗୋଟିକ ପରେ ଗୋଟିଏ ଦୋକାନ ଜଳି ଚାଲିଲା । ୫ ଟି ଦମକଳ ବାହିନୀ ଆସି ପହଁଞ୍ଚିବା ବେଳକୁ ସବୁ ପୋଡି ପାଉଁଶ । ଆଜି ସକାଳୁ ସେଠାରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ , ସାଂସଦ ଡଃ ବିଭୁ ପ୍ରସାଦ ତରାଇ ଓ ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ବ୍ୟବସାୟୀ ଭାଇମାନଙ୍କୁ ଆଶ । ୱସନା ଦେବା ସହ ବନ୍ଦର ପ୍ରାଧିକରଣ ନିକଟରେ ସ୍ଥାୟୀ ଦୋକାନ ପାଇଁ ଦାବି ରଖିବେ (୯ ପୃଷ୍ଠାରେ)

# ଜମ୍ମୁ-କାଶ୍ମୀରରେ ଦୁଇ ଆତଙ୍କୀ ନିହତ

ଶ୍ରୀନଗର, ୨୨।୨ : ଜମ୍ମୁ-କାଶ୍ମୀରର କିସ୍ତୱାର ଜିଲ୍ଲାରେ ସୁରକ୍ଷା ବାହିନୀ ଓ ଆତଙ୍କବାଦୀ ମୁହାଁମୁହିଁ ହୋଇଛନ୍ତି । ସୁରକ୍ଷା ବାହିନୀ ଆତଙ୍କବାଦୀ ସଂଗଠନ ଜୈଶ-ଏ-ମହମ୍ମଦର କମାଣ୍ଡର ସୈଫୁଲ୍ଲା ଓ ତାର ଅନ୍ୟ ଜଣେ ସହଯୋଗୀକୁ ନିହତ କରିବାରେ ସଫଳ ହୋଇଛି ।

କିସ୍ତୱାର ଅଞ୍ଚଳରେ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଜୈଶ-ଏ-ମହମ୍ମଦର ଦୁଇ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ଉପସ୍ଥିତି ବିଷୟରେ ସୂଚନା ପାଇବା ପରେ ଅପରେସନ୍ ତ୍ରାଶି-୧ ଅଧୀନରେ ଆତଙ୍କବାଦୀଙ୍କ ବିରୁଦ୍ଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା । ସେନା, ପୁଲିସ ଓ ସିଆରପିଏଫର ମିଳିତ ବାହିନୀ ଏକ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ ଏବଂ ସକାଳ ପ୍ରାୟ ସାଢ଼େ ୧୦ଟାରେ ଚାତରୁ ବେଲ୍ଟର ପାସେରକୁଟ୍ ଅଞ୍ଚଳରେ ଏନକାଉଣ୍ଟର ଆରମ୍ଭ ହୋଇଥିଲା । ଅଧିକାରୀ କହିଛନ୍ତି, ଏକ ପାହାଡ଼ ଉପରେ ଏକ ମାଟି ଘର ଭିତରେ ଲୁଚି ରହିଥିବା ଆତଙ୍କବାଦୀମାନେ ଆସୁଥିବା ସୈନିକଙ୍କ ଉପରେ ଆଖିବୁଜା ଗୁଳି ଚଳାଇଥିଲେ, ଯାହା ଫଳରେ ଏକ ଭୟଙ୍କର ଏନକାଉଣ୍ଟର ହୋଇଥିଲା । ଏହି ଅପରେସନରେ ଏପର୍ଯ୍ୟନ୍ତ ଦୁଇ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି । ସେମାନଙ୍କଠାରୁ ଦୁଇଟି ଏକେ-୪୭ ରାଇଫଲ୍, ଗୁଳିଗୋଳା ଓ ଅନ୍ୟାନ୍ୟ ଆତଙ୍କବାଦୀ ସାମଗ୍ରୀ ଜବତ କରାଯାଇଛି । ସୁରକ୍ଷା ବାହିନୀ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରି ରଖିଛନ୍ତି ଏବଂ କୌଣସି ଲୁଚି ରହିଥିବା ଆତଙ୍କବାଦୀ ଯେପରି ସେମାନଙ୍କ ଦୃଷ୍ଟିରୁ ଖସି ନ ଯାଆନ୍ତି ତାହା ନିଶ୍ଚିତ କରିବା ପାଇଁ ନିରନ୍ତର ତଲାସୀ ଅଭିଯାନ ଚଳାଇଛନ୍ତି ।



ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି

## ରାଜେନ୍ଦ୍ର ନାରାୟଣ ସିଂହଦେଓ

ରାଜେନ୍ଦ୍ର ନାରାୟଣ ସିଂହ ଦେଓ ଓଡ଼ିଶାର ଜଣେ ବିଶିଷ୍ଟ ରାଜନେତା ତଥା ଜନସେବକ ଥିଲେ, ଯାହାଙ୍କର ଜନ୍ମ ୧୮ ମାର୍ଚ୍ଚ ୧୯୧୨ ମସିହାରେ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ସେ ବଲାଙ୍ଗୀର-ପାଟଣା ରାଜ୍ୟର ମହାରାଜା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ସ୍ୱାଧୀନ ଭାରତର ଜଣେ ପ୍ରମୁଖ ରାଜନୀତିଜ୍ଞ ସହିତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ । ତାଙ୍କ ଶାସନ କାଳରେ ସେ ରାଜ୍ୟର ପ୍ରଶାସନିକ ସ୍ୱଚ୍ଛତା ଓ ଦୁର୍ନୀତି ନିବାରଣ ପାଇଁ ଅନେକ ଦୃଢ଼ ପଦକ୍ଷେପ ଗ୍ରହଣ କରିଥିଲେ। ସମାଜ ପାଇଁ ତାଙ୍କର ଅବଦାନ ଅତୁଳନୀୟ ଥିଲା; ସେ ପଶ୍ଚିମ ଓଡ଼ିଶାର ବିକାଶ, ଶିକ୍ଷାର ପ୍ରସାର ଏବଂ ବିଶେଷ କରି କୃଷି ଓ ଜଳସେଚନ କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିବା ପାଇଁ କାର୍ଯ୍ୟ କରିଥିଲେ। ସେ ସବୁବେଳେ ସମାଜର ଦଳିତ ତଥା ପଛୁଆ ବର୍ଗଙ୍କ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରୁଥିଲେ। ଏହି ମହାନ ଜନନାୟକ ୨୩ ଫେବୃଆରୀ ୧୯୭୫ ମସିହାରେ ମୃତ୍ୟୁବରଣ କରିଥିଲେ, କିନ୍ତୁ ଓଡ଼ିଶାର ରାଜନୈତିକ ଇତିହାସରେ ତାଙ୍କର ସାଧୁତା ଓ ଲୋକକଲ୍ୟାଣକାରୀ କାର୍ଯ୍ୟ ପାଇଁ ସେ ସର୍ବଦା ସ୍ମରଣୀୟ ହୋଇ ରହିବେ।





## ଭିନ୍ନ ଏକ ପ୍ରେମକାହାଣୀ

ବଲିଉଡର ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'କକ୍‌ଟେଲ୍-୨'କୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି, ଯେଉଁଥିରେ ଫିଲ୍ମର କାହାଣୀ ରିଲିଜ୍ ପୂର୍ବରୁ ଲିକ୍ ହୋଇଥିବା ଦାବି କରାଯାଉଛି। ରିପୋର୍ଟ ଅନୁଯାୟୀ, ଏହି ଲିକ୍ ହୋଇଥିବା କାହାଣୀରେ ଶାହିଦ କପୁର, ରଶ୍ମିକା ମନ୍ଦାନା ଏବଂ କୃତି ସାନନଙ୍କ ଚରିତ୍ରକୁ ନେଇ ଏକ ଅପଡେଟ୍ ମିଳିଛି । ଫିଲ୍ମରେ ରଶ୍ମିକା ଓ କୃତି ଏକ ପରସ୍ପରକୁ ଭଲ ପାଉଥିବା 'ଲେସବିଆନ୍ କପଲ୍' ବା ସମଲିଙ୍ଗୀ ଯୋଡ଼ି ଭାବରେ ନଜର ଆସିପାରନ୍ତି, ଯାହା ବଲିଉଡରେ ଏକ ଭିନ୍ନ ଧରଣର ରୋମାଣ୍ଟିକ ଆଙ୍ଗେଲ୍ ସୃଷ୍ଟି କରିବ। ଯଦିଓ ନିର୍ମାତାଙ୍କ ପକ୍ଷରୁ ଏନେଇ କୌଣସି ଆଧିକାରିକ ସୂଚନା ମିଳିନାହିଁ, ତଥାପି ରିପୋର୍ଟ ଅନୁଯାୟୀ ସେମାନଙ୍କ ପ୍ରେମ କାହାଣୀ ହିଁ ଫିଲ୍ମର ମୁଖ୍ୟ ଆକର୍ଷଣ ହେବ । ଏହାସହ ଶାହିଦ କପୁରଙ୍କୁ ଏହି ପ୍ରେମ କାହାଣୀ ମଝିରେ ଏକ ତୃତୀୟ କୋଣ ବା 'ଲଭ୍ ଟ୍ରାଏଙ୍ଗଲ୍'ର ରୂପ ଦେଉଥିବା ଚରିତ୍ରରେ ଦେଖିବାକୁ ମିଳିବ। ଏହି ଚଳଚ୍ଚିତ୍ରଟି ପାରମ୍ପରିକ ପ୍ରେମ କାହାଣୀରୁ ହଟି ଆଧୁନିକ ସମ୍ପର୍କର ବିଭିନ୍ନ ଦିଗକୁ ଦର୍ଶାଇବାକୁ ଚେଷ୍ଟା କରୁଥିବା ବେଳେ ଏହାର ରିଲିଜ୍ ତାରିଖକୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ସୂଚନା ମୁତାବକ, ଶାହିଦଙ୍କ ଅନ୍ୟ ଏକ ଫିଲ୍ମ 'ଓ ରୋମିଓ' ରିଲିଜ୍‌ର ପ୍ରାୟ ଛଅ ମାସ ପରେ ଅର୍ଥାତ୍ ସେପ୍ଟେମ୍ବର ୨୦୨୬ ସୁଦ୍ଧା 'କକ୍‌ଟେଲ୍-୨' ପରଦାକୁ ଆସିପାରେ ।

## ମହାକାଶରେ ଟମାଟୋ

ଅନେକ ସମୟରେ ମହାକାଶରେ ପନିପରିବା ଚାଷ କରାଯିବାର ସୂଚନା ମିଳିଥାଏ । ସେହିକ୍ରମରେ ନିକଟରେ ମିଳିଥିବା ସୂଚନା ଅନୁସାରେ ମହାକାଶରେ ଚୀନ ପକ୍ଷରୁ ଟମାଟୋ ଗଛ ଲଗାଇଯାଇଥିଲା, ଯେଉଁଥିରେ ଫଳ ମଧ୍ୟ ଫଳିଛି । ଏହି ଗଛ ଗୁଡିକରେ ଫଳିଥିବା ଟମାଟୋକୁ ବ୍ୟବହାର କରି ମହାକାଶଚାରୀମାନେ ସେଠାରେ ସ୍ପ୍ରିଙ୍ଗ ଫେଷ୍ଟିଭାଲ ମଧ୍ୟ ପାଳନ କରିଛନ୍ତି । ଏହି ସ୍ଥାନରେ ଟମାଟୋର ଗଛକୁ ବଢାଇବା ପାଇଁ ମାଟି ପରିବର୍ତ୍ତେ ଏୟରୋପୋନିକ ଟେକନିକର ବ୍ୟବହାର କରାଯାଇଛି, ଯେଉଁଥିରେ ଟମାଟୋ ଗଛର ମୂଳରେ ପାଣିର ଛିଟା ମରାଯାଇଥିଲା । ଏହାପରେ ଏଲଇଡି ଲାଇଟକୁ ବ୍ୟବହାର କରାଯାଇ ସୂର୍ଯ୍ୟଙ୍କ ଭଳି କିରଣ ଦିଆଯାଇଥିଲା । ଏହି ସମସ୍ତ କାର୍ଯ୍ୟ ମାଇକ୍ରୋଗ୍ରାଭିଟି ବିନା କରାଯାଇଛି । ସ୍ପେସ ଷ୍ଟେସନ ଯେଉଁ ସ୍ଥାନରେ ଏହି ଟମାଟୋ ଗଛକୁ ବଢାଯାଉଛି ସେହି ସ୍ଥାନକୁ ହିଲିଂ କର୍ନର କୁହାଯାଉଛି । ଏହି ସବୁଜିମା ପାଇଁ ସେମାନଙ୍କ ମାନସିକ ଅବସ୍ଥା ଭଲ ରହୁଛି ବୋଲି ମତ ପ୍ରକାଶ ପାଇଛି ।

## ଦୁଗ୍ଧଜାତ ଦ୍ରବ୍ୟର ଭଲମନ୍ଦ

### ଇତିହାସ

୧୪୬୮: ପ୍ରିଂଟିଂ ମେଶିନ୍‌ର ଆବିଷ୍କାରକଯୁହେନ ଗୋଟେନବର୍ଗଙ୍କ ନିଧନ ।

୧୮୮୬: ଆମେରିକୀୟ ରସାୟନଶାସ୍ତ୍ରୀ ତଥା ଆବିଷ୍କାରକ ମାର୍ଟିନ ହେଲ୍‌ଙ୍କ ଦ୍ୱାରା ଆଲୁମିନିୟମର ସନ୍ଧାନ ।

୧୯୫୨: ପାରିତ ହେଲା କର୍ମଚାରୀ ଭବିଷ୍ୟନିଧି ଅଧିନିୟମ ।

୧୯୫୪: ଭାରତର ସୁପ୍ରସିଦ୍ଧ ସନ୍ଥ ତଥା ସନ୍ଥ ନିରଙ୍କାରୀ ମିଶନର ଆଧ୍ୟାତ୍ମିକ ଗୁରୁ ବାବା ହରଦେବ ସିଂହଙ୍କ ଜନ୍ମ ।

୧୯୬୯: ବଲିଉଡ୍ ଅଭିନେତ୍ରୀ ଭାଗ୍ୟଶ୍ରୀଙ୍କ ଜନ୍ମ ।

୧୯୬୯: ଭାରତୀୟ ସିନେ ଅଭିନେତ୍ରୀ ମଧୁବାଲାଙ୍କ ଦେହାନ୍ତ ।

୨୦୦୩: ବିଶ୍ୱକପ୍‌ରେ ସୁବଠୁ ଦ୍ରୁତ ଶତକ ହାସଲକାରୀ କପିଲ ଦେବଙ୍କ ରେକର୍ଡ ଭାଙ୍ଗିଲେ କାନାଡାର ଡେବିସନ ।

୨୦୦୬: ଇରାକ ଜାତୀୟ ହିଂସାରେ ୧୫୯ ଲୋକଙ୍କ ମୃତ୍ୟୁ ।

୨୦୧୦: ଭାରତର ପ୍ରସିଦ୍ଧ ଚିତ୍ରକର ଏମ୍.ଏଫ୍ ହୁସେନଙ୍କୁ କତାରର ନାଗରିକତ୍ୱ ପ୍ରଦାନ ।

**ଦୁଗ୍ଧଜାତ ଦ୍ରବ୍ୟ ଯଥା କ୍ଷୀର, ଦହି, ପନିର, ଘିଅ ଆମର ଦୈନନ୍ଦିନ ଆହାରର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏଗୁଡ଼ିକ ଶରୀର ପାଇଁ ଆବଶ୍ୟକୀୟ ପୋଷକ ତତ୍ତ୍ୱର ଭଣ୍ଡାର ହୋଇଥିବାବେଳେ, ଅତ୍ୟଧିକ ବା ଅନୁପଯୁକ୍ତ ବ୍ୟବହାର କିଛି ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ ସୃଷ୍ଟି କରିପାରେ । ତେଣୁ ଏଗୁଡ଼ିକ ବ୍ୟବହାର ପୂର୍ବରୁ ଏହା ଆପଣଙ୍କ ପାଇଁ ଭଲ କି ମନ୍ଦ ବୁଝି ନିଅନ୍ତୁ, ଏଥିପାଇଁ ଡାକ୍ତରଙ୍କ ସାହାଯ୍ୟ ନିଅନ୍ତୁ ।**

### ଉପକାରିତା

ଅସ୍ଥି ଓ ଦାନ୍ତର ମଜଭୁତି : ଦୁଗ୍ଧଜାତ ଦ୍ରବ୍ୟ କ୍ୟାଲସିୟମ୍ ଏବଂ ଫସଫରସ୍‌ର ସବୁଠାରୁ ବଡ଼ ଉତ୍ସ। ଏହା ହାଡ଼କୁ ଶକ୍ତ କରିବା ସହ ଦାନ୍ତର ସ୍ୱାସ୍ଥ୍ୟ ରକ୍ଷା କରିଥାଏ ଏବଂ ବୟସ୍କ ବ୍ୟକ୍ତିଙ୍କଠାରେ ଅଷ୍ଟିଓପୋରୋସିସ୍ ଭଳି ରୋଗର ଆଶଙ୍କା କମାଏ।

**ଉଚ୍ଚମାନର ପ୍ରୋଟିନ୍ :** କ୍ଷୀର ଓ ପନିରରେ ଭରପୂର ମାତ୍ରାରେ ପ୍ରୋଟିନ୍ ଥାଏ, ଯାହା ମାଂସପେଶୀର ଗଠନ ଓ ରକ୍ଷଣାବେକ୍ଷଣ ପାଇଁ ଅତ୍ୟନ୍ତ ଆବଶ୍ୟକ। ଏହା ବଢୁଥିବା ପିଲା ଓ ଆଥଲେଟ୍‌ଙ୍କ ପାଇଁ ଲାଭଦାୟକ।

**ଭିଟାମିନ୍ ବି-୧୨ ର ଉତ୍ସ :** ଶାକାହାରୀ ଲୋକଙ୍କ ପାଇଁ ଦୁଗ୍ଧଜାତ ଦ୍ରବ୍ୟ ଭିଟାମିନ୍ ବି୧୨ ର ଏକ ପ୍ରମୁଖ ଉତ୍ସ, ଯାହା ସ୍ନାୟୁ ପ୍ରଣାଳୀର କାର୍ଯ୍ୟଦକ୍ଷତା ଏବଂ ରକ୍ତ କଣିକା ଗଠନରେ ସାହାଯ୍ୟ କରେ।

**ହଜମ ପ୍ରକ୍ରିୟାରେ ସହାୟକ :** ଦହି ଏବଂ ଘୋଳଦହିରେ ଉପକାରୀ ବ୍ୟାକ୍ଟେରିଆ ଥାଏ, ଯାହା ପେଟର ହଜମ ପ୍ରକ୍ରିୟାକୁ ସଜାଡ଼ିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।

**ରକ୍ତଚାପ ନିୟନ୍ତ୍ରଣ :** ପୋଟାସିୟମ୍ ଏବଂ ମ୍ୟାଗ୍ନେସିୟମ୍ ଭଳି ଖଣିଜ ଲବଣ ଥିବା ଯୋଗୁଁ କମ୍ ଚର୍ବିଯୁକ୍ତ ଦୁଗ୍ଧଜାତ ଦ୍ରବ୍ୟ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ।

### ସମସ୍ୟା

**ଲାକ୍ଟୋଜ୍ ଇନଟଲରାନ୍ସ :** ଅନେକ ଲୋକଙ୍କ ଶରୀର କ୍ଷୀରରେ ଥିବା ପ୍ରାକୃତିକ ଶର୍କରା 'ଲାକ୍ଟୋଜ୍'କୁ ହଜମ କରିପାରେ ନାହିଁ। ଏହାଦ୍ୱାରା ପେଟ ଫାମ୍ପିବା, ଗ୍ୟାସ୍ ଏବଂ ଝାଡ଼ା ଭଳି ସମସ୍ୟା ଦେଖାଦିଏ।

**କୋଲେଷ୍ଟ୍ରଲ:** ଫୁଲଫ୍ୟାଟ କ୍ଷୀରରେ ସାଚୁରେଟେଡ୍ ଫ୍ୟାଟ୍ ଅଧିକ ଥାଏ। ଏହାର ଅତ୍ୟଧିକ ସେବନ ଦ୍ୱାରା ଓଜନ ବଢ଼ିବା ସହ ହୃଦ୍‌ରୋଗର ଆଶଙ୍କା ବଢ଼ିପାରେ।

**ଚର୍ମ ସମସ୍ୟା :** କିଛି ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଅତ୍ୟଧିକ କ୍ଷୀର ସେବନ ଦ୍ୱାରା ହର୍ମୋନ୍‌ର ଅସନ୍ତୁଳନ ଘଟିଥାଏ, ଯାହା ଫଳରେ ବ୍ରଣ ସମସ୍ୟା ଦେଖାଦିଏ।

**ଆଲର୍ଜି:** କିଛି ଶିଶୁ ଏବଂ ବଡ଼ ମାନଙ୍କର କ୍ଷୀରରେ ଥିବା ପ୍ରୋଟିନ୍ ପ୍ରତି ଆଲର୍ଜି ଥାଏ, ଯାହା ଶ୍ୱାସକ୍ରିୟା ବା କୁଣ୍ଡେଇ ହେବା ଭଳି ଲକ୍ଷଣ ସୃଷ୍ଟି କରେ ।



## ସୋସିଆଲ କୋଟ୍ସ



ମୋ ଜେଜେ ମା'ଙ୍କର ମୋତେ ଅଭିନେତା କରିବାରେ ବେଶି ଭୂମିକା ରହିଛି । ତାଙ୍କ ଠାରୁ ପ୍ରେରଣା ପାଇଁ ମୁଁ ଅଭିନୟ ଦୁନିଆକୁ ଆସିଥିଲି ।

**-ଇମରାନ ହାସମି, ଅଭିନେତା**



ଆନିମଲ ଫିଲ୍ମରେ ଅଭିନୟ ପରେ ତ୍ରିପ୍ତିଙ୍କର ଲାଇଫ୍‌ରେ ଖୁବ ପରିବର୍ତ୍ତନ ଆସିଛି । ଲୋକ ତାଙ୍କୁ ଆଗରୁ ଜମା ଚିହ୍ନୁନଥିଲେ ହେଲେ ଏବେ ତାଙ୍କର କ୍ରେଜ ଦେଖିବାକୁ ମିଳିଛି ।

**-ସିଦ୍ଧାନ୍ତ ଚର୍ତୁବେଦୀ, ଅଭିନେତା**



କ୍ୟାରିୟରରେ ଆଗକୁ ଯିବା ପାଇଁ ଅନେକ ପରିଶ୍ରମ କରିଛି । ଜୁନିଅର ଆର୍ଟିଷ୍ଟରୁ ନିଜର କ୍ୟାରିୟର ଆରମ୍ଭ କରିଥିଲି । ଆଗକୁ ଆହୁରି କିଛି କରିବାର ଅଛି ।

**-ରବି ଦୁବେ, ଅଭିନେତା**

### ଫାଲଗୁନ ଶୁକ୍ଳପକ୍ଷ ଷଷ୍ଠୀ
### ୨୩.୨.୨୦୨୬ ସୋମବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

**ମେଷ** - ଧନଲାଭ, କାର୍ଯ୍ୟେ ସଫଳ, ସମ୍ମାନ ବୃଦ୍ଧି, ଶୁଭଖବର, ପାରିବାରିକ ସାହାଯ୍ୟ,ଭୂସମ୍ପତ୍ତିଲାଭ,ଦୂରଯାତ୍ରା, ଅଶ୍ୱିନ ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ଧଳା, ସଂଖ୍ୟା - ୧୧, ଆରାଧନା - ମହାଲକ୍ଷ୍ମୀ ।

**ବୃଷ:** ସମ୍ମାନ ଲାଭ, ବ୍ୟବସାୟରେ ସ୍ୱଳ୍ପଲାଭ, ଶୁଭଖବର, ଆଶାରେ ବିଳମ୍ବ, ଶାରୀରୀକ ସୁସ୍ଥ,ଗୃହେ ଉତ୍ସବ, ଦେବକାର୍ଯ୍ୟେ ସଫଳ, ଶତ୍ରୁ ସମସ୍ୟା, ସମ୍ପତ୍ତି ଚିନ୍ତା. ବିଦ୍ୟାରେ ସଫଳତା. କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ସବୁଜ, ସଂଖ୍ୟା - ୧୦, ଆରାଧନା - ଭଗବାନ ବିଷ୍ଣୁ।

**ମିଥୁନ:** ଗୃହେଉତ୍ସବ, ଅର୍ଥ ସମସ୍ୟା, ଶାରିରୀକ ସୁସ୍ଥ, ମାନସିକ ଅଶାନ୍ତି, ଦାମ୍ପତ୍ୟ କଳହ,ବ୍ୟବସାୟରେ ସ୍ୱଳ୍ପ ଲାଭ, ଦୂରଯାତ୍ରା, ବନ୍ଧୁଲାଭ, ଅତିଥି ଚର୍ଚ୍ଚା.ଗୃହେ ସମସ୍ୟା, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ଧଳା, ସଂଖ୍ୟା - ୯, ଆରାଧନା - ମା ମଙ୍ଗଳା।

**କର୍କଟ:** ଧନବ୍ୟୟ, ମନସ୍ତାପ, ଶାରିରୀକ ସମସ୍ୟା, ଦ୍ରବ୍ୟନଷ୍ଟ, ବିଶିଷ୍ଟ କାର୍ଯ୍ୟେ ଲାଭ, ନୂତନ କର୍ମ ଆରମ୍ଭ, ସ୍ୱଜନ ବିରୋଧ, ଜମିଜମା ଗଣ୍ଡଗୋଳ, ଗାଡି ଚଳାଚଳରେ ସାବଧାନ, ଆଳସ୍ୟଭାବ, ପୂନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ଲାଲ, ସଂଖ୍ୟା - ୮, ଆରାଧନା - ମା ବଗଳାମୁଖୀ ।

**ସିଂହ:** ଦ୍ରବ୍ୟଲାଭ, ଆଶା ସଫଳ, ସମ୍ମାନ ବୃଦ୍ଧି, ସମସ୍ୟା ମୁକ୍ତି ଶୁଭଖବର, ପାରିବାରିକ ସାହାଯ୍ୟ,କର୍ମକ୍ଷେତ୍ରେଲାଭ, ଶାରିରୀକ ସୁସ୍ଥତା, ଦାମ୍ପତ୍ୟସୁଖ, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ଧଳା, ସଂଖ୍ୟା - ୭, ଆରାଧନା - ମା ଭଗବତୀ ।

**କନ୍ୟା:** ମାନ ସମ୍ମାନ ବୃଦ୍ଧି, ଆର୍ଥିକ ଖୁସି, ସମ୍ପତ୍ତି ଲାଭ, ଦ୍ରବ୍ୟପ୍ରାପ୍ତି, ଗୃହେଜଞ୍ଜାଳ ବୃଦ୍ଧି, ଭାତୃ ସମସ୍ୟା, ଶାରିରୀକ ସୁସ୍ଥ, ସନ୍ମାନ ଲାଭ, କର୍ମକ୍ଷେତ୍ରେ ଲାଭ, ଯାତ୍ରାରେ ସଫଳ, ଉତ୍ତର ଷାଢା ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ଆକାଶୀ, ସଂଖ୍ୟା - ୯, ଆରାଧନା - ଉମା ମହେଶ।

**ତୁଳା:** ବାନ୍ଧବୀ କଷ୍ଟ, ଶତ୍ରୁସମସ୍ୟା, ଆଶାରେ ବାଧା ମାନସିକ କ୍ଲେଶ, ଗୃହେ ଶୁଭ ଆଲୋଚନା, ବ୍ୟବସାୟିକ ଲାଭ, ଶୁଭକାର୍ଯ୍ୟେ ଶାନ୍ତି, ଶାରିରୀକ ସୁସ୍ଥ, ବନ୍ଧୁ ସାହାଯ୍ୟ, ନୂତନ କାର୍ଯ୍ୟ ଆରମ୍ଭ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ନୀଳ, ସଂଖ୍ୟା - ୮, ଆରାଧନା - ଶଙ୍କର ଭଗବାନ ।

**ବିଛା:** କାର୍ଯ୍ୟେ ଅସନ୍ତୋଷ, ଶୁଭଖବରେ ଶତ୍ରୁବୃଦ୍ଧି, ଯାତ୍ରାରେ କଷ୍ଟ, ଶାରିରୀକ ସୁସ୍ଥ, ସମ୍ମାନ ବୃଦ୍ଧି, ଦ୍ରବ୍ୟ ନଷ୍ଟ, ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ, ବାକିଧନ ପ୍ରାପ୍ତି, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ଖଇରୀ, ସଂଖ୍ୟା - ୪, ଆରାଧନା - ପ୍ରଭୁଜଗନ୍ନାଥ ।

**ଧନୁ:** ଆୟବୃଦ୍ଧି, ବନ୍ଧୁଦର୍ଶନ, ଦେବକାର୍ଯ୍ୟେ ସନ୍ତୋଷ, ଶତ୍ରୁପରାଜିତ,ଦ୍ରବ୍ୟଲାଭ,ଦୂରଯାତ୍ରାରେ ଲାଭ, ଭାତୃସ୍ନେହ, ପାରିବାରିକ ସହଯୋଗ, ମାମଲା ସମାଧାନ, କର୍ମକ୍ଷେତ୍ରେ ଶାନ୍ତି, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ହଳଦୀ, ସଂଖ୍ୟା - ୧୦, ଆରାଧନା - ପ୍ରଭୁଲୋକନାଥ ।

**ମକର:** ସୁସମ୍ବାଦ, ଅତିଥି ଚର୍ଚ୍ଚା, ସମ୍ମାନପ୍ରାପ୍ତି, ଅର୍ଥସମସ୍ୟା, ପାରିବାରିକ କଳହ, ଦାମ୍ପତ୍ୟ ଖୁସି, ଭୋଜନରେ ବିଳମ୍ବ, ତିଥି ଯାତ୍ରା, ଦ୍ରବ୍ୟଲାଭ, କ୍ରୟ ବିକ୍ରୟ, ପଦବୀଲାଭ, ପୂରାତନ ବିବାଦ, ଉତ୍ତରାଷାଢା ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ନୀଳ, ସଂଖ୍ୟା - ୭, ଆରାଧନା - ମହାଲକ୍ଷ୍ମୀ ।

**କୁମ୍ଭ:** ଆଭୂଷଣ ପ୍ରାପ୍ତି, ମାନସିକ ଲାଭ, ଶୁଭକାର୍ଯ୍ୟରେ ଆଗ୍ରହ, ପାରିବାରିକ ଶତୃତା, ବ୍ୟକ୍ତିସହାୟତା, ରାଜସମ୍ମାନ ଯୋଗ, ସମ୍ପତ୍ତି ଲାଭ, ମାମଲା ସମାଧାନ, ଉଚ୍ଚଆଶା ପୂର୍ଣ୍ଣ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ସବୁଜ, ସଂଖ୍ୟା - ୫, ଆରାଧନା - ମା କିଚକେଶ୍ୱରୀ ।

**ମୀନ:** ମନସ୍ତାପ, କାର୍ଯ୍ୟବିଫଳ, ଦାମ୍ପତ୍ୟଖୁସି, ପିଲାଙ୍କ ସମସ୍ୟା, ସମ୍ପର୍କରେ ବାଧା, ଆର୍ଥିକ ଲାଭ, ବ୍ୟବସାୟରେ ସ୍ୱଳ୍ପଲାଭ, ଅତିଥିଚର୍ଚ୍ଚା, ଶାରିରୀକ ସୁସ୍ଥ, ପୂର୍ବଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ଲାଲ, ସଂଖ୍ୟା - ୩, ଆରାଧନା - ଜଗଦ୍ଧାତ୍ରୀ ।



# ରାଜ୍ୟସଭା ପ୍ରାର୍ଥୀ ଲାଗି ଆରମ୍ଭ ହେଲାଣି କସରତ



ଭୁବନେଶ୍ୱର(ସବ୍ୟୁ): ଓଡ଼ିଶାରୁ ରାଜ୍ୟସଭା ପ୍ରାର୍ଥୀଙ୍କୁ ନେଇ ବିଜେପି ରାଜ୍ୟ ନେତୃବୃନ୍ଦଙ୍କ ପକ୍ଷରୁ ଆରମ୍ଭ ହେଲାଣି କସରତ । ରବିବାର ରାଜ୍ୟ କାର୍ଯ୍ୟାଳୟରେ ଛାମୁଆ ନେତାଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଛି । ଏପରିକି ଚତୁର୍ଥ ଆସନ ହାତେଇବା ଲାଗି ମଧ୍ୟ ଷ୍ଟ୍ରାଟେଜି ହୋଇଛି । ରାଜ୍ୟସଭା ପାଇଁ ଅନେକ ନାଁ ଚର୍ଚ୍ଚାରେ ରହିଛି । ସେପଟେ ଶାସକ ଦଳକୁ ଝଟକା ଦେବାକୁ କଂଗ୍ରେସ ସହ ବିଜେଡି ହାତ ମିଳାଇବା ନେଇ ଚର୍ଚ୍ଚା ଜୋର୍ ଧରିଛି ।

ସଭାପତି ମନମୋହନ ସାମଲ, ପୂର୍ବତନ ସଭାପତି ସମୀର ମହାନ୍ତି, ବରିଷ୍ଠ ନେତା ଗୋଲକ ମହାପାତ୍ର, ସାରଦା ଶତପଥୀଙ୍କ ନାଁ ଚର୍ଚ୍ଚା ହେଉଛି । ମହିଳା ଚେହେରା ଭାବେ ପୂର୍ବତନ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ବରିଷ୍ଠ ନେତ୍ରୀ ସୁକେଶୀ ଓରାମ, ମହିଳା ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳଙ୍କ ନାଁ ବି ଚର୍ଚ୍ଚାରେ ରହିଛି । ବିଶେଷ କରି ଚତୁର୍ଥ ଆସନ ପାଇଁ ଦଳ ସ୍ୱତନ୍ତ୍ର ରଣନୀତି କରିଛି ।

ସେପଟେ ବିଜେଡ଼ି ମଧ୍ୟ ଶାସକ ଦଳକୁ ଝଟକା ଦେବାକୁ ପ୍ରସ୍ତୁତ କରୁଛି ରଣନୀତି । ବିଧାନସଭାରେ କଂଗ୍ରେସ ସହିତ ମିଶି ସରକାରୀ ଦଳକୁ ଘେରୁଥିବା ବିଜେଡି ରାଜ୍ୟସଭା ଚତୁର୍ଥ ସିଟ୍ ପାଇଁ ହାତ ସାଙ୍ଗେ ହାତ ମିଳାଇ ପାରେ ବୋଲି ଚର୍ଚ୍ଚା ହେଉଛି । ଯେଉଁଥିପାଇଁ ପାଇଁ କଂଗ୍ରେସ ଦମ୍ଭୋକ୍ତି ଦେଉଛି ଯେ, ଆମେ ପ୍ରାର୍ଥୀ ଦେବୁ । ତେବେ ନିର୍ଦ୍ଦଳୀୟ ପ୍ରାର୍ଥୀଙ୍କୁ ଦେବାକୁ ଯୋଜନା ରଖିଛନ୍ତି ଉଭୟ ।

ଚତୁର୍ଥ ଆସନ ଲାଗି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟ ପରାମର୍ଶଦାତା ଡାକ୍ତର ରମାକାନ୍ତ ପଣ୍ଡାଙ୍କ ନାଁକୁ ନେଇ ଆଲୋଚନା ହେଉଛି । ତେବେ ଉଭୟ ବିରୋଧୀ ଚତୁର୍ଥ ପ୍ରାର୍ଥୀ ଦେବା ଯୋଜନାରେ ଥିବାରୁ ଆଗକୁ ରୋଚକ ଚିତ୍ର ଦେଖିବାକୁ ମିଳିପାରେ । ପିସିସି ସଭାପତି ଶନିବାର କଂଗ୍ରେସ ବିଧାୟକଙ୍କ ସହ ରୁଦ୍ଧଦ୍ୱାର ବୈଠକ କରି ଏକାଠି ରହିବାକୁ ଶପଥ କରାଇଛନ୍ତି । ଏଣେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନିପତି ବଡ ବୟାନ ଦେଇ କହିଛନ୍ତି, ଆମେ ପ୍ରାର୍ଥୀ ଦେବୁ ବିଜେଡି ଆମକୁ ସମର୍ଥନ କରିବ ।

ସେପଟେ ବିଜେଡି କହିଛି, ନବୀନ ସରପ୍ରାଇଜ୍ ଦେଇ ମାଷ୍ଟର ଷ୍ଟ୍ରୋକ୍ ଖେଳିବେ । ବିଜେପିର କହିବା କଥା, ଆମ ବିଧାୟକ କେହି ବିରୋଧୀଙ୍କ ସହିତ ନାହାଁନ୍ତି, ବରଂ ବିରୋଧୀ ବିଧାୟକ ଆମକୁ ସମର୍ଥନ ଦେବା ଲାଗିରେ ଲିଙ୍କରେ ଅଛନ୍ତି । ଫେବ୍ରୁଆରୀ ୨୬ରୁ ଆରମ୍ଭ ହେବ ରାଜ୍ୟସଭା ନାମାଙ୍କନ ପତ୍ର ଦାଖଲ । ସଂଖ୍ୟା ଦୃଷ୍ଟିରୁ ବିଜେପି ଖାତାକୁ ୪ରୁ ୨ଟି ସିଟ୍ ଯିବା ସୁନିଶ୍ଚିତ । ବିଜେଡି ପାଖକୁ ଗୋଟିଏ ଆସନ ଯିବ । ତେବେ ଚତୁର୍ଥ ପ୍ରାର୍ଥୀ ବିରୋଧୀ ନା ଶାସକ ଦଳ କ୍ୟାମ୍ପରୁ ଯାଉଛି ସେନେଇ ଚର୍ଚ୍ଚା ବଢ଼ିଛି ।

### ଆମ ଗୌରବ ଆମ କଲେଜ ଯୋଜନା

# ୧୨ ଉଚ୍ଚଶିକ୍ଷାନୁଷ୍ଠାନର ବିକାଶ ଲାଗି ୧.୭୩ କୋଟି ମଞ୍ଜୁର

ଭୁବନେଶ୍ୱର(ସବ୍ୟୁ): ଆମ ଗୌରବ ଆମ କଲେଜ ଯୋଜନା ଅଧୀନରେ ରାଜ୍ୟରେ ଗୋଟିଏ ବିଶ୍ୱ ବିଦ୍ୟାଳୟ ଏବଂ ୧୧ଟି ମହାବିଦ୍ୟାଳୟର ବିକାଶ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୧.୭୩ କୋଟି ଟଙ୍କା ମଞ୍ଜୁର କରାଯାଇଛି । ରେଭେନ୍ସା ବିଶ୍ୱ ବିଦ୍ୟାଳୟ, ରୋଥ ଆଗଲପୁର ପଞ୍ଚାୟତ ସମିତି (ଡିଗ୍ରୀ) ମହାବିଦ୍ୟାଳୟ, ବିଜେପୁର (ଡିଗ୍ରୀ) ମହାବିଦ୍ୟାଳୟ, ସାଲେପୁର (ସ୍ୱୟଂ ଶାସିତ) ମହାବିଦ୍ୟାଳୟ, ବିରେନ ମିତ୍ର ମେମୋରିଆଲ ମହିଳା (ଡିଗ୍ରୀ) ମହାବିଦ୍ୟାଳୟ, ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ, ହିନ୍ଦୋଳ (ଡିଗ୍ରୀ) ମହାବିଦ୍ୟାଳୟ, ମହିମା ଡିଗ୍ରୀ ମହାବିଦ୍ୟାଳୟ, ବେଲଗୁ=। ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟ, ନାକଟିଦେଉଳ ଡିଗ୍ରୀ ମହାବିଦ୍ୟାଳୟ, ସରକାରୀ (ସ୍ୱୟଂ ଶାସିତ) ମହାବିଦ୍ୟାଳୟ, ଫୁଲବାଣୀ, କନ୍ଧମାଳ ଏବଂ ଯଶୋଦା ବିଷ୍ଣୁ ମହାବିଦ୍ୟାଳୟ, ସୁନ୍ଦରଗଡ଼ ଆଦିର ବିକାଶ ପାଇଁ ୧.୭୩ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଏବଂ ଶୈକ୍ଷିକ ପ୍ରକଳ୍ପର ବିକାଶ ପାଇଁ ଏହି ଅର୍ଥ ଖର୍ଚ୍ଚ କରାଯିବ । ଶିକ୍ଷାନୁଷ୍ଠାନର ସାମଗ୍ରିକ ବିକାଶ ସହ ପାଠାଗାର, ପରୀକ୍ଷାଗାର, କ୍ରୀଡ଼ା ଓ ଆକାଡ଼େମିକ କମ୍ପ୍ଲେକ୍ସ ନିର୍ମାଣ, ଓ୍ୱାଇଫାଇ ସୁବିଧା ଉପଲବ୍ଧ କରାଇବା, ସିସିଟିଭି କ୍ୟାମେରା ଲଗାଇବା ଆଦି କାର୍ଯ୍ୟରେ ଏହି ଅର୍ଥକୁ ଖର୍ଚ୍ଚ କରାଯିବ ।



# ଓଷ୍ଟା ପକ୍ଷରୁ ୧୧୮ ବିଦ୍ୟାର୍ଥୀଙ୍କୁ ମେଧାବୃତ୍ତି ପ୍ରଦାନ

କଟକ, (ସବ୍ୟୁ):ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଆନୁକୂଲ୍ୟରେ ମେଧାବୃତ୍ତି ସମ୍ବର୍ଦ୍ଧନା ସମାରୋହ ନିଜସ୍ୱ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଅଛି । ଓଷ୍ଟାର ସଭାପତି ଅକ୍ଷୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଉଦ୍‌ଘାଟକ ଭାବେ ଭଗବାନ ପ୍ରସାଦ ସାହୁ, ସ୍ୱତନ୍ତ୍ର ଶାସନ ସଚିବ, ଆଇନ୍ ବିଭାଗ ଯୋଗଦେଇ ଉକ୍ତ ସମାରୋହକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ରୂପେ ବିରେନ୍ଦ୍ର କେରକେଟ୍ଟା, ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା, ଯୋଗଦେଇ କହିଥିଲେ ଓଷ୍ଟାଦ୍ୱାରା ଆୟୋଜିତ ଏହି ମେଧା ଅନ୍ୱେଷଣ ପରୀକ୍ଷା ଆମ ଓଡ଼ିଶାର ଛାତ୍ରଛାତ୍ରୀ ମାନଙ୍କ ପାଇଁ ପ୍ରେରଣାର ଉତ୍ସ । ମେଧାବୀ ଗୁଣର କୌଣସି ପରିସୀମା ନାହିଁ । ପ୍ରଥମେ ଚରିତ୍ର ଗଠନ ଓ ପରିବାରର ବୟୋଜ୍ୟେଷ୍ଠ ମାନଙ୍କୁ ସମ୍ମାନ ଦେବା ସହିତ ଅବିଶ୍ରାନ୍ତ ପରିଶ୍ରମ ଫଳରେ ଆଗକୁ ବଢ଼ି ସଫଳତା ହାସଲ କରିପାରିବ ବୋଲି ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ସୁଶ୍ରୀ ଧରିତ୍ରୀ ବରାଳ, ଉପ ହିସାବ ନିୟନ୍ତ୍ରକ, ଯୋଗଦେଇ କହିଥିଲେ ବିଦ୍ୟା ଈଶ୍ୱର ଦତ୍ତ । ଛାତ୍ରଛାତ୍ରୀମାନଙ୍କୁ ମେଧାବୀ ହେବା ସହିତ ଗୁଣବାନ ହେବାକୁ ପରାମର୍ଶ ଦେଇ ସେ କହିଥିଲେ ଆମ ଜୀବନରେ ଆସିଥିବା ପ୍ରତ୍ୟେକ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଉଭୟ ପିତାମାତା ଓ ଗୁରୁଙ୍କୁ ସମ୍ମାନ ଦେବା, ଈଶ୍ୱରଙ୍କୁ ଭଲ ପାଇବା ଓ ସ୍ୱପ୍ନବିଳାସୀ ହୋଇ ଆଗକୁ ଆଗେଇବା । ଭଲ ମଣିଷ ହୋଇ ପରିବାର, ସମାଜ, ରାଜ୍ୟ ତଥା ଦେଶର ଉନ୍ନତିରେ ସହାୟକ ହେବା । ଶେଷରେ ପିଲାମାନଙ୍କୁ ସୋସିଆଲ ମିଡିଆରୁ ଦୂରେଇ ରହିବାପାଇଁ ମଧ୍ୟ ସେ ପରାମର୍ଶ ଦେଇଥିଲେ ।

ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଞ୍ଚାସୀନ ଓଷ୍ଟାର କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଭଲ ମଣିଷ ହୋଇ ରାଜ୍ୟ ତଥା ଦେଶ ଗଠନରେ ସହାୟକ ହୁଅନ୍ତୁ ବୋଲି ଆଶୀର୍ବଚନ ପ୍ରଦାନ କରିଥିଲେ । ଶୈକ୍ଷିକ କମିଟି ସଂପାଦକ ପ୍ରଣବ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ ।ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ଓଷ୍ଟା ମେଧା ଅନ୍ୱେଷଣ ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ମେଧାବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ୧୧୮ ଜଣ ବିଦ୍ୟାର୍ଥୀଙ୍କୁ ମୁଖ୍ୟ ଅତିଥି ପ୍ରମାଣପତ୍ର ଓ ଉପଢ଼ୌକନ ସହ ସମ୍ବର୍ଦ୍ଧିତ କରି ବୃତ୍ତିରାଶି ୩୦୦୦(ତିନିହଜାର) ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ । ଏହି ଅବସରରେ ଓଷ୍ଟାର ନେତୃମଣ୍ଡଳୀ ସର୍ବଶ୍ରୀ ସଞ୍ଜୟ କୁମାର ସିଂହ, ତ୍ରିଲୋଚନ ଦାଶ ଆଦି ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ରାଜ୍ୟ ଓଷ୍ଟାର କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏକ ସପ୍ତାହ ହେବ ସରିଲାଣି ପଥଉତ୍ସବ, ହେଲେ ରାସ୍ତାରୁ ହଟୁନି ସ୍ୱାଗତ ତୋରଣ

ଜଟଣୀ, (ସବ୍ୟୁ) : ଜଟଣୀ ସହରରେ ଅନୁଷ୍ଠିତ ହେଉଥିବା ପଥଉତ୍ସବ କାର୍ଯ୍ୟକ୍ରମକୁ ଏହା ମଧ୍ୟରେ ଏକ ସପ୍ତାହ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ହରିଭାଇନା ଛକ ମୁଖ୍ୟ ରାସ୍ତାରେ ସ୍ଥାପନ ହୋଇଥିବା ସୁଉଚ୍ଚ ସ୍ୱାଗତ ତୋରଣ ଖୋଲିବାକୁ ଟେଣ୍ଟହାଉସ ସଂସ୍ଥା ଭୁଲିଯାଇଥିବାରୁ ଏହି ରାସ୍ତାରେ ଯାତାୟାତ କରୁଥିବା ପଥଚାରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି । ଉକ୍ତ ସ୍ୱାଗତ ତୋରଣ ପାଇଁ ଦୈନିକ ଛୋଟ ମୋଟ ଦୁର୍ଘଟଣା ଘଟିବା ସହିତ ଟ୍ରାଫିକ ସମସ୍ୟା ପଥଚାରୀଙ୍କ ମୁଣ୍ଡବ୍ୟଥାର କାରଣ ସାଜିଥିବା ବେଳେ ସ୍ଥାନୀୟ ପ୍ରଶାସନ ଏ ଦିଗରେ ଧୃତରାଷ୍ଟ୍ର ସାଜିଥିବା ସାଧାରଣରେ ଅଭିଯୋଗ ହେଉଛି । ଅତଏବ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ସମସ୍ୟାର ତୁରନ୍ତ ସମାଧାନ କରିବାପାଇଁ ବରିଷ୍ଠ ନାଗରିକ ମାନେ ମତ ପୋଷଣ କରିଛନ୍ତି ।

### ୨୪ରେ ବସିବ ଛତିଶା ନିଯୋଗ ବୈଠକ

# ଦୋଳ ପୂର୍ଣ୍ଣମୀରେ ଚନ୍ଦ୍ର ଗ୍ରହଣ

ଭୁବନେଶ୍ୱର(ସବ୍ୟୁ): ଆସନ୍ତା ୩ ତାରିଖରେ ଚନ୍ଦ୍ର ଗ୍ରହଣ । ଏହାସହ ସେଦିନ ପଡୁଛି ଦୋଳ ପୂର୍ଣ୍ଣମୀ । ଗ୍ରହଣ କେତେବେଳେ ସ୍ପର୍ଶ କରି କେତେଟାରେ ସର୍ବମୋକ୍ଷ ହେବ? ପାକତ୍ୟାଗ କେତବେଳଠୁ ? ଏହାକୁ ନେଇ ସାଧାରଣ ଲୋକେ ପାଞ୍ଜି ଓ କ୍ୟାଲେଣ୍ଡର ଉଣ୍ଡାଳୁ ଥିବାବେଳେ ଜ୍ୟୋର୍ତିବିଦ ଏସବୁକୁ ନେଇ ସ୍ପଷ୍ଟତା ଆଣିଛନ୍ତି । ଶ୍ରୀମନ୍ଦିରରେ ସେହିଦିନ ଶ୍ରୀଜିଉଙ୍କ ସୁନାବେଶ ଓ ଦୋଳବେଦୀ ବିଜେ ନୀତି ବି ଥିବାରୁ ଏହାକୁ କିଭଳି ଶୃଙ୍ଖଳିତ କରାଯିବ, ସେଥିପାଇଁ ଆସନ୍ତା ୨୪ରେ ବସିବ ଛତିଶା ନିଯୋଗ ବୈଠକ ।

ଏଥର ଦୋଳ ପୂର୍ଣ୍ଣମୀରେ କେତୁ ଗ୍ରସ୍ତ ଚନ୍ଦ୍ର ଗ୍ରହଣ । ସାଧାରଣ ଲୋକଙ୍କ ପ୍ରଶ୍ନ ଯେ କେତେବେଳେ ଗ୍ରହଣ ସ୍ପର୍ଶ କରିବ ? କେତେବେଳେ ସର୍ବ ମୋକ୍ଷ ହେବ ? ପାକ ତ୍ୟାଗ ଅବଧି କେତେ ଘଣ୍ଟା ? ଏଭଳି ନାନାଦି ପ୍ରଶ୍ନର ଉତ୍ତରରେ ଜ୍ୟୋର୍ତିବିଦ୍ ଅଶୋକ ମହାପାତ୍ର କହିଛନ୍ତି, ଆସନ୍ତା ୩ ତାରିଖ ଅପରାହ୍ନ ୩ଟା ୨୦ ମିନିଟ୍ ୧୭ ସେକେଣ୍ଡରେ ଗ୍ରହଣ ସ୍ପର୍ଶ କରିବ ଓ ସନ୍ଧ୍ୟା ୬ଟା ୪୭ ମିନିଟ୍ ପରେ ସର୍ବମୋକ୍ଷ ହେବ । ତେବେ ପରମ୍ପରା ଅନୁସାରେ ଗ୍ରହଣ ସ୍ପର୍ଶର ୯ ଘଣ୍ଟା ପୂର୍ବରୁ ପାକ ତ୍ୟାଗ ଓ ଦେବ ନୀତି ନିଷେଧ ରହିଛି । ସେଥିପାଇଁ ସେ ଦିନ ସୂର୍ଯ୍ୟୋଦୟ ସମୟ ଅର୍ଥାତ ସକାଳ ୬ଟା ୮ମିନିଟ୍‌ରୁ ପାକତ୍ୟାଗ ଓ ଅନ୍ନ ଭୋଜନ ସଂପୂର୍ଣ୍ଣ ନିଷେଧ କରାଯାଇଛି ।



ରୋଗୀ, ଶିଶୁ ଓ ବୟସ୍କଙ୍କ କ୍ଷେତ୍ରରେ ଏହା କୋହଳ କରାଯାଇଛି । ତେବେ ଗ୍ରହଣ ଲାଗୁଥିବା ସମୟରେ କେଉଁ କେଉଁ ରାଶିକୁ ଚନ୍ଦ୍ର ଦର୍ଶନ ମନା ? ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଶର୍ମାଙ୍କ ମତରେ ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର ବ୍ୟକ୍ତି ବିଶେଷଙ୍କ ପାଇଁ କେତୁଗ୍ରସ୍ତ ଚନ୍ଦ୍ର ଗ୍ରହଣ ଦର୍ଶନ ଅତି ଅଶୁଭ । ହେଲେ ମେଷ, ବୃଷ, ମିଥୁନ, କର୍କଟ, ତୁଳା ଓ ମୀନ ରାଶିର ବ୍ୟକ୍ତି ବିଶେଷଙ୍କ ପାଇଁ କୌଣସି ଅସୁବିଧା ନାହିଁ ।

ମାର୍ଚ୍ଚ ୩ରେ ପଡୁଛି ଦୋଳ ପୂର୍ଣ୍ଣମୀ । ସେଦିନ ଶ୍ରୀମନ୍ଦିରେ ରହିଛି ଅନେକ ନୀତିକାନ୍ତି । ଯେମିତିକି ଶ୍ରୀଜିଉଙ୍କ ସୁନା ବେଶ, ନାଭିକଟା ମଣ୍ଡପକୁ ଦିଅଁ ବିଜେ, ଦୋଳବେଦୀକୁ ଯିବେ ଦୋଳ ଗୋବିନ୍ଦ ଏବଂ ଭୂଦେବୀ-ଶ୍ରୀଦେବୀ ଓ ମହାସ୍ନାନ ଆଦି ନୀତି । ତେଣେ ଗାଁ ଗାଁରେ ବି ଦୋଳ ବିମାନରେ ଦିଅଁ ବୁଲି ବୁଲି ଭୋଗ ଖାଇବେ । ଯେହେତୁ ସେ ଦିନତମାମ ପାକ ନୀତି, ଅନ୍ନ ଭୋଗ ଓ ଠାକୁର ପୂଜା ନିଷେଧ ରହିଛି ।

ତେଣୁ କିଛି ଦେବନୀତି ସୂର୍ଯ୍ୟ ଉଦୟ ପୂର୍ବରୁ ସାରିବାକୁ ପାଞ୍ଜିକାରଙ୍କ ମତ । ଶ୍ରୀମନ୍ଦିରରେ ସେ ଦିନ ପ୍ରାୟ ୩୨ ପ୍ରକାର ନୀତିକାନ୍ତିକୁ କିପରି ଶୃଙ୍ଖଳିତ ସହକାରେ ସଂପନ୍ନ କରାଯିବ, ସେଥିପାଇଁ ଆସନ୍ତା ୨୪ରେ ଛତିଶା ନିଯୋଗ ଏବଂ ନୀତି ସବକମିଟି ବୈଠକ ବସିବ । ସମ୍ଭବତଃ ପୂର୍ଣ୍ଣମୀ ପୂର୍ବ ଦିନ ରାତି ୧୨ଟାରେ ଦ୍ୱାର ଫିଟା ଯାଇ କିଛି ନୀତିକାନ୍ତି ସଂପନ୍ନ କରାଯିବାର ମଧ୍ୟ ସଙ୍କେତ ଦେଇଛନ୍ତି ସେବାୟତ । ସୂଚନା ଅନୁସାରେ ଗ୍ରହଣ ପାଇଁ ଏଥର ଦୋଳ ପୂର୍ଣ୍ଣମୀ ରାତିରେ ହୋଇପାରେ ଶ୍ରୀଜିଉଙ୍କ ସୁନାବେଶ । କିନ୍ତୁ ମହାପ୍ରସାଦ ପାଇବାରୁ ସେଦିନ ଭକ୍ତ ବଞ୍ଚିତ ହେବେ ନା ନାହିଁ ? ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି ।

### 'ମନ୍ କୀ ବାତ୍'ରେ ଓଡ଼ିଶାର ଯୁବ ଚାଷୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

# କଠିନ ପରିଶ୍ରମ ଓ ନୂତନ ଚିନ୍ତାଧାରା ପ୍ରକୃତ ସଫଳତାର ଚାବିକାଠି : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ୧୩୧ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ରତନପୁରର ଯୁବ ଚାଷୀ ହୀରୋଦ ପଟେଲଙ୍କ ନିଆରା ଓ ଅଭିନବ କୃଷି ପ୍ରଣାଳୀକୁ ପ୍ରଶଂସା କରି ଓଡ଼ିଶାକୁ ଗର୍ବିତ କରିଛନ୍ତି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ସେ କହିଛନ୍ତି ଯେ, କଠିନ ପରିଶ୍ରମ ଓ ନୂତନ ଚିନ୍ତାଧାରା ହିଁ ପ୍ରକୃତ ସଫଳତାର ଚାବିକାଠି । ହୀରୋଦ ନିଜ ପିତା ଶିବ ଶଙ୍କର ପଟେଲଙ୍କ ସହ ମିଶି ପାରମ୍ପରିକ ଧାନ ଚାଷ ସହ ଆଧୁନିକ ଜ୍ଞାନକୌଶଳକୁ ଆପଣାଇ ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି । ପୋଖରୀରେ ମତ୍ସ୍ୟ ଚାଷ କରିବା ସହ ତା' ଉପରେ ଭାଡ଼ି କରି ଲାଉ ଓ ବିଭିନ୍ନ ପ୍ରକାରର ପନିପରିବା ଚାଷ କରି ସେ ନିଜେ ସ୍ୱାବଲମ୍ବୀ ହୋଇପାରିଛନ୍ତି । ଅନ୍ୟମାନଙ୍କୁ ରୋଜଗାର ଦେଇ ସେ ଯୁବ ସମାଜ ପାଇଁ ଏକ ଆଦର୍ଶ ସାଜିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତା କୃଷିକୁ ବୃତ୍ତି ଭାବେ ଗ୍ରହଣ କରିବାକୁ ଚାହୁଁଥିବା ଯୁବପିଢ଼ିଙ୍କୁ ନିଶ୍ଚିତ ଭାବେ ପ୍ରେରିତ କରିବ ।



ଶ୍ରୀ ପ୍ରଧାନ ଆହୁରି ମଧ୍ୟ କହିଛନ୍ତି ଯେ, ସମ୍ପ୍ରତି ଅନୁଷ୍ଠିତ 'ଏଆଇ ଇମ୍ପାକ୍ଟ ସମିଟ'ରେ ଭାରତର ନବସୃଜନ କ୍ଷମତା ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଅମୂଲ ବୁଥରେ ଏଆଇ ଆଧାରିତ ସମାଧାନ ଜରିଆରେ କିପରି ୨୪ ଘଣ୍ଟିଆ ସହାୟତା ମିଳୁଛି ଏବଂ ଚାଷୀମାନେ ଡାଏରୀ ପରିଚାଳନା ଓ ପଶୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ସଶକ୍ତ ହେଉଛନ୍ତି, ତାହା ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାରେ ପ୍ରତିଫଳିତ ହୋଇଛି । ଏଥିସହ ଏଆଇ ମାଧ୍ୟମରେ ଆମର ପ୍ରାଚୀନ ଗ୍ରନ୍ଥ, ଜ୍ଞାନ ପରମ୍ପରା ଏବଂ ପାଣ୍ଡୁଲିପିର ସଂରକ୍ଷଣ ଭାରତର ସାଂସ୍କୃତିକ-ବୈଷୟିକ ଶକ୍ତିର ପରିଚୟ ଦେଉଛି । ଶେଷରେ, ପରୀକ୍ଷା ଦେବାକୁ ଯାଉଥିବା ବିଦ୍ୟାର୍ଥୀମାନଙ୍କୁ ଶ୍ରୀ ପ୍ରଧାନ 'ପରୀକ୍ଷା ଯୋଦ୍ଧା' ଭାବେ ସମ୍ବୋଧିତ କରିଛନ୍ତି । ସେ କହିଛନ୍ତି ଯେ ପରୀକ୍ଷା ସମୟରେ ମନରେ ଆଶଙ୍କା ଓ ଦ୍ୱନ୍ଦ ଆସିବା ସ୍ୱାଭାବିକ, କିନ୍ତୁ ସଫଳତାର ମାପକାଠି କେବଳ ମାର୍କ ନୁହେଁ । ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଅନୁଯାୟୀ, ବିଦ୍ୟାର୍ଥୀମାନେ ଧୈର୍ଯ୍ୟ ଏବଂ ନିରନ୍ତର ଶିଖିବାର ମନୋଭାବ ଉପରେ ଗୁରୁତ୍ୱ ଦେବା ଉଚିତ । ଶାନ୍ତ ମନରେ ନିଜ ପ୍ରସ୍ତୁତି ଉପରେ ଭରସା ରଖିବା ଏବଂ ପରିବାର ଓ ଶିକ୍ଷକଙ୍କ ମାର୍ଗଦର୍ଶନକୁ ଶକ୍ତି ଭାବେ ଗ୍ରହଣ କରିବା ହିଁ ବିଦ୍ୟାର୍ଥୀଙ୍କୁ ଜୀବନର ପ୍ରତିଟି ପରୀକ୍ଷାରେ ସଶକ୍ତ କରିବ ବୋଲି ସେ ମତ ପ୍ରକାଶ କରିଛନ୍ତି ।

## ମିଶନଶକ୍ତି ଜୀବିକା ମିଶନଙ୍କ ବୈଠକରେ ଯୋଗଦେଲେ ହିମାଂଶୁ

ଧର୍ମଶାଳା(ସବ୍ୟୁ): ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମ ହଲରେ ମିଶନଶକ୍ତି ଓ ଜୀବିକା ମିଶନ ମା ମାନଙ୍କର ଏକ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଅତିଥି ଭାବେ ଯୋଗଦେଇ ମିଶନଶକ୍ତି ଓ ଜୀବିକାମିଶନରେ ମା ମାନେ କିଭଳି ସରକାରୀ ଅର୍ଥରେ ଲାଭବାନ ହୋଇପାରିବେ ଓ ରାଜ୍ୟ ସରକାର ଏଥିଲାଗି ଏକ ଫଣ୍ଡ ଗଠନ କରିଥିବା ବେଳେ ମହିଳମାନେ ଏହାର ଫାଇଦା ନେଇପାରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଶହ ଶହ ସଂଖ୍ୟାରେ ମିଶନଶକ୍ତି ଓ ଜୀବିକା ମିଶନର ମାମାନେ ଯୋଗଦେଇଥିଲେ।

# ଅଜଣା ଗାଡି ଧକ୍କାରେ ଚାଲିଗଲା ହରିଭକ୍ତ ଦୁଇ ସାଙ୍ଗଙ୍କ ଜୀବନ

ଚଣ୍ଡିଖୋଲ,(ସବ୍ୟୁ) ଯାଜପୁର ଜିଲ୍ଲାର ବଡଚଣା ଗଣ୍ଡିଛକରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ହରିଭକ୍ତ ଦୁଇ ସାଙ୍ଗଙ୍କ ଜୀବନ ଚାଲିଯିବା ପରି ଦୁଃଖଦ ଘଟଣା ଘଟିଛି। ବଡଚଣା ଥାନାର ଚଣ୍ଡିତଳ ଗ୍ରାମରେ ଚାଲିଥିବା ଅଷ୍ଟପ୍ରହରୀ ନାମଯଜ୍ଞରେ ଯୋଗଦେଇ କୌଣସି ଏକ କାମରେ ଚଣ୍ଡିଖୋଲକୁ ଆସି ନିଜ ଘରକୁ ରାତିରେ ଫେରୁଥିବା ବେଳେ ୧୬ ନମ୍ବର ଜାତୀୟ ରାଜପଥର ଗଣ୍ଡି ଛକରେ ଏକ ଅଜଣା ଗାଡି ଧକ୍କାରେ ଗୋଟିଏ ଗାଁର ଏହି ଦୁଇ ସାଙ୍ଗ ଜୀବନ ହରାଇଥିବା ଜଣାପଡିଛି। ସୂଚନା ଅନୁସାରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ଅରଖପୁର ଗାଁର ସଂକୀର୍ତନ ମଣ୍ଡଳୀ ଶନିବାର ରାତିରେ ଚଣ୍ଡିତଳ ଗ୍ରାମରେ ଚାଲିଥିବା ଅଷ୍ଟପ୍ରହରୀରେ କୀର୍ତ୍ତନ କରିବାକୁ ଯାଇଥିଲେ। ସେଠାରେ କିର୍ତ୍ତନ ଶେଷ କରି ବାଇକରେ ଦୁଇ ସାଙ୍ଗ ଅରଖପୁର ଗ୍ରାମର ଲିପକ ଜେନା ଓ ଆଲୋକ ଜେନା ଚଣ୍ଡିଖୋଲକୁ ଯାଇଥିଲେ। ସେଠାରେ କାମ ସାରି ପୁଣି ସେହି ବାଇକ ଯୋଗେ ନିଜ ଗାଁ ଅରଖପୁରକୁ ଫେରୁଥିବା ବେଳେ ବଡ଼ଚଣା ଥାନା ଅଧିନସ୍ଥ ୧୬ ନମ୍ବର ଜାତୀୟ ରାଜପଥର ବଡଚଣା ଗଣ୍ଡିଛକ ଓଭର ବ୍ରିଜ ଉପରେ ଏକ ଅଜଣାଗାଡି ସେମାନଙ୍କୁ ଧକ୍କା ଦେଇଥିଲା। ଉଭୟ ଦୁଇ ସାଙ୍ଗ ବାଇକରୁ ପଡି ଯାଇଥିଲେ। ଜଣେ ବ୍ୟକ୍ତି ବଡ଼ଚଣା ପୁଲିସକୁ ଖବର ଦେବାରୁ ଘଟଣା ସ୍ଥଳରେ ପୁଲିସ ପହଂଚି ଦୁଇଜଣଙ୍କୁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣା ଶନିବାର ରାତି ପ୍ରାୟ ୧୨ଟାରୁ ସାଢେ ୧୨ ଟା ବେଳେ ଘଟିଥିବା ଜଣାଯାଇଛି । ମୃତ୍ୟୁ ବରଣ କରିଥିବା ଯୁବକ ହେଲେ ଅରଖପୁର ଗାଁର ମାନସ ଜେନାଙ୍କ ପୁଅ ଲିପକ ଜେନା(୨୪) ଏବଂ ରାଧା ଜେନାଙ୍କ ପୁଅ ଆଲୋକ ଜେନା(୩୦) ବୋଲି ଜଣାପଡିଛି । ପୁଲିସ ଦର୍ଘଟଣା ସ୍ଥଳରୁ ବାଇକ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରିଛି! ତେବେ ଦୁର୍ଘଟଣା ଘଟାଇଥିବା ଗାଡିକୁ ଠାବ କରିବାକୁ ତଦନ୍ତ ଚଳାଇଥିବା ପୋଲିସ କହିଛି! ଏପରି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ବ୍ରାଉନ୍‌ସୁଗର ଜବତ, ନିଶା ବେପାରୀ ଗିରଫ

ପୁରୀ, (ସବ୍ୟୁ): ଅପରେସନ ଚକ୍ର ଅଭିଯାନରେ ସ୍ଥାନୀୟ ବାରବାଟୀ ଜାଗା ନିକଟରୁ ଜଣେ ପେଷାଦାର ବ୍ରାଉନ ସୁଗାର ନିଶା ବେପାରୀକୁ ଗିରଫ କରିଛି ଟାଉନ ଥାନା ପୋଲିସ। ଗିରଫ ହୋଇ ଥିବା ଅଭିଯୁକ୍ତର ପରିଚୟ ହେଲା ସୁଦାମ ଦାସ (୨୬), ଘର ନୂଆସାହୀ, ବାରବାଟୀ ଜାଗା, ଥାନା ପୁରୀ ଟାଉନ ଥାନା ପୁରୀ । ଅଭିଯୁକ୍ତ ଠାରୁ ପୁଲିସ ଏକ ଜରି ପୁଡ଼ିଆରେ ଥିବା ୧୦.୪୦ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ଗତ କାଲି ଶନିବାର ସନ୍ଧ୍ୟାରେ ଅଭିଯୁକ୍ତ ବାରବାଟୀ ଜାଗା ନିକଟରେ ବ୍ରାଉନ ସୁଗାର ବିକିବା ପାଇଁ ନିଶାଗ୍ରସ୍ତ ଯୁବକ ମାନଙ୍କୁ ଅପେକ୍ଷା କରିଥିଲା। ବିଶେଷ ସୂତ୍ରରୁ ଖବର ପାଇ ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ଚଢାଉ କରି ଅଭିଯୁକ୍ତକୁ ଗିରଫ କରି ଥିଲା। ଘଟଣା ସ୍ଥଳରେ ପୁଲିସ ଅଭିଯୁକ୍ତ ଠାରୁ ବ୍ରାଉନ ସୁଗାର ଓ ଗୋଟିଏ ମୋବାଇଲ ଫୋନ୍ ଜବତ କରିଛି । ଏ ନେଇ ପୁଲିସ ଏଣ୍ଡି ପି ଏସ ଆଇନର ବିଭିନ୍ନ ଧାରାରେ ଏକ ମାମଲା ରୁଜୁ କରିଛି। ରବିବାର ଅପରାହ୍ନରେ ପୁଲିସ ଅଭିଯୁକ୍ତକୁ କୋର୍ଟରେ ହାଜର କରାଯାଇଥିଲା। ଅଭିଯୁକ୍ତର ନାମାଞ୍ଜୁର କରିବାରୁ ପୁଲିସ ତାକୁ ପୁରୀ ଜିଲ୍ଲା କାରାଗାରକୁ ପଠାଇ ଦେଇଛି । ଅଭିଯୁକ୍ତ ନାମରେ ପୂର୍ବରୁ ଏକ ହତ୍ୟା ଉଦ୍ୟମ ପରି ସଙ୍ଗିନ୍ ଅପରାଧିକ ମାମଲା ଟାଉନ ଥାନାରେ ରହିଛି ।




# ରକ୍ତଦାନ ଓ ମାଗଣା ଶିଶୁ ଚିକିତ୍ସା ଶିବିର ଅନୁଷ୍ଠିତ

କଟକ, (ସବ୍ୟୁ):ଶହୀଦ ଭବନରେ 'ଜୈନ ସମାଜ', କଟକ ପକ୍ଷରୁ ରକ୍ତଦାନ ଓ ମାଗଣା ଶିଶୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ସେରେବ୍ରାଲ୍ ପାଲ୍ସି (ସିପି), ଅଟିଜିମ୍ ଏବଂ ବୌଦ୍ଧିକ ଅକ୍ଷମତା (ଏମ୍‌ଆର) ପୀଡିତ ପିଲାମାନଙ୍କ ପାଇଁ ଏହି ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା । ଶିବିର ପାଇଁ ପ୍ରାୟ ୨୦୦ ପିଲା ପଞ୍ଜୀକୃତ ହୋଇଥିଲେ । ରୋଗୀମାନେ ଓଡ଼ିଶାର ବିଭିନ୍ନ ଜିଲ୍ଲା ସମେତ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ବିହାର, ଛତିଶଗଡ଼, ଆଣ୍ଡାମାନ ପ୍ରଭୃତିରୁ ମଧ୍ୟ ଆସିଥିଲେ, ଯାହା ଏପରି ପଦକ୍ଷେପର ବୃହତ ପ୍ରଭାବ ଏବଂ ଆବଶ୍ୟକତାକୁ ପ୍ରତିଫଳିତ କରେ । ଡାକ୍ତର ମନୋଜ କୁମାରଜୀ ଓ ତାଙ୍କ ଚିକିତ୍ସକ ଦଳଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ମୁମ୍ବାଇ, ପୁନେ ପ୍ରଭୃତି ସହରରୁ ଆଠ ଜଣିଆ ଚିକିତ୍ସକଙ୍କ ଏକ ଦଳ ଅଭିଭାବକମାନଙ୍କୁ ବିସ୍ତୃତ ମୂଲ୍ୟାଙ୍କନ ଏବଂ ବ୍ୟବହାରିକ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ଅତିରିକ୍ତ ଚିକିତ୍ସା ସହାୟତା ପାଇଁ, ଡକ୍ଟର ଉଜ୍ଜ୍ୱଳ ଦାସ ଓ ତାଙ୍କ ଦଳ ମଧ୍ୟ ସାରା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଥେରାପିଷ୍ଟମାନେ ଘରେ ରହି ଜାରି ରଖାଯାଇ ପାରୁଥିବା ଚିକିତ୍ସା ପଦ୍ଧତି, ବ୍ୟାୟାମ ଓ ଯୋଗାଯୋଗ କୌଶଳ ବିଷୟରେ ପିତାମାତାଙ୍କୁ ଶିକ୍ଷା ଦେବା ଉପରେ ଗୁରୁତ୍ୱ ଦେଇଥିଲେ । ଯେହେତୁ ଏହି ଅବସ୍ଥାଗୁଡ଼ିକର ସ୍ଥାୟୀ ଚିକିତ୍ସା ନାହିଁ, ତେଣୁ ମୁଖ୍ୟ ଉଦ୍ଦେଶ୍ୟ ଥିଲା ପିତାମାତାଙ୍କୁ ଉପଯୁକ୍ତ ଜ୍ଞାନ ଏବଂ ବ୍ୟବହାରିକ ତାଲିମ ସହିତ ସଶକ୍ତ କରିବା, ଯାହାଦ୍ୱାରା ସେମାନଙ୍କ ପିଲାମାନଙ୍କର ଜୀବନର ମାନ ଉନ୍ନତ ହୋଇପାରିବ ।

# ଗଞ୍ଜେଇ ଜବତ : ଜଣେ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ୫୭ନଂ ଜାତୀୟ ରାଜପଥର ସାରୁଅ ଶୁଖୁଆ ବଜାର ନିକଟରୁ ଅବକାରୀ ମୋବାଇଲ ସ୍କ୍ୱାର୍ଡ ଚଢଉ କରି ଏକ କାର ଭିତରୁ ୭୦କେଜି ଗଞ୍ଜେଇ ଜବତ କରିଛି। ଏଥିସହିତ ଚାଲାଣରେ ବ୍ୟବହୃତ କାର୍, ଏକ ମୋବାଇଲ ଫୋନ୍ ଓ ନଗଦ ୧ହଜାର ଟଙ୍କା କୁ ଜବତ କରିଛି। ଜବତ ଗଞ୍ଜେଇ ର ମୂଲ୍ୟ ୭ଲକ୍ଷ ହେବ। ଗିରଫ ଜଣକ ହେଲେ କନ୍ଧମାଳ ଜିଲ୍ଲା ତାଳପଦା କମାରସାହି ର ଆଲୋକ ବିନ୍ଧାଣି (୨୨) ବୋଲି କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅବକାରୀ ସୁପରିଟେଣ୍ଡେଣ୍ଟ ସୁମତୀ ତ୍ରିପାଠୀ କହିଛନ୍ତି। ଫୁଲବାଣୀ ଦିଗରୁ ଗଞ୍ଜେଇ ବୋଝେଇ ହୋଇ ଭୁବନେଶ୍ୱର ଅଭିମୁଖେ ଏକ କାର ଆସୁଥିବା ଅବକାରୀ ମୋବାଇଲସ୍କ୍ୱାର୍ଡ ବିଶେଷ ସୂତ୍ରରୁ ଖବର ପାଇଥିଲା। ପରେ ଏକ ଟିମ୍ ସାରୁଅ ଶୁଖୁଆ ବଜାର ନିକଟରେ ଛପି ରହିଥିଲେ। ଏହି ସମୟରେ ନୟାଗଡ ଦିଗରୁ ଆସୁଥିବା କାର କୁ ନଜର ରଖିଲେ। ଏହି ସମୟରେ ଓଡି.୦୨ସିଏଚ୍-୨୩୦୮ ନଂ ବିଶିଷ୍ଟ କାର୍ କୁ ଯାଂଚ ବେଳେ ତା ଭିତରୁ ୪ଟି ବସ୍ତା ଗଞ୍ଜେଇକୁ ଜବତ କରିଥିଲେ। ଅବକାରୀ ମୋବାଇଲ ସ୍କ୍ୱାର୍ଡ ବେଆଇନ ଗଞ୍ଜେଇ ଚାଲାଣ ଅଭଯୋଗରେ ୪୬୧/୨୬ ନଂ ମାମଲାରେ ଆଲୋକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଚଢାଉରେ ମୋବାଇଲ ଇନ୍ସପେକ୍ଟର ଶ୍ରୀମତୀ ବରାଳ ଓ ସଦର ଇନ୍ସପେକ୍ଟର ଶ୍ରୀ ଭୋଇଙ୍କ ସମେତ ମୋବାଇଲ ସ୍କ୍ୱାର୍ଡ ଏସଆଇ ମିତ୍ରବିନ୍ଦା ପରିଡା, ଓଆଇସି ସୁଜିତ କୁମାର ମୁଦୁଲି, ମୋବାଇଲ ସ୍କ୍ୱାର୍ଡ ଏଏସଆଇ ସଞ୍ଜୟ କୁମାର ରାଉତ ଓ ଜିତେନ୍ଦ୍ର ହେମ୍ବ୍ରମ୍, କନେଷ୍ଟବଲ ସତ୍ୟବନ୍ତ ମାଝୀ, ବିକାଶ ରାଉତ ଓ ସ୍ୱପ୍ନାରାଣୀ ବେହେରା ପ୍ରମୁଖ ସାମିଲ ଥିଲେ।



# ଓକିଲଙ୍କ ଲାଇସେନ୍ସ ବାତିଲ ନେଇ ରାଜ୍ୟ ବାର କାଉନସିଲ ଅଧ୍ୟକ୍ଷଙ୍କୁ ପତ୍ର

ପୁରୀ, (ସବ୍ୟୁ): କୁମ୍ଭାରପଡ଼ା ଥାନାରେ ଏକାଧିକ ଅପରାଧିକ ମାମଲାରେ ଅଭିଯୁକ୍ତ ଥିବା ପୁରୀ ବଡ଼ଶଙ୍ଖ ଛକର ଜଣେ ଆଇନଜୀବି ଦେବାଶିଷ ଦାସଙ୍କୁ ଗିରଫ ଓ ପିଡୀତାଙ୍କୁ ନ୍ୟାୟ ପ୍ରଦାନ ଦାବୀ ନେଇ ସହରର ପ୍ରମୁଖ ସାମାଜିକ ଅନୁଷ୍ଠାନ ବାପୁଜୀ ସହଯୋଗ ଅନୁଷ୍ଠାନ ପକ୍ଷରୁ ଗୁରୁବାର ଜିଲ୍ଲା ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅନୁଷ୍ଠାନର ସଦସ୍ୟମାନେ ହାତରେ ବ୍ୟାନର ଧରି ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଡ଼ା ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅଭିଯୁକ୍ତ ଆଇନଜୀବିଙ୍କୁ ଗିରଫ ଦାବୀ କରି ନାରାବାଜି ଦେଇ ଥିଲେ। ସଦସ୍ୟ ମାନେ ଅଭିଯୋଗ କରିଛନ୍ତି ଯେ କୁମ୍ଭାରପଡ଼ା ଥାନାରେ ଦେବାଶିଷଙ୍କ ବିରୋଧରେ ଜଣେ ମହିଳା ଯୌନ ଓ ଶାରୀରିକ ନିର୍ଯ୍ୟାତନା ସମ୍ପର୍କରେ ଅଭିଯୋଗ କରିବାର ପନ୍ଦର ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ତାଙ୍କୁ ଗିରଫ କରିବା ପରିବର୍ତ୍ତେ ସୁରକ୍ଷା ପ୍ରଦାନ କରୁଛି। ପ୍ରକାଶ ଯେ ପୁରୀ ବଡ଼ଶଙ୍ଖ ନିକଟରେ ମୃତ ଶିବାଶିଷ ଦାସଙ୍କ ବିଧବା ପତ୍ନୀ ଜ୍ୟୋତିର୍ମୟୀ ଦାସ ତାଙ୍କର ଏକ ତିନି ବର୍ଷର ଶିଶୁ ପୁତ୍ରକୁ ଧରି ତାଙ୍କର ଶଶୁର ଘରେ ରହୁଛନ୍ତି। ହେଲେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ଗତ କିଛି ଦିନ ହେବ ଦେଢ଼ଶୁର ଦେବାଶିଷ ଦାସ ତାଙ୍କୁ ଶାରୀରିକ ସଂପର୍କ ରଖିବା ପାଇଁ ବାଧ କରୁଛନ୍ତି। ପିଡୀତା ମହିଳା ଅଭିଯୁକ୍ତଙ୍କ କଥାରେ ରାଜି ନ ହେବାରୁ ଦେବାଶିଷ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ ଦେବା ସହ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଉଛନ୍ତି। ଏନେଇ ପିଡିତା ମହିଳା ରାଜ୍ୟ ମହିଳା କମିଶନ ଓ ପୁରୀ କୁମ୍ଭାରପଡ଼ା ଥାନାରେ ଲିଖିତ ରୂପେ ଜଣାଇଛନ୍ତି। ମହିଳାଙ୍କ ଅଭିଯୋଗ ଆଧାରରେ କୁମ୍ଭାରପଡ଼ା ଥାନା ପୋଲିସ କେଶ ନମ୍ବର ୬୭/୨୦୨୬ ଅନୁଯାୟୀ ବିଏନଏସର ଦଫା ୧୧୫(୨), ୨୯୬ ଓ ୮୫ ବଳରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ହେଲେ ଏ ପର୍ଯ୍ୟନ୍ତ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିନି। ଯାହା ଫଳରେ ଅଭିଯୁକ୍ତର ଦୌରାତ୍ମ୍ୟ ଏବେ ଚରମ ସୀମାରେ ପହଞ୍ଚିଛି। ଦେବାଶିଷ ଖୋଲା ଖୋଲି ଭାବେ ମହିଳା ଓ ତାଙ୍କ ଶିଶୁ ପୁତ୍ରକୁ ଜୀବନରେ ମାରି ଦେବାର ଧମକ ଦେଇଛି। ଜୀବନ ପ୍ରତି ବିପଦ ଥିବାରୁ ପିଡୀତା ଏବେ ତାଙ୍କ ବାପ ଘରେ ରହୁଛନ୍ତି। ଦେବାଶିଷ ଜଣେ ଆଇନଜୀବି ହୋଇ ଥିବାରୁ ପୋଲିସ ସବୁ ଜାଣି କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ନୀରବ ଦ୍ରଷ୍ଟା ସାଜିଛି। ଦେବାଶିଷର ଓକିଲାତି ଲାଇସେନ୍ସ ବାତିଲ ଓ ତାଙ୍କୁ ଗିରଫ କରିବା ପାଇଁ ପିଡୀତା ଜ୍ୟୋତିର୍ମୟୀ ରାଜ୍ୟ ବାର କାଉନସିଲ ଅଧ୍ୟକ୍ଷ ଓଡ଼ିଶା କଟକଙ୍କୁ ପତ୍ର ଲେଖି ନିବେଦନ କରିଛନ୍ତି। ଉକ୍ତ ପତ୍ରର ନକଲ ପୁରୀ ଏସପି, ଡିଏସପି ଓ କୁମ୍ଭାରପଡ଼ା ଥାନା ଆଇଆଇସି ଓ ସଭାପତି ଓ ସାଧାରଣ ସମ୍ପାଦକ ପୁରୀ ବାର ଆସୋସିଏନ ପ୍ରଦାନ କରା ଯାଇଛି।

# ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ

କଟକ,(ସବ୍ୟୁ):କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରମ କାର୍ଯ୍ୟାଳୟ ଦ୍ୱାରା ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ ନିମନ୍ତେ ଏକ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇଥିଲା। ନୂଆପଡ଼ା ବାଲିସାହି ସ୍ଥିତ ଗାଦି ଗୋସାଇଁ ପଡ଼ିଆଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ନିର୍ମାଣ ଶ୍ରମିକଙ୍କ ସହାୟତା ପାଇଁ ଯୋଜନା ସଂପର୍କରେ ସୂଚନା ପ୍ରଦାନ କରାଯିବା ସହ ରାଜ୍ୟରେ ଅଣସଂଗଠିତ ଶ୍ରମିକଙ୍କ ସାମାଜିକ ସୁରକ୍ଷା ନିମନ୍ତେ ସରକାରଙ୍କ ପ୍ରାଥମିକତା ସଂପର୍କରେ ଏକ ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ ହେଇଥିଲା। ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ, ଇଂ ପ୍ରକାଶ ଚନ୍ଦ୍ର ସେଠୀ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ପ୍ରଗତିରେ ନିର୍ମାଣ ଶ୍ରମିକମାନଙ୍କ ଭୂମିକା ସଂପର୍କରେ ଆଲୋକପାତ କରି ନିର୍ମାଣ ଶ୍ରମିକମାନଙ୍କର ସୁରକ୍ଷା ଓ ଆର୍ଥିକ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ଦିବ୍ୟଲୋଚନ ମହାନ୍ତ ଯୋଗଦେଇ କହିଥିଲେ, ରାଜ୍ୟରେ କଟକ ଜିଲ୍ଲା ରେ ସର୍ବାଧିକ ଶ୍ରମିକ ଭାଇ ଭଉଣୀମାନେ ପଞ୍ଜୀକୃତ ହୋଇଛନ୍ତି ଏବଂ ସର୍ବାଧିକ ସହାୟତା ରାଶି ପ୍ରଦାନ କରାଯାଇଛି। ସରକାରୀ ଯୋଜନା ଗୁଡିକ କିପରି ଭାବେ ସମସ୍ତଙ୍କ ନିକଟରେ ପହଞ୍ଚିପାରିବ ସେ ନେଇ ଜିଲ୍ଲା ପ୍ରଶାସନ ସଦା ସର୍ବଦା ଚେଷ୍ଟିତ ଓ ଏହି ସମ୍ପର୍କରେ ଗଣମାଧ୍ୟମ ଜରିଆରେ ସମସ୍ତଙ୍କୁ ଅବଗତ କରାଇବାକୁ ଅନୁରୋଧ କରିଥିଲେ।



ଆୟୋଜିତ ଏହି ସ୍ୱତନ୍ତ୍ର ଶିବିରରେ ମୁଖ୍ୟ ଅତିଥି ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ସହାୟତା ରାଶି ପ୍ରଦାନ କରିବା ସହ ନିର୍ମାଣ ଶ୍ରମିକ ପରିଚୟ ପତ୍ର ମଧ୍ୟ ପ୍ରଦାନ କରିଥିଲେ। ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ସମଗ୍ର କଟକ ଜିଲ୍ଲାରେ ୪୦୯୯ ଜଣ ହିତାଧିକାରୀଙ୍କୁ ଏବଂ ୫୦ ଜଣଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି। ଶିକ୍ଷା ବୃତ୍ତି, ବିବାହ ସହାୟତା, ମୃତ୍ୟୁକାଳୀନ,ପ୍ରସୂତି କାଳୀନ ଆଦି ସହାୟତା ନିମନ୍ତେ ଏକ କାଳୀନ ସର୍ବାଧିକ ୨୬ କୋଟି ୨୦ ଲକ୍ଷ୍ୟ ୭୮ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି ତଥା ଜିଲ୍ଲାରେ ବିଶେଷ କରି ଶିକ୍ଷା କ୍ଷେତ୍ରରେ ଅଧିକ ରାଶି ପ୍ରଦାନ କରାଯାଇଛି।ଏହି ଅବସରରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ହରପ୍ରିୟା ନାୟକ ନିର୍ମାଣ ଶ୍ରମିକଙ୍କ ନିମନ୍ତେ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଶିବିରର ସମସ୍ତ ଆୟୋଜନ ଓ ସଭା ପରିଚାଳନା କରିଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ପ୍ରୀତିବନ୍ଧନ ଘଡାଇ, ସହକାରୀ ଶ୍ରମ ଅଧିକାରୀ ମୋନାଲିସା ପାଢୀଙ୍କ ସମେତ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ଆୟୋଜନର ସମସ୍ତ ସହଯୋଗ କରିଥିଲେ।

# ଦିଲ୍ଲୀରେ ଜାତୀୟ ଚେତନାର ସମ୍ପାଦକ ସମ୍ମାନିତ

ଭୁବନେଶ୍ୱର, (ସବ୍ୟୁ): ମିଡ଼ିଆ ଫେଡେରେସନ ଅଫ୍ ଇଣ୍ଡିଆ ରାଷ୍ଟ୍ରୀୟ ସଭାପତି ଅରୁଣ ଶର୍ମାଙ୍କ ସଭାପତିତ୍ୱରେ ଆୟୋଜିତ ୨୦ ତମ



ତରଫରୁ ନୂଆ ଦିଲ୍ଲୀର ବି ଏସ୍ ଜେଡ ରୋଡସ୍ଥିତ ପିରେଲାଲ - ଗାନ୍ଧୀ ମେମୋରିଆଲ ହଲ୍ (ଆଇ ଟି ଓ) ଠାରେ ଫେଡେରେସନର ମିଡିଆ ଏକ୍ସଲେନ୍ସି ଆୱାର୍ଡ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ବିଦ୍ୟୁତ୍ ଗଣମାଧ୍ୟମର ଶ୍ରୀବର୍ଦ୍ଧନ ତ୍ରିବେଦୀ, ସଞ୍ଜୟ ଦ୍ୱିବେଦୀ, ପ୍ରତୀକ ତ୍ରିବେଦୀ ସଭାକୁ ଉଦଘାଟନ କରିଥିଲେ । ତାଙ୍କ ଅଭିଭାଷଣରେ ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଏବଂ ଏହା ଗଣତନ୍ତ୍ରର ସୁରକ୍ଷା କବଚ ଭାବେ କାର୍ଯ୍ୟ କରେ। ସାମ୍ବାଦିକମାନଙ୍କ ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରାଗଲେ ଗଣତନ୍ତ୍ର ପାଇଁ ବିପଦ ସୃଷ୍ଟି ହେବା ସହ ଦେଶରେ ଅରାଜକତାର ପରିସ୍ଥିତି ଦେଖାଦେଇପାରେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଓଡ଼ିଶାର ଅନ୍ୟତମ ଅଗ୍ରଗଣ୍ୟ ସମ୍ବାଦପତ୍ର 'ଜାତୀୟ ଚେତନା'ର ସମ୍ପାଦକ ତପନ ବିହାରୀ ଭଞ୍ଜଙ୍କୁ "ବର୍ଷର ଶ୍ରେଷ୍ଠ ଓଡ଼ିଶା ସାମ୍ବାଦିକ" ସମ୍ମାନରେ ଭୂଷିତ କରାଯାଇଥିଲା।

## ସଂଗୀତ ଜଗତର ଶାନ୍ତି ପାଇଁ ମଙ୍ଗଳାମନ୍ଦିର ରେ ଶାନ୍ତିଯଜ୍ଞ

କଟକ,(ସବ୍ୟୁ): କଟକ ସ୍ଥିତ ମାଁ ଝାଞ୍ଜିରୀମଙ୍ଗଳା ଙ୍କ ମନ୍ଦିର ପ୍ରାଙ୍ଗଣରେ ଦିବଂଗତ ସଂଗୀତ ନିର୍ଦ୍ଦେଶକ ତ୍ରୟ ସ୍ୱର୍ଗତ ଅଭିଜିତ ମଜୁମଦାର, ସ୍ୱର୍ଗତ ଶାନ୍ତିରାଜ ଖୋସଲା ଓ ସ୍ୱର୍ଗତ ସଞ୍ଜୟ ସାହୁ ଙ୍କ ଆତ୍ମା ଶାନ୍ତି ପାଇଁ ଏବଂ ଆଗକୁ ଯେମିତି ସଙ୍ଗୀତ ଜଗତରେ କୋଉ କଳାକାରଙ୍କ ଅକାଳ ବିୟୋଗ ନ ଘଟୁ ସେଥିପାଇଁ ଏକ ଶାନ୍ତି ଯଜ୍ଞ କରା ଯାଇଥିଲା | ହୋମ ଶେଷରେ ଦିବଂଗତ କଳାକାର ଙ୍କ ଫଟୋଚିତ୍ର ରେ ଶ୍ରଦ୍ଧା ସୁମନ ଅର୍ପଣ କରି ଉପସ୍ଥିତ କଳାକାର ଏବଂ ତାଙ୍କ ପରିବାର ସଦସ୍ୟ ମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ | ପରେ କିଛି ଦୁଃଖୀ ଗରିବ ଙ୍କୁ ଅନ୍ନ ଭୋଜନ କରାଯାଇଥିଲା | ଉକ୍ତ ହୋମଯଜ୍ଞ ରେ ଝାଞ୍ଜିରୀ ମଙ୍ଗଳା ରେ ରହି ନିଜ କଳାକାରୀ ଜୀବନ ଆରମ୍ଭ ଥିବା ଅନିରୁଦ୍ଧ ଧଳ, ପ୍ରମୋଦ ନନ୍ଦ, ଦେବାଶିଷ ତ୍ରିପାଠୀ, ନିର୍ମଳ ନାୟକ, ଯତୀନ୍ଦ୍ର ପ୍ରଧାନ, ଜିତୁ ସାବତ, ଅଶୋକ, ରଶ୍ମି ଏବଂ ଅଚ୍ୟୁତ ପ୍ରମୁଖ ପରିବାର ସହ ଉପସ୍ଥିତ ରହି ଥିଲେ |

# ଭୁଶୁଡିଲା ନିର୍ମାଣଧୀନ ବ୍ରିଜ, ଅଳ୍ପକେ ବର୍ତ୍ତିଲେ ଶ୍ରମିକ

ବାରଙ୍ଗ,(ସବ୍ୟୁ) :ବାରଙ୍ଗ ବ୍ଲକ ଅନ୍ତର୍ଗତ ବେଲଗଛିଆ ପଞ୍ଚାୟତ ରୁ ଦାଡାପାଟଣା ପଞ୍ଚାୟତକୁ ସଂଯୋଗ କରୁଥିବାନିର୍ମାଣଧିନ ବିଜୁ ସେତୁ ଭୁଶୁଡ଼ି ପଡ଼ିଛି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ନିମ୍ନମାନର ନିର୍ମାଣ କାର୍ଯ୍ୟ ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି । ପ୍ରକାଶ ଯେ , ୨୦୨୩ ମସିହା ଜୁନ ୧୧ ତାରିଖରେ ଏହି ସେତୁର ଶୁଭ ଦିଆଯାଇଥିଲା । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ପୁରୀ ମୁଖ୍ୟ କେନାଲ ଉପରେ ୫କୋଟି ୭ଲକ୍ଷ୍ୟ ଟଙ୍କା ବ୍ୟୟ ଅଟକଳରେ ଏହି ନୂତନ ବିଜୁ ସେତୁକୁ ୧୫ ମାସ ମଧ୍ୟରେ ଶେଷ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା । ହେଲେ ବିଡମ୍ବନା ର ବିଷୟ ସେତୁ ନିର୍ମାଣର ୩୨ ମାସ ବିତି ଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିବା ବେଳେ କାର୍ଯ୍ୟ ଆରମ୍ଭ ରୁ ଏଭଳି ଅଘଟଣ ଦେଖାଦେଇଛି । ରବିବାର ଅପରାହ୍ନରେ ସେତୁ ଉପରେ ଢ଼ଳାଇ ପଡୁଥିବା ବେଳେ ସେତୁର ଗୋଟିଏ ପାର୍ଶ୍ୱରେ ଥିବା ଲୁହାବାଡ଼ ସମେତ ଲୁହା ଛଡ଼ ଭୁଶୁଡ଼ି ପଡ଼ିଥିଲା । କାର୍ଯ୍ୟରତ ଶ୍ରମିକ ଭୟଭୀତ ହୋଇ ସେତୁ ଉପରୁ ଓହ୍ଲାଇ ଆସିଥିଲେ । ସୌଭାଗ୍ୟ ବଶତଃ କାହାର କୌଣସି କ୍ଷତି ହୋଇନଥିବା ବେଳେ ନିମ୍ନମାନର କାର୍ଯ୍ୟ ଯୋଗୁଁ ଏପରି ହୋଇଥିବ ଗ୍ରାମବାସୀ କହିଛନ୍ତ ।

# ସ୍ଥାୟୀ ଜଳସେବା କେନ୍ଦ୍ର ଉଦଘାଟନ

ଭୁବନେଶ୍ୱର, (ସବ୍ୟୁ): ସାୱନ କୃପାଲ ରୁହାନି ମିଶନ, ଭୁବନେଶ୍ୱର କେନ୍ଦ୍ରର ପକ୍ଷରୁ ସନ୍ଥ କ୍ରିପାଲ ସିଂ ଜି ମହାରାଜଙ୍କ ୧୩୨ତମ ଜନ୍ମୋତ୍ସବ ଭକ୍ତିମୟ ପରିବେଶରେ ଓ ଆନନ୍ଦମୟ ଭାବରେ ପାଳନ କରାଯାଇଥିଲା। ଏହି ପବିତ୍ର ଅବସରରେ ଆଶ୍ରମ ପରିସରରେ ଏକ ସ୍ଥାୟୀ "ଜଳ ସେବା କେନ୍ଦ୍ର" ଉଦ୍‌ଘାଟନ କରାଯାଇଥିଲା, ଯାହା ଆଗାମୀଦିନରେ ଜନସାଧାରଣ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ସୁନିଶ୍ଚିତ କରିବ। ଏହି ସେବା ପ୍ରୟାସ ମାଧ୍ୟମରେ ମାନବ ସେବାକୁ ମାଧ୍ୟମ କରି ଆଧ୍ୟାତ୍ମିକତାର ସନ୍ଦେଶ ପ୍ରସାରିତ କରିବାର ଲକ୍ଷ୍ୟ ରହିଛି। ସନ୍ଧ୍ୟାବେଳେ ଆଶ୍ରମ ପରିସରରେ କୁନି କୁନି ଶିଶୁମାନଙ୍କ ଦ୍ୱାରା ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା,



ଯାହା ଉପସ୍ଥିତ ଭକ୍ତମାନଙ୍କ ମନକୁ ଭାବବିଭୋର କରିଥିଲା। ପରେ ସନ୍ତମହାତ୍ମାମାନଙ୍କ ଅମୃତମୟ ବାଣୀ ମାଧ୍ୟମରେ ସତ୍ସଙ୍ଗ ଅନୁଷ୍ଠିତ ହୋଇଥିଲା। ସତ୍ସଙ୍ଗରେ ମାନବ ଜୀବନର ମୂଲ୍ୟ, ନିଷ୍କାମ ସେବା ଓ ନାମ ସିମ୍ରଣର ଗୁରୁତ୍ୱ ବିଷୟରେ ପ୍ରବଚନ ଦିଆଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସମସ୍ତ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ବିତରଣର ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ବହୁ ସଂଖ୍ୟକ ଭକ୍ତ ଓ ସେବାଧାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସଫଳ କରିଥିଲେ।

## ରାମଚରିତ ମାନସ ପାରାୟଣ ପ୍ରବଚନ ଆରମ୍ଭ

ଆଳି ,(ସବ୍ୟୁ) :ଆଳି ବ୍ଲକ ଅନ୍ତର୍ଗତ ମହୁ ପଞ୍ଚାୟତସ୍ଥିତ ରାମ ମନ୍ଦିରରେ ରାମଦାୟ ପରିଷଦ ପକ୍ଷରୁ ରବିବାରଦିନ ଅଷ୍ଟତ୍ରିଂଶ ବାର୍ଷିକ ରାମଚରିତ ମାନସ ପାରାୟଣ ପ୍ରବଚନ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି। ଗ୍ରାମର ଶତାଧିକ ଲୋକ ସକୀର୍ତ୍ତନ ଦଳ ସହ ନାମ ସକୀର୍ତ୍ତନ କରି ଗାଁ ଶେଷ ମୁଣ୍ଡରେ ଥିବା ପୁଣ୍ୟତୋୟା ବ୍ରାହ୍ମଣୀ ନଦୀ ନିକଟରେ ପହଞ୍ଚିଥିଲେ। ପୂଜକ ଜଗବନ୍ଧୁ ତ୍ରିପାଠୀ ପୂଜା କରିବା ପରେ ଅଭିମନ୍ତ୍ରିତ ଜଳ କଳସ ଧରି ଗ୍ରାମ ପରିକ୍ରମା କରି ସମସ୍ତେ ରାମ ମନ୍ଦିର ନିକଟରେ ପହଂଚିଥିଲେ। ଏହାପରେ ରାମଚରିତ ପାରାୟଣ ଆରମ୍ଭ ହୋଇଥିଲା। ନଅ ଦିନ ଧରି ସନ୍ଧ୍ୟାରେ ରାମ କଥାମୃତ ଅନୁଷ୍ଠିତ ହେବା ପ୍ରବଚକ ବ୍ରହ୍ମଚାରି ସନ୍ତୋଷ ଚତନ୍ୟଜୀ ମହାରାଜ, ଉପଦେଷ୍ଟା ନିଖିଳ ଉତ୍କଳ ପ୍ରବକ୍ତା ପରିଷଦ, ଓଡିଶା, ପଣ୍ଡିତ ବୀରେନ୍ଦ୍ର ପଣ୍ଡା, ସମାଜ ସଂସ୍କା ରକ ଓଡିଶା, ପଣ୍ଡିତ ପ୍ରମୋଦ ପଣ୍ଡା, ସୂର୍ଯକାନ୍ତ ରଥଶର୍ମା ପ୍ରମୁଖ ବିଭିନ୍ନ ସନ୍ଧ୍ୟାରେ ପ୍ରବଚନ ଦେବେ। ବିଶେଷ କାର୍ଯ୍ୟକର୍ମ ପୂଜ୍ୟପୂଜା ସମାରୋହ ଏବଂ ରାବଣ ପୋଡି. ଦୋଳ ପୂର୍ଣ୍ଣିମା ଦିନ ଏହା ଉଦଯାପିତ ହେବ ।

## ଟିପିସିଓଡିଏଲ୍‌ର ବିଜିନେସ୍ ଆସୋସିଏଟ ମିଟ୍

# ସୁରକ୍ଷା, ଗୁଣବତ୍ତା, ଦୀର୍ଘକାଳୀନ ସହଭାଗିତା ଉପରେ ଗୁରୁତ୍ୱ

ଭୁବନେଶ୍ୱର, (ସବ୍ୟୁ) : ଟିପିସିଓଡିଏଲ୍ ପକ୍ଷରୁ ଭୁବନେଶ୍ୱରଠାରେ ଏକ ବିଜନେସ୍ଆସୋସିଏଟ୍ ମିଟ୍ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସମଗ୍ର ଭାରତର ବିଭିନ୍ନ ଯୋଗାଣକାରୀ, ନିର୍ମାତା ଏବଂ ସେବାପ୍ରଦାନକାରୀ ସଂସ୍ଥା ସମେତ ଓଡ଼ିଶା ଏମଏସଏମଇ ଅଧୀନରେ ପଞ୍ଜୀକୃତ ଅନେକ ଉଦ୍ୟୋଗ ଯୋଗ ଦେଇଥିଲେ । ଟିପିସିଓଡିଏଲ୍ ଏବଂଏହାର ବିଜନେସ୍ ଆସୋସିଏଟ୍ ମାନଙ୍କ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବା ସହ ଦୀର୍ଘକାଳୀନ ସହଭାଗିତା ସ୍ଥାପନ କରିବା ଏବଂ ଏକସୁଦୃଢ଼ ଓ ନିରବଚ୍ଛିନ୍ନ ଯୋଗାଣ ଶୃଙ୍ଖଳା ବ୍ୟବସ୍ଥା ଗଠନ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

ଏହି ଅବସରରେ ଟାଟା ପାଓ୍ୱାରର ଚିଫ୍ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ବିଜନେସ ଗଜାନନ କାଲେ, ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂହ, ସିଏଫଓ (ଟିଆଣ୍ଡଡି) ସଞ୍ଜୀବ ଗୁପ୍ତା ଏବଂ ସିଓଓ ଦୁଷ୍ୟନ୍ତ ତ୍ୟାଗୀ ପ୍ରମୁଖ ଯୋଗଦେଇ ବ୍ୟବସାୟିକ କ୍ଷେତ୍ରରେ ଗୁଣବତ୍ତା,ନୈତିକତା, ଉଚିତ ସମୟରେ ସେବା ପ୍ରଦାନ, ଜ୍ଞାନର ଆଦାନପ୍ରଦାନ, ପ୍ରତିଯୋଗିତାମୂଳକ ମୂଲ୍ୟ ନିର୍ଦ୍ଧାରଣ ଏବଂ ଦୀର୍ଘକାଳୀନ ସହଭାଗିତା ଉପରେ ଜୋର ଦେଇଥିଲେ । ଏହା ସହିତ ସେମାନେ ବିଜନେସ୍ ଆସୋସିଏଟ୍ ମାନଙ୍କୁ ଓଡ଼ିଶାରେ ଟ୍ରାନ୍ସଫର୍ମର, କେବୁଲ୍,କଣ୍ଡକଫର, ପୋଲ୍, ମିଟର ଏବଂ ମିଟର ବକ୍ସ ଭଳି



ଅତ୍ୟାବଶ୍ୟକ ସାମଗ୍ରୀର ଉତ୍ପାଦନୟୁନିଟ୍ ପ୍ରତିଷ୍ଠା କରିବାକୁ ପ୍ରୋତ୍ସାହିତ କରିଥିଲେ, ଯାହାଦ୍ୱାରା ଆଗାମୀ ଦିନରେ ସେମାନଙ୍କ ପାଇଁ ବ୍ୟବସାୟର ସୁଯୋଗ ବୃଦ୍ଧି ପାଇବ । ସମ୍ମିଳନୀରେ କମ୍ପାନୀର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସେମାନଙ୍କର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ ।ବିଶେଷ କରି ପ୍ରୋଜେକଫ, ଇଞ୍ଜିନିୟରିଂ, କ୍ୱାଲିଟି, ଅଟୋମେସନ ଏବଂ ସେଫଫି ଟିମ୍ ପକ୍ଷରୁ ଉନ୍ନତମାନର ସାମଗ୍ରୀ, ନିର୍ଦ୍ଧାରିତ ସମୟମଧ୍ୟରେ କାର୍ଯ୍ୟ ସମ୍ପାଦନ ଏବଂ କାର୍ଯ୍ୟକ୍ଷେତ୍ରରେ କଠୋର ସୁରକ୍ଷା ନିୟମ ଅନୁପାଳନ କରିବା ଉପରେ ଜୋର ଦିଆଯାଇଥିଲା ।ଏହି ଆଲୋଚନାରେ ବିଶେଷ କରି ସୁଦୃଢ଼ ସୁରକ୍ଷା ପ୍ରୋଟୋକଲ୍, ବୈଧାନିକ ନିୟମ ପାଳନ, ନୈତିକ ବ୍ୟବସାୟିକ ଆଚରଣ, ଉଚ୍ଚଗୁଣବତ୍ତାର ମାନଦଣ୍ଡ ଏବଂ ଗ୍ରାହକ-କୈନ୍ଦ୍ରିକ ପରିଚାଳନା ଏବଂ ସେବା ପ୍ରଦାନକୁ ପ୍ରାଥମିକତା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ୨୦୨୫-୨୬ ଆର୍ଥିକ ବର୍ଷରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୨୪ ଜଣ ବିଜନେସ୍ ଆସୋସିଏଟ୍‌ଙ୍କୁ ପୁରସ୍କୃତ କରାଯାଇଥିଲା ।

## ଧର୍ମଶାଳାରେ ସମ୍ପତ୍ତି ହଡପ ପାଇଁ ଯୁବକଙ୍କୁ ହତ୍ୟା ଘଟଣା

# ଚାରିମାସ ପରେ ଏତଲା ପଞ୍ଜିକରଣ କରି ଚୁପହୋଇ ବସିଛି ପୋଲିସ

ଚଣ୍ଡିଖୋଲ(ସବ୍ୟୁ) ଯାଜପୁର ଜିଲ୍ଲାର ଧର୍ମଶାଳା ଥାନା ଅନ୍ତର୍ଗତ ଗଙ୍ଗାଧରପୁର ଗ୍ରାମରେ କୋଟି କୋଟି ଟଙ୍କାର ପୈତୃକ ସମ୍ପତ୍ତି ହଡପ କରିନେବା ପରେ ଘଟଣାକୁ ଚାପିଦେବା ପାଇଁ ଜଣେ ଯୁବକଙ୍କୁ ତାଙ୍କ ବଡଭାଇ,ଭଉଣୀ ଓ ପରିବାର ଲୋକେ ମିଳିମିଶି ସୁଚିନ୍ତିତ ଭାବେ ହତ୍ୟା କରିବା ପରି ଜଘନ୍ୟ ଘଟଣାର ଏତଲାକୁ ପୋଲିସ ପଞ୍ଜିକରଣ ନକରି ଚାରିମାସ ଧରି ଚାପିରଖିଥିଲା। ଉପରୁ ଚାପ ପଡିବା ପରେ ଗତ ଡିସେମ୍ବର ମାସ ୯ ତାରିଖରେ ପୋଲିସ ଏହି ଏତଲାର ପଞ୍ଜିକରଣର କରିଥିଲା। ତେବେ ଏତଲା ପଞ୍ଜିକରଣକୁ ଇତିମଧ୍ୟରେ ଅଢେଇ ମାସ ବିତିଯିବାକୁ ବସିଥିଲେ ମଧ୍ୟ ଏତେବଡ ସ୍ପର୍ଶକାତର ଘଟଣାର ତଦନ୍ତ ପ୍ରକ୍ରିୟାରେ କୌଣସି ଅଗ୍ରଗତି ଘଟିନାହିଁ। ପୋଲିସର ଏତାଦୃଶ ନିସକ୍ରିୟତା ଯୋଗୁଁ ଅଭିଯୋଗ କାରିଣୀ ସ୍ୱାମୀହରା ବିଧବା ମହିଳା ଓ ତାଙ୍କ ଦୁଇ ପିଲାଙ୍କ ଜୀବନ ଦୁର୍ବିସହ ହୋଇପଡିଛି। ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା ଜେନାପୁର ଥାନା ରାମଚନ୍ଦ୍ରପୁର ଗ୍ରାମର ବିକ୍ରମ ବେହେରାଙ୍କ ଭଉଣୀ ଝରଣା ଧର୍ମଶାଳା ଥାନା ଗଙ୍ଗାଧରପୁର ଗ୍ରାମର ମକରଧ୍ୱଜ ସାହୁଙ୍କ ପୁଅ ପ୍ରଶାନ୍ତ ସାହୁଙ୍କୁ ବିବାହ କରିଥିଲେ। ପ୍ରଶାନ୍ତ ଓ ଝରଣାଙ୍କର ଏବେ ଗୋଟିଏ ୧୬ ବର୍ଷର ପୁଅ ଓ ୧୯ ବର୍ଷର ଝିଅ ଅଛନ୍ତି। ଶାଶୁ ଘରଲୋକେ ସ୍ୱାମୀଙ୍କୁ ହାତକରି ଝରଣାଙ୍କ ଉପରେ ଅତ୍ୟାଚାର କରିବା ଯୋଗୁଁ ସେ ଜୀବନ ବିକଳରେ ଶାଶୁଘରୁ ଚାଲିଆସି ପୁଅଝିଅ ସହିତ ବାପଘରେ ରହୁଥିଲେ। ଝରଣାଙ୍କ ସ୍ୱାମୀ ମଧ୍ୟ ଶଶୁର ଘରକୁ ନିୟମିତ ଆସି ସ୍ତ୍ରୀ ଓ ପିଲାମାନଙ୍କ ଭଲମନ୍ଦ ବୁଝୁଥିଲେ। ନୂଆଗାଁ ମୌଜାରେ ଥିବା ୨ଏକର ୨୨ ଡେସମିଲ,ଗଙ୍ଗାଧରପୁର ମୌଜାରେ ଥିବା ୬୪ ଡେସମିଲ ଓ ପଲାର ମୌଜାରେ ଥିବା ୩୯ ଡେସିମିଲ (ମୋଟ ୩ ଏକର ୨୫ ଡେସିମିଲ) ବହୁକୋଟି ଟଙ୍କାର ପୈତୃକ ସମ୍ପତ୍ତିକୁ ଚଞ୍ଚକତା କରି ତାଙ୍କ ବିବାହିତା ନଣନ୍ଦ ଓ ଦେଢଶୁର ନିଜ ନାମରେ କରାଇ ନେଇଥିଲେ



ଗତ ଜୁଲାଇ ୨୦ ତାରିଖରେ ଶେଷଥର ପାଇଁ ପ୍ରଶାନ୍ତ ଶଶୁର ଘରକୁ ଆସି ନିଜ ପିଲାମାନଙ୍କ ସହ କଥାହୋଇ କିଛିଦିନ ମଧ୍ୟରେ ସମସ୍ତଙ୍କୁ ତାଙ୍କ ଘରକୁ ନେଇ ଯିବାକୁ କହି ଯାଇଥିଲେ। ତେବେ ଅଭିଯୋଗ କାରିଣୀ ଦୁଇ ପିଲାଙ୍କ ସହ ତାଙ୍କ ବାପାଘରେ ଥିବା ସମୟରେ ଗତ ଅଗଷ୍ଟ ମାସ ୨ ତାରିଖରେ ତାଙ୍କ ଘରଡିହ ସହ ଧର୍ମଶାଳା ତହସିଲର ଜାରକା ଏବଂ ଜମି କବଲା ହେବାର ୧୩ ଦିନ ପରେ ଅର୍ଥାତ ଅଗଷ୍ଟ ୧୫ ତାରିଖରେ ନଣନ୍ଦଙ୍କ ଘରେ ତାଙ୍କ ସ୍ୱାମୀଙ୍କ ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଥିଲା। ଯେଉଁ ନଣନ୍ଦ ଚଞ୍ଚକତା କରି ତାଙ୍କ ସମ୍ପତ୍ତି ହଡପ କରିଛନ୍ତି ତାଙ୍କରି ଘରେ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବାରୁ ସମ୍ପତ୍ତି ହଡପ ପାଇଁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଝରଣା ଜାଣି ବାପାରିଥିଲେ। ଏପରିକି ତାଙ୍କ ସ୍ୱାମୀ ପଢାଲେଖା ଜାଣିଥିବା ସହିତ ନିଜର ଦୁଇ ପିଲା ଓ ସ୍ତ୍ରୀ ଥାଉଥାଉ ସେ କିପରି ନିଜର ଘରଡିହ ସହିତ ସମସ୍ତ ପୈତୃକ ସମ୍ପତ୍ତିକୁ ଅନ୍ୟ ନାମରେ କବଲା କରିଦେଲେ ଓ ହୋଇଥିବା କବଲାରେ ଦସ୍ତଖତ ବଦଳରେ ସେ କିପରି କେବଳ ଟିପଚିହ୍ନ ଦେଇ ସମ୍ପତ୍ତି ହସ୍ତାନ୍ତର କଲେ ତାହା ଅଧିକ ସନ୍ଦେହ ସୃଷ୍ଟି କରିଥିଲା। ଯାହାକୁ ନେଇ ଝରଣା ଧର୍ମଶାଳା ଥାନାରେ ୨୦୨୪ ସେପ୍ଟେମ୍ବର ୩୦ତାରିଖରେ ଏତଲା ଦେଇଥିଲେ। ଏହା ଉପରେ ପୋଲିସ କିଛି

### ଦୁଇ ପିଲାଙ୍କ ସହ ଦୁର୍ବିସହ ଜୀବନ ବିତାଉଛନ୍ତି ସ୍ୱାମୀହରା

କାର୍ଯ୍ୟାନୁଷ୍ଠାନ ନକରିବାରୁ ପୁନର୍ବାର ଅକ୍ଟୋବର ୧୦ ତାରିଖରେ ଝରଣା ଆଉଏକ ଏତଲା ଦେଇ ତାଙ୍କୁ ଓ ତାଙ୍କ ଦୁଇ ପିଲାଙ୍କୁ ନ୍ୟାୟ ଦେବାକୁ ଥାନା ଅଧିକାରୀ ରଞ୍ଜନ ମାଝୀଙ୍କୁ ଅନୁରୋଧ କରିଥିଲେ। ଏହାପରେ ମଧ୍ୟ ପୋଲିସ ତାଙ୍କ ଏତଲାକୁ ଚାପିରଖିବାରୁ ଝରଣା ଯାଜପୁର ଏସପିଙ୍କୁ ୨୦୨୪ ଅକ୍ଟୋବର ୨୫ ତାରିଖରେ ସାକ୍ଷାତ କରି ଲିଖିତ ଅଭିଯୋଗ କରିବା ସହ ତାଙ୍କୁ ଓ ତାଙ୍କ ପିଲାମାନଙ୍କୁ ନ୍ୟାୟ ଦେବାକୁ ନେହୁରା ହୋଇଥିଲେ। ପରେ ପରେ ଅଭିଯୋଗ କାରିଣୀ ଓ ତାଙ୍କ ପରିବାର ୧୫ ଥରରୁ ଉର୍ଦ୍ଧ୍ୱ ଧର୍ମଶାଳା ଥାନାକୁ ଯାଇ ପୋଲିସକୁ ନ୍ୟାୟଭିକ୍ଷା କରିଥିଲେ ମଧ୍ୟ ଅଭିଯୁକ୍ତ ମାନଙ୍କୁ ଧରିବା ପରିବର୍ତ୍ତେ ଘଟଣାର ରଫାଦଫା କରିବା ପାଇଁ ପୋଲିସ ତାଙ୍କ ଉପରେ ଚାପ ପକାଇ ଚାଲିଥିଲା। ଯାହାକୁ ନେଇ ଝରଣା ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଓ ରାଜ୍ୟ ପୋଲିସ ଡିଜିଙ୍କୁ ଚିଠି ଲେଖିବା ସହ ନ୍ୟାୟ ନମିଳିଲେ ଦୁଇ ପିଲାଙ୍କ ସହ ଯାଜପୁର ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବାକୁ ନଭେମ୍ବର ୨୫ ତାରିଖରେ ଜଣାଇଥିଲେ। ଅପରପକ୍ଷରେ ଏହି ସ୍ପର୍ଶକାତର ଘଟଣାକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ରାଜ୍ୟ ଗୃହ ବିଭାଗ ଏହା ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରାଜ୍ୟ ପୋଲିସ ଡିଜି ଓ ଯାଜପୁର ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପୋଲିସ ଘଟଣାର ୪ମାସ ପରେ ଅଭିଯୋଗ କାରିଣୀ ଝରଣା ସାହୁଙ୍କୁ ଅଗତ୍ୟା ଧର୍ମଶାଳା ଥାନାକୁ ଡକାଇ ଗତ ଡିସେମ୍ବର ମାସ ୯ ତାରିଖରେ ତାଙ୍କ ଏତଲାକୁ ଥାନା କେଶ ନଂ ୭୪୩/୨୫ରେ ପଞ୍ଜିକୃତ କରିବା ସହ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ନରହତ୍ୟା ଓ ମିଳିତ ଷଡଯନ୍ତ୍ର କରି ସମ୍ପତ୍ତି ହଡପ ପରି ବିଏନଏସର ୧୦୩(୧), ୨୯୬, ୩୫୧(୨), ୩୧୮(୪), ୩(୫) ଦଫାରେ କେଶ ପଞ୍ଜିକରଣ କରିଥିଲା। ଏଥିସହ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ ଓ ତାଙ୍କୁ ନ୍ୟାୟ ମିଳିବ ବୋଲି ପୋଲିସ ଝରଣାଙ୍କୁ ପ୍ରତିଶ୍ରୁତି ଦେଇଥିଲା। ତେବେ ଏତଲା ପଞ୍ଜିକରଣକୁ ଅଢେଇ ମାସ ବିତି ଯାଇଥିଲା ବେଳେ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ହେବାତ ଦୂରର କଥା ଅଦ୍ୟାବଧି ଏହି ମାମଲାରେ ପୋଲିସ ତଦନ୍ତର ଚିହ୍ନବର୍ଣ୍ଣ ମିଳି ନାହିଁ ବୋଲି ଅଭିଯୋଗ କାରିଣୀ କ୍ଷୋଭର ସହ ଅଭିଯୋଗ କରିଛନ୍ତି।ପୋଲିସ ଘଟଣାର ଉପଯୁକ୍ତ ତଦନ୍ତ ନକରି ଅତି ଆଶ୍ଚର୍ଯ୍ୟ ଜନକ ଭାବେ ନିରବ ହୋଇ ବସି ରହିଥିବା ଯୋଗୁଁ ଅଭିଯୁକ୍ତ ମାନେ ନିର୍ଭୟରେ ବୁଲିବା ସଙ୍ଗେସଙ୍ଗେ ଏତଲାକାରୀ ବିଧବା ମହିଳା ଓ ତାଙ୍କ ଦୁଇ ପିଲାଙ୍କୁ ବିଭିନ୍ନ ପ୍ରକାର ଧମକ ଚମକ ଦେବା ସହ ଶାଶୁଘରୁ ବେଘର କରିଦେବାକୁ ଯୋଜନା କରୁଛନ୍ତି ବୋଲି ଝରଣା କହିଛନ୍ତି। ଯାହାକୁ ନେଇ ଦୁଇପିଲା ସହ ସେ ଆତଙ୍କିତ ଅବସ୍ଥାରେ ଶାଶୁଘରେ ପଡି ରହିଛନ୍ତି। ଏହି ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଆଲୋଡନ ସୃଷ୍ଟି ହୋଇଛି।

ଏତେବଡ ଜଘନ୍ୟ ଘଟଣାକୁ ନେଇ ଯାଜପୁର ପୋଲିସ କାହିଁକି ନିସକ୍ରିୟତା ପ୍ରକାଶ କରିଛି ଓ ଅଭିଯୋଗ କାରିଣୀଙ୍କ ସହିତ କାହିଁକି ଏପରି ଖେଳ ଖେଳି ଚାଲିଛି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିକରିଛି।

## ମିଡ଼ିଆ ମ୍ୟାନେଜମେଣ୍ଟ ପାଇଁ ଗୌର ମହାପାତ୍ର ସମ୍ବର୍ଦ୍ଧିତ



ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ତଥା ଅବସରପ୍ରାପ୍ତ ଅଧିକାରୀ ଗୌର ଚନ୍ଦ୍ର ମହାପାତ୍ର ତାଙ୍କ କାର୍ଯ୍ୟ ଦକ୍ଷତା ପାଇଁ ନୂଆଦିଲ୍ଲୀରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଗତ ଶନିବାର ଦିନ ମିଡ଼ିଆ ଫେଡେରେସନ ଅଫ ଇଣ୍ଡିଆ, ନୂଆଦିଲ୍ଲୀ ପକ୍ଷରୁ ଆୟୋଜିତ ଜାତୀୟ କାର୍ଯ୍ୟକ୍ରମ ରେ ଶ୍ରୀ ମହାପାତ୍ରଙ୍କୁ ଶ୍ରେଷ୍ଠ ମିଡ଼ିଆ ମ୍ୟାନେଜମେଣ୍ଟ ଅର୍ଗନାଇଜର ଷ୍ଟେଟ ଆୱାର୍ଡ ପ୍ରଦାନ କରାଯାଇଛି । ଏଥିପାଇଁ ଶ୍ରୀ ମହାପାତ୍ର ଫେଡ଼େରେସନର କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି । ସେ ନିଜ କାର୍ଯ୍ୟକାଳ ମଧ୍ୟରେ ମିଡ଼ିଆ ମ୍ୟାନେଜମେଣ୍ଟ କରି ସମସ୍ତ ସାମ୍ବାଦିକ ଓ ଅଧିକାରୀ ମାନଙ୍କ ପ୍ରିୟପାତ୍ର ହୋଇଥିଲେ । ଏଥିସହ ବହୁ ଅନୁଷ୍ଠାନରୁ ମଧ୍ୟ ସମ୍ବର୍ଦ୍ଧିତ ହୋଇଛନ୍ତି ।

## ମ୍ୟୁନିସିପାଲିଟି ଠିକାଦାର ସଙ୍ଘ ଗଠିତ

ଜଟଣୀ, (ସବ୍ୟୁ) : ସ୍ଥାନୀୟ ଆଖଣ୍ଡଳମଣି ମନ୍ଦିର ପରିସରରେ ମ୍ୟୁନିସିପାଲିଟିର ନିର୍ମାଣ କାର୍ଯ୍ୟରେ ଅଂଶଗ୍ରହଣ କରୁଥିବା ଠିକାଦାର ମାନଙ୍କର ଏକ ସାଧାରଣ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ସହିତ ମ୍ୟୁନିସିପାଲିଟି ଠିକାଦାର ସଂଘ ନାମରେ ଏକ ସଂଘ ଗଠିତ ହୋଇଯାଇଛି । ଉକ୍ତ ବୈଠକରେ ସର୍ବସମତି କ୍ରମେ ପୂର୍ବତନ କାଉନସିଲର ସୌମେନ୍ଦ୍ର ପଟ୍ଟନାୟକ ଆବାହକ, ଉପଦେଷ୍ଟା ଭାବେ ପ୍ରମୋଦ ବଳିୟାରସିଂହ, ବିରଞ୍ଚି ନାରାୟଣ ନାୟକ ଓ ସୁରେନ୍ଦ୍ର ବେହେରା ରହିଥିବା ବେଳେ ସଭାପତି ହରମୋହନ ରାଉତରାୟ, ଉପସଭାପତି ବିଜୟ ସେଠୀ, ସମ୍ପାଦକ ଜିତେନ୍ଦ୍ରିୟ ରଥ,ସହ ସମ୍ପାଦକ ଜୟନ୍ତ କୁମାର ପଲେଇ,କୋଷାଧକ୍ଷ ଅଭିଜିତ ସାମନ୍ତରାୟ ରହିଥିବା ସୂଚନା ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ମ୍ୟୁନିସିପାଲିଟିର ଟେଣ୍ଡର ଆୱାନ ରେ ସଂଘର କୌଣସି କାର୍ଯ୍ୟକର୍ତ୍ତା ଧାର୍ଯ୍ୟ ମୂଲ୍ୟଠାରୁ କମ ମୂଲ୍ୟରେ ଟେଣ୍ଡର ପକାଇବେ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିଲା ।

# ବୁଗୁଡ଼ା ଅଞ୍ଚଳରେ ସାଇବର ଠକେଇର ପର୍ଦ୍ଦାଫାସ, ୨ ଗିରଫ



ବୁଗୁଡ଼ା, (ସବ୍ୟୁ): ସମ୍ପ୍ରତି ବିଭିନ୍ନ ମାଧ୍ୟମରେ ସଚେତନତା ସତ୍ତ୍ୱେ ଲୋକେ ସାଇବର ଠକେଇର ଶିକାର ହୋଇଆସୁଥିବା ବେଳେ ଓଡିଶା ପୋଲିସର ସାଇବର କବଚ ସ୍ୱତନ୍ତ୍ର ଅଭିଯାନ ପରିପ୍ରେକ୍ଷୀରେ ବୁଗୁଡା ପୋଲିସ ଏବେ ଏକ ସାଇବର ଠକେଇ ନେଟୱାର୍କର ପର୍ଦ୍ଦାଫାସ କରି ୨ ଜଣ ସାଇବର ଠକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି ।

ଗିରଫ ଠକ ଦ୍ୱୟ ଆସ୍କା ଥାନା ଅନ୍ତର୍ଗତ ଫାପଲପୁର ଗ୍ରାମର ମନୋଜ କୁମାର ସ୍ୱାଇଁ(୩୨) ଓ ଅଶ୍ୱିନୀ କୁମାର ରାଉତ (୨୪) ହୋଇଥିବା ବେଳେ ସେ ଦ୍ୱୟଙ୍କ ବିରୁଦ୍ଧରେ ଯଥାକ୍ରମେ କେସ୍ ନଂ ୮୧/୨୬ ଓ ୮୨/୨୬ ରେ ଦୁଇଟି ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ ପାଇଛି ।

ପ୍ରକାଶ ଯେ, ବୁଗୁଡ଼ା ପୋଲିସ ଥାନା ଅନ୍ତର୍ଗତ ବିଭିନ୍ନ ବ୍ୟାଙ୍କରେ ବ୍ୟବହୃତ ମ୍ୟୁଲ୍ ଆକାଉଣ୍ଟ୍ ସମ୍ପର୍କେ ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ପକ୍ଷରୁ ଜାରି କରାଯାଇଥିବା ତାଲିକା ଆଧାରରେ ବୁଗୁଡ଼ା ଥାନା ଅଧିକାରୀ ସୀତାଂଶୁ ଶେଖର ମାନ୍ଧାତା, ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡି ଏବଂ ଅନ୍ୟ କେତେକ କର୍ମଚାରୀଙ୍କୁ ନେଇ ଗଠିତ ଏକ ଟିମ୍ ଯାଞ୍ଚ ଆରମ୍ଭ କରିଥିଲା ।

ପୋଲିସ ପକ୍ଷରୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ ପ୍ରକ୍ରିୟା କାଳରେ ଅନେକ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟରୁ ୩୦ ଲକ୍ଷ ଟଙ୍କାର ଠକେଇ କାରବାର ଠାବ କରାଯିବା ସହ ସାଇବର ଠକଙ୍କ ବ୍ୟାଙ୍କ ପାସବୁକ୍, କାରବାର ବିବରଣୀ, ମୋବାଇଲ ଫୋନ ଏବଂ ଅନ୍ୟାନ୍ୟ ଅପରାଧମୂଳକ ସାମଗ୍ରୀ ଜବତ କରାଯାଇଛି ।

ଏଥିସହ ଯାଞ୍ଚ ସମୟରେ ଏହି ସାଇବର ଠକେଇ ନେଟୱର୍କର ଅନ୍ୟତମ ଅଂଶୀଦାର ଭାବେ ଝାଡଖଣ୍ଡର ରାହୁଲ କୁମାର ମଣ୍ଡଳ ଓ ଉମେଶ କୁମାର ମଣ୍ଡଳଙ୍କୁ ଚିହ୍ନଟ କରାଯାଇଛି । ତେବେ ପୋଲିସ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୮(୪), ୩୩୬(୩) , ୩୪୦(୨), ୬୧(୨), ୧୧୨(୨)/୩(୫) ଏବଂ ଆରଡବ୍ଲୁ ଧାରା ୬୬-ଡି ଆଇଟି ଆଇନ ଅନୁଯାୟୀ ଗିରଫ ଅଭିଯୁକ୍ତ ଦ୍ୱୟଙ୍କ ବିରୁଦ୍ଧରେ ପୃଥକ୍ ଭାବେ ଦୁଇଟି ମାମଲା ରୁଜୁ କରି ଏହି ସାଇବର ଠକେଇ ଅପରାଧର ଚେର କେଉଁ ପର୍ଯ୍ୟନ୍ତ ଲମ୍ବି ରହିଛି ସେନେଇ ପୋଲିସ ତା'ର ଅନୁସନ୍ଧାନ ଜାରି ରଖିଥିବା ଜଣାଯାଇଛି ।

# ଦିନିକିଆ ବାରିପଦା ଗସ୍ତରେ ରାଜ୍ୟପାଳ, ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କୁ କଲେ ପୂଜାର୍ଚ୍ଚନା



ବାରିପଦା, (ସବ୍ୟୁ) : ଦିନିକିଆ ବାରିପଦା ଗସ୍ତରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଆସି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ରିଜର୍ଭ ପୁଲିସ ପଡ଼ିଆ ସ୍ଥିତ ହ୍ୟାଲିପେଡ୍‌ରେ ଅବତରଣ କରିବା ପରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାର୍ବଜନୀନ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ଜିଲ୍ଲାପାଳ ହେମକାନ୍ତ ସୟ୍ ଓ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲୀ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ ।

ରାଜ୍ୟପାଳ ପ୍ରଥମେ ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ବାରିପଦାସ୍ଥିତ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଛନ୍ତି । ଏହି ଅବସରରେ ରାଜ୍ୟବାସୀଙ୍କ ଶାନ୍ତି ଓ ସମୃଦ୍ଧି କାମନା କରି ରାଜ୍ୟପାଳ ପୂଜାର୍ଚ୍ଚନା କରିଥିଲେ ।

ଏହାପରେ କଲେଜ ପଡିଆ ଠାରେ ଅନୁଷ୍ଠିତ ହେଉଥିବା ସାର୍ବଜନୀନ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି । ଏହି ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାର୍ବଜନୀନ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼ଃ ମହାପାତ୍ରଙ୍କ ପୁତ୍ର ଆୟୁଷ୍ମାନ ଆସ୍ତିକ ମହାପାତ୍ରଙ୍କ ବ୍ରତପୋନୟନ କାର୍ଯ୍ୟକ୍ରମରେ ଯୋଗଦେଇ ଆଶିର୍ବାଦ ପ୍ରଦାନ କରିଥିଲେ ।

ପାରମ୍ପରିକ ମୂଲ୍ୟବୋଧ ଓ ସାଂସ୍କୃତିକ ପରମ୍ପରାର ସୁରକ୍ଷା ପ୍ରତି ଗୁରୁତ୍ୱାରୋପ କରିବା ସହ ସେଗୁଡ଼ିକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜନପ୍ରତିନିଧିଙ୍କ ସମେତ ବିଭିନ୍ନ ବର୍ଗରେ ପ୍ରତିଷ୍ଠିତ ବ୍ୟକ୍ତି ଓ ବହୁ ସଂଖ୍ୟାରେ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

ଜିଲ୍ଲାପ୍ରଶାସନ ପକ୍ଷରୁ ରାଜ୍ୟପାଳଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ବ୍ୟାପକ ପ୍ରସ୍ତୁତି କରାଯାଇଥିବାବେଳେ ସୂଚାରୁ ରୂପେ ସମସ୍ତ କାର୍ଯ୍ୟକ୍ରମ ସମ୍ପର୍ଣ୍ଣ ହୋଇଥିଲା ।

# ଏମ୍‌ଡି କ୍ରୀଏସନ ଓ ଗ୍ରୁପ ପକ୍ଷରୁ" ଆମେ ଓଡିଆ ଆମ ଭାଷା ଓଡ଼ିଆ"



ଭୁବନେଶ୍ୱର, (ସବ୍ୟୁ): ଏମ୍‌ଡି କ୍ରିଏସନ ଓ ଗ୍ରୁପ୍ ପକ୍ଷରୁ" ଆମେ ଓଡିଆ ଆମ ଭାଷା ଓଡ଼ିଆ" କାର୍ଯ୍ୟକ୍ରମ ଉତ୍କଳ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଯାଇଛି । ସମୃଦ୍ଧ କଳାରେ ପରିପୂର୍ଣ୍ଣ ଉତ୍କଳ ଭୂମିରେ ଲୋକକଳାର ବିକାଶ,ଓଡିଆ ସଂସ୍କୃତି ର ରକ୍ଷା ସହ କ୍ୟାନସର ଭଳି ରୋଗରେ ପିଡିତ ଲୋକଙ୍କୁ ସହୟତା ର ହାତ ବଢାଇ ତାଙ୍କ ମୁହରେ ହସ ଫୁଟାଇବା ଆମ ଲକ୍ଷ୍ୟ ବୋଲି ଏମ୍‌ଡି କ୍ରୀଏସନ ଓ ଗ୍ରୁପ୍ ର ପ୍ରତିଷ୍ଠାତା ମମତା ଦାଶ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରୋଟାରି ପୂର୍ବତନ ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ର,ବରିଷ୍ଠ ସିନେ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର,ଗାୟିକା ତୃପ୍ତି ଦାସ,ସିନେ ସମୀକ୍ଷକ ସୂର୍ଯ୍ୟ ଦେଓ,ଗାୟିକା ଶୈଳବାଳା ମହାପାତ୍ର, ସଂଗୀତକାର ଲକ୍ଷ୍ମୀକାନ୍ତ ପାଲିତ୍,ସନ୍ ସାଇନ ହସପିଟାଲର ଡାକ୍ତର ପି କେ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ଅତିଥି ଭୁୟସି ପ୍ରଶଂସା କରିଥିଲେ। ଓଡ଼ିଶାର ପାରମ୍ପରିକ ଲୋକନୃତ୍ୟ ବାଘ ନାଚ,କାଠ ପାଦ ନାଚ ରୟାଲ ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ପରିବେଷଣ କରାଯାଇଥିବା ବେଳେ ଏମ୍ପ୍ରି ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ସମ୍ବଲପୁରୀ ନୃତ୍ୟ,ଆଦିବାସୀ ନୃତ୍ୟ,ଓଡିଆ ଚଳଚିତ୍ରର ବିଭିନ୍ନ ସୁମଧୁର ସଂଗୀତ ପରିବେଷଣ କରାଯାଇଥିଲା। ରମାଦେବୀ ବାଳିକା ଆଶ୍ରମ ବିଦ୍ୟାଳୟ ର ପିଲାମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରାଜ୍ୟରେ ତଥା ରାଜ୍ୟ ବାହାରେ କ୍ୟାନସର ପରି ରୋଗରେ ପିଡୀତ ଥିବା ଆର୍ଥିକ ଭାବେ ଅନଗ୍ରସର ଲୋକଙ୍କୁ ସହାୟତା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଅନୁଷ୍ଠାନର ସହ ପ୍ରତିଷ୍ଠାତା ମନୋରଞ୍ଜନ ଦାସ୍ କହିଛନ୍ତି।

# କନ୍ଧମାଳ କରଡା ସଂରକ୍ଷିତ ଜଙ୍ଗଲରେ ମାଓବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ

ଫୁଲବାଣୀ, (ସବ୍ୟୁ): କନ୍ଧମାଳ ଜିଲ୍ଲାର କରଡ଼ା ସଂରକ୍ଷିତ ଜଙ୍ଗଲରେ ରବିବାର ମାଓବାଦୀ ଓ ସୁରକ୍ଷାକର୍ମୀ ମୁହାଁମୁହିଁ ହୋଇଛନ୍ତି । ନନ୍ଦାବାଡ଼ି ଗାଁ ନିକଟ ଅହଳାପଟା ଜଙ୍ଗଲରେ ଉଭୟ ପକ୍ଷରୁ ଗୁଳି ବିନିମୟ ଜାରି ରହିଥିବା ସୂଚନା ମିଳିଛି । ଏଥିରେ ଏକାଧିକ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ବେଳେ ବହୁ ମାଓବାଦୀ ଆହତ ହୋଇଥିବା ନେଇ ଅନୁମାନ କରାଯାଉଛି । ପ୍ରାପ୍ତ ସୂଚନା ମୁତାବକ, ଗତ ପ୍ରାୟ ଏକ ସପ୍ତାହ ହେଲା କନ୍ଧମାଳ ଜିଲ୍ଲାର ରାଇକିଆ ଥାନା ଅନ୍ତର୍ଗତ କରଡ଼ା ଓ ଗଞ୍ଜାମ ଜିଲ୍ଲା ସୀମାନ୍ତରେ ମାଓବାଦୀଙ୍କ ଗତିବିଧି ରହିଥିବା ନେଇ ସୂଚନା ପାଇବା ପରେ କନ୍ଧମାଳ ପୁଲିସ ପକ୍ଷରୁ ଗତ ସପ୍ତାହରେ କୁମ୍ବିଂ ଅପରେସନ ଆରମ୍ଭ ହୋଇଥିଲା ।

ଇତିମଧ୍ୟରେ ଏକାଧିକ ବାର ପୋଲିସ ଓ ମାଓବାଦୀ ମୁହାଁମୁହିଁ ହେବା ସହିତ ଗୁଳି ବିନିମୟ ହୋଇଥିଲେ ମଧ୍ୟ ଜଙ୍ଗଲ ଆଢୁଆଳରେ ମାଓବାଦୀ ମାନେ ଖସି ଯିବାରେ ସଫଳ ହୋଇଥିଲେ । ତେବେ ଆଜି ଗୁଳି ବିନିମୟ ବେଳେ ଏକାଧିକ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଏଠାରେ ସୂଚନାଯୋଗ୍ୟ, କନ୍ଧମାଳ ଜିଲ୍ଲାରେ ମାଓବାଦୀଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇ ବର୍ତ୍ତମାନ ପ୍ରାୟ ୩୫ ଜଣ ଥିବା ଜଣାପଡ଼ିଛି ।

ତେବେ ଏହି ଅଞ୍ଚଳରେ ସେମାନଙ୍କର ଗତିବିଧି ଅଧିକ ସଂଖ୍ୟାରେ ଥିବାରୁ ସୁରକ୍ଷା କର୍ମୀଙ୍କ ପକ୍ଷରୁ ମଧ କୁମ୍ବିଂ ଏବଂ ସର୍ଚ୍ଚ ଅପରେସନକୁ ଜୋରଦାର୍ କରାଯାଇଛି । ବର୍ତ୍ତମାନ ସୁଦ୍ଧା ସଂପୃକ୍ତ ଅଞ୍ଚଳରେ ଜବାନଙ୍କ ମିଳିତ କୁମ୍ବିଂ ଏବଂ ସର୍ଚ୍ଚ ଅପରେସନ ଜାରି ରହିଥିବା ସୂଚନା ମିଳିଛି ।

ସୂଚନାଯୋଗ୍ୟ ଯେ, ଆସନ୍ତା ମାର୍ଚ୍ଚ ମାସ ୩୧ ତାରିଖ ସୁଦ୍ଧା କେନ୍ଦ୍ର ସରକାରଙ୍କ ପକ୍ଷରୁ ସମଗ୍ର ଦେଶକୁ ମାଓ ମୁକ୍ତ କରାଇବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଏହି ପରିପ୍ରେକ୍ଷୀରେ କନ୍ଧମାଳ ପୁଲିସ ପ୍ରସାଶନ ପକ୍ଷରୁ ମଧ ଜିଲ୍ଲାକୁ ଅତିଶୀଘ୍ର ମାଓମୁକ୍ତ କରାଯିବାକୁ ପ୍ରୟାସ ଜାରି ରହିଥିବା ସହ କୁମ୍ବିଂ ଅପରେସନକୁ ଜୋରଦାର କରାଯାଇଛି ।

# ୬ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ୨ ଗିରଫ



ଭଞ୍ଜନଗର, (ସବ୍ୟୁ) : ସ୍ଥାନୀୟ ପୁଲିସକୁ ମିଳିଛି ଏକ ବଡ ସଫଳତା । ୬ ଲକ୍ଷ ଟଙ୍କାର ୫୧ ଗ୍ରାମ ୭୪ ମିଲି ଗ୍ରାମ ବ୍ରାଉନ ସୁଗାର ଜବତ କରିଛି ଭଞ୍ଜନଗର ପୁଲିସ । ଏଥିସହ ଏଥିରେ ସଂପୃକ୍ତ ଅଭିଯୋଗରେ ୨ ଜଣ ଚାଷୀ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ସୂଚନା ପ୍ରକାରେ ଶନିବାର ଏହି ଥାନା ଅନ୍ତର୍ଗତ ଶାଲୁଆପଲ୍ଲୀ ମୁଖ୍ୟ ରାସ୍ତା ନିକଟରେ ପୁଲିସ ଏସଆଇ ସମୀର କୁମାର ସେଠୀ ଅନ୍ୟ କିଛି ଷ୍ଟାଫ୍‌ଙ୍କ ସହ ପେଟ୍ରୋଲିଂ କରୁଥିବା ବେଳେ ଦୁଇଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖି ସେମାନଙ୍କୁ ଅଟକାଇ ତନଖି କରିବା ବେଳେ ସେମାନଙ୍କ ନିକଟରେ ଚୋରା ବ୍ରାଉନସୁଗାର ଥିବା ଦେଖିବାକୁ ମିଳିଥିଲା ।

ଏନେଇ ତୁରନ୍ତ ଥାନା ଅଧିକାରୀଙ୍କୁ ସୂଚୀତ କରିବା ପରେ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ତଲାସୀ ନେବା ସମୟରେ ୫୧.୭୪ ଗ୍ରାମ ବ୍ରାଉନସୁଗାର ମିଳିଥିଲା । ଏଥିସହ ଗୋଟିଏ ସ୍କୁଟି ଓ ନଗଦ ୨୭ଶହ ଟଙ୍କା ମଧ ଜବତ କରାଯାଇଥିଲା । ଏନେଇ ଥାନା କେଶ ନଂ ୧୬୬ /୨୦୨୬ ପ୍ରକାରେ ଏନଡିପିଏସ୍ ଆଇନର ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରାଯାଇ ଏଥିରେ ସଂପୃକ୍ତ ଅଭିଯୋଗରେ ଖଲିକୋଟ ଥାନା ଅଞ୍ଚଳର ଚନ୍ଦନ ମହାପାତ୍ର ଓ ଭଞ୍ଜନଗର ଥାନା ଅନ୍ତର୍ଗତ ଭେଜିପୁଟ ଗ୍ରାମର ଓମ୍ ପ୍ରକାଶ ସ୍ୱାଇଁଙ୍କୁ ଗିରଫ କରି ରବିବାର ସନ୍ଧ୍ୟାରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ଜେନା ସୂଚନା ଦେଇଛନ୍ତି ।

# ଏମ୍‌ଏସସିବି ବିଶ୍ୱବିଦ୍ୟାଳୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପୁଣ୍ୟତିଥି ପାଳନ

ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ପୂଣ୍ୟ ଶ୍ଳୋକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି । ଏହି ଅବସରରେ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣ ସ୍ଥିତ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମହାରାଜାଙ୍କ ସ୍ମୃତିଚାରଣ କରିଥିଲେ ।

ନିଜ ଅଭିଭାଷଣରେ ପ୍ରଫେସର ଶତପଥୀ ମହାରାଜାଙ୍କ ଓଡ଼ିଶା ତଥା ମୟୂରଭଞ୍ଜ ନିମନ୍ତେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କଳା ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ନିର୍ମାଣରେ ମହାରାଜାଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । କୁଳସଚିବ ସୁଶ୍ରୀ ସୁମିତା ସିଂ ନିଜ ବକ୍ତବ୍ୟରେ ପ୍ରଜାବତ୍ସଳ ମହାରାଜାଙ୍କ ଅତୁଳନୀୟ ଅବଦାନ ପାଇଁ ଓଡ଼ିଶାବାସୀ ଚିରଋଣୀ ରହିବେ ବୋଲି ମତପୋଷଣ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ପରୀକ୍ଷା ନିୟନ୍ତ୍ରକ ଡଃ ସୁବ୍ରତ କୁମାର ରଣା, ଛାତ୍ର ମଙ୍ଗଳ ନିର୍ଦ୍ଦେଶିକା ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ାଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ଜିଲ୍ଲାସ୍ତରୀୟ ଶ୍ରୀମାଙ୍କର ଜନ୍ମ ଜୟନ୍ତୀ



ବାରିପଦା, (ସବ୍ୟୁ) : ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ଛଉପଡିଆ ନିକଟସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ପରିସରରେ ଜିଲ୍ଲାସ୍ତରୀୟ ଶ୍ରୀମାଙ୍କର ଜନ୍ମ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି କଳ୍ପନା ଷଡ଼ଙ୍ଗୀ ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରି ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ବନ୍ଦେ ମାତରମ ଗାନ ଓ ମାର୍ଚ୍ଚପାଷ୍ଟ ପରେ ସମାଧିପୀଠରେ ସମବେତ ଧ୍ୟାନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲ୍ଲାର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସମୂହର ବିଜ୍ଞାନ ପ୍ରଦର୍ଶନୀ, ହସ୍ତକଳା, ସାହିତ୍ୟ ଓ କଳା ପରିଷଦର କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବିଜ୍ଞାନ ପ୍ରଦର୍ଶନୀରେ ବାରିପଦା ଶିକ୍ଷାକେନ୍ଦ୍ରର ୮ମ ଶ୍ରେଣୀ ଛାତ୍ରୀ ରଶ୍ମିରେଖା ଗିରି ୧ମ ଓ ଛାତ୍ର ପ୍ରତୀକ କୁମାର ସାହୁ ୨ୟ ଏବଂ କୁଳିଅଣା କେନ୍ଦ୍ରର ୭ମ ଶ୍ରେଣୀ ଛାତ୍ର ଚିରଞ୍ଜିବି ବେହେରା ୩ୟ ସ୍ଥାନ ଅଧିକାର କରିଥିଲେ। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ କବିତାରାଣୀ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସମ୍ପାଦକ ତଥା ବଡ଼ସାହି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରବୋଧ କୁମାର ମହାପାତ୍ର, ସଦସ୍ୟ କଲ୍ୟାଣ କୁମାର ସିହ୍ନା ଓ ଜିଲ୍ଲା ପାଠଚକ୍ର ସଂଯୋଜକ ଗଣେଶ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।



ଭୁବନେଶ୍ୱର : ଅଲ୍ ଓଡିଶା ପେନ୍‌ସନ୍ ଆସୋସିଏସନ୍ ୟୁନିୟନ ବ୍ୟାଙ୍କ ପକ୍ଷରୁ ଦିଲ୍ଲୀପ ପତିଙ୍କ ନେତୃତ୍ୱରେ ଆଶ୍ରୟ ଅନ୍ତେବାସୀଙ୍କୁ ସହାୟତା ପ୍ରଦାନ ।

# ବାରିପଦାରେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍‌ରେ ଉପମୁଖ୍ୟମନ୍ତ୍ରୀ



ବାରିପଦା, (ସବ୍ୟୁ) : ସ୍ଥାନୀୟ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ରବିବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ୧୩୧-ତମ ମନ୍ କୀ ବାତ କାର୍ଯ୍ୟକ୍ରମ ଆଡମ୍ବର ସହକାରେ ଆୟୋଜିତ ହୋଇଯାଇଛି । ଏଥିରେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଗୁରୁତ୍ୱ ନେଇ ଉପସ୍ଥିତ ଜନତାକୁ ବୁଝାଇଥିବା ଜଣାଯାଇଛି । ବିଜେପି ମୟୂରଭଞ୍ଜ (ପୂର୍ବ) ସାଙ୍ଗଠନିକ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମନ୍ କି ବାତ୍ ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ବାରିପଦା ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ, ପୂର୍ବତନ ମନ୍ତ୍ରୀ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୀବନ କୁମାର ସାହୁ ଓ ସଞ୍ଜୀବ କୁମାର ମହାନ୍ତି ତଥା ବିଜେପି ରାଜ୍ୟ ଜନଜାତି ମୋର୍ଚ୍ଚା ସଭାପତି କାନ୍ଦ୍ରା ସୋରେନ ଓ ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ ପ୍ରମୁଖ ଉପସ୍ଥିତ ରହି ମଞ୍ଚାସୀନ ଥିଲେ । ସଭାରେ ବହୁସଂଖ୍ୟକ ଦଳୀୟ କର୍ମୀ, ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣ ଯୋଗ ଦେଇ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ କାର୍ଯ୍ୟକ୍ରମକୁ ଦେଖିଥିଲେ ଓ ଶୁଣିଥିଲେ ।

# ଖଲି ନାୟକଙ୍କ ସ୍ମୃତି ଚାରଣ ସଭା

ଭଞ୍ଜନଗର, (ସବ୍ୟୁ): ସ୍ଥାନୀୟ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ବଡ ମାଆ ଖଲି ନାୟକଙ୍କ ଦ୍ୱାଦଶାହ ଉପଲକ୍ଷେ ଏକ ସ୍ମୃତି ଚାରଣ ସଭା ନିଜ ପୈତୃକ ଗ୍ରାମ ବେଲଗୁଣ୍ଠା ବ୍ଲକର ମଙ୍ଗଳପୁର ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ଖଲି ନାୟକ ଜଣେ ଧର୍ମ ପରାୟଣ, ମିଷ୍ଟଭାଷୀ ଓ ପରୋପକାରୀ ମହିଳା ଥିଲେ । ଏଥିରେ ସ୍ୱର୍ଗତ ଖଲି ନାୟକଙ୍କ ବଡ଼ପୁଅ ଇଂ ଯୋଗେନ୍ଦ୍ର ନାୟକ, ସାନପୁଅ ଖୋର୍ଦ୍ଧା ୬ଷ୍ଠ ଆଇଆରବି ଡେପୁଟି କମାଣ୍ଡେଣ୍ଟ ରବୀନ୍ଦ୍ର ନାୟକଙ୍କ ସମେତ ଭଞ୍ଜନଗର ଏସଡିପିଓ ଡକଫର ଦୀପକ କୁମାର ମିଶ୍ର ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ରହିଥିଲେ । ପିଲାମାନେ ବଡ ଚାକିରୀ ସହ ଉଚ୍ଚ ପଦବୀରେ କାର୍ଯ୍ୟ କରୁଥିଲେ ମଧ୍ୟ ଖଲି ନାୟକ କିନ୍ତୁ ଗାଁ ମାଟିକୁ ବିଶେଷ ଭଲ ପାଉଥିଲେ । ତେଣୁ ସେ ଗାଁ ରେ ସବୁକିଛି କରିବାକୁ ଇଛା ପ୍ରକାଶ କରିଥିଲେ ।

# ସୁବୁଦ୍ଧିପଲ୍ଲୀରେ ଅଷ୍ଟ ପ୍ରହର ନାମଯଜ୍ଞ

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ବ୍ଲକର ସୁବୁଦ୍ଧିପଲ୍ଲୀ ଗ୍ରାମରେ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗତ ଶନିବାର ଦିନ କଳସ ଯାତ୍ରା ସହ ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ରବିବାର ଦିନ ଅଷ୍ଟ ପ୍ରହର ନାମଯଜ୍ଞର ଶୁଭାରମ୍ଭ ହୋଇଥିଲା। ଏଥିରେ ଗୋଳାବନ୍ଧ, ଢଉଗାଁ, ରାମଣ୍ଡା , ସୋଲଣ୍ଡି , ଭାମଶ୍ୟାଳି, ଚାଞ୍ଚଡାସାହି, ସୁବୁଦ୍ଧିପଲ୍ଲୀ ଆଦି ଗ୍ରାମର ନାମ ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପୁରୋହିତ ଭାବେ ଲଡ୍ଡୁ କିଶୋର ଦାଶ ଓ ବୈଷ୍ଣବ ଭାବେ ପଞ୍ଚାନନ ମହାନ୍ତି ରୀତିନୀତି ପ୍ରକାରେ ପୂଜାପାଠ ସହ ଘୃତଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ କର୍ତ୍ତା ଦାୟିତ୍ୱ ସାଧୁ ଚରଣ ବିଷୋୟୀ ନିର୍ବାହ କରିଥିଲେ । ଏଥି ସହ ଅନ୍ନଯଜ୍ଞ ମଧ୍ୟ ଅନୁଷ୍ଠିତ ହୋଇଥିଲା ।

# ସଟ୍‌ସର୍କିଟରୁ ଅଗ୍ନିକାଣ୍ଡ, ଫାଟିଲା ଗ୍ୟାସ ସିଲିଣ୍ଡର



ବ୍ରହ୍ମପୁର, (ସବ୍ୟୁ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି କାଳୀଞ୍ଜିସାହିରେ ରହୁଥିବା ରଜତ ନାୟକଙ୍କ ଘରେ ନିଆଁ ଲାଗିଯିବାରୁ ଗ୍ୟାସ ସିଲିଣ୍ଡର ଫାଟି ଯାଇଛି । ଏହାଯୋଗୁ ସେହି ଘରର କାନ୍ଥ ଭାଙ୍ଗିବା ସହ ଆସବାବପତ୍ର ପୋଡି ବ୍ୟାପକ କ୍ଷୟକ୍ଷତି ହୋଇଛି । ବ୍ରହ୍ମପୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ୧ ଘଣ୍ଟା ପରିଶ୍ରମ କରିବା ପରେ ଘରଭିତରେ ନିଆଁକୁ ଆୟତ କରିଛନ୍ତି । ସୂଚନାପ୍ରକାରେ, ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି କାଳିଞ୍ଜିସାହିରେ ରହୁଥିବା ରଜତ ନାୟକଙ୍କ ପନୀ ଲିଜା ନାୟକ ରବିବାର ପୂର୍ବାହ୍ନରେ ମନ୍ଦିର ଯାଇଥିଲେ । ଘରେ କେହି ନଥିବାରୁ ତାଲା ପଡିଥିଲା । ହେଲେ ଘର ଭିତରୁ ଧୂଆଁ ବାହାରୁଥିବା ନେଇ ଲିଜାଙ୍କ ପଡୋଶୀ ଫୋନ କରି ତାଙ୍କୁ ଜଣାଇଥିଲେ । କିଛି ସମୟ ଧୂଆଁ ବାହାରିବା ପରେ ରୋଷେଇ ଘରେ ରଖାଯାଇଥିବା ଗ୍ୟାସ ସିଲିଣ୍ଡର ଫାଟି ଯାଇଥିଲା । ସେହିପରି ଘର ଭିତରେ ଥିବା ବିଭିନ୍ନ ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଥିଲା । ଘରୁ ନିଆଁ ଲିଭାଇବାକୁ ଚେଷ୍ଟା କରି ଲିଜା ଆହତ ହୋଇଥିଲେ । ପୋଲିସ ଓ ଅଗ୍ନିଶମ ବିଭାଗ ସହ ସ୍ଥାନୀୟ ବାସିନ୍ଦା ସହଯୋଗରେ ନିଆଁକୁ ଆୟତ କରାଯାଇଥିଲେ ମଧ୍ୟ ସେତେବେଳକୁ ଟିଭି, ଫ୍ରିଜ, ଫେନ, ଖଟ, ଦୁଇ ଝିଅଙ୍କ ପୁସ୍ତକଭଳି ବହୁ ମୁଲ୍ୟବାନ ସାମଗ୍ରୀ ପୋଡି ନଷ୍ଟ ହୋଇସାରିଥିଲା । ଅଗ୍ନିକାଣ୍ଡରେ ତାଙ୍କ ଘରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ନଷ୍ଟ ହୋଇ ଯାଇଥିବା ଲିଜା ଅଭିଯୋଗ କରିଛନ୍ତି । ରାଜସ୍ୱ ବିଭାଗ କର୍ମଚାରୀ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହ ସରକାରୀ ସହାୟତା ପ୍ରଦାନ ଦିଗରେ ପଦକ୍ଷେପ ନେଇଛନ୍ତି । ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡିଥିବା ବେଳେ ସର୍ଟସର୍କିଟ ନତୁବା ଗ୍ୟାସ ଲିକରୁ ଏହା ଘଟିଥିବା ସନ୍ଦେହ କରାଯାଉଛି ।

# ଏସ. ଚକ୍ରପାଣି ଛତ୍ରପୁର ବିଜେଡି ବ୍ଲକ ସଭାପତି, ନଗର ସଭାପତି ବି. ରାଜୁବାବୁ

ଛତ୍ରପୁର, (ସବ୍ୟୁ): ରାଜ୍ୟ ବିଜୁ ଜନତା ଦଳ ପକ୍ଷରୁ ଆଗାମୀ ପୌର ଓ ପଂଚାୟତ ନିର୍ବାବାଚନକୁ ଦୃଷ୍ଟିରେ ରଖି ଛତ୍ରପୁର ବ୍ଲକ ଏବଂ ନଗର ସଭାପତି ନିଯୁକ୍ତ କରାଯାଇଛି। ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଅଭିଜ୍ଞତାକୁ ଦେଖି ପୁଣି ଥରେ ଛତ୍ରପୁର ନଗର ବିଜେଡି ସଭାପତି ଭାବେ ପୂର୍ବତନ କାଉନସିଲର ବି. ରାଜୁବାବୁଙ୍କୁ ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି ।

ସେହିପରି ଶ୍ରମିକ ନେତା ଓ ସୁଗଠକ ଭାବେ ପରିଚିତ ଶ୍ରୀରାମଚନ୍ଦ୍ରପୁର ପଂଚାୟତ ର ସମିତି ସଭ୍ୟ ଏସ. ଚକ୍ରପାଣି ରେଡ୍ଡୀ ଙ୍କୁ ଛତ୍ରପୁର ବ୍ଲକ ବିଜେଡି ସଭାପତି ଭାବେ ବଡ଼ ଦାୟିତ୍ୱ ଦିଆଯାଇଛି। ସଭାପତି ଭାବେ ନିଯୁକ୍ତ ପାଇବା ପରେ ଉଭୟ ଙ୍କୁ ଦଳୀୟ ନେତାଓ କର୍ମୀ ଏବଂ ର୍ନିବାଚିତ ପ୍ରତିନିଧିମାନେ ଶୁଭେଚ୍ଛା ଜଣାଇଛନ୍ତି। ଦଳୀୟ ସଂଗଠନ କୁ ସୁଦୃଢ କରିବା ସହ ଜନସାଧାରଣ ଙ୍କ ଉନ୍ନତି ଦିଗରେ କାର୍ଯ୍ୟ କରିବେ ବୋଲି ଉଭୟ ମତ ବ୍ୟକ୍ତ କରିଛନ୍ତି। ଏହା ସହିତ ଉଭୟ ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୂର୍ବ ତନ ବିଧାୟକ ସୁବାଷ ଚନ୍ଦ୍ର ବେହେରା ଏବଂ ଦଳର ରାଜ୍ୟ, ଜିଲ୍ଲା, ସ୍ଥାନୀୟ ନେତୃବୃନ୍ଦ ଓ କର୍ମୀ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଥାନା ସମ୍ମୁଖ ରାସ୍ତା ପାଲଟିଛି ପାର୍କିଂ ସ୍ଥଳ



ତାଳଚେର, (ସବ୍ୟୁ): ପାର୍କିଙ୍ଗ ସୁବିଧାକୁ ନେଇ ସରକାର ଯେତେ ଟାଣିଓଟାରି ହେଉଥିଲେ ମଧ୍ୟ ସଫଳତାର କାର୍ଯ୍ୟଧାରା ସୋପାନ ସେତିକି ପଛଘୁଂଚା ଦେଉଥିବା ଅଭିଯୋଗ ହେଉଛି । ଏପରି ଦୃଶ୍ୟ ଦେଖିବାକୁ ମିଳିଛି ତାଳଚେର ଥାନା ସମ୍ମୁଖ ରାସ୍ତାରେ । କେବଳ ରବିବାର ଦିନଟି ଛାଡ଼ିଦେଲେ ଆଉ ଛଅ ଦିନ ଏହି ରାସ୍ତାଟି ଗହଳ ଚହଳ ହୋଇଥାଏ । ସେହି ରାସ୍ତାଦେଇ ଛୋଟ ଛୋଟ ପିଲା ଟିଉସନ୍, ସ୍କୁଲ, କଲେଜ, ମାର୍କେଟ ଓ ସକାଳ ୧୦ଘଟିକା ବାଜିଲେ ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟକୁ ଲୋକମାନେ ଯାତାୟତ କରୁଛନ୍ତି ।

ଏହି ଅଫିସ୍ ସମ୍ମୁଖ ବା କାର୍ଯ୍ୟାଳୟର ୨ଶହ ମିଟର୍ ପର୍ଯ୍ୟନ୍ତ ଗାଡ଼ି ଗୁଡ଼ିକ ଏଣେତେଣେ ମନଇଚ୍ଛା ପାର୍କିଙ୍ଗ କରୁଥିବା ଯୋଗୁଁ ରାସ୍ତାଟି ଏକ ପ୍ରକାର ସଂକିର୍ଣ୍ଣ ଅବସ୍ଥାରେ ପରିଣତ ହୋଇଯାଉଛି । କିଛି ବ୍ୟକ୍ତି କାର୍ଯ୍ୟାଳୟକୁ ବିଭିନ୍ନ କାମନେଇ ଆସୁଥିବା ବେଳେ ଏମାନେ ନିଜର ଗାଡ଼ି ଗୁଡ଼ିକ କାର୍ଯ୍ୟାଳୟ ସମ୍ମୁଖରେ ରଖୁଥିବା ମଧ୍ୟ ଦେଖାଯାଇଛି । ଏଠି କଥା ଆସେକି, ପ୍ରଶାସନ ପକ୍ଷରୁ ପାର୍କିଙ୍ଗ କରିବାକୁ ନେଇ ଅନ୍ୟ ଲୋକଙ୍କୁ ତାଗିଦ୍ କରୁଥିବା ବେଳେ ଖୋଦ ନିଜସ୍ୱ କାର୍ଯ୍ୟାଳୟ ସମ୍ମୁଖରେ ଏପରି ଅବ୍ୟବସ୍ଥାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ? ବିଶେଷ କଥା ହେଉଛି ଆଗାମୀ ଦେଶର ଭବିଷ୍ୟତ କୁହାଯାଉଥିବା ଛାତ୍ରଛାତ୍ରୀମାନେ ପାଠ ଅଧ୍ୟୟନ କରିବା ସମୟ ଓ ଘରକୁ ଫେରିବା ସମୟରେ ପାର୍କିଙ୍ଗ ହେତୁ ଏହି ରାସ୍ତାଟି ସଙ୍କୁଚିତ ହେଉଥିବା ଯୋଗୁଁ ଦୁର୍ଘଟଣାର ଆଶଙ୍କା ଦେଖାଦେବା ସହ ଯାତାୟତରେ ବାଧା ଉପୁଜୁଛି ବୋଲି ଅଭିଭାବକ ମହଲରେ ଏହାକୁ ନେଇ ଘୋର ନିନ୍ଦା କରାଯାଇଛି । ତେବେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏଥିପ୍ରତି ଧ୍ୟାନଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଂଚଳବାସୀ ଓ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

# ଧଉରାଗୋଠ ଜଳ ସେଚନ ପ୍ରକଳ୍ପ ବିଳମ୍ବ, ଆନ୍ଦୋଳନ ସଜବାଜ

ଠାକୁରଗଡ, (ସବ୍ୟୁ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବିଲେଇନାଳୀ ପଞ୍ଚାୟତରେ ଧଉରାଗୋଠ ଜଳ ସେଚନ ପ୍ରକଳ୍ପ ନିର୍ମାଣ ହେଉନାହିଁ । ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ବହୁ ବର୍ଷ ହେବ ଏହି ଜଳ ସେଚନ ପାଇଁ ସରକାର ଚିନ୍ତା କରିଥିଲେ ମଧ୍ୟ ନିର୍ମାଣ ହେଉନାହିଁ । ଫଳରେ ଆଗାମୀ ଦିନରେ ପୁଣି ଠାରେ ଆନ୍ଦୋଳନ କରିବେ ବୋଲି ଧଉରାଗୋଠ ଜଳସେଚନ ଯୋଜନା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରବିବାର ଦିନ ନିଷ୍ପତ୍ତି ନିଆଯାଇଛି ।



ଏନେଇ ଧଉରାଗୋଠ ନିକଟରେ ଧଉରାଗୋଠ ମଧ୍ୟମ ଜଳସେଚନ ଯୋଜନା କ୍ରିୟାନୁଷ୍ଠାନ କମିଟିର ସଭାପତି ନିର୍ମଳ ନାୟକଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଧର ଧଳ, ଗୋକୁଳ ସାହୁ, ରନିାକର ସାହୁ, ମହେଶ୍ୱର ବେହେରା, ମଦନ ପ୍ରଧାନ, ଭ୍ରମରବର ପ୍ରଧାନ, ବିମ୍ବାଧର ପ୍ରଧାନ, ଅଞ୍ଜନ ସାହୁ, ନରୋତ୍ତମ ମାଝୀ, ଶ୍ରୀଧର ସାହୁ ଙ୍କ ସମେତ ଅଞ୍ଚଳବାସୀ ଯୋଗ ଦେଇଥିଲେ । ସେମାନେ କହିଥିଲେ ଯେ ଦୀର୍ଘ ୬୦ ବର୍ଷ ପୂର୍ବେ ଧଉରାଗୋଠ ନିକଟରେ ଜଳ ସେଚନ ପ୍ରକଳ୍ପ ନିର୍ମାଣ ପାଇଁ ସରକାର ଚିନ୍ତା କରିଥିଲେ । ହେଲେ ଏ ମଧ୍ୟରେ ଅନେକ ସରକାର ବଦଳି ଥିଲେ ମଧ୍ୟ ଜଳ ସେଚନ ପ୍ରକଳ୍ପ ନିର୍ମାଣ ହୋଇନାହିଁ । ଏନେଇ ବହୁବାର ଆନ୍ଦୋଳନ କରାଯାଇଛି । ହେଲେ କୌଣସି ସୁଫଳ ମିଳିନାହିଁ ।

ରାଜ୍ୟ ସରକାରଙ୍କ ଉଦାସୀନତାକୁ ଜଳ ସେଚନ ପ୍ରକଳ୍ପ ନିର୍ମାଣ ହୋଇ ପାରୁନଥିବା କମିଟି ଅଭିଯୋଗ କରିଛି । ଧଉରଗୋଠା ଜଳସେଚନ ପ୍ରକଳ୍ପ କାର୍ଯକାରୀ କରିବା ପାଇଁ ରାଜ୍ୟ ସରକାର ୨୦୦୭ ମସିହାରୁ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ଗ୍ରହଣ କରିଥିଲେ ମଧ୍ୟ ତାହା କାର୍ଯକାରୀ କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନାହାଁନ୍ତି ।

ଧଉରଗୋଠ ଜଳସେଚନ ପ୍ରକଳ୍ପ କାର୍ଯକାରୀ ହେଲେ ଆଠମଲ୍ଲିକ ଓ କିଶୋରନଗରର ବ୍ଲକର ୫ ଟି ପଞ୍ଚାୟତ ବିଲେଇନଳି, ପେଡିପଥର, କୁରୁମଟାପ, କୁର୍ତିବାସପୁର, ସାନହୁଲା ପଞ୍ଚାୟତର ୨୨ ଟି ମୌଜାର ୧୦ ହଜାର ଏକରରୁ ଅଧିକ ଚାଷ ଜମି ଜଳସେଚିତ ହୋଇପାରିବ । ଧଉରଗୋଠ ମଧ୍ୟମ ଜଳସେଚନ ଯୋଜନା କାର୍ଯକାରୀ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ ନକଲେ ଆନ୍ଦୋଳନ କରାଯିବ ବୋଲି କମିଟି ନିଷ୍ପତ୍ତି ନେଇଛି ।

## ଜମି ବାଡ଼ି ବିବାଦ, ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ

ଠାକୁରଗଡ, (ସବ୍ୟୁ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଆମ୍ବମୁଣ୍ଡା ଗ୍ରାମର କୁନ୍ତଳା ନାୟକଙ୍କୁ ତାଙ୍କ ପଡୋଶୀ ବିଜୟ ନାୟକ, ସସ୍ମିତା ନାୟକ ମାଡ଼ ମାରିଥିବା କୁନ୍ତଳା ହଣ୍ଡପା ଥାନାରେ ଶନିବାର ଦିନ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ନମ୍ବର ୬୨/୨୬ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ, କୁନ୍ତଳା ଏକ ୧୦ ଗୁଣ୍ଠର ଜମି କିଣିଥିବା ବେଳେ ଉକ୍ତ ଜମିକୁ କେନ୍ଦ୍ର କରି ବିଜୟ ଓ ସସ୍ମିତା ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାା ଯାଇଛି ।

ସେହିପରି ସସ୍ମିତା ଏକ ପାଲଟା ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, କୁନ୍ତଳା ତାଙ୍କୁ ଓ ତାଙ୍କ ସ୍ୱାମୀ ବିଜୟଙ୍କୁ ମାଡ଼ ମାରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ନମ୍ବର ୬୩/୨୬ରେ ଏକ ମାମଲା ରୁଜୁ କରିଛି ।

# ବେଆଇନ ପଥର ଚାଲାଣ : ୫ ହାଇୱା, ପିସି, ବ୍ରେକର ଜବତ

ରେଙ୍ଗାଲି, (ସବ୍ୟୁ): କଣିହାଁ ବ୍ଲକ ରେଙ୍ଗାଲି ଥାନା ଅନ୍ତର୍ଗତ ଖ୍ରିଣ୍ଡୋ ପଥର କୁଆଁରୀରୁ ବେଆଇନ ଭାବେ ପଥର ଚୋରା ଚାଲାଣ ବେଳେ ୫ ଟି ହାଇୱା, ପୋକଲିନ, ବ୍ରେକର ପ୍ରଭୃତି ପୋଲିସ ଜବତ କରିଛି ।

ପୋଲିସ ସୂତ୍ରରୁ ପ୍ରକାଶ ଗତକାଲି ରାତିରେ ରେଙ୍ଗାଲି ପୋଲିସ ପେଟ୍ରୋଲିଂ ବେଳେ ଖିଣ୍ଡୋ କୁଆଁରୀ ରାସ୍ତାରୁ ୫ଟି ପଥର ବୋଝେଇ ହାଇଓ୍ୱା ଅଟକ ରଖି ତଦନ୍ତ ପରେ ଆଜି କୁଆଁରୀ ଅଞ୍ଚଳରୁ ଗୋଟିଏ ପୋକଲିନ, ଗୋଟିଏ ଷ୍ଟୋନ ବ୍ରେକର ମେସିନକୁ ଜବତ କରିଛି । ରେଙ୍ଗାଲି ପୋଲିସ ଠାରୁ ସୂଚନା ପାଇ ଆଜି ତାଳଚେର ଖଣି ବିଭାଗର ଯାଞ୍ଚ ପରେ ଏଗୁଡ଼ିକ ବିନା ଟ୍ରାଂଜିଟ ପାସରେ ପଥର ପରିବହନ କରୁଥିବା ଜଣାପଡିବା ପରେ ଗାଡି ଗୁଡ଼ିକୁ ଜବତ କରାଯିବା ସହିତ ସମସ୍ତ ଡ୍ରାଇଭର ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।



ରେଙ୍ଗାଲି ଥାନା ଆଇଆଇସି ଚଞ୍ଚଳା ନାୟକଙ୍କ ଅଭିଯୋଗ କ୍ରମେ କଣିହାଁ ଆଇଆଇସି ରମଣି ରଞ୍ଜନ ଦଳେଇ ଉକ୍ତ କେସର ତଦନ୍ତ ଅଧିକାରୀ ଭାବେ ନିୟୋଜିତ ହୋଇଥିବା ପାଲଲହଡା ଏସଡିପିଓ କୈଳାଶ ଚନ୍ଦ୍ର ସେଠି ସୂଚନା ଦେଇଛନ୍ତି ।

# ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ଆଠମଲ୍ଲିକ, (ସବ୍ୟୁ): ଆଠମଲ୍ଲିକ ସହର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଅଛି । ଉକ୍ତ ଉତ୍ସବରେ ଆଠମଲ୍ଲିକ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଡଃ ହୃଷୀକେଶ ମହାଖୁଡ଼ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ମା, ମାଟି, ଓ ମାତୃଭାଷାର ମହତ୍ତ୍ୱ ସଂପର୍କରେ ଆଲୋକପାତ କରିଥିଲେ ।

ଅନ୍ୟତମ ଅତିଥି ଭାବେ ପରିଚାଳନା ସମିତିର ସଭାପତି ଆଦିତ୍ୟ କୁମାର ସାହୁ ଓ ଢେଙ୍କାନାଳ ବିଭାଗ ସଂଘଚାଳକ ତଥା ବିଦ୍ୟାଳୟର ପ୍ରଥମ ସଂପାଦକ ସୁଧୀର କୁମାର ମିଶ୍ର ଯୋଗଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ଦାଶ ଅତିଥିମାନଙ୍କର ପରିଚୟ ଓ ଦିବସର ଆଭିମୁଖ୍ୟ କଥନ କରିଥିଲେ । ଉକ୍ତ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ପ୍ରାୟ ୩୦୦ ଜଣ ଛାତ୍ରଛଛତ୍ରୀ, ୨୫ ଜଣ ଗୁରୁଜୀ, ଗୁରୁମା ଉକ୍ତ ଉତ୍ସବରେ ଯୋଗଦାନ କରିଥିଲେ ।

# ସାଂସଦ ରୁଦ୍ର ନାରାୟଣ ପାଣିଙ୍କ ତାଳଚେର ପୌର ମଣ୍ଡଳ ଗସ୍ତ



ତାଳଚେର, (ସବ୍ୟୁ): ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ରବିବାର ତାଳଚେର ଗସ୍ତ କରିଛନ୍ତି ପୌରାଞ୍ଚଳର ଚାରୋଟି ଓ୍ୱାର୍ଡ ୬, ୭, ୮, ୯ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ପୌରାଞ୍ଚଳର ବିକାଶ ପାଇଁ ନଗର ଉର୍ନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ସହ ଫୋନ ଯୋଗେ କଥା ହୋଇ ପୌରାଞ୍ଚଳର ବିକାଶ ପାଇଁ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ । ଅନୁଗୁଳ ଜିଲ୍ଲାପାଳଙ୍କ ସହ କଥା ହୋଇ ତାଳଚେର ଟାଉନ ବଉଳ ଛକ ଠାରେ ଡ଼ିଏମଏଫରୁ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରିବା ପାଇଁ କହିଥିଲେ ।

ସାଂସଦ ପ୍ରାକ୍ତନ କାଉନସିଲର ଜିତେନ୍ଦ୍ର ଦାସଙ୍କ ବାପା ବସନ୍ତ କୁମାର ଦାସଙ୍କର ବିୟୋଗରେ ତାଙ୍କ ବାସଭବନରେ ପହଂଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଚାରୋଟି ଓ୍ୱାର୍ଡ ବୁଲି ଲୋକଙ୍କ ସମସ୍ୟା ଶୁଣିଥିଲେ । ସମାଧାନ ପାଇଁ ବିଭିନ୍ନ ଅଧିକାରୀଙ୍କୁ ଫୋନ କରିଥିଲେ । ସାଂସଦଙ୍କ ସହ ମଣ୍ଡଳ ସଭାପତି ରାଜେଶ ଦଳେଇ, ପ୍ରାକ୍ତନ ମଣ୍ଡଳ ସଭାପତି ସତ୍ୟବନ୍ତ ସାହୁ, ସୁନୀଲ ପଟ୍ଟନାୟକ, କାଉନ ସିଲର ସନ୍ତୋଷ ବେହେରା ଓ ଅନିତା ବିଶ୍ୱାଳ, ପ୍ରାକ୍ତନ କାଉନସିଲର ଧରିତ୍ରୀ ଦାସଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନର ବାର୍ଷିକ ଶ୍ରମିକ ସମାବେଶ

କଣିହାଁ, (ସବ୍ୟୁ) : ଏଆଇୟୁଟିୟୁସି ସହବନ୍ଧିତ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ (ଏନ୍.ଟି.ପିସି) ଉଦ୍ୟୋଗରେ ରବିବାର ଦିନ ଗଦାଶିଳାସ୍ଥ ୟୁନିୟନ ଅଫିସ ଠାରେ ଏକ ବାର୍ଷିକ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ୟୁନିୟନର ସଂପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରମିକ ସମାବେଶରେ ମୁଖ୍ୟ ବକ୍ତା ଭାବେ ଏଆଇୟୁଟିୟୁସି ଓଡ଼ିଶା ରାଜ୍ୟ ସମ୍ପାଦକ ତଥା ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ (ଏନ୍.ଟି.ପିସି) ର ସଭାପତି ଜୟସେନ ମେହେର ଯୋଗ ଦେଇ କେନ୍ଦ୍ର ସରକାରଙ୍କ ଶ୍ରମିକମାରଣ ନୀତି ଆଜି ଚରମ ସୀମାରେ ପହଞ୍ଚିଥିବା ବେଳେ କଳକାରଖାନାର ମାଲିକମାନଙ୍କ ସର୍ବୋଚ୍ଚ ଲାଭ ପାଇଁ ଶ୍ରମିକମାନଙ୍କୁ ସେମାନଙ୍କ ସର୍ବନିମ୍ନ ନ୍ୟାଯ୍ୟ ପ୍ରାପ୍ୟରୁ ବଞ୍ଚିତ କରାଯାଉ ଥିବାରୁ ଉଦବେଗ ପ୍ରକାଶ କରି ଏଆଇୟୁଟିୟୁସିର ପ୍ରତିଷ୍ଠାତା କମ୍ରେଡ ଶିବଦାସ ଘୋଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସୁସଂଗଠିତ ହେବାକୁ ଆହ୍ୱାନ ଦେଇଥିଲେ । ଅନ୍ୟତମ ବକ୍ତା ଭାବେ ଏଆଇୟୁଟିୟୁସିର ଅନୁଗୋଳ ଜିଲ୍ଲା ସଂପାଦକ ବ୍ରଜବନ୍ଧୁ ସାହୁ, ଏଆଇପିଏଫ୍ ଓଡିଶା ରାଜ୍ୟ ସଂପାଦକ ଦୁଃଖିଶ୍ୟାମ ମଲ୍ଲିକ, ୟୁନିୟନର ଯୁଗ୍ମସଂପାଦକ ଟୁନା ନାଏକ, କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରତାପ ପ୍ରଧାନ ପ୍ରମୁଖ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ- କର୍ମଚାରୀ ମାରଣ ନୀତି ବିରୁଦ୍ଧରେ ଏବଂ ନ୍ୟାୟସଂଗତ ଦାବୀରେ ଶକ୍ତିଶାଳୀ ଐକ୍ୟବଦ୍ଧ ଶ୍ରମିକ ଆନ୍ଦୋଳନ ସଙ୍ଗଠିତ କରିବାକୁ ଆହ୍ୱାନ ଦେଇଥିଲେ । ଏହି ସମାବେଶରେ ଏନଟିପିସି ଠିକା ଶ୍ରମିକ ପ୍ରତିନିଧି, ସ୍ଥାୟୀ କର୍ମଚାରୀ ପ୍ରତିନିଧି, ପିଜିସିଆଇଏଲ, ଏମ.ସି. ଏଲ.ର ଶ୍ରମିକ ପ୍ରତିନିଧିମାନେ ଯୋଗ ଦେଇ ୟୁନିୟନକୁ ଶକ୍ତିଶାଳୀ କରିବା ସହିତ ଆଗାମୀ କାର୍ଯ୍ୟପନ୍ଥା ସଂପର୍କରେ ମତାମତ ପ୍ରଦାନ କରିଥିଲେ ।

# ବିମାନ ଶୋଭାଯାତ୍ରାରେ ଡିଜେକୁ ନା

ଅସୁରାଳି,(ସବ୍ୟୁ): ଚଳିତ ବର୍ଷ ଦୋଳ ମେଳଣରେ ଡିଜେ ଉପରେ କଟକଣା ଲାଗିବ । ଏନେଇ ଗୁରୁବାର ସନ୍ଧ୍ୟାରେ ଧୂଷୁରୀ ପୁଲିସ ଓ ମେଳଣ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଧାମନଗର ଉପଖଣ୍ଡ ପୁଲିସ ଅଧିକାରୀ ଅନିରୁଦ୍ଧ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଧୂଷୁରୀ ଥାନା ପରିସରରେ ଆଜି ଏକ ସମନ୍ୱୟ ବୈଠକ ବସିଥିଲା । ପୁଲିସ ପକ୍ଷରୁ ଏଥିରେ ଆଠଟି ନିୟମ ନିର୍ଦ୍ଧାରଣ କରାଯାଇଛି । ସରକାରୀ ନିର୍ଦ୍ଦେଶ ମତେ ମାର୍ଚ୍ଚ ପ୍ରଥମରୁ ପାଳିତ ହେବାକୁ ଥିବା ବିଭିନ୍ନ ହୋଲି ଉତ୍ସବ ଓ ଦୋଳ ମେଳଣ ବିମାନ ଶୋଭାଯାତ୍ରାରେ କୌଣସି ଆୟୋଜକ ଡିଜେ ବଜାଇ ପାରିବେ ନାହିଁ । ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟ ଓ ଅଳ୍ପ ଶବ୍ଦର ମାଇକ୍ ବ୍ୟବହାର କରିବେ ଏବଂ ଏଥିପାଇଁ ଆଇନଗତ ଅନୁମତି ନେବେ । ତିନି ଦିନ ଧରି ହେଉଥିବା ବୟାଙ୍ଗଡ଼ିହ ମେଳଣ ପାଇଁ ନସଲାପୁର ଠାରୁ ନୂଆହାଟ ପର୍ଯ୍ୟନ୍ତ ରାସ୍ତାରେ ଦୁଇ ଚକିଆ ଏବଂ ଚାରି ଚକିଆ ଯାନ ବନ୍ଦ ରହିବ । ଏହି ସମୟରେ ବାଇପାସ ରାସ୍ତା ବ୍ୟବହାର କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି । ବୈଠକରେ ପ୍ରସିଦ୍ଧ ଲୁଣିଆ,ଶହୀଦ ନଗର,କୋରୁଆ,ସୂର୍ଯ୍ୟପୁର,ପାଳସାହି,ଅର୍ଜୁନପୁର,ବୟାଙ୍ଗଡିହ ପ୍ରଭୃତି ମେଳଣ କମିଟିର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ଧୂଷୁରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ଧନ୍ୟବାଦ ଅର୍ପଣ କରିଥିଲେ ।

## ରବୀନ୍ଦ୍ରନାଥ ଟାଗୋର ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

# ଛାତ୍ରଛାତ୍ରୀମାନେ ସୁଶୃଙ୍ଖଳିତ ଓ ସୁନାଗରିକ ହେବାକୁ ପରାମର୍ଶ

ପାଲଲହଡା, (ସବ୍ୟୁ): ପାଲଲହଡା ଉପଖଣ୍ଡର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ଜଣାଶୁଣା ଖମାରସ୍ଥିତ ରବୀନ୍ଦ୍ରନାଥ ଟାଗୋର ପବ୍ଲିକ ସ୍କୁଲର ଚତୁର୍ଥ ବାର୍ଷିକୋତ୍ସବ ସ୍କୁଲ ପରିସରରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷା ସ୍ମରଣିକା ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀ ମାନଙ୍କୁ ସୁଶୃଙ୍ଖଳିତ, ସମୟାନୁବର୍ତ୍ତୀ ଓ ସୁନାଗରିକ ହେବାକୁ ପରାମର୍ଶ ଦେବାସହିତ ଦେଶ ମାତୃକା ପାଇଁ ଉଚିତ ଶିକ୍ଷା ଦେବାକୁ ଉଭୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମାନଙ୍କୁ ଭାଷଣ ପ୍ରସଙ୍ଗରେ କହିଥିଲେ । ଏଥିରେ ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ଖମାର ଥାନାର ଆଇଆଇସି ଅରୁଣ କୁମାର ପଣ୍ଡା, ସ୍କୁଲର ପ୍ରତିଷ୍ଠାତା ଚେୟାରମ୍ୟାନ ରଂଜନ କୁମାର ସାହୁଙ୍କ ସମେତ ମୁଖ୍ୟବକ୍ତା ରୂପେ ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଝସକେତନ ସାହୁ ଯୋଗଦେଇଥିଲେ । ବିଦ୍ୟାଳୟର ଅନ୍ୟତମ ବରିଷ୍ଠ ଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ମାଡାମ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ବିଦ୍ୟାଳୟର କୁନିକୁନି ଛାତ୍ରୀ ମାନଙ୍କଦ୍ୱାରା ସ୍ୱାଗତ ସଂଗୀତ ଗାନ କରିଯାଇଥିଲା । ଶେଷରେ ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ବିଜେପି ନେତାଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ

ତିହିଡି,(ସବ୍ୟୁ): ବିଜେପିର ବରିଷ୍ଠ ନେତା ଦୁର୍ଗାଚରଣ ନାୟକଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସ୍ମୃତିଚାରଣ ସଭାରେ ସାହିତ୍ୟିକ ଯଦୁମଣି ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ । ଏଥିରେ ଅତିଥି ଭାବେ ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଜେପି ନେତା କବି ଦୀନବନ୍ଧୁ ପତି, ସମାଜସେବୀ ଅଜୟ ନାୟକ, ବରିଷ୍ଠ ନେତା ରଘୁନାଥ ପାତ୍ର, ସମାଜସେବୀ କିଶୋର ମହାପାତ୍ର, ଗାଳ୍ପିକ ମୁକ୍ତିକାନ୍ତ ନାୟକ, ରାଜାରାମ ମହାକୁଡ, ଉତ୍ତମ କୁମାର ମହାପାତ୍ର, ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ସରପଞ୍ଚ ପ୍ରଦୀପ କୁମାର ବଳ, ପ୍ରାକ୍ତନ ସରପଞ୍ଚ ଅଲିକପ୍ରଭା ରାଉଳ, ଝରଣା ଯେନା, ନାରୀନେତ୍ରୀ ମାଳତିଲତା ସାହୁ, ବରିଷ୍ଠ ନେତା ମଙ୍ଗରାଜ ନାୟକ, ସନାତନ ସାହୁ, ଯୁବନେତା ସଂଗ୍ରାମ ମହାନ୍ତି, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଳିକ, ସୁଧାରଞ୍ଜନ ମହାନ୍ତି, ପ୍ରାକ୍ତନ ସମିତିସଭ୍ୟ ମାନସ ରଞ୍ଜନ ନାୟକ, ଶିକ୍ଷାବିତ ନିତ୍ୟାନନ୍ଦ ମଲ୍ଲିକ, ଭରତ ଚନ୍ଦ୍ର ସାହୁ, ଶରତ ଲେଙ୍କା, ବରିଷ୍ଠ ନେତା ଶରତ ଚନ୍ଦ୍ର ଦାସ, ସୁଧାଂଶୁ ପାଣିଗ୍ରାହୀ, ସାହାଡାସୁନ୍ଦରୀ ମଣ୍ଡଳ ସଭାପତି କେଶବ ବେହେରା ଓ ଅଜୟ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦୁର୍ଗାଭାଇ ଜଣେ ସରଳ, ସ୍ୱାଭିମାନୀ ଓ ପରୋପକାରୀ ମଣିଷ ଥିଲେ ବୋଲି କହିବା ସହ ବିଜେପି ପ୍ରତି ସେ ଶେଷ ଜୀବନ ଯାଏଁ ସମର୍ପିତ ଥିଲେ ବୋଲି କହିଥିଲେ । ସ୍ୱର୍ଗତ ନାୟକଙ୍କ ଜେଠ୍ୟଷ୍ଠପୁତ୍ର ମାନସ ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଅତିଥିମାନେ ସ୍ୱର୍ଗତ ନାୟକଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ ।

# ମନ୍ କି ବାତ୍ କାର୍ଯ୍ୟକ୍ରମରେ ବିଧାୟକଙ୍କ ଯୋଗଦାନ

ପାଲଲହଡ଼ା, (ସବ୍ୟୁ): ପାଲଲହଡ଼ା ସୂଚନା କେନ୍ଦ୍ର ଠାରେ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୩୧ ତମ ମନ୍ କି ବାତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତି ଯୋଗଦେଇଛନ୍ତି ।



ପ୍ରଧାନମନ୍ତ୍ରୀଙ୍କ ୧୩୧ ତମ ମନ୍ କି ବାତ କାର୍ଯ୍ୟକ୍ରମର ମୁଖ୍ୟଶୀର୍ଷକ ଭାବରେ ବ୍ୟାଙ୍କ ଦ୍ୱାରା ସାଧାରଣଜନତାଙ୍କୁ ଦିଆଯାଉଥିବା ସେବା ଯଥା ଇ କେ୍ୱାଇସି, ଡିଜିଟାଲ ପେମେଣ୍ଟ ଯାହା ଦ୍ୱାରା ଗ୍ରାହକ ନିରାପତ୍ତା, ସୁବିଧା ଓ ସମ୍ପୂର୍ଣ୍ଣ ସୁରକ୍ଷା ପାଇ ପାରିବେ ଅପରୂପ ଭାବରେ କୃଷି କ୍ଷେତ୍ରରେ ମଧ୍ୟ ବ୍ୟାପକ ଭାବରେ ଜୈବିକ କୃଷି ତଥା କ୍ରୀଡା କ୍ଷେତ୍ରରେ ଭାରତ ର ସାରା ବିଶ୍ୱରେ କାୟା ବିସ୍ତାର କରିବା ସମସ୍ତ ବିଷୟରେ ଆଲୋକପାତ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ପାଲଲହଡ଼ା ମଣ୍ଡଳ ସଭାପତି ଆଶିଷ ସାମଲ, ବରିଷ୍ଠ ଆଇନଜୀବୀ ତନ୍ମୟ ସାହୁ, ଲିଙ୍ଗରାଜ ଦାସ, ପଞ୍ଚାନନ ସାହୁ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## କମ୍ରେଡ ରାଧାରମଣ ଷଡଙ୍ଗୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ବାଲେଶ୍ୱର, (ସବ୍ୟୁ): ବିଶିଷ୍ଟ ବାମପନ୍ଥୀ ଶ୍ରମିକ ନେତା କମ୍ରେଡ ରାଧାରମଣ ଷଡଙ୍ଗୀ ଙ୍କ ପ୍ରତିମୂର୍ତ୍ତି ମୋଟର ଟ୍ରାନ୍ସପୋର୍ଟ ୱାର୍କର୍ସୟୁନିଅନ ଅଫିସ ରେ ଉନ୍ମୋଚନ ହୋଇଯାଇଛି । ପ୍ରଥମେ ସିଆଇଟିୟୁର ରାଜ୍ୟ ସମ୍ପାଦକ ତଥା ସର୍ବଭାରତୀୟ ଉପସଭାପତି ବିଷ୍ଣୁ ମହାନ୍ତି ଆନୁଷ୍ଠାନିକ ଭାବେ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ । ଶ୍ରଦ୍ଧାଞ୍ଜଳି ସଭାରେ କମ୍ରେଡ ଅସିତ୍ ବରଣ ଦାସଙ୍କ ସଭାପତିତ୍ୱରେରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ସିଆଇଟିୟୁର ରାଜ୍ୟ ସମ୍ପାଦକ ଉଲ୍ଲାସ ସ୍ୱାଇଁ, ରାଧାରମଣ ଷଡଙ୍ଗୀଙ୍କ ତ୍ୟାଗ ପୂତ ଜୀବନୀ ଉପରେ ଆଲୋଚନା କରିଥିଲେ । ସିଆଇଟିୟୁର ସର୍ବଭାରତୀୟ ଉପସଭାପତି ବିଷ୍ଣୁ ମହାନ୍ତି ରାଧାରମଣ ଷଡଙ୍ଗୀଙ୍କ ଭଳି ନେତୃତ୍ୱ ପାଇବା କଷ୍ଟକର ବୋଲି କହିଥିଲେ । ଉକ୍ତ ସଭାରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସିଆଇଟିୟୁର ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର, ଜିଲ୍ଲା ସଭାପତି ରାଜକିଶୋର ଲେଙ୍କା, କୃଷକ ସଭାର ରାଜ୍ୟ ନେତା ସିତାଂଶୁ ସେନାପତି, ସିପିଆଇ (ଏମ) ଜିଲ୍ଲା ସମ୍ପାଦକ ଶିଶିର ହୁଇ, ବିଶିଷ୍ଟ ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ, ମନୋଜ ନାୟକ, ସିଟୁ ରାଜ୍ୟ ନେତ୍ରୀ ଇଶାନି ଷଡଙ୍ଗୀ, ଭଦ୍ରକ ଜିଲ୍ଲା ଶ୍ରମିକ ନେତା ଦିବ୍ୟ ସିଂ ନାୟକ ପ୍ରମୁଖ ଉପସ୍ଥିତ ରହି କମ୍ରେଡ ରାଧାରମଣ ଷଡଙ୍ଗୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ବର୍ତ୍ତମାନ ପରିସ୍ଥିତିରେ ରାଧାରମଣ ଷଡଙ୍ଗୀଙ୍କ ଭଳି ନେତୃତ୍ୱର ଅଭାବ ରହିଛି ।

ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସୁଶାନ୍ତ କୁମାର ସାହୁ, ସୁଶାନ୍ତ ନାୟକ, ସାଇ କୀଙ୍କର ନାୟକ, ମୃତ୍ୟୁଞ୍ଜୟ ରାଉତ, ଅଚ୍ୟୁତ ବାରିକ, ପ୍ରଭାକର ବେହେରା, ପ୍ରେମ ରଞ୍ଜନ ପାତ୍ର, ଦୀପ୍ତିମାନ ଆଚାର୍ଯ୍ୟ, ମନୋଜ ନାୟକ, ଶ୍ୟାମସୁନ୍ଦର ଜେନାଙ୍କ ସମେତ ମୋଟର ଟ୍ରାନ୍ସପୋର୍ଟ ଓ୍ୱାର୍କର୍ସୟୁନିଅନର ବହୁ ସାଥୀ ସହଯୋଗ କରିଥିଲେ ।

# ରମେଶ ଜେନା ସ୍ମୃତି ପରିଷଦର ପ୍ରସ୍ତୁତି ବୈଠକ



ଅନୁଗୋଳ, (ସବ୍ୟୁ): ଆଜି କୁଲାଡ, ନାଲକୋନଗର ଠାରେ ରମେଶ ଜେନା ସ୍ମୃତି ପରିଷଦର ଚେୟାରମାନ ହେମନ୍ତ ସାମଲଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି ।

ଏହି ବୈଠକରେ ଆଗାମୀ ମାର୍ଚ୍ଚ ୧ତାରିଖ ରବିବାର ଦିନ ୧୧ଘଟିକାରେ କୁଲାଡ଼ ଏଫସିଆଇ ଛକ ଠାରେ ଅନୁଗୋଳର ପୂର୍ବତନ ବିଧାୟକ ସ୍ୱର୍ଗତ ରମେଶ ଚନ୍ଦ୍ର ଜେନାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯକ୍ରମ ରହିଛି । ଏହାସହିତ ରମେଶ ଜେନା ଶ୍ରମିକ ବନ୍ଧୁ ପୁରସ୍କାର ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଓ ଶିକ୍ଷା କ୍ଷେତ୍ରରେ ସଫଳତା ପାଇଥିବା ଛାତ୍ର ଛାତ୍ରୀଙ୍କୁ ରମେଶ ଜେନା ଶିକ୍ଷା ବୃତ୍ତି ପୁରସ୍କୃତ କରାଯିବାର କାର୍ଯକ୍ରମ ରହିଛି ।

ଆଗାମୀ ଦିନରେ ରମେଶ ଜେନା ସ୍ମୃତି ପରିଷଦ ମୂଲ୍ୟବୋଧର ସ୍ମୃତିକୁ ଜୀବନ୍ତ ରଖି ସେବାର ସଂକଳ୍ପକୁ ଆଗେଇ ନେବାରେ ନିରନ୍ତର ପ୍ରୟାସ କରିବ । ଏହି ପରିଷଦ ଅସହାୟ ଓ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଗତ ସହାୟତା ପ୍ରଦାନ କରି ତାଙ୍କର ଭବିଷ୍ୟତକୁ ସୁଦୃଢ଼ କରିବାରେ ପ୍ରତିବଦ୍ଧ ରହିବ । ସମାଜ ସେବାର ଅଂଶରୂପ ପରିଷଦ ସ୍ୱାସ୍ଥ୍ୟ ସଚେତନତା, ରକ୍ତଦାନ ଶିବିର ଓ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରି ସୁସ୍ଥ ଓ ସଚେତନ ସମାଜ ଗଢ଼ିବାରେ ଅବଦାନ ରଖିବ ।

ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଓ ସ୍ୱଚ୍ଛତା ଅଭିଯାନ ମାଧ୍ୟମରେ ସାମୁହିକ ସଚେତନତା ସୃଷ୍ଟି କରାଯିବ । ଶ୍ରମିକ କଲ୍ୟାଣକୁ ମୁଖ୍ୟ ଲକ୍ଷ୍ୟ କରି ପରିଷଦ ଶ୍ରମିକମାନଙ୍କ ଅଧିକାର, ସଚେତନତା ଓ ଆଇନଗତ ସୂଚନା ସହିତ ଆବଶ୍ୟକ ସହାୟତା ପ୍ରଦାନ କରିବ । ସ୍ୱର୍ଗତ ରମେଶ ଜେନାଙ୍କ ଆଦର୍ଶ ଓ ସେବାକୁ ସ୍ମରଣ କରି ପ୍ରତିବର୍ଷ ରମେଶ ଜେନା ସ୍ମୃତି ଦିବସ ପାଳନ କରାଯିବ ଏବଂ ରମେଶ ଜେନା ଶ୍ରମିକ ବନ୍ଧୁ ପୁରସ୍କାର ଓ ଶିକ୍ଷାବୃତ୍ତି ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଗଲା । ଉକ୍ତ ବୈଠକରେ ପରିଷଦର ସାଧାରଣ ସମ୍ପାଦକ ରାଜୀବ ଜେନା, ଉପଦେଷ୍ଟା ବିପ୍ଳବ ଜେନା, କାର୍ଯକାରୀ ଅଧ୍ୟକ୍ଷ ଭାସ୍କର ସାହୁ, ବସନ୍ତ ପାତ୍ର, ବିଜନ ଦଳବେହେରା, ନିରୋଦ ଧୀର, ତ୍ରିନାଥ ସାହୁ, ସନାତନ କହଁର, ଅମିୟ ନାୟକ, ମନୋଜ ସାହୁ, ବିରଞ୍ଚି ସ୍ୱାଇଁ, ବିଭବ ଜେନା, ବସନ୍ତ ଦଳବେହେରା, ମହିମା ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ପତ୍ନୀଙ୍କୁ ମାଡ଼ ଅଭିଯୋଗ

ଠାକୁରଗଡ, (ସବ୍ୟୁ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଖଣ୍ଡବର ଗ୍ରାମର ଆରାଧନା ପ୍ରଧାନଙ୍କୁ ତାଙ୍କ ସ୍ୱାମୀ କ୍ଷୀରୋଦ ସାହୁ ମାଡ଼ ମାରିଥିବା ଆରାଧନା ହଣ୍ଡପା ଥାନାରେ ଶନିବାର ଦିନ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ନମ୍ବର ୬୪/୨୪ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଆରାଧନା ୨ ବର୍ଷ ପୂର୍ବେ କ୍ଷୀରୋଦଙ୍କୁ ବିବାହ କରିଥିଲେ । ହେଲେ କୌଣସି କାରଣ ନଥାଇ ତାଙ୍କୁ ଅନେକ ସମୟରେ ମାଡ଼ ମାରୁଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି ।

# ନୂତନ ଥାନା ଅଧିକାରୀଣିଙ୍କ ଯୋଗଦାନ

ରେଙ୍ଗାଲି, (ସବ୍ୟୁ) : କଣିହାଁ ବ୍ଲକ ରେଙ୍ଗାଲି ଡ୍ୟାମ ସାଇଟ ଥାନାରେ ନୂତନ ଥାନା ଅଧିକାରୀ ଭାବେ ଆଜି ଚଞ୍ଚଳା ନାୟକ ଯୋଗ ଦେଇଛନ୍ତି । ଏହା ପୂର୍ବରୁ ସେ ତାଳଚେର ଥାନାରେ ଆଡିସନାଲ ଆଇଆଇସି ଭାବେ କାର୍ଯ୍ୟରତ ଥିଲେ । ରେଙ୍ଗାଲି ଆଇଆଇସି ଶ୍ୟାମଲାଲ ଓରାମଙ୍କର ତାଳଚେର ଥାନାକୁ ବଦଳି ହୋଇଛି ।



ମାସେ ଭିତରେ ତିନି ଜଣ ଆଇଆଇସିଙ୍କ ବଦଳିକୁ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଥିବା ବେଳେ ନୂତନ ଆଇଆଇସି ଶ୍ରୀମତୀ ନାୟକ ଅଞ୍ଚଳରେ ମହିଳାଙ୍କ ସୁରକ୍ଷା ସହ ଶାନ୍ତି ଶୃଙ୍ଖଳା ରକ୍ଷାକୁ ପ୍ରାଧାନ୍ୟ ଦେବେ ବୋଲି ଜଣାଇଛନ୍ତି ।

### ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗାଡି ଭଙ୍ଗାରୁଜା
## ସୁନା ଗହଣା ଲୁଟ୍, ଉଭୟ ପକ୍ଷରୁ ଦୁଇ ଗିରଫ

ସୋର, (ସବ୍ୟୁ) : ସୋର ଥାନା ସରଶଙ୍ଖ ନିକଟରେ ଗତକାଲି ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ଘଟଣାରେ ଉଭୟ ପକ୍ଷରୁ ଦୁଇ ଜଣକୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ବାଲେଶ୍ୱର ସହଦେବଖୁଣ୍ଟା ଅଞ୍ଚଳର ସାମସନ ମହାପାତ୍ର କୁପାରୀରେ ମୋରମ ବ୍ୟବସାୟ କରନ୍ତି। ସେଠାରେ ବ୍ୟବସାୟକୁ କେନ୍ଦ୍ର କରି ତାଙ୍କର ଅନେକ ଶତ୍ରୁ ଅଛନ୍ତି। ଗତକାଲି ରାତିରେ ସାମସନ ଓଡି ୦୧ ବିସି ୩୩୦୧ ନମ୍ବର ବିଶିଷ୍ଟ ଥର କାର ରେ ତାଙ୍କ ବିବାହିତା ଭଉଣୀ ସ୍ୱାଗତିକାଙ୍କୁ ନେଇ ବାଲେଶ୍ୱର ଅଭିମୁଖେ ଯାଉଥିଲେ। ସରଶଙ୍ଖ ନିକଟରେ ଗୋଳିହା ପଞ୍ଚାୟତର ସମିତି ସଭ୍ୟ ରଞ୍ଜନ ରାଉତ ଏବଂ କୁପାରୀ ସଇଁ ଗ୍ରାମର ସମୀର ରଥ ଓଡି ୩୪ ଡବ୍ଲୁ ୯୫୯୫ ନମ୍ବର ବିଶିଷ୍ଟ ସ୍କର୍ପିଓ ଏବଂ ଅନ୍ୟ ଏକ ଥର ଗାଡ଼ିରେ ୧୦ ରୁ ଉର୍ଦ୍ଧ୍ୱ ଯୁବକ ଆସି ତାଙ୍କ ଥର ଗାଡିକୁ ସାଇଡ ମାରି ଗାଡିକୁ ଅଟକାଇଥିଲେ।ଗାଡି ଅଟକିବା ପରେ ସେମାନେ ଲୁହା ରଡ଼, ଭୁଜାଲି, ତେଲେଙ୍ଗା କଟୁରୀରେ ଗାଡିକୁ ଆକ୍ରମଣ କରି ଗାଡିକୁ ଭାଙ୍ଗିଦେବା ସହିତ ସ୍ୱାଗତିକାଙ୍କୁ ଅଶୋଭନୀୟ ବ୍ୟବହାର କରିଥିଲେ।ସାମସନ ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ଆକ୍ରମଣ କରିବା ସହିତ ତାଙ୍କ ନିକଟରୁ ୧୫ ଗ୍ରାମର ସୁନା ବ୍ରେସ ଲେଟ, ସ୍ୱାଗତିକାଙ୍କ ନିକଟରୁ ୩୦ ଗ୍ରାମର ସୁନାଚେନ, ଏକ ବ୍ରେସଲେଟ ଲୁଟ କରି ନେଇଯାଇଥିଲେ।ଜୀବନ ବିକଳରେ ଉଭୟ ସେଠାରୁ ଖସି ଆସି ନିକଟରେ ଜଣେ ବ୍ୟକ୍ତିଙ୍କ ଘରେ ଆଶ୍ରୟ ନେଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ଟିକୁ ଜବତ କରି ସୋର ଥାନାକୁ ଆଣିଥିଲେ। ଏ ବାବଦରେ ଉଭୟ ପକ୍ଷରୁ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ପୃଥକ ପୃଥକ ମାମଲା ରୁଜୁ କରି ସାମସନ ଏବଂ ରଞ୍ଜନକୁ ଗିରଫ କରି କୋର୍ଟ ଚାଲାଣ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ସୋରରେ କାର-ବାଇକ୍ ଧକ୍କା : ୩ ଗୁରୁତର



ସୋର, (ସବ୍ୟୁ) : ସୋର ଉତ୍ତରେଶ୍ୱର ନିକଟରେ ଏକ କାର ସହିତ ବାଇକ୍ ଧକ୍କା ହେବା ଫଳରେ ୩ ଜଣ ବାଇକ୍ ଚାଳକ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁସାରେ ବାଲେଶ୍ୱରର ବିଶିକେଶନ ନାୟକ ନିଜ ପରିବାର ସହ ଭଉଣୀ ଘର ସୋର କ୍ଷୀରକୋଣି ଗ୍ରାମକୁ ଆସିଥିଲେ। ସୋରରୁ ବାଲେଶ୍ୱର ଫେରିବା ସମୟରେ ଉତ୍ତରେଶ୍ୱର ରେଳ ଉଡ଼ନ୍ତା ପୋଲ ଉପରେ ନିଜେ ଚଳାଉଥିବା (ଓଡି ୦୧ ଏଡିଇ ୭୬୧୧) ନମ୍ବର ବିଶିଷ୍ଟ ସୁଇଫ୍ଟ ଡିଜାୟାର ଗାଡିକୁ ସାମ୍ନାରୁ ରଂ ରୁଟ୍ ରେ ଆସି (ଓଡି ୦୧ ଏ ଜି ୫୬୮୦) ନମ୍ବର ବିଶିଷ୍ଟ ରୟାଲ ଏନଫିଲଡ୍ ବାଇକ୍‌ଟି ଧକ୍କା ଦେଇଥିଲା। ଫଳରେ ଉକ୍ତ କାର୍ ଡାହାଣ ପାଶର୍ୱ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା। ଅପରପକ୍ଷରେ ବାଇକ୍‌ଟି ଧକ୍କା ଦେବା ସମ୍ପୃକ୍ତ ବାଇକ୍ ବାଇକ୍ ଆରୋହୀଙ୍କ ସହ ତିନି ଜଣ ବ୍ୟକ୍ତି ଆହତ ହୋଇଥିବା ସମୟରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। କାରରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଥିବାବେଳେ ସ୍ଥାନୀୟ କିଛି ଯୁବକ ଅନ୍ୟ ଏକ ଗାଡ଼ି ବ୍ୟବସ୍ଥା କରି ବାଲେଶ୍ୱର ପଠାଇଥିଲେ। ଘଟଣାସ୍ଥଳରେ ସୋର ପୋଲିସ ପହଞ୍ଚି ଟ୍ରାଫିକ ଜାମ୍‌କୁ ହଟାଇବା ସହ ଗାଡି ଦୁଇଟିକୁ ଥାନାକୁ ଆଣି ଅଧିକ ତଦନ୍ତ ଜାରି ରଖିଛନ୍ତି।

## ଆପ୍ତିରା ସ୍କୁଲରେ ମାତୃଭାଷା ଦିବସ

ଆଗରପଡ଼ା, (ସବ୍ୟୁ) : ଆପ୍ତିରା ଉନ୍ନୀତ ମଧ୍ୟ ଇଂରାଜୀ ସ୍କୁଲରେ ମାତୃଭାଷା ଦିବସ ପାଳନ ହୋଇଯାଇଛି। ବରିଷ୍ଠ ଶିକ୍ଷକ ଗୌରାଙ୍ଗ ବିଶ୍ୱାଳଙ୍କ ସଂଯୋଜନା ଓ ଶିକ୍ଷକ ଗୋପୀନାଥ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ଓଡ଼ିଆ ଭାଷା,ସାହିତ୍ୟ,ସଂସ୍କୃତି ଓ ପରମ୍ପରାର ପ୍ରସାର ଓ ପ୍ରଚାର ବିଷୟରେ ଆଲୋଚନା ହୋଇଥିଲା। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରଶଂସା ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ୱାଗତ ଭାଷଣ ଶିକ୍ଷୟିତ୍ରୀ ଅନୁଜା ପଣ୍ଡା ଓ ଧନ୍ୟବାଦ୍ ଅର୍ପଣ ଶିକ୍ଷକ ପ୍ରଭାତ ନାୟକ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା,ସଭ୍ୟସଭ୍ୟା ମାନେ ଉପସ୍ଥିତ ରହିଥିଲେ।

## ବହୁ ବିବାଦୀୟ ପ୍ଲଟ-୫୯୫ ଉଚ୍ଛେଦ : ଉଚ୍ଚ ନ୍ୟାୟାଳୟ ଆଦେଶ ପରେ କାର୍ଯ୍ୟାନୁଷ୍ଠାନ

ଭଦ୍ରକ,(ସବ୍ୟୁ) : ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ପଂଚାୟତରେ ଗତ ୨୦୨୧ ମସିହାରୁ ଲାଗିରହିଥିବା ବହୁ ଚର୍ଚ୍ଚିତ ଓ ବିବାଦୀୟ ପ୍ଲଟ ନଂ-୫୯୫ ସରକାରୀ ଜମିକୁ ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଛେଦ କରାଯାଇଛି। ଏହି ଘଟଣାକୁ କେନ୍ଦ୍ର କରି ଅଂଚଳରେ ଦୀର୍ଘଦିନ ଧରି ଆଇନଗତ ଲଢେଇ ଚାଲିଆସୁଥିଲା। ସୂଚନା ଅନୁସାରେ,ଉକ୍ତ ପ୍ଲଟକୁ ନେଇ ସମାଜସେବୀ ରମାକାନ୍ତ ଭଳ ଓ ଅପର ପକ୍ଷ କୁନାଲ ଗୌତମ ଦାସଙ୍କ ମଧ୍ୟରେ ସରକାରୀ ଜମି ଜବରଦଖଲ ଅଭିଯୋଗକୁ କେନ୍ଦ୍ର କରି ବିବାଦ ସୃଷ୍ଟି ହୋଇଥିଲା। ପରେ ମାମଲାଟି ଆଦାଲତରେ ପହଂଚିଥିଲା ଏବଂ ଦୀର୍ଘ ଶୁଣାଣି ପରେ ଉଚ୍ଚନ୍ୟାୟାଳୟ ପକ୍ଷରୁ ସରକାରୀ ଜମି ମୁକ୍ତ କରିବାକୁ ଆଦେଶ ଜାରି ହୋଇଥିଲା। ଆଦେଶ ଅନୁଯାୟୀ ଚାନ୍ଦବାଲି ତହସିଲଦାର ଭବତୋଷ ମଲ୍ଲିକ ଏକ ପ୍ଲାଟୁନ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଂଚି ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଶାସନ ପକ୍ଷରୁ ଆଇନ-ଶୃଙ୍ଖଳା ବ୍ୟବସ୍ଥାକୁ ଦୃଢ଼ କରାଯିବା ସହିତ ସମସ୍ତ ପ୍ରକ୍ରିୟାକୁ ଭିଡିଓ ରେକର୍ଡିଂ କରାଯାଇଥିବା ଜଣାପଡ଼ିଛି। ପରେ ଅବୈଧ ଭାବେ ନିର୍ମିତ ଗଠନକୁ ଭଙ୍ଗାଯାଇ ସରକାରୀ ଜମିକୁ ଜବରଦଖଲ ମୁକ୍ତ କରାଯାଇଛି। ଉଚ୍ଛେଦ ପରେ ସମାଜସେବୀ ରମାକାନ୍ତ ଭଳ କହିଛନ୍ତି ଯେ,ଏହା ସତ୍ୟର ଜୟ ଓ ଆଇନର ସମ୍ମାନ।

## ଖଣି ବିଭାଗର ଚଢ଼ାଉ, ଟାଟା ହିଟାଚି ସହ ବେଆଇନ ପଥର ବୋଝେଇ ଡମ୍ଫର ଜବତ

ସୋର, (ସବ୍ୟୁ) : ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଖଞ୍ଜାମାହାଲ ପଥର ଖାଦାନରେ ଖଣି ବିଭାଗ ତରଫରୁ ଚଢ଼ାଉ କରାଯାଇ ଏକ ଟାଟା ହିଟାଚି ସହ ଏକ ବେଆଇନ ପଥର ବୋଝେଇ ଡମ୍ଫରକୁ ଜବତ କରି ସୋର ଥାନା ଜିମା ଦିଆଯାଇଛି। ଏହି ଖାଦାନରେ ପ୍ରଶାସନ ତରଫରୁ ୧୬୩ ଧାରା ଲାଗୁ କରାଯାଇ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି।କିନ୍ତୁ ପଥର ମାଫିଆ ମାନେ ୧୬୩ ଧାରାକୁ ଖାତିର ନ କରି ଅହରହ ଖାଦାନରୁ ପଥର ଚୋରି କରୁଛନ୍ତି। ଗତକାଲି ରାତିରେ ୪୨ ନମ୍ବର କ୍ୱାରୀରୁ ବେଆଇନ ପଥର ଚାଲାଣ ହେଉଥିବା ଖବର ପାଇ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଏବଂ ସମ୍ପିତ କୁମାର ମଣି ଅଚାନକ ଚଢ଼ାଉ କରିଥିଲେ। ଏହି ସମୟରେ ଏକ ଟାଟା ହିଟାଚି ସେଠାରେ କାର୍ଯ୍ୟ କରୁଥିବା ବେଳେ ହିଟାଚି ଟିକୁ ଜବତ କରି ପୁଲିସ ଜିମା ଦେଇଥିଲେ। ସେହିପରି କଲେଜ ଛକରେ ଚଢ଼ାଉ କରି ପଥର ଖାଦାନରୁ ପଥର ବୋଝେଇ କରି ଭଦ୍ରକ ଅଭିମୁଖେ ଯାଉଥିବା ଓଡି ୦୪ ଏଚ ୪୦୨୦ ନମ୍ବର ବିଶିଷ୍ଟ ଡମ୍ଫରକୁ ଜବତ କରି ସୋର ଥାନାରେ ଜିମା ଦିଆଯାଇଛି।ଏହି ଚଢ଼ାଉ ହେଉଥିବା ଜାଣିପାରି ଅନ୍ୟ ଗାଡି ଗୁଡିକ ଫେରାର ହୋଇଯାଇଥିଲେ।

## ଲିଙ୍ଗ ସଚେତନତା ଓ ଯୌନ ଉତ୍ପୀଡନ ନିରୋଧ କମିଟି ଗଠନ

ଧାମନଗର,(ସବ୍ୟୁ) : ଧାମନଗର ଓକିଲ ସଂଘ ସଭାଗୃହରେ ଓକିଲ ସଂଘର ସଭାପତି ଅଶୋକ ଦାସଙ୍କ ସଭାପତିତ୍ୱରେ ଏକ ଜରୁରକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସାଧାରଣ ସମ୍ପାଦକ ରଞ୍ଜିତ କୁମାର ମହାନ୍ତି ସର୍ବୋଚ୍ଚ ନ୍ୟାୟାଳୟ ଓ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଓ ମାର୍ଗଦର୍ଶିକା ଚିଠି ନମ୍ବର ୧୪୬/ ୧୮.୦୨.୨୦୨୬ ଅନୁସାରେ ଧାମନଗର ବିଚାରାଳୟର ମହିଳା ଓ ତୃତୀୟ ଲିଙ୍ଗୀଙ୍କ ପାଇଁ ଲିଙ୍ଗ ସଚେତନତା,ଯୌନ ଉତ୍ପୀଡନ ନିରୋଧ,ପ୍ରତିକାର ଓ ନିବାରଣ ନିମନ୍ତେ ଏକ କମିଟି ଗଠନ ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଇ ଥିଲେ। ସଂଘ ତରଫରୁ ଦୁଇ ଜଣ ମହିଳା ଆଇନଜୀବୀ ଓ ଜଣେ ସମାଜସେବୀଙ୍କୁ ଚୟନ କରି ଏକ କମିଟି ଗଠନ କରାଯାଇଥିଲା। ଉପସ୍ଥିତ ଥିବା ଓକିଲ ସଂଘର ସଭ୍ୟମାନଙ୍କ ସର୍ବସମ୍ମତି କ୍ରମେ ସଂଘର ସଭ୍ୟା ଆଇନଜୀବୀ ମିନତୀ ମଲ୍ଲିକ ଓ ମଧୁସ୍ମିତା ମହାପାତ୍ର ଓ ସମାଜସେବୀ ଭାବରେ ନାରାୟଣ ସାହାଣୀଙ୍କ ନାମ ସ୍ଥିର କରାଯାଇ ଧାମନଗର ବିଚାରପତିଙ୍କ ମାଧ୍ୟମରେ ଓଡ଼ିଶା ଉଚ୍ଚ ନ୍ୟାୟଳୟକୁ ଚିଠି ନମ୍ବର ୧୦୩/୨୧.୨.୨୦୨୬ ମାଧ୍ୟମରେ ପ୍ରେରଣ କରାଯାଇଥିଲା।

## ତାଳସାରୀରେ ଅଲିଭ ରିଡ୍‌ଲେଙ୍କ ଅଣ୍ଡାଦାନ : ୨୦୧୫ ଅଣ୍ଡା ସଂଗ୍ରହ

ବାଲେଶ୍ୱର, (ସବ୍ୟୁ) : ଅଲିଭ ରିଡଲେ କଇଁଛଙ୍କ ତୀର୍ଥସ୍ଥଳୀ ଭୋଗରାଇର ତାଳସାରୀ । ଚଳିତ ବର୍ଷ ଅଲିଭ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୧୫ଟି କଇଁଛଠୁ ମୋଟ ୨୦୧୫ଟି ଅଣ୍ଡା ସଂଗ୍ରହ କରାଯାଇଥିବା କଥା ଉଦୟପୁର ବନପାଳ ସଞ୍ଜୟ କୁମାର ମହାନ୍ତି କହିଛନ୍ତି । ସମସ୍ତ ଅଣ୍ଡାକୁ ସୁରକ୍ଷିତ ଭାବେ ହ୍ୟାଚେରୀରେ ରଖାଯାଇଥିବା ବେଳେ ବେଳାଭୂମି ଉପରେ ସତର୍କ ନଜର ରଖାଯାଇଛି । ବିବରଣୀରୁ ପ୍ରକାଶ, ପ୍ରତି ବର୍ଷ ତାଳସାରୀ ବେଳାଭୂମି ଅଲିଭ ରିଡଲେ କଇଁଛମାନେ ସମୂହ ଅଣ୍ଡାଦାନ କରିଥାନ୍ତି । ଭୋଗରାଇର ଉଦୟପୁରରୁ କୀର୍ତ୍ତନିଆ ପ୍ରାୟ ୧୦କି.ମି ସୁଦୀର୍ଘ ବେଳାଭୂମି ସେମାନଙ୍କ ସୁରକ୍ଷିତ ସ୍ଥାନ। ତାଳସାରୀର ମୁରଲୀ ଚଡ଼ ଓ ନାରାୟଣ ମହାନ୍ତି ପଡ଼ିଆ ଦାଣ୍ଡି ଆଦି ସ୍ଥାନରେ ସେମାନେ ସୁରକ୍ଷିତ ଭାବେ ଅଣ୍ଡାଦାନ କରି ଫେରିଥାନ୍ତି। ଡିଏଫଓ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶ ଏବଂ ଜଳେଶ୍ୱର ସହକାରୀ ବନ ସଂରକ୍ଷକ ଜୟଶ୍ରୀ ମୁର୍ମୁଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷ ମଧ୍ୟ ବିଭାଗ ପକ୍ଷରୁ କଇଁଛଙ୍କ ଅଣ୍ଡାଦାନ ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି। ସୁବର୍ଣ୍ଣା ସ୍ୱତନ୍ତ୍ର ବୋଟ୍‌ରେ ବିଚିତ୍ରପୁର । ଜେଟିରୁ ପ୍ରତିଦିନ ୬କି.ମି ସମୁଦ୍ରରେ ପାଟ୍ରୋଲିଂ କରାଯାଉଛି। ତେବେ ଚଳିତ ବର୍ଷ କଇଁଛମାନେ ଆଗୁଆ ଆସିଥିବା ବେଳେ ସେମାନଙ୍କ ସଂଖ୍ୟା ୧୦୦ ଟପିବ ବୋଲି ବନପାଳ ଶ୍ରୀ ମହାନ୍ତି ପ୍ରକାଶ କରନ୍ତି। ସବୁଜ ବାହିନୀର କର୍ମଚାରୀ ହରିଶଙ୍କର ସାହୁ, ରାଜୀବ ଜେନା ପ୍ରମୁଖ ଏଥିପାଇଁ ତତ୍ପର ଅଛନ୍ତି। ସୂଚନାଥାଉ କି, ଗତ ବର୍ଷ ୮୪ଟି କଇଁଛ ୯୫୮୫ଟି ଅଣ୍ଡାଦାନ କରିଥିଲେ । ଗତବର୍ଷ ହ୍ୟାଚେରୀରେ ଅଣ୍ଡା ସବୁକୁ ରଖାଯିବା ସହିତ ଶାବକ ସବୁକୁ ସୁରକ୍ଷିତ ଭାବେ ସମୁଦ୍ରରେ ଛାଡ଼ି ଦିଆଯାଇଥିଲା ।

## ଚାନ୍ଦା ପାଇଁ ଟୋଲଗେଟ ପରିଚାଳକଙ୍କୁ ଆକ୍ରମଣ ଅଭିଯୋଗ

ଭଣ୍ଡାରିପୋଖରୀ,(ସବ୍ୟୁ) : ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ଭାଗଡା-ନାରାୟଣପୁର ଟୋଲଗେଟ ପରିଚାଳକଙ୍କୁ ଗତ ଶନିବାର ରାତ୍ରରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଟୋଲଗେଟ ପରିଚାଳକ ବଜରଙ୍ଗୀ ସିଂ ଥାନାରେ ଏ ସମ୍ପର୍କରେ ରବିବାର ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଭୂତିଆ, ଲକ୍ଷ୍ମୀସାଗର, ଚାଇଁଖିଆ, ତେସିଙ୍ଗା, ପୁରିପଡା ଆଦି ଗ୍ରାମର କେତେକ ରାଜନୈତିକ ବ୍ୟକ୍ତି ପରିଚାଳକଙ୍କ କୋଠରୀକୁ ଶନିବାର ରାତ୍ର ୭.୧୦ମି. ସମୟରେ ଆସି ଚାନ୍ଦା ମାଗିଥିଲେ। ଉପରିସ୍ଥ ଅଧିକାରୀଙ୍କ ସହ ଅନୁମତି ନେଇ ନିଷ୍ପତ୍ତି ହେବ ବୋଲି ବଜରଙ୍ଗୀ ଉତ୍ତର ଦେଇଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଚାନ୍ଦା ଆଦାୟକାରୀମାନେ ବଜରଙ୍ଗୀଙ୍କୁ ଆକ୍ରମଣ କରିଥିଲେ। ଜନୈକ ବ୍ୟକ୍ତି ଆସି ବଜରଙ୍ଗୀଙ୍କୁ ଉଦ୍ଧାର କରିଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ରିପୋର୍ଟ ପ୍ରସ୍ତୁତ ପର୍ଯ୍ୟନ୍ତ ଥାନାରେ ଏଥିନେଇ ମାମଲା ରଜୁ ହୋଇନଥିବା ଜଣାଯାଇଛି।

## ରାଜ୍ୟସ୍ତରୀୟ ବସନ୍ତ ଉତ୍ସବ ଓ ଲୋକକଳା ମହୋତ୍ସବ

ଭଦ୍ରକ,(ସବ୍ୟୁ) : ଆଜି ରବିବାର ଭଦ୍ରକର ଟାଉନହଲ ଠାରେ ମୂର୍ଚ୍ଛନା ଓ ଓଡ଼ିଶା କଲଚର ଆର୍ଟ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ବସନ୍ତ ଉତ୍ସବ ଓ ଲୋକକଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଫେଷ୍ଟିଭାଲ ନିର୍ଦ୍ଦେଶକ ତଥା ବରିଷ୍ଠ ସାମ୍ବାଦିକ ରବି ନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଇଂ.ଅଭୟ ସୁତାରଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏ,ସମ୍ମାନୀତ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ଯୋଗଦେଇ ଭଦ୍ରକର ଐତିହ୍ୟ ଓ ପରମ୍ପରା ଅତୀବ ପ୍ରାଚୀନ ସମଗ୍ର ଦେଶରେ ଆମର ଭଦ୍ରକୀୟ ସଂସ୍କୃତି ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ଆମର ପରିଚୟ ଶ୍ରୀବୃଦ୍ଧି କରିବାରେ ସହଯୋଗ କରିଛି ବୋଲି କହିଥିଲେ। ଏହି ଅବସରରେ କବୟିତ୍ରୀ ଦମୟନ୍ତୀ ରାଉତଙ୍କ ଭକ୍ତି ସଂଗୀତ କ୍ୟାସେଟ ହେ ପ୍ରଭୁ ନୀଳାମୟଜିଲ୍ଲାପାଳଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଂଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ ମଂଚ ଆମନ୍ତ୍ରଣ ପ୍ରତିଷ୍ଠାତା ସମ୍ପାଦକ ବସନ୍ତ କୁମାର ଦାସ ମହୋତ୍ସବର ବିବରଣୀ ଓ ବିଶିଷ୍ଟ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଅଧିକାରୀ ଡ.ତ୍ରିଲୋଚନ ବରାଳ,ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ,ଗୋପାଳପୁର ମହାବିଦ୍ୟାଳୟର ଡ.ନଗେନ୍ଦ୍ର କୁମାର ପାଢ଼ୀ,ସମ୍ମାନୀତ ଅତିଥି ଭାବେ ଚଳଚ୍ଚିତ୍ର ଅଭିନେତା ମିଟୁ ମିଥୁନ,ଚଳଚ୍ଚିତ୍ର ଗାୟିକା ଏଞ୍ଜୋଲା ମିଶ୍ର ଓ ଭାଗବତ ଟୁଙ୍ଗି ପ୍ରଚାର ସମିତିର ସଭାପତି ନଙ୍ଗୁଳି ବାବା,ପ୍ରଦୀପ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଖବରଦାତା ଡ.ହରିହର ନାୟକ,ପ୍ରଭାତ କୁମାର ଦାଶ,ଅପୂର୍ବ ରଞ୍ଜନ ବେହେରା,ସଙ୍ଗୀତ ନିର୍ଦ୍ଦେଶକ ରାମନାରାୟଣ ମହାନ୍ତି,ରମେଶ ଚନ୍ଦ୍ର ରାୟ,ପଣ୍ଡିତ ସନ୍ତୋଷ ମିଶ୍ର,ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ବେହେରା,ଅଧ୍ୟାପିକା ଦେବସ୍ମିତା ମିଶ୍ର,ଶିକ୍ଷୟିତ୍ରୀ ମନୋରମା ରାୟ,କବୟିତ୍ରୀ ସଂଯୁକ୍ତା ବଳ,ମମତା ବଳ,କବିଶଶାଙ୍କ ପଣ୍ଡା,କ୍ୟାପଟେନ ଓମକାର,ରାଜଶ୍ରୀ ଓଝା,ଶଶିକାନ୍ତ ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଦମୟନ୍ତୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବକାରୀ ବିଭାଗର ଚଢ଼ାଉ ହଜାରେ ଲିଟର ଜିଞ୍ଜର ଜବତ



ବାଲେଶ୍ୱର, (ସବ୍ୟୁ) : ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ତରଫରୁ ଚଢ଼ାଉ କରି ୧ହଜାର ଲିଟର ଜିଞ୍ଜର ଜବତ କରାଯାଇଥିବା ବେଳେ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି। ଜବଦ ଜିଞ୍ଜରର ମୂଲ୍ୟ ଅଢେଇ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଉଛି । ଘଟଣାରେ ସମ୍ପୃକ୍ତ ସୋର ଥାନା ଦୟାନିଧିପୁର (ଶାଳଗାଁ) ଗ୍ରାମର ସନାତନ ନାୟକ, କାହ୍ନୁଚରଣ ନାୟକ, ହେମନ୍ତ ନାୟକ, ଶଙ୍କର୍ଷଣ ବେହେରା, ସଞ୍ଜିତ ନାୟକ ପ୍ରମୁଖ ଫେରାର ଥିବା ଜଣାପଡ଼ିଛି । ଅବକାରୀ ବିଭାଗ ଅଧିକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟି ଅବକାରୀ ଅଧିକ୍ଷକ ସ୍ୱପ୍ନାରାଣୀ ସାହୁ, ଇନ୍ସପେକ୍ଟର ହରିହର ସିଂ, ସବ୍‌ଇନ୍ସପେକ୍ଟର ଭବେଶ ଦାସ, ଏଏସଆଇ ଲମ୍ବୋଦର ମହାନ୍ତ , କନେଷ୍ଟବଳ ସୁନାରାମ ସରେନ, ନାହାନ ମୁର୍ମୁ ପ୍ରମୁଖ ସାମିଲ ହୋଇଥିଲେ।

### ଜିଲ୍ଲା କଂଗ୍ରେସ ପଦାଧିକାରୀଙ୍କ ବୈଠକ
## ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ଆଶାତୀତ ସଫଳତା ହାସଲ କରିବ



ବାଲେଶ୍ୱର, (ସବ୍ୟୁ) : ତୃଣମୂଳ ସ୍ତରରେ ସାଧାରଣ ଲୋକଙ୍କ ସମସ୍ୟା ସହିତ ଜଡ଼ିତ ହେବାକୁ ପଡ଼ିବ। ଦଳର କର୍ମୀ ଓ ନେତାମାନେ ଭୋଟରଙ୍କୁ ଭଗବାନ ଭାବନ୍ତୁ। ଏହାହେଲେ ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନରେ କଂଗ୍ରେସ ଆଶାତୀତ ସଫଳତା ପାଇବ ବୋଲି ଦଳୀୟ ନେତାମାନେ ପ୍ରକାଶ କରିଛନ୍ତି। ଆଜି ବାଲେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସ କମିଟିରେ ସ୍ଥାନ ପାଇଥିବା ସମସ୍ତ ପଦାଧିକାରୀଙ୍କୁ ସମ୍ବର୍ଦ୍ଧନା ଓ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ ଏହି ବୈଠକରେ ପୌରୋହିତ୍ୟ କରି ଆସନ୍ତା ୧୦ ଦିନ ମଧ୍ୟରେ ବ୍ଲକ୍ କଂଗ୍ରେସ କମିଟି ଏବଂ ଜୋନ୍ ସଭାପତି ଚୟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡ଼ା ପ୍ରତି ମାସରେ ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରରେ ଏକ ମିଶ୍ରଣ ପର୍ବ କରିବାକୁ ଆହ୍ୱାନ ଦେଇଥିଲେ। ଲୋକେ ବିଜେଡ଼ିକୁ ଦେଖିଲେ, ବିଜେପିକୁ ଦେଖୁଛନ୍ତି। ସାଧାରଣ ଲୋକେ ନ୍ୟାୟ ପାଉନାହାନ୍ତି। ତେଣୁ କଂଗ୍ରେସ ହିଁ ଏକମାତ୍ର ବିକଳ୍ପ ବୋଲି ଦଳୀୟ ନେତାମାନେ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, ରେମୁଣା ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଜଳେଶ୍ୱର କଂଗ୍ରେସ ନେତା ସୁଦର୍ଶନ ଦାସ, ବସ୍ତା ନେତା ବିଜନ ନାୟକ, ସୋର ନେତା ସୁବ୍ରତ ଧଡ଼ା, ଖଇରା ଓ ସିମୁଳିଆ ନେତା ହିମାଂଶୁ ବେହେରା, ସଦର ନେତା ସରୋଜ ଲେଙ୍କା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ ପ୍ରମୁଖ ଉଦବୋଧନ ଦେଇଥିଲେ। ଉପସ୍ଥିତ ଜିଲ୍ଲାର ବିଭିନ୍ନ ପଦାଧିକାରୀ ନିଜର ସୁଚିନ୍ତିତ ମତାମତ ଦେଇଥିଲେ। ଜିଲ୍ଲା ସଂଖ୍ୟା ଲଘୁ ସେଲ୍ ଅଧ୍ୟକ୍ଷ ଅଜଗର ଅଲ୍ଲୀ, ମନରେଗା ଜିଲ୍ଲା ସଂଯୋଜକ ନିଶିଥ ବାରିକ, ଆର ଜି ପି ଆର ଏସ ଜିଲ୍ଲା ଅଧ୍ୟକ୍ଷ ଆଶିଷ ପଟ୍ଟନାୟକ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ତୁଷାରକାନ୍ତି ତପସ୍ୱୀ, ଦେବଦତ୍ତ ଦାସ, ବିଜୟ ମହାନ୍ତି, ପଶୁପତି ଉପାଧ୍ୟାୟ ପ୍ରମୁଖ ପରିଚାଳନା କରିଥିଲେ।

## ରାଜ୍ୟ ବିଦ୍ୟୁତ କର୍ମଚାରୀ ଫେଡେରେସନର ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ

କେନ୍ଦୁଝର ,(ସବ୍ୟୁ):ବିପ୍ଲବୀ ଧରଣୀଧର ଭୂୟାଁର ମାଟି କେନ୍ଦୁଝର ସହରର ଅଡିଟୋରିଅମ ହଲରେ ଏଆଇଟିୟୁସି ସହବନ୍ଧିତ ବିଦ୍ୟୁ କର୍ମଚାରୀ ଫେଡେରେସନ ର ୫୧ ତମ ସମ୍ମିଳନୀ ଫେବୃୟାରୀ ୨୧,୨୨ ଦୁଇ ଦିନ ଧରି ଚାଲିବା ପରେ ଆଜି ଦ୍ୱିତୀୟ ଦିନରେ ଉଦଯାପିତ ହୋଇଯାଇଛି । ଫେଡେରେସନର ଅଧ୍ୟକ୍ଷ ସାଥୀ ରାମକୃଷ୍ଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଦୁଇ ଦିନିଆ ସମ୍ମିଳନୀରେ ରାଜ୍ୟର ୩୦ଟି ଜିଲ୍ଲାର ବିଦ୍ୟୁତ କର୍ମଚାରୀ ୟୁନିୟନର ୫ ଶହ ପ୍ରତିନିଧିମାନେ ଯୋଗଦେଇଥିଲେ । ଅଧ୍ୟକ୍ଷ ସାଥୀ ପଣ୍ଡା ବିଧିବଦ୍ଧ ଭାବେ ସମ୍ମିଳନୀକୁ ଉଦଘାଟନ କରିବା ପରେ ଦିବଂଗତ ନେତା ଓ କର୍ମୀମାନଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା । ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷା ତଥା କେନ୍ଦୁଝର ପୌରପରିଷଦର ଅଧ୍ୟକ୍ଷା ଶ୍ରୀମତୀ ନିକୁ ସାହୁ ତାଙ୍କର ସ୍ୱାଗତ ଅଭିଭାଷଣ ରଖିଥିଲେ । ବିଦ୍ୟୁତ ଫେଡେରେସନ ସର୍ବଭାରତୀୟ ସାଧାରଣ ସମ୍ପାଦକ ସାଥୀ ମୋହନ ଶର୍ମା, ଉତ୍ତର ପୂର୍ବାଞ୍ଚଳ ସମ୍ପାଦକ ସାଥୀ ବୈଦ୍ୟନାଥ ସିଂ, ଉପ ସାଧାରଣ ସମ୍ପାଦକ ଅରୁଣ ଛୋଟରାଜ, ଏଆଇଟିୟୁସି, ଓଡ଼ିଶା ରାଜ୍ୟ କାର୍ଯ୍ୟକାରି ସଭାପତି ସାଥୀ ମହେଶ୍ୱର ରାଉତ ସାଧାରଣ ସମ୍ପାଦକ ସାଥୀ ବିଜୟ ଜେନା ନିଜ ନିଜର ବକ୍ତବ୍ୟ ରଖିଥିଲେଛ ସାଧାରଣ ସମ୍ପାଦକ ରିପୋର୍ଟ ଉପସ୍ଥାପନ କରିବା ପରେ ପ୍ରତିନିଧି ସାଥୀ ମାନେ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।

ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ୪ଟି ଶ୍ରମ କୋର୍ଡ ତୁରନ୍ତ ପ୍ରତ୍ୟାହାର କରିବା, ଦୈନିକ ଦଶ ଘଣ୍ଟା କାର୍ଯ୍ୟ ଦିବସ ଓ ମହିଳା ମାନଙ୍କୁ ରାତ୍ରି କାଳୀନ ଡ୍ୟୁଟି ନିଷ୍ପତ୍ତି ପ୍ରତ୍ୟାହାର କରିବା, ବିଦ୍ୟୁତ ବିଭାଗର ପୁନଃ ଘରୋଇକରଣ ବନ୍ଦ କରିବା, କାର୍ଯ୍ୟରତ ସମସ୍ତ ଠିକା ଶ୍ରମିକ, ଏନ୍ ଏମ୍ ଆର୍ ଓ କଣ୍ଟିଜେନସି ଖଲାସି ମାନଙ୍କୁ ସ୍ଥାୟୀ କରିବା, ସ୍ଥାୟୀ ପଦବୀରେ ଅସ୍ଥାୟୀ କର୍ମଚାରୀ ନିଯୁକ୍ତି ବନ୍ଦ କରିବା, ଖାଲି ପଡ଼ିଥିବା ସ୍ଥାୟୀ ପଦବୀରେ ସ୍ଥାୟୀ ନିଯୁକ୍ତି ପ୍ରକ୍ରିୟାରେ ତୁରନ୍ତ ନିଯୁକ୍ତି ଦେବା, ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସମାନ କାମକୁ ସମାନ ଦରମା କାର୍ଯ୍ୟକାରୀ କରିବା ସମସ୍ୟା ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇ ଏହାକୁ ଲାଗୁ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଫେଡେରେସନ ପରିଚାଳନା ପାଇଁ ଏକ ୧୦୧ ଜଣିଆ ରାଜ୍ୟ ପରିଷଦ ଓ ୩୫ ଜଣିଆ କମିଟି ନିର୍ବାଚିତ କରାଯାଇଥିଲା । ସାଥୀ ରାମକୃଷ୍ଣ ପଣ୍ଡା ପୁନର୍ବାର ଅଧ୍ୟକ୍ଷ ଓ ସାଥୀ ସତ୍ୟବାଦୀ ବାଘ ସାଧାରଣ ସମ୍ପାଦକ ଭାବରେ ନିର୍ବାଚିତ ହୋଇଥିଲେ । ଏହା ବ୍ୟତୀତ ଉପ ସାଧାରଣ ସମ୍ପାଦକ ଭାବରେ ସାଥୀ ଶମ୍ଭୁ ପ୍ରସାଦ ମହାପାତ୍ର,ସୁକାନ୍ତ କୁମାର ବେହେରା କୋଷାଧ୍ୟକ୍ଷ ସହିତ ୫ ଜଣ ଉପଦେଷ୍ଟା, ୭ ଜଣ ଭାଇସ ଚେୟାରମ୍ୟାନ , ୫ ଜଣ ଉପ ସାଧାରଣ ସମ୍ପାଦକ, ୧୪ ଜଣ ସମ୍ପାଦକ ଭାବରେ ନିର୍ବାଚିତ । ଆୟୋଜକ କମିଟିର କନଭେନର ସାଥୀ ପଙ୍କଜ କୁମାର ଜେନାଙ୍କ ସମେତ ସମସ୍ତ ସାଥୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ଏକ ସୁନ୍ଦର ସମ୍ମିଳନୀ ଆୟୋଜନ ପାଇଁ ନେସ୍କୋ ପାୱାର ଏମ୍ପ୍ଲୟିଜ୍ ୟୁନିୟନର ସମସ୍ତ କର୍ମକର୍ତ୍ତା ମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## ଭତ୍ତା ଟଙ୍କା ହଡ଼ପ ଅଭିଯୋଗରେ ବ୍ରାହ୍ମଣଦା ପିଇଓ ନିଲମ୍ବିତ

ବାଲେଶ୍ୱର, (ସବ୍ୟୁ) : ବସ୍ତା ବ୍ଲକ ଅଧୀନ ବ୍ରାହ୍ମଣଦା ପଞ୍ଚାୟତରେ ବୃଦ୍ଧବୃଦ୍ଧାମାନଙ୍କର ଭତ୍ତା ଟଙ୍କାକୁ ହଡ଼ପ କରିବାଅଭିଯୋଗରେ ପିଇଓ ରଞ୍ଜିତା ଶତପଥୀଙ୍କୁ ଜିଲ୍ଲାପାଳ ଶନିବାର ଚାକିରିରୁ ନିଲମ୍ବନ କରିଛନ୍ତି। ଚଞ୍ଚକତା କରି ବିଭିନ୍ନ ଲୋକଙ୍କ ଭତ୍ତା ଟଙ୍କାକୁ ସେ ହଡ଼ପ କରିଥିଲେ। ଏ ନେଇ ହିତାଧିକାରୀମାନେ ପଂଚାୟତ ଅଫିସ ଆଗରେ ଧାରଣା ଦେଇଥିଲେ। ଏହାପରେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ନିଲମ୍ବିତ ପିଇଓ ଶତପଥୀ ଜଳେଶ୍ୱର ବ୍ଲକ ପ୍ରଶାସନ ହେପାଜତରେ ରହିବେ ବୋଲି ନିର୍ଦ୍ଦେଶ ହୋଇଛି।

### ବ୍ରହ୍ମାକୁମାରୀଜ ପକ୍ଷରୁ ନିଶାମୁକ୍ତ ଭାରତ ଗଠନ ସମ୍ପର୍କିତ ରଥର ଦ୍ୱିଦିବସୀୟ ପରିକ୍ରମା କାର୍ଯ୍ୟକ୍ରମ
## ନିଶାକୁ ଦୂର ନହେଲେ ସେ ଆମକୁ ସମସ୍ତଙ୍କଠୁ କରିବ ପର



ବେତନଟୀ, (ସବ୍ୟୁ) : ନିଶାସେବନର ଭୟାବହତାକୁ ରଖି କେନ୍ଦ୍ର ସରକାରଙ୍କର କ୍ରୀଡ଼ା ଏବଂ ଯୁବ ବ୍ୟାପାର ବିଭାଗ ସହାୟତରେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଶାମୁକ୍ତ ଭାରତ ଗଠନ ସମ୍ପର୍କିତ ଏକ ରଥର ଦ୍ୱିଦିବସୀୟ ପରିକ୍ରମା କାର୍ଯ୍ୟକ୍ରମକୁ ବୈଶିଙ୍ଗା ବସଷ୍ଟାଣ୍ଡ ନିକଟରେ ଭବ୍ୟ ସ୍ୱାଗତ ଏବଂ ସମ୍ବର୍ଦ୍ଧନା ସହ ଉଦଘାଟିତ । ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ସାବିତ୍ରୀ ଭଉଣୀଙ୍କ ନେତୃତ୍ୱରେ ଉକ୍ତ ରଥ ସାରା ଜିଲ୍ଲାର ବିଭିନ୍ନ ସେବା କେନ୍ଦ୍ରରେ ପରିକ୍ରମା କରିଥିବା ବେଳେ ଶୁକ୍ରବାର ଏହା ବୈଶିଙ୍ଗା ସେବାକେନ୍ଦ୍ର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଅନୁପମା ଭଉଣୀ ଙ୍କ ସଂଯୋଜନାରେ ଏହାର ଉଦ୍ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ବେତନଟୀ ସେବାକେନ୍ଦ୍ର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ବନିତା ଭଉଣୀ ପରିଚାଳନା କରିଥିବା ବେଳେ ଏଥିରେ ମୁଖ୍ୟଅତିଥି ଭାବେ ବେତନଟୀ ତହସିଲଦାର ଚିରଞ୍ଜିତ ବେହେରା , ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ରାଇକମା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନା, ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ବେତନଟୀ ରେଞ୍ଜର ଧ୍ରୁବେନ୍ଦ୍ର ନାଥ ନାୟକ , ବେତନଟୀ ଅବକାରୀ ବିଭାଗ ଥାନାଧିକାରୀ ପ୍ରଦୀପ କୁମାର ବେହେରା , ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ , ଜିଲ୍ଲା ପରିଷଦ ସଦସ୍ୟା ସାବିତ୍ରୀ ଦାସ , ସମିତି ସଭ୍ୟା ସରସ୍ୱତୀ ଦାସ ,ସରପଞ୍ଚ ସାବିତ୍ରୀ ମୁର୍ମୁ ପ୍ରମୁଖ ଉପସ୍ଥିତ ରହିଥିଲେ । ବୈଶିଙ୍ଗା ବ୍ରହ୍ମାକୁମାରୀଜର ଭଉଣୀମାନଙ୍କ ଦ୍ୱାରା ଅତିଥି ମାନଙ୍କୁ ଉତ୍ତରୀୟ, ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ବର୍ଗର ଜନସାଧାରଣ ମାନଙ୍କ ମଧ୍ୟରେ ଥିବା ବିଭିନ୍ନ ପ୍ରକାରର ନିଶାସେବନର ଭୟାବହତା, କୁପ୍ରଭାବ ଥିବା ବେଳେ ଏହାର ନିରାକରଣ ସନ୍ଦର୍ଭରେ ସମସ୍ତ ଅତିଥି ନିଜର ବକ୍ତବ୍ୟ ମାଧ୍ୟରେ ଆଲୋଚନା କରି ଜନ ସଚେତନତା ସୃଷ୍ଟି କରିଥିଲେ। ସମସ୍ତ ଅତିଥି ଫିତା କାଟିବା ସହ ପତକା ଦେଖାଇ ଉକ୍ତ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଉପସ୍ଥିତ ଥିବା ବ୍ରହ୍ମାକୁମାରୀଜ ବୈଶିଙ୍ଗା ସେବା କେନ୍ଦ୍ରର ସମସ୍ତ ଭାଇଭଉଣୀଙ୍କ ତତ୍ତ୍ୱାବଧାନରେ ବୈଶିଙ୍ଗା ବରିଷ୍ଠ ନାଗରିକ ମଞ୍ଚର ସମସ୍ତ ସଦସ୍ୟ/ସଦସ୍ୟା, ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା , ସାଇସାଧନା କୋଚିଂ ଏକାଡ଼େମୀର ଛାତ୍ରଛାତ୍ରୀ, ବିଭିନ୍ନ ଦଳର ମଣ୍ଡଳ ସଭାପତିଙ୍କ ସମେତ କାର୍ଯ୍ୟକର୍ତ୍ତା , ବୈଶିଙ୍ଗା ଅଟୋ ଚାଳକ ସଂଘ, ବୈଶିଙ୍ଗା ଅଞ୍ଚଳର ବରିଷ୍ଠ ସମାଜସେବୀ, ଶୁଭେଚ୍ଛୁ ଙ୍କ ସମେତ ଶତାଧିକ ଜନସାଧାରଣ ଉକ୍ତ ରଥକୁ ନେଇ ବସଷ୍ଟାଣ୍ଡ ଠାରୁ ବୈଶିଙ୍ଗା ସ୍ଥିତ ଶିବାଜୀ ଯୁବକ ସଂଘ ପର୍ଯ୍ୟନ୍ତ ଏକ ରାଲି ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏହା ପରେ ଉକ୍ତ ନିଶା ନିବାରଣ ରଥ ଶ୍ରୀବସ୍ତପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟ,ଗଡଦେଉଳିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର , କଳମା ସଂକଳ୍ପ ଶିଶୁବିଦ୍ୟାମନ୍ଦିର, କାଛୀ ଆଶ୍ରମ ବିଦ୍ୟାଳୟ, ଉଞ୍ଚଭୂମୀ ବାଳିକା ଉଚ୍ଚ ବିଦ୍ୟାଳୟ,ଖଇରୀବଣୀ ଆଶ୍ରମ ବିଦ୍ୟାଳୟ , ବଙ୍ଗାଳୀଡାହି , ବୈଶିଙ୍ଗା ଆଇଟିଆଇ ଭଳି ଅନ୍ୟ ଶିକ୍ଷାନୁଷ୍ଠାନକୁ ଯାଇ ନିଶା ନିବାରଣ ଉପରେ ରଥରେ ଥିବା ଏଲଇଡ଼ି ମାଧ୍ୟମରେ ଚିତ୍ର ପ୍ରଦର୍ଶନ କରିଥିଲେ। ଶନିବାର ଏହି ରଥ ବୈଶିଙ୍ଗା ସେବା କେନ୍ଦ୍ରରୁ ବାହାରି ନଛିପୁରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦୁର୍ଗାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ,ମଛପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଯୁଗପୁରା, ସନ୍ତରା ସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, ହେମପୁର, ଆମ୍ବଗଡ଼ିଆ, ଅଁଳା , ତୋଟାପଡ଼ା ଆଶ୍ରମ ବିଦ୍ୟାଳୟ ଭଳି ଏକାଧିକ ଶିକ୍ଷାନୁଷ୍ଠାନ ସମେତ ବିଭିନ୍ନ ଗାଁ ଗଣ୍ଡା ଯାଇ ସମସ୍ତଙ୍କ ମଧ୍ୟରେ ମୋବାଇଲ ବ୍ୟବହାର ନିଶାଠୁ ଆରମ୍ଭ କରି ସମସ୍ତ ପ୍ରକାରର ନିଶାର ନିବାରଣ ଉପରେ ବ୍ୟାପକ ସଚେତନତା ସୃଷ୍ଟି କରିଥିଲେ । ଉକ୍ତ ରଥକୁ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ , ରାଇକମା ଆଶ୍ରମ ବିଦ୍ୟାଳୟ, ସତ୍ୟସାଇ ଶିକ୍ଷାକେନ୍ଦ୍ରର ଆଠ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଭିନ୍ନ ଜନ ସଚେତନତା ଅବଲମ୍ବୀ ସ୍ଲୋଗାନ ଦେଇ ରାଲି ଯୋଗେ ଭବ୍ୟ ସ୍ୱାଗତ କରିଥିଲେ । ଏହା ସହ ସମସ୍ତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ବିଭିନ୍ନ ନିଶାଠୁ ଦୁରେଇ ରହିବା ପାଇଁ ସାମୁହିକ ପ୍ରତିଜ୍ଞା କରିବା ସହ ମାନସିକ ଶାନ୍ତି ପାଇଁ ରାଜଯୋଗର ଅଭ୍ୟାସ ମଧ୍ୟ କରିଥିଲେ । ଉକ୍ତ ସଚେତନତା ରଥ ରାଜଯୋଗିନୀ ବ୍ରକୁ ମମତା ଭଉଣୀ , ଆଇନଜିବୀ ତଥା ବ୍ରକୁ ସତ୍ୟବାନ ଭାଇ, ବ୍ରକୁ ଦିବ୍ୟ ଭାଇ ପ୍ରମୁଖ ଙ୍କ ନେତୃତ୍ୱରେ ସାରା ଜିଲ୍ଲାରେ ପରିକ୍ରମା କରୁଅଛି। ଏହା ପରେ ଉକ୍ତ ରଥ ରବିବାର ରାସଗୋବିନ୍ଦପୁର ସେବା କେନ୍ଦ୍ର ଅଧୀନରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନ, ଗ୍ରାମ ମାନଙ୍କରେ ପରିକ୍ରମା କରିବେ ବୋଲି ଅନୁପମା ଭଉଣୀ ପ୍ରକାଶ କରିଥିଲେ ଏହି ୨ଦିବସୀୟ କାର୍ଯ୍ୟକ୍ରମରେ ବୈଶିଙ୍ଗା ସେବାକେନ୍ଦ୍ରର ସମସ୍ତ ଭାଇ ଏବଂ ଭଉଣୀ ପ୍ରତ୍ୟେକ୍ଷ ଭାବରେ ସକ୍ରିୟ ସହଯୋଗ କରିଥିବା ବେଳେ ବ୍ରହ୍ମାକୁମାରୀ ଅନୁପମା ଭଉଣୀ ଧନ୍ୟବାଦ ଜ୍ଞାପନ କରିଥିବା ବେଳେ ବ୍ରହ୍ମାକୁମାରୀ ବନିତା ଭଉଣୀ ସମସ୍ତଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ।

## ଡାଃ ଯଦୁନାଥ କଲେଜର ସ୍କାଉଟ ଏଣ୍ଡ ଗାଇଡ୍ସର ରୋଭର୍ସ କ୍ରିୟୁ ଏବଂ ରେଞ୍ଜର ଟିମ୍‌କୁ ଜଗନ୍ନାଥ ଜୀ ଏବଂ ଲକ୍ଷ୍ମୀପ୍ରିୟାଙ୍କ ନାମରେ ନାମିତ କରାଗଲା



ବାଲେଶ୍ୱର, (ସବ୍ୟୁ) : ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏଣ୍ଡ ଗାଇଡ୍ସ ପକ୍ଷରୁ ବିଶ୍ୱ ଚିନ୍ତନ ଦିବସ ସ୍ଥାନୀୟ ଡା. ଯଦୁନାଥ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଶିଷ୍ଟ ସମାଜସେବୀ ତଥା ମହାବିଦ୍ୟାଳୟର ପ୍ରଥମ ସମ୍ପାଦକ ସ୍ୱର୍ଗତଃ ଜଗନ୍ନାଥ ଜୀଙ୍କ ନାମରେ ରୋଭର୍ସ କ୍ରିୟୁ ଏବଂ ତାଙ୍କ ପତ୍ନୀ ସ୍ୱର୍ଗତଃ ଲକ୍ଷ୍ମୀପ୍ରିୟା ଜୀଙ୍କ ନାମରେ ରେଞ୍ଜର ଟିମ୍‌କୁ ନାମିତ କରାଯାଇଛି । ଏହି ଉପଲକ୍ଷେ କଲେଜ ପରିସରରେ ଆୟୋଜିତ ଉତ୍ସବରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଜଗନ୍ନାଥ ଜୀ ଏବଂ ଲକ୍ଷ୍ମୀପ୍ରିୟା ଦେବୀଙ୍କର ତୈଳଚିତ୍ରକୁ କଲେଜର ସ୍କାଉଟ୍ସ ଏଣ୍ଡ ଗାଇଡ୍ସ କାର୍ଯ୍ୟାଳୟରେ ଅନାବରଣ କରି ସମାଜସେବା କ୍ଷେତ୍ରରେ ଜଗନ୍ନାଥ ଜୀଙ୍କର ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷା ତୃପ୍ତିଲତା ଦାସ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥିଭାବରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଜୟନ୍ତ କୁମାର ଦ୍ୱିବେଦୀ, ପୂର୍ବତନ ଛାତ୍ରସଂସଦର ସଭାପତି ଦିଲ୍ଲୀପ କୁମାର ଦ୍ୱିବେଦୀ, ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ ଭାଗିରଥି ପଣ୍ଡା, ସମାଜସେବୀ ଆଲୋକ କୁମାର ଜୀ, ସହସମ୍ପାଦକ ଚିତରଂଜନ ପାଣିଗ୍ରାହୀ, କୋଷାଧ୍ୟକ୍ଷ ସତ୍ୟନାରାୟଣ ଘଣ୍ଟା, ରଜତ କୁମାର ପାତ୍ର, ସମାଜସେବୀ ଯୁଗଳ କିଶୋର ମହଲ ଏବଂ ଶିବାଜୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏଠାରେ ସୂଚନାଯୋଗ୍ୟ ଉକ୍ତ ମହାବିଦ୍ୟାଳୟରେ ସ୍କାଉଟ୍ସ ଏଣ୍ଡ ଗାଇଡ୍ସର ଶାଖା ଦୀର୍ଘ ବର୍ଷ ଧରି ସ୍ଥାପନ ହୋଇଥିବାବେଳେ ଜଗନ୍ନାଥ ଜୀଙ୍କ ନାମରେ ପୁଅମାନଙ୍କର ଟିମ୍‌କୁ ରୋଭର୍ସ କ୍ରିୟୁ ଏବଂ ଝିଅମାନଙ୍କର ଦଳକୁ ଲକ୍ଷ୍ମୀପ୍ରିୟା ଦେବୀଙ୍କ ନାମରେ ରେଞ୍ଜର ଟିମ୍‌କୁ ନାମିତ କରାଯାଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ଏହି କାର୍ଯ୍ୟକ୍ରମକୁ ସ୍କାଉଟ୍ସ ରୋଭର ରିଡ଼ର ସଂଜୟ କୁମାର ସାହୁ ଏବଂ ସୁଷମାରାଣୀ ସିଂ ପ୍ରମୁଖ ପରିଚାଳନା କରିଥିଲେ ।

**(ଶ୍ରୀମଦ୍‌ଭଗବଦ୍ ଗୀତା ୨/୪୨)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ଯାମିମାଂ ପୁଷ୍ପିତାଂ ବାଚଂ ପ୍ରବଦନ୍ତ୍ୟବିପଶ୍ଚିତଃ ।**
**ବେଦବାଦରତାଃ ପାର୍ଥ ! ନାନ୍ୟଦସ୍ତୀତି ବାଦିନଃ ॥ ୪୨ ॥**

(ଯଦି କହ, କାମିମାନେ କଷ୍ଟକର କାମନାସବୁ ପରିତ୍ୟାଗ କରି ନିଶ୍ଚୟ ବୁଦ୍ଧିକୁ ଆଶ୍ରୟ କରନ୍ତି ନାହିଁ କାହିଁକି ? ସେଥିପାଇଁ କହୁଚନ୍ତି)– ହେ ପାର୍ଥ ! ଯେଉଁ ମୂଢ଼ମାନେ କର୍ମଫଳର ପ୍ରଶଂସାବାଚକ ବେଦବାକ୍ୟରେ ଆସକ୍ତ ଏବଂ (ଏହା ଭିନ୍ନ ଅନ୍ୟ କୌଣସି ଜ୍ଞାତବ୍ୟ ବିଷୟ ନାହିଁ । ଏପରି କହନ୍ତି, ସେହିସବୁ କାମନାପରାୟଣ, ସ୍ୱର୍ଗାଭିଳାଷୀ ମୂଢ଼ମାନେ ଜନ୍ମ, କର୍ମ ଓ କର୍ମଫଳପ୍ରଦ ଭୋଗୈଶ୍ୱର୍ଯ୍ୟର ସାଧକ ଏବଂ ନାନାବିଧ ପ୍ରିୟାବିଶେଷର ବାହୁଲ୍ୟବିଶିଷ୍ଟ ଯେଉଁସବୁ ଆପାତତଃ କର୍ଣ୍ଣସୁଖ ଜନିତ ବାକ୍ୟ ପ୍ରୟୋଗ କରିଥାନ୍ତି, ସେଥିରେ ଅପହୃତଚିତ୍ତ, ଭୋଗୈଶ୍ୱର୍ଯ୍ୟରେ ଏକାନ୍ତ ଆସକ୍ତ ବ୍ୟକ୍ତିମାନଙ୍କର କାର୍ଯ୍ୟାକାର୍ଯ୍ୟନିର୍ଣ୍ଣୟକାରିଣୀ ବୁଦ୍ଧି ସ୍ଥିର ହୋଇ ରହେ ନାହିଁ । ॥ ୪୨॥

# କୃତ୍ରିମ ବୁଦ୍ଧିମତା ଓ ଆମେ

ଏବର ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ସର୍ବାଗ୍ରେ ରହିଛି କୃତ୍ରିମ ବୁଦ୍ଧିମତା ବା Artificial Intelligence । ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ମାନବ ସର୍ବାପେକ୍ଷା ବୁଦ୍ଧିମାନ । ଏହା ସତ୍ତ୍ୱେ ମାନବ ତା'ର ବୁଦ୍ଧି ଓ କୌଶଳର ଉପଯୁକ୍ତ ବ୍ୟବହାର ନ କରି ନିଜେ ମାନବ ସମାଜର କ୍ଷତି ସାଧନ କରି ଆସୁଛି । ଏପରିକି ମାନବିକତାକୁ ବିସ୍ମରି ଯାଉଛି । ଯେଉଁ ପାରମ୍ପରିକ ନିୟମ ଶୃଙ୍ଖଳା ମଧ୍ୟରେ ମାନବ ସମାଜ ବାନ୍ଧି ହୋଇ ରହିଛି, ସେହି ନିୟମ ଶୃଙ୍ଖଳାରୁ ବିଚ୍ୟୁତ ହୋଇ ମାନବ ବଡ଼ ଭୁଲ କରୁଛି । ପ୍ରାଣୀ ଜଗତରେ ଜନ୍ମ ଲାଭ କରୁଥିବା ପ୍ରତ୍ୟେକ ପ୍ରାଣୀ ମରଣଶୀଳ । ଏ କଥା ଜାଣି ମଧ୍ୟ ମାନବ ନିଜର ଗର୍ବ ଓ ଅହଙ୍କାରକୁ ଆୟତ୍ତ କରି ନ ପାରି ଅଯଥାରେ ଅଳୀକତା ପଛରେ ଗୋଡାଇ ଥାଏ । ମୃତ୍ୟୁ କୌଣସି ପ୍ରାଣୀଙ୍କୁ ଛାଡ଼େ ନାହିଁ । ଦେବତାମାନେ ବି ମାନବ ଶରୀରରେ ଏଇ ଧରାପୃଷ୍ଠରେ ଜନ୍ମ ନେଇ ଦିନେ ନା ଦିନେ ମୃତ୍ୟୁ ମୁଖରେ ପଡ଼ିବେ । ତେଣୁ ଆଧ୍ୟାତ୍ମିକ ପଥ ହିଁ ଆମ ପାଇଁ ଶ୍ରେଷ୍ଠ ପଥ ।

ଏ ଯୁଗ ହେଉଛି କୃତ୍ରିମ ବୁଦ୍ଧିମତା (Artificial Intelligence) ର ଯୁଗ । କମ୍ପ୍ୟୁଟର ଉଦ୍‌ଭାବିତ ହେବା ପରେ ସେହି ମାର୍ଗ ଦେଇ ବିଭିନ୍ନ ଜଟିଳ ସମସ୍ୟା ଯଥା ବିଦ୍ୟାଲାଭ, ବିଚାର କରିବାର ଶକ୍ତି, କଷ୍ଟକର କାର୍ଯ୍ୟ ସବୁର ସମାଧାନ ସହିତ ଠିକ୍ ନିଷ୍ପତ୍ତି ନେବାକୁ ମାନବର ବୁଦ୍ଧିମତାକୁ ଜାଗ୍ରତ ବା ଉନ୍ମୋଚିତ କରାଇବାର ଏ ହେଉଛି ପ୍ରକୃଷ୍ଟ ମାର୍ଗ । ଏପରିକି ବିଭିନ୍ନ ମେସିନ ଜରିଆରେ ଭଲ ଭାବେ ଶିକ୍ଷା ଲାଭ କରିବାକୁ ଓ ବିଭିନ୍ନ ତଥ୍ୟ ସଂଗ୍ରହ ଜରିଆରେ ନିଜେ ନିଜେ ନିଷ୍ପତ୍ତି ନେବା ଲାଗି ଏହା ହିଁ ଉଚିତ ପନ୍ଥା ।

**ଏ ଯୁଗ ହେଉଛି କୃତ୍ରିମ ବୁଦ୍ଧିମତା (Artificial Intelligence) ର ଯୁଗ । କମ୍ପ୍ୟୁଟର ଉଦ୍‌ଭାବିତ ହେବା ପରେ ସେହି ମାର୍ଗ ଦେଇ ବିଭିନ୍ନ ଜଟିଳ ସମସ୍ୟା ଯଥା ବିଦ୍ୟାଲାଭ, ବିଚାର କରିବାର ଶକ୍ତି, କଷ୍ଟକର କାର୍ଯ୍ୟ ସବୁର ସମାଧାନ ସହିତ ଠିକ୍ ନିଷ୍ପତ୍ତି ନେବାକୁ ମାନବର ବୁଦ୍ଧିମତାକୁ ଜାଗ୍ରତ ବା ଉନ୍ମୋଚିତ କରାଇବାର ଏ ହେଉଛି ପ୍ରକୃଷ୍ଟ ମାର୍ଗ । ଏପରିକି ବିଭିନ୍ନ ମେସିନ ଜରିଆରେ ଭଲ ଭାବେ ଶିକ୍ଷା ଲାଭ କରିବାକୁ ଓ ବିଭିନ୍ନ ତଥ୍ୟ ସଂଗ୍ରହ ଜରିଆରେ ନିଜେ ନିଜେ ନିଷ୍ପତ୍ତି ନେବା ଲାଗି ଏହା ହିଁ ଉଚିତ ପନ୍ଥା ।**

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେବଳ ଅର୍ଥନୀତି କ୍ଷେତ୍ରରେ ଭାରତକୁ ସମୃଦ୍ଧ କରିବାକୁ ଚାହୁଁ ନାହାନ୍ତି, ଭାରତକୁ ଆତ୍ମନିର୍ଭର କରି ବିକଶିତ କରିବାକୁ, ଭାରତ ତା'ର ଶତବାର୍ଷିକ ପାଳନ ବେଳକୁ ମୋଦିଜୀ ଯେଉଁ ଦୃଢ଼ ସଙ୍କଳ୍ପ ରଖିଛନ୍ତି, ଏପରି କୃତ୍ରିମ ବୁଦ୍ଧିମତାର ପ୍ରୟୋଗରେ ତାହା ସମ୍ଭବ ହେବ ବୋଲି ମନେ ହେଉଛି । ସେଥିପାଇଁ ତ ଭାରତରରେ ଅର୍ନ୍ତଜାତୀୟ କୃତ୍ରିମ ବୁଦ୍ଧିମତାର ଶିଖର ସମ୍ମିଳନୀ ପାଇଁ ସବୁ ପ୍ରକାର ଆୟୋଜନ କରିଛନ୍ତି ଭାରତ ସରକାର ।

ଭାରତର ବିଦ୍ୟାର୍ଥୀମାନେ ଏହାର ସୁଯୋଗ ନେଇ ପାରିଲେ ଭାରତ ଆଉ ବିଶ୍ୱରେ ପଛରେ ନ ପଡ଼ି ଅଗ୍ରଗମନ କରିପାରିବ । ଏଥିପାଇଁ ଭାରତର ମେଧା, ଶକ୍ତି ଓ ସ୍ୱଷ୍ଟନୀତି ରହିଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏହାକୁ ଉଦ୍‌ଘାଟନ କରି କହିଛନ୍ତି । କିନ୍ତୁ ଅଳ୍ପ ବୟସ୍କ ଛାତ୍ର ବା ବିଦ୍ୟାର୍ଥୀମାନେ ଏହାର ଦୁରୁପୋଯୋଗ କଲେ ତାହା ମାନବ ସମାଜକୁ ଧ୍ୱଂସ ଆଡ଼କୁ ନେଇଯିବ । ଏ ବିଷୟରେ ବଡ଼ ବଡ଼ ରାଷ୍ଟ୍ରର ମୁଖ୍ୟମାନେ ସତର୍କତା ଅବଲମ୍ବନ କରିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି । ମାତ୍ର ଦକ୍ଷିଣ ବିଶ୍ୱରେ ଏହାର ଉପଯୋଗିତାକୁ ଠିକ୍ ଭାବେ କରାଯାଇ ଶକ୍ତି ଓ ସମୃଦ୍ଧିର ପଥ ପରିସ୍କୃତ କରିବାକୁ ଆମ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଜୀଙ୍କ ଆହ୍ୱାନ ଆମ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ ହୋଇଥାଏ ।

## ଦେବତ୍ୱର ଦିବ୍ୟ ଆଲୋକ

**ଯେଉଁ ସଂସ୍କୃତିରେ ପ୍ରକୃତି, ନଦନଦୀ, ପଶୁପକ୍ଷୀ, ସୂର୍ଯ୍ୟଚନ୍ଦ୍ର, ଗ୍ରହନକ୍ଷତ୍ରକୁ ପୂଜା କରାଯାଏ, ଯେଉଠି ଅଗ୍ନି, ଜଳ, ଆକାଶ, ମାଟି ଓ ପବନକୁ ପ୍ରାଣ ବୋଲି ବିଚାର କରାଯାଏ, ପିତାମାତା ଓ ଗୁରୁଙ୍କୁ ଈଶ୍ୱରଙ୍କ ସ୍ୱରୂପ ବୋଲି ବିବେଚନା କରାଯାଏ, ସେବା, ତ୍ୟାଗ, ଦୟା , କରୁଣା, ପରୋପକାରକୁ ଜୀବନର ଶ୍ରେଷ୍ଠ ଆଦର୍ଶ ବୋଲି ଗ୍ରହଣ କରାଯାଏ, ଦିନେ ସେହି ସଂସ୍କୃତି ହିଁ ସମଗ୍ର ବିଶ୍ୱ ଓ ମାନବ ଜଗତକୁ ଦେବ ଦେବତ୍ୱର ଦିବ୍ୟ ଆଲୋକ ।**

*ଲେଖକ–ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଭାରତରେ ନଦୀ ସଂଯୋଗୀକରଣ ଯୋଜନାର ଗତି



ବିଦ୍ୟାଧର ମହାରଣା

ଭାରତରେ ବିଶ୍ୱ ଜନସଂଖ୍ୟାର ୧୮ ପ୍ରତିଶତ ଲୋକ ବାସ କରୁଥିଲେ ମଧ୍ୟ ସାରା ବିଶ୍ୱର ମଧୁର ଜଳର ମାତ୍ର ୪ ପ୍ରତିଶତ ଭାରତରେ ଅଛି । ଆମ ଦେଶରେ ବାର୍ଷିକ ବୃଷ୍ଟିପାତ ପରିମାଣ ହାରାହାରି ୪୦୦୦ ବିଲିୟନ ଘନମିଟର ହେଉଥିଲେ ମଧ୍ୟ ଏହା ପ୍ରାୟ ଚାରି ମାସରେ ଉପଲବ୍ଧ ହୋଇଥାଏ । ସବୁ ରାଜ୍ୟରେ ସମାନ ପ୍ରକାରର ବର୍ଷା ନହେବା ଫଳରେ ଫସଲ ପାଇଁ ଜଳସେଚନ ଓ ପାନୀୟଜଳ ଯୋଗାଣ ସମାନ ହୋଇନଥାଏ । ପୂର୍ବ ଓ ଉତ୍ତର ଭାରତରେ ଅଧିକବର୍ଷା ଓ ଦକ୍ଷିଣ ଭାରତରେ ସ୍ୱଳ୍ପ ବର୍ଷା ହୁଏ । ଅଧିକ ବର୍ଷାଯୋଗୁ କେଉଁଠି ବନ୍ୟା ତ କେଉଁଠି ବର୍ଷା ଅଭାବରେ ମରୁଡି ଦେଖାଯାଏ । ଭାରତରେ ୪୦୦ରୁ ଅଧିକ ନଦୀ ରହିଛି । ଏଗୁଡିକ ହିମାଳୟରୁ ବାହାରିଥିବା ନଦୀ ଓ ଉପଦ୍ୱୀପ ନଦୀ ହିସାବରେ ମୁଖ୍ୟତଃ ଦାକ୍ଷିଣାତ୍ୟରେ ପ୍ରବାହିତ । ଏଥିରୁ କେତେକ ନଦୀରେ ବର୍ଷସାରା ଜଳ ପ୍ରବାହିତ ହେଲାବେଳେ କେତେକ ନଦୀରେ ଜଳପ୍ରବାହ ସାମୟିକ ହୋଇଥାଏ ।

ଉତ୍ତର ଭାରତର ନଦୀଗୁଡ଼ିକ ଚିରସ୍ରୋତା ଥିବାବେଳେ ଦାକ୍ଷିଣାତ୍ୟର ନଦୀଗୁଡିକ ଖରାଦିନେ ଶୁଖିଲା ରହେ । ଏପରି ବୈଷମ୍ୟ ଯୋଗୁଁ ରାଜ୍ୟଗୁଡିକ ମଧ୍ୟରେ ଫସଲ ଉତ୍ପାଦନ, ଜଳ ବିଦ୍ୟୁତ ଉତ୍ପାଦନ, ମତ୍ସ୍ୟଚାଷ, ନୌ ପରିବହନ, ପାନୀୟଜଳ ଯୋଗାଣ, ଶିଳ୍ପ ଇତ୍ୟାଦି କ୍ଷେତ୍ରରେ ତାରତମ୍ୟ ଦେଖାଯାଏ । ଏହି କାରଣରୁ ଦେଶର କେତେକ ଅଞ୍ଚଳରେ ଜଳାଭାବ ନଥିବା ସ୍ଥଳେ ଆଉ କେତେକ ଅଞ୍ଚଳରେ ଜଳସଙ୍କଟ ଦେଖାଯାଏ । ଏହାକୁ ସମତୁଲ କରିବା ପାଇଁ ଉନବିଂଶ ଶତାବ୍ଦୀରେ ନଦୀ ସଂଯୋଗୀକରଣ ଯୋଜନା ବିଷୟ ଚିନ୍ତା କରାଗଲା । ପ୍ରଥମେ ମାଡ୍ରାସ୍ ପ୍ରେସିଡେନ୍ସିର ମୁଖ୍ୟଯନ୍ତ୍ରୀ ସାର୍ ଆର୍ଥର କଟନ ଏସମ୍ପର୍କରେ ଏକ ପ୍ରକଳ୍ପ ପରିକଳ୍ପନା କରିବା ପରେ ୧୯୭୦ ମସିହାରେ ଭାରତର ଜଳସମ୍ପଦ ରାଷ୍ଟ୍ରମନ୍ତ୍ରୀ ଡଃ କେ. ଏଲ୍. ରାଓ ଏଥିପାଇଁ ଏକ ଜାତୀୟ ୱାଟର ଗ୍ରୀଡ ଗଠନକରି ବିଧିବଦ୍ଧ ଭାବରେ ୧୯୮୦ ମସିହାରେ ରାଷ୍ଟ୍ରୀୟ ସମ୍ଭାବ୍ୟ ଯୋଜନା ପ୍ରସ୍ତୁତ କଲେ, ଯାହା ୧୯୮୨ ମସିହାରେ ରାଷ୍ଟ୍ରୀୟ ଜଳବିକାଶ ସଂସ୍ଥା ହିସାବରେ ସ୍ୱୀକୃତ ହେଲା । ଦେଶର ବଳକା ଜଳଥିବା ଉତ୍ତର ଭାରତର କେତେକ ନଦୀ ସହିତ ଦାକ୍ଷିଣାତ୍ୟର ଜଳାଭାବ ଥିବା ନଦୀଗୁଡିକର ସଂଯୋଗୀକରଣ ପାଇଁ ସ୍ଥିର କରାଗଲା ।

ଏହାଦ୍ୱାରା ଅଧିକ ଜଳସେଚନ ସୁଯୋଗ, ଭୂତଳ ଜଳର ପୁନଃଭରଣା,ବର୍ଷାଜଳ ସରଂକ୍ଷଣ, ଜଳ ବିଦ୍ୟୁତ ଉତ୍ପାଦନ, ନୌଯାତ୍ରା ସୁବିଧା ଓ ମାଛଚାଷ ସୁବିଧା ମିଳିବ । ଏହା ସହିତ ବନ୍ୟା ଓ ମରୁଡି ନିୟନ୍ତ୍ରଣ ହୋଇପାରିବ । ନଦୀ ସଂଯୋଗୀକରଣ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାକୁ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ବିଧିବଦ୍ଧ ଭାବରେ ନିଷ୍ପତ୍ତି ନେଲେ । ଉତ୍ତରଭାରତର ହିମାଳୟରୁ ବାହାରିଥିବା ୧୪ ଗୋଟି ଓ ଦାକ୍ଷିଣାତ୍ୟର ଉପଦ୍ୱୀପ ଅଞ୍ଚଳରେ ୧୬ ଟି ନଦୀ ସଂଯୋଗୀକରଣ ସହିତ ରାଜ୍ୟର ମଧ୍ୟରେ ଥିବା କେତେକ ନଦୀ ସଂଯୋଗୀକରଣ ନିମନ୍ତେ ଯୋଜନା ପାଇଁ ସ୍ଥିର କରାଗଲା । ଏସଂକ୍ରାନ୍ତରେ କେତେକ ମାମଲା ସୁପ୍ରିମକୋର୍ଟଙ୍କ ଦୃଷ୍ଟିକୁ ଯିବାରୁ ୨୦୧୨ ମସିହାରେ କୋର୍ଟ ଏକ କେନ୍ଦ୍ରୀୟ କ୍ଷମତାପ୍ରାପ୍ତ କମିଟି ପରାମର୍ଶରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ନଦୀ ସଂଯୋଗୀକରଣ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଲେ । ଜାତୀୟ ଜଳ ବିକାଶ ସଂସ୍ଥା (NWDA) ଟାସ୍କ ଫୋର୍ସ ଗଠନ କରି ୧୯୮୨ ଠାରୁ ୨୦୧୩ ମଧ୍ୟରେ ବହୁ ସମ୍ଭାବ୍ୟ ରିପୋର୍ଟ ପ୍ରସ୍ତୁତ କରିଛନ୍ତି ।

ନଦୀ ସଂଯୋଗୀକରଣ ପ୍ରକଳ୍ପ ରାଜ୍ୟମାନଙ୍କ ମଧ୍ୟରେ ଏବଂ ରାଜ୍ୟ ମଧ୍ୟରେ କରାଯିବାର ଯୋଜନା ରହିଛି । ଏଥିପାଇଁ କେତେକ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ହୋଇଛି ଓ କେତେକ କ୍ଷେତ୍ରରେ ସମ୍ଭାବନା ଅନୁଧ୍ୟାନ ରିପୋର୍ଟ ପ୍ରସ୍ତୁତ ହୋଇଛି । ଭାରତର ନଦୀ ସଂଯୋଗୀକରଣ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ୫ ଲକ୍ଷରୁ ୮.୫ ଲକ୍ଷ କୋଟି ଟଙ୍କା ଆବଶ୍ୟକ ହେବ ବୋଲି ପ୍ରଥମେ ଅଟକଳ କରାଗଲା । ଯେଉଁ ପ୍ରଥମ ପ୍ରକଳ୍ପ କେନ – ବେତୱା ବୁନ୍ଦେଲଖଣ୍ଡରେ କାର୍ଯ୍ୟକାରୀ ହେବାକୁ ଯାଉଛି ସେଥିରେ ପ୍ରାୟ ୪୪୬୦୫ କୋଟି ଟଙ୍କା ଆବଶ୍ୟକ । ସମ୍ଭବତଃ ମୋଟ ପ୍ରକଳ୍ପ ଖର୍ଚ୍ଚ ୨୧.୯ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ହୋଇପାରେ । ୨୦୨୪ ଅଟକଳ ଅନୁସାରେ ପ୍ରଥମ ଅଗ୍ରାଧିକାର ଚାରିଟି ପ୍ରକଳ୍ପ ( କେନ୍– ବେତୱା , ପାର୍ବତୀ– କାଳିସିନ୍ଧ– ଚମ୍ବଲ, କୋଶି– ମେଚ୍ଛି ଓ ଗୋଦାବରୀ– କାବେରୀ) ପାଇଁ ୨୦୩୫ ସୁଦ୍ଧା ୨.୬ ଲକ୍ଷ କୋଟି ଟଙ୍କା ଆବଶ୍ୟକ ହେବ । ଏପରି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୬୦ ପ୍ରତିଶତ ଓ ରାଜ୍ୟ ସରକାର ୪୦ ପ୍ରତିଶତ ଅର୍ଥବ୍ୟୟ କରିବେ ।

ନଦୀ ସଂଯୋଗୀକରଣ ଯୋଜନା ଜଳଶକ୍ତି ମନ୍ତ୍ରଣାଳୟ କାର୍ଯ୍ୟକାରୀ କରୁଛନ୍ତି । ଏପରି ବିରାଟ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପ୍ରସ୍ତାବ ବହୁ ଆଗରୁ ଆରମ୍ଭ ହୋଇଥିଲେ ମଧ୍ୟ ଏହାର କଚ୍ଛପ ଗତି ନିରୁତ୍ସାହିତ ବୋଲି ମନେହୁଏ ।

ହିମାଳୟ ଅଞ୍ଚଳରୁ ବାହାରିଥିବା ୧୪ ଗୋଟି ନଦୀ ସଂଯୋଗୀକରଣ ପ୍ରକଳ୍ପ ଓ ଦାକ୍ଷିଣାତ୍ୟର ଉପଦ୍ୱୀପ ନଦୀ ମଧ୍ୟରୁ ୧୬ ଗୋଟି ସଂଯୋଗୀକରଣ ପ୍ରକଳ୍ପ ସହିତ ୨୦୦୫ ମସିହାରେ କେତେକ ରାଜ୍ୟରେ ୩୭ ଗୋଟି ଆଭ୍ୟନ୍ତରୀଣ ସଂଯୋଗୀକରଣ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ସ୍ଥିର କରାଯାଇଛି । ଏଯାଏଁ ହିମାଳୟ ଅଞ୍ଚଳରୁ ବାହାରିଥିବା ୧୪ ଗୋଟି ପ୍ରକଳ୍ପ ଓ ଉପଦ୍ୱୀପ ନଦୀ ସଂଯୋଗୀକରଣ ପାଇଁ ୧୬ ଗୋଟି ପ୍ରକଳ୍ପ ମଧ୍ୟରୁ ୨୦୨୪ ସୁଦ୍ଧା ୧୧ ଗୋଟି ପ୍ରକଳ୍ପ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଏବଂ ୨୬ ପ୍ରକଳ୍ପ ପାଇଁ ସମ୍ଭାବ୍ୟ ରିପୋର୍ଟ ପ୍ରସ୍ତୁତ କରାଯାଇଛି । ସମସ୍ତ ୩୦ ଗୋଟି ପ୍ରକଳ୍ପ ପାଇଁ ଜାତୀୟ ସଂଦୃଶ୍ୟ ଯୋଜନା ମଧ୍ୟରେ ସବୁଗୁଡିକ ନିମନ୍ତେ ପ୍ରାକ୍ ସମ୍ଭାବ୍ୟ ରିପୋର୍ଟ ପ୍ରସ୍ତୁତ ହୋଇଛି । ଏଥିରୁ ଦୁଇଟି ପ୍ରକଳ୍ପ ଆପାତତଃ ବନ୍ଦ ରଖାଯାଇଛି ।

ବର୍ତ୍ତମାନ ସୁଦ୍ଧା କେବଳ କେନ– ବେତୱା ପ୍ରକଳ୍ପ ଆରମ୍ଭ କରାଯାଇ ୩୯୬୯ କୋଟି ଟଙ୍କା ବ୍ୟୟ କରାଯାଇଛି । ଏହି ପ୍ରକଳ୍ପଦ୍ୱାରା ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶ ଉପକୃତ ହେବେ । କେନ ନଦୀର ଉଦବୃତ୍ତ ଜଳ ଉତ୍ତରପ୍ରଦେଶ ବେତୱା ନଦୀକୁ ଛଡାଯିବ । ଏହି ପ୍ରକଳ୍ପ ପାଇଁ ଅଟକଳ ବ୍ୟୟ ୪୪,୬୦୫ କୋଟି ଟଙ୍କା ମଧ୍ୟରୁ କେନ୍ଦ୍ର ସରକାର ଏଯାଏଁ ୮୦୨୩ କୋଟି ଟଙ୍କା ଖର୍ଚ୍ଚ କଲେଣି । ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୯୦ ପ୍ରତିଶତ ଓ ରାଜ୍ୟ ସରକାର ୧୦ ପ୍ରତିଶତ ବ୍ୟୟ କରିବେ ।

ତା ୧୦.୨.୨୫ ଦିନ ଏକ ରାଜ୍ୟସଭା ପ୍ରଶ୍ନୋତ୍ତରରେ ଜଳଶକ୍ତି ମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ କେନ୍ଦ୍ର ସରକାର ନଦୀ ସଂଯୋଗୀକରଣ ପ୍ରକଳ୍ପ ପାଇଁ ୨୦୨୧–୨୨ ରେ ୪୬୪୪ କୋଟି ଟଙ୍କା, ୨୦୨୨–୨୩ ରେ ୧୪୦୦ କୋଟି ଟଙ୍କା, ୨୦୨୩–୨୪ରେ ୩୫୦୦ କୋଟି ଟଙ୍କା ଓ ୨୦୨୪–୨୫ ରେ ୪୦୦୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି ।

ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏଯେ **ଭାରତରେ ନଦୀ ସଂଯୋଗୀକରଣ ଯୋଜନା ଏକ ଅନିଶ୍ଚିତତା ମଧ୍ୟ ଦେଇ ଗତି କରୁଛି । ଏହାର କେତେକ ବଳିଷ୍ଠ କାରଣ ରହିଛି । ପ୍ରଥମତଃ ପ୍ରକଳ୍ପ ବ୍ୟୟ ଅଟକଳ ବଢି ବଢି ଯାଉଛି ଏବଂ ସରକାରୀ ବ୍ୟୟ ବରାଦ ଆଶାନୁରୂପ ହୋଇପାରି ନାହିଁ । ଦ୍ୱିତୀୟତଃ କେନାଲ ନିର୍ମାଣ ଯୋଗୁଁ ବହୁ ବନ୍ୟ ପ୍ରକଳ୍ପ ପ୍ରଭାବିତ ହେବା ସହିତ ଜୈବବିବିଧତା ହ୍ରାସ ପାଇବା ଆଶଙ୍କାରେ ପରିବେଶୀୟ ମଞ୍ଜୁରୀ ମିଳିବା କଷ୍ଟକର ହେଉଛି । ତୃତୀୟତଃ ଏହି ପ୍ରକଳ୍ପଗୁଡିକ ଯୋଗୁଁ ବହୁ ସଂଖ୍ୟକ ଲୋକ ବିସ୍ଥାପିତ ହେବା ସହିତ ଚାଷ ଜମି ଓ ଚାଷୀଙ୍କ ଜୀବିକା ହାନି ଘଟିବାର ଜଣାଯାଏ । ଚତୁର୍ଥରେ ଜଳ ବଣ୍ଟନ ପାଇଁ ରାଜ୍ୟଗୁଡିକ ମଧ୍ୟରେ ସହମତିର ଅଭାବ ।**

**ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳ ବିବାଦ ସମାଧାନ ହୋଇ ପାରୁନାହିଁ । ଛତିଶଗଡ କଲମା ଓ ଅନ୍ୟାନ୍ୟ ବ୍ୟାରେଜ ନିର୍ମାଣ ଯୋଗୁଁ ମହାନଦୀରେ ଜଳ ପରିମାଣ କମିବାରେ ଲାଗିଛି ଯାହା ଫଳରେ ଓଡିଶାରେ କୃଷି ବ୍ୟାହତ ହେଉଛି । ୧୯୫୭ରୁ ହୀରାକୁଦ ବନ୍ଧରେ ଜଳଧାରଣ କ୍ଷମତା ଅଧାକୁ କମିଗଲାଣି । ଆନ୍ଧ୍ରପ୍ରଦେଶ ପୋଲାଭରମ ପ୍ରକଳ୍ପ ଯୋଗୁଁ ଓଡ଼ିଶାର କ୍ଷତି ହେଉଛି ।**

ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳ ବିବାଦ ସମାଧାନ ହୋଇ ପାରୁନାହିଁ । ଛତିଶଗଡ କଲମା ଓ ଅନ୍ୟାନ୍ୟ ବ୍ୟାରେଜ ନିର୍ମାଣ ଯୋଗୁଁ ମହାନଦୀରେ ଜଳ ପରିମାଣ କମିବାରେ ଲାଗିଛି ଯାହା ଫଳରେ ଓଡିଶାରେ କୃଷି ବ୍ୟାହତ ହେଉଛି । ୧୯୫୭ରୁ ହୀରାକୁଦ ବନ୍ଧରେ ଜଳଧାରଣ କ୍ଷମତା ଅଧାକୁ କମିଗଲାଣି । ଆନ୍ଧ୍ରପ୍ରଦେଶ ପୋଲାଭରମ ପ୍ରକଳ୍ପ ଯୋଗୁଁ ଓଡ଼ିଶାର କ୍ଷତି ହେଉଛି ।

ଦାକ୍ଷିଣାତ୍ୟର ଉପଦ୍ୱୀପ ନଦୀ ସଂଯୋଗୀକରଣ ପ୍ରକଳ୍ପ ପାଇଁ ପ୍ରାକ୍– ସମ୍ଭାବ୍ୟ ଅନୁଧ୍ୟାନ ଯୋଗୁଁ ପାର – ତାପି – ନର୍ମଦା, ଦାମନଗଙ୍ଗା – ପିଞ୍ଜାଲ, ମହାନଦୀ– ଗୋଦାବରୀ ଓ ପାମ୍ବା–ଭାଇଗାଇ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ସରିଲାଣି । ରାଜ୍ୟ ରାଜ୍ୟ ମଧ୍ୟରେ ଆଭ୍ୟନ୍ତରୀଣ ନଦୀ ସଂଯୋଗୀକରଣ ପ୍ରକଳ୍ପ ୩୭ ମଧ୍ୟରୁ ବିହାର, ମହାରାଷ୍ଟ୍ର ଓ ତାମିଲନାଡୁରେ ପ୍ରାକ୍– ସମ୍ଭାବ୍ୟ ଅନୁଧ୍ୟାନ ଶେଷ ହେଲାଣି ଏବଂ ବିହାରର କୋଶି–ମେଚ୍ଛି, ବୁରି ଗଣ୍ଡକ–ଗଙ୍ଗା ସଂଯୋଗ ଓ ମହାରାଷ୍ଟ୍ରର ୱା ଇନ ଗଙ୍ଗା– ନଳଗଙ୍ଗା ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ହେଲାଣି ।

ପ୍ରସ୍ତାବିତ ପ୍ରକଳ୍ପଗୁଡିକୁ କେନ୍ଦ୍ରୀୟ ଜଳ କମିଶନ, ଜାତୀୟ ସମନ୍ୱିତ ଜଳସମ୍ପଦ ବିକାଶ କମିଶନ ଓ ଜାତୀୟ ଜଳ ବିକାଶ କମିଶନ ପ୍ରସ୍ତାବକୁ ବିଚାର କରିବେ । କେନ୍ଦ୍ରୀୟ ଜଳ କମିଶନ ୨୦୫୦ ସୁଦ୍ଧା ୭୫ ପ୍ରତିଶତ ନିର୍ଭର ତଥ୍ୟ ଉପରେ ସଂଯୋଗୀକରଣ ପାଇଁ ଉଦ୍ଦିଷ୍ଟ ନଦୀଗୁଡିକରେ ଜଳ ପ୍ରବାହ ( ଭୂପୃଷ୍ଠ ଓ ଭୂଗର୍ଭସ୍ଥ) , ଲୋକଙ୍କ ଘରୋଇ ଆବଶ୍ୟକତା, ଶିଳ୍ପ, ଶକ୍ତି ଓ ଜଳସେଚନ ପାଇଁ ଆବଶ୍ୟକତାକୁ ମଧ୍ୟ ହିସାବ କରିଛନ୍ତି । ୨୦୫୦ ସୁଦ୍ଧା ପ୍ରତି ନଦୀର ଜଳଧାର ବା ବେସିନ୍‌ଗୁଡିକରେ କେତେ ପରିମାଣରେ ମୋଟ ଜଳ କୃଷି ଓ ଅଣ କୃଷି ପାଇଁ ବ୍ୟବହାର ହୋଇପାରିବ ତାହା ସହିତ ବାଷ୍ପୀଭବନ ୯– ୧୦ ପ୍ରତିଶତ ମିଶାଇ ହିସାବ କରାଯାଇଛି । ଉଦାହରଣ ସ୍ୱରୂପ ମହାନଦୀର ଭୂପୃଷ୍ଠ ପ୍ରବାହରୁ ୨୦୫୦ ମସିହାରେ ୩୧.୮ରୁ ୩୬.୫ ବିଲିୟନ ଘନ ମିଟର ଓ ଭୂଗର୍ଭସ୍ଥ ଜଳ ୨୧.୮ ରୁ ୨୪.୫ ବିଲିୟନ ଘନ ମିଟର ବ୍ୟବହାର ଯୋଗ୍ୟ ବୋଲି ହିସାବ କରାଯାଇଛି । ଏଥିରୁ କୃଷିରେ ୭୦ ପ୍ରତିଶତ ଓ ଗାରୋଇ, ଶିଳ୍ପ ଓ ଶକ୍ତି ପାଇଁ ୩୦ ପ୍ରତିଶତ ହିସାବ କରାଯାଇଥିଲେ ମଧ୍ୟ ଏଥିରେ ବ୍ୟତିକ୍ରମ ହୋଇପାରେ । ଏଥିପାଇଁ କେତେ ଖର୍ଚ୍ଚ ଆବଶ୍ୟକ, ତାହା ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ପରେ ଜଣାପଡିବ । ରାଜ୍ୟଗୁଡିକ ମଧ୍ୟରେ ସହମତି ଏକ ଦୁରୁହ ବ୍ୟାପାର ଏବଂ ପରିବେଶ ମଞ୍ଜୁରୀ ମଧ୍ୟ କଷ୍ଟକର । ନଦୀ ସଂଯୋଗୀକରଣ ପ୍ରକଳ୍ପ ପରିବେଶ, ଜଙ୍ଗଲ, ବନ୍ୟପ୍ରାଣୀ ଓ ଜଳବାୟୁ ନିୟନ୍ତ୍ରଣ ମଞ୍ଜୁରୀ ଆବଶ୍ୟକ, ଯାହାକି ବହୁ ସମୟ ଆବଶ୍ୟକ କରେ । ଯଦିଓ କେନ– ବେତୱା ସଂଯୋଗୀକରଣ ପ୍ରାକ୍– ନିର୍ମାଣ ଅବସ୍ଥାକୁ ଆସିଲାଣି, ଅନ୍ୟ ପ୍ରକଳ୍ପଗୁଡିକର କଚ୍ଛପ ଗତିକୁ ନାପସନ୍ଦ କରାଯାଇଛି ।

ଆନ୍ତଃ ରାଜ୍ୟ ନଦୀ ସଂଯୋଗୀକରଣ ଯୋଜନା ଏକ ଦୀର୍ଘମିଆଦି ଯୋଜନା ଯାହାକି ସତର୍କତାର ସହିତ ସମ୍ଭାବ୍ୟ ରିପୋର୍ଟ ପ୍ରସ୍ତୁତି ଆବଶ୍ୟକ କରେ । ନଦୀ ସଂଯୋଗୀକରଣ ନକରି ମୁଖ୍ୟ ନଦୀଗୁଡିକର ବେସିନଗୁଡିକରେ ବିକଳ୍ପ ଜଳସେଚନ ବ୍ୟବସ୍ଥାରେ ଆବଶ୍ୟକ ଖର୍ଚ୍ଚ ମଧ୍ୟ ହିସାବ କରିବା ଆବଶ୍ୟକ । ସଂକ୍ଷେପରେ କହିଲେ ନଦୀ ସଂଯୋଗୀକରଣ ଭଳି ଏକ ଦୀର୍ଘମିଆଦି ପ୍ରକଳ୍ପଗୁଡିକର ବୈଷୟିକ, ପରିବେଶୀୟ, ବିସ୍ଥାପନ ଓ ଅର୍ଥନୈତିକ ଦିଗ ଉପରେ ଗଭୀର ଭାବେ ବିଚାର ବିମର୍ଶ କରି ବିକଳ୍ପ ବ୍ୟବସ୍ଥା କରାଯିବା ଆବଶ୍ୟକ । ଯେହେତୁ ବହୁ ନଦୀରେ ପର୍ଯ୍ୟାପ୍ତ ପରିମାଣରେ ଜଳ ରହୁନାହିଁ ଏହାପାଇଁ ବିକଳ୍ପ ବ୍ୟବସ୍ଥା ଚିନ୍ତା କରାଯାଇ ପାରେ ।

**କଳିଙ୍ଗନଗର ୭/୪୫୨,ଭୁବନେଶ୍ୱର**
**ମୋ–୯୪୩୭୦୭୧୧୯୦**
**Consultant, Agriculture NRM**
**bidyadhar.mgmail.com**

# ନୂତନ କାର୍ଯ୍ୟ ନିମନ୍ତେ ଆରମ୍ଭ ମାତ୍ର



ରାକେଶ ପଣ୍ଡା

ଧରାପୃଷ୍ଠର, ସମଗ୍ର ଜୀବ ଜଗତମଧ୍ୟରେ ମନୁଷ୍ୟ ହେଉଛି ସର୍ବଶ୍ରେଷ୍ଠ । ଶ୍ରେଷ୍ଠତାର ଏହି ଗୁଣ ମନୁଷ୍ୟର ଜନ୍ମ ସମୟରୁ ହିଁ ଗୋଟିଏ ମନୋଭାବରେ ରୂପାନ୍ତରିତ ହୋଇଥାଏ, ଯାହାକି, ବୟସ ବଢିବା ସହ ଚାରାରୁ ଏକ ଦ୍ରୁମରେ ପରିଣତ ହୁଏ । ଏହି କାରଣରୁ, ସେ ଜୀବନରେ କୌଣସି କାର୍ଯ୍ୟ, କ୍ଷେତ୍ର ତଥା ପରିସ୍ଥିତିରେ ହାରିବାକୁ ପସନ୍ଦ କରେ ନାହିଁ କିମ୍ବା ଏହାକୁ ସହଜରେ ଗ୍ରହଣ କରିପାରେ ନାହିଁ । ସଫଳତା ତଥା ବିଜୟ ଲାଭ ହିଁ ତା'ର ମୁଖ୍ୟ ଲକ୍ଷ୍ୟ ଥାଏ । କାରଣ, ମନୁଷ୍ୟର ଜୀବନ ଏବଂ ବଞ୍ଚିବା ଶୈଳୀ ବର୍ତ୍ତମାନ ଏକ ପ୍ରତିଯୋଗିତାରେ ପରିଣତ ହୋଇଯାଇଛି ।

ବ୍ୟୟବହୁଳ ବୃତ୍ତିଗତ ଶିକ୍ଷା ଗ୍ରହଣ କରିବା, ପରୀକ୍ଷାରେ ସଫଳତା,ଭଲ ଚାକିରି, ଉଚ୍ଚ ପାହ୍ୟା, ବ୍ୟବସାୟ,ଅଧିକ ଅର୍ଥ ଉପାର୍ଜନ, ସାମାଜିକ ପରିଚୟ ଏବଂ ପ୍ରତିଷ୍ଠା ସ୍ଥାପନ, ଭଲ ଆବାସ, ବିଭିନ୍ନ ବିଳାସପୂର୍ଣ୍ଣ ଦାମୀ ବ୍ୟବହାର୍ଯ୍ୟ ଦ୍ରବ୍ୟ ଇତ୍ୟାଦି ବିଭିନ୍ନ କ୍ଷେତ୍ର ଏବଂ ସ୍ତରରେ ମନୁଷ୍ୟ ନିଜର ପଡୋଶୀ, ଅଞ୍ଚଳ ତଥା ରାଜ୍ୟବାସୀଙ୍କ ସହ ଗୋଟିଏ ପ୍ରତିଯୋଗିତା ପୂର୍ଣ୍ଣ ମନୋଭାବ ନେଇ କାର୍ଯ୍ୟ କରିଥାଏ । ଯେଉଁଥିରେ, ଲକ୍ଷ୍ୟ ଥାଏ ପ୍ରଥମ ସ୍ଥାନ ଅଧିକାର କରିବା କିମ୍ବା ଏକ ବଡ ସଫଳତା ହାସଲ କରିବା ।

କିନ୍ତୁ, ବିଭିନ୍ନ କାରଣରୁ ସେ ଅନେକ କାର୍ଯ୍ୟରେ ଅସଫଳ ତଥା ପରାଜୟର ଶିକାର ହୋଇଥାଏ ଏବଂ ପ୍ରତିଯୋଗିତାର ଶେଷଧାଡିରେ ରହେ । ଠିକ୍ ସେହି ସମୟରେ ଅଥବା ପରିସ୍ଥିତିରେ, ବ୍ୟକ୍ତି ଜଣଙ୍କ ମାନସିକ ସ୍ତରରେ ଭାଙ୍ଗି ପଡିଥାଏ ।

ସେ ଭାବେ 'ମୁଁ ହାରିଗଲି' ! ପରବର୍ତ୍ତୀ ମୁହୂର୍ତ୍ତରେ ତା'ର ଏହି ଭାବନା, ତା'କୁ ଉଭୟ ମାନସିକ ବିକାରଗ୍ରସ୍ତତା ଏବଂ ଶାରୀରିକ ଅସୁସ୍ଥତା ଆଡକୁ ଟାଣି ନେଇଥାଏ । କୌଣସି ଗୋଟିଏ ତଥା କିଛି କାର୍ଯ୍ୟରେ ହାରିବାର ସମ୍ମୁଖୀନ ହୋଇ, ଅନେକ ବ୍ୟକ୍ତି ଭାବି ନିଅନ୍ତି ଯେ, ଜୀବନ ଏହିଠାରେ ହିଁ ସମାପ୍ତ ହୋଇଗଲା, ଯାହାକି' ଏକ ନକରାତ୍ମକ ଭାବନା ଅଟେ ଏବଂ ଭବିଷ୍ୟତ ସମୟରେ ଆଗକୁ ଥିବା ସୁଯୋଗଗୁଡିକ ନିମନ୍ତେ, ନିଜର କ୍ଷମତା, ଦକ୍ଷତା ଓ ଯୋଗ୍ୟତାକୁ ନେଇ ଏକ ନିମ୍ନ ମାନର ବିଶ୍ଳେଷଣ ତଥା ମୂଲ୍ୟାଙ୍କନ ଅଟେ । ଆଜିର ସମୟରେ ଏମିତି ଅନେକ ଘଟଣା ନଜରକୁ ଆସିଥାଏ ଯେ,କିଛି ବ୍ୟକ୍ତି, ବିଶେଷକରି ଯୁବବର୍ଗ କୌଣସି ଏକ ଲକ୍ଷ୍ୟ ତଥା କାର୍ଯ୍ୟ ଯଥା: ଶିକ୍ଷା, ଚାକିରି, ପ୍ରେମ, ବ୍ୟାପାର ଇତ୍ୟାଦିରେ ବିଫଳ ହେଲେ ମାନସିକ ବିଷାଦ ମଧ୍ୟକୁ ଚାଲି ଯାଆନ୍ତି ଏବଂ ଅନେକ କ୍ଷେତ୍ରରେ ଆତ୍ମହତ୍ୟା କରିବାକୁ ମଧ୍ୟ ସେମାନେ ଗୋଟିଏ ବିକଳ୍ପ ତଥା ସମାଧାନ ପନ୍ଥ ଭାବରେ ବାଛି ନିଅନ୍ତି ।

ବାସ୍ତବରେ,ସଫଳତା ଏବଂ ବିଫଳତା ମନୁଷ୍ୟ ଜୀବନ ମୁଦ୍ରାର ଦୁଇପାର୍ଶ୍ୱ ପରି ଅଟେ । ଗୋଟିଏ ଅନ୍ୟ ସହ ସର୍ବଦା ଯୋଡିହୋଇ ରହିଥାଏ । ବର୍ତ୍ତମାନ ସୁଦ୍ଧା, ସମାଜରେ ଉଚ୍ଚ ସଫଳତା ତଥା ପ୍ରତିଷ୍ଠା ପାଇଥିବା ଅନେକ ବ୍ୟକ୍ତିବିଶେଷ, ନିଜ ଜୀବନରେ ଅନେକ ଥର ହାରିଯାଇ ଅସଫଳତା ଲାଭ କରିଥିବାର ବହୁ ଦୃଷ୍ଟାନ୍ତ ରହିଅଛି । କିନ୍ତୁ, ବିଫଳତା ମଧ୍ୟରୁ ସେମାନେ ନିଜର ଦୋଷ ଏବଂ ତ୍ରୁଟିକୁ ଚିହ୍ନି, ପରବର୍ତ୍ତୀ ମୁହୂର୍ତ୍ତରେ ସେସବୁକୁ ସୁଧାର ତଥା ସଂଶୋଧନ କରି, ସର୍ବଶେଷରେ ସଫଳତାର ଶିଖରରେ ପହଞ୍ଚିଛନ୍ତି ।

ଈଶ୍ୱର ଏବଂ ସମୟ ଗୋଟିଏ ଖରାପ ତଥା ଅସଫଳତାପୂର୍ଣ୍ଣ ପରିସ୍ଥିତି ମଣିଷକୁ ଆଣି ଦେଇଥାନ୍ତି ତା'ର ଦୋଷ, ଦୁର୍ବଳତାଗୁଡିକୁ ଚିହ୍ନଟ କରି ତାକୁ ଆହୁରି ଉଭୟ ମାନସିକ ଏବଂ ଶାରୀରିକ ସ୍ତରରେ ଦୃଢ, ଶକ୍ତିଶାଳୀ ତଥା ଦକ୍ଷ କରିବାକୁ ଏବଂ ଜୀବନ ରାସ୍ତାର ଅସୁବିଧାଗୁଡିକୁ ଦୃଢତାର ସହ ସମ୍ମୁଖୀନ କରିବା ପାଇଁ । ଯାହାଦ୍ୱାରା, ତା'ମଧ୍ୟରେ ସହନଶୀଳତା ଏବଂ ଧୈର୍ଯ୍ୟ ଗୁଣର ବିକାଶ ହୋଇଥାଏ ଓ ଲୁଚିରହିଥିବା ଅନ୍ତର୍ନିହିତ ଗୁଣାବଳୀଗୁଡିକ ବାହାରକୁ ଆସିଥାଏ । ନିଜର ସର୍ବୋଚ୍ଚ ଅବଦାନ ଏବଂ ସଫଳତା ପ୍ରାପ୍ତି ମଧ୍ୟରେ ଥିବା ଅନ୍ତର ବା ବ୍ୟବଧାନ ସମ୍ବନ୍ଧରେ ତାହା ସୂଚନା ପ୍ରଦାନ କରିଥାଏ ।

**ଅସଫଳତା ହିଁ ହେଉଛି ସଫଳତାର ଚାବିକାଠି । ଏଣୁ, ପ୍ରତ୍ୟେକଟି ମଣିଷ, ବିଶେଷକରି ଆଜିର ଯୁବଶକ୍ତି କୌଣସି ଏକ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ଅସଫଳତାକୁ ଏକ ନକରାତ୍ମକ ଢଙ୍ଗରେ ଗ୍ରହଣ ନ'କରି ତଥା ସେଥିରେ ଭାଙ୍ଗିନ'ପଡି, ତାହାକୁ ଏକ ସକାରାତ୍ମକ ଓ ଗଠନମୂଳକ ଚିନ୍ତାଧାରା ସହ ଉକ୍ତ ପରିସ୍ଥିତି ଏବଂ ସଂପୂର୍ଣ୍ଣ ଘଟଣାକୁ ବିଶ୍ଳେଷଣ କରିବା ଉଚିତ ।**

ଫଳରେ ନିଜର ଦକ୍ଷତା ଏବଂ ପ୍ରତିପାଦିତାର ସ୍ତରକୁ ବୁଝିବାକୁ ଜଣେ ବ୍ୟକ୍ତି ସକ୍ଷମ ହୁଏ । ଫଳାଫଳ ସ୍ୱରୂପ, ଜଣେ ଭବିଷ୍ୟତରେ କୌଣସି ଏକ କାର୍ଯ୍ୟ ସମ୍ପାଦନ ପୂର୍ବରୁ ଠିକ ଯୋଜନା, ରଣନୀତି ଏବଂ ସଂପୂର୍ଣ୍ଣ ମାର୍ଗ ପ୍ରସ୍ତୁତ କରିବାରେ ଏହା ବେଶ୍ ସହାୟକ ହୋଇଥାଏ ଏବଂ ଅତୀତରେ କରିଥିବା ଭୁଲକୁ ସେ ଦୋହରାଇ ନ'ଥାଏ–ଯାହାକି ତାକୁ ଆଗାମୀ ସମୟର ଏକ ବଡ ଲକ୍ଷ୍ୟ ପ୍ରାପ୍ତି ଦିଗରେ ଉଦ୍ୟତ ହେବା ନିମନ୍ତେ ପ୍ରସ୍ତୁତ କରିଥାଏ ।

ତେବେ, ଅସଫଳତା ହିଁ ହେଉଛି ସଫଳତାର ଚାବିକାଠି । ଏଣୁ, ପ୍ରତ୍ୟେକଟି ମଣିଷ, ବିଶେଷକରି ଆଜିର ଯୁବଶକ୍ତି କୌଣସି ଏକ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ଅସଫଳତାକୁ ଏକ ନକରାତ୍ମକ ଢଙ୍ଗରେ ଗ୍ରହଣ ନ'କରି ତଥା ସେଥିରେ ଭାଙ୍ଗିନ'ପଡି, ତାହାକୁ ଏକ ସକାରାତ୍ମକ ଓ ଗଠନମୂଳକ ଚିନ୍ତାଧାରା ସହ ଉକ୍ତ ପରିସ୍ଥିତି ଏବଂ ସଂପୂର୍ଣ୍ଣ ଘଟଣାକୁ ବିଶ୍ଳେଷଣ କରିବା ଉଚିତ ।

ସେଥିରେ ନିଜ ଦ୍ୱାରା ହୋଇଥିବା ଭୁଲ, ତ୍ରୁଟି ଏବଂ ଦୁର୍ବଳତାଗୁଡିକୁ ଚିହ୍ନଟ କରିବା ତଥା ଉକ୍ତ ଦୋଷ ବା ତ୍ରୁଟିର ସଂଶୋଧନ ନିମନ୍ତେ ନିଷ୍ଠାର ସହ ଅନେକ ପରିଶ୍ରମ କରିବା ଜରୁରୀ । ପରବର୍ତ୍ତୀ ମୁହୂର୍ତ୍ତରେ ଦୁର୍ବଳତାକୁ ନିଜର ଶକ୍ତି, ବଳ ତଥା ସାମର୍ଥ୍ୟରେ ରୂପାନ୍ତରିତ କରିବା ସହ କୌଣସି ଏକ ଅସଫଳତାରେ ଦୁର୍ବଳ ନ'ହୋଇ, ନିଜ ମଧ୍ୟରେ ଧୈର୍ଯ୍ୟ ଶକ୍ତିକୁ ବଢାଇ, ନିଷ୍ଠା ଓ ସାଧୁତାର ସହ ଗୋଟିଏ ଲକ୍ଷ୍ୟ ପ୍ରାପ୍ତି ଦିଗରେ ନିଜର ପ୍ରଚେଷ୍ଟା ଜାରି ରଖିଲେ କିଛିଦିନ, ମାସ କିମ୍ବା ବର୍ଷର ଅନ୍ତରରେ ସଫଳତା ଉକ୍ତ ବ୍ୟକ୍ତିଙ୍କୁ ଅନୁସରଣ କରିବ । କାରଣ, ଗୋଟିଏ କାର୍ଯ୍ୟରେ ବିଫଳତା ଜୀବନର ଶେଷଭାଗ ତଥା ସମାପ୍ତ ନୁହେଁ, ତାହା ନୂତନ ଏକ କାର୍ଯ୍ୟ ନିମନ୍ତେ ଆରମ୍ଭ ମାତ୍ର ।

**ବନ୍ଦାଲୋ, ଟାଙ୍ଗୀ,**
**କଟକ– ୭୫୪୦୨୨**
**ମୋ–୯୩୩୭୮୯୭୬୫୦**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୫ ପୋଲିସ...

ଜିଲ୍ଲା ଏସପି ଗୁଣ୍ଡଲା ରେଠୀ ରାଘବେନ୍ଦ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । ମୃତ ୫ ପୁଲିସ କର୍ମଚାରୀଙ୍କ ଶବ ବ୍ୟବଚ୍ଛେଦ ପରେ ରିଜର୍ଭ ପୁଲିସ ପଡ଼ିଆକୁ ଅଣାଯିବା ପରେ ଜିଲ୍ଲା ଏସପି, ବରିଷ୍ଠ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ସହ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହି ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି ।

### ୧୬ ମାଓବାଦୀଙ୍କ...

ଖୋଜୁଛନ୍ତି । ଏହି ଦୁଇ ଦୁର୍ଦାନ୍ତ ନକ୍ସଲ ନେତା ଜୀବିତ କିମ୍ବା ମୃତ ପାଇବା ପରେ ସଂଗଠନ ଆଉ ରହିବ ନାହିଁ ବୋଲି କୁହାଯାଇଛି । ତେବେ ମାର୍ଚ୍ଚ ୩୧ ପୂର୍ବରୁ ପୁଲିସ ନକ୍ସଲଙ୍କୁ ମୂଳପୋଛ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛି ।

### ଭାରତୀୟ...

ହସ୍ତକ୍ଷେପରେ ଏଆଇର ସଦୁପଯୋଗ କରୁଛନ୍ତି । କେନ୍ଦ୍ର ବଜେଟ୍ ୨୦୨୬-୨୭ ରେ ଏଗ୍ରିଷ୍ଟାକ୍ ପୋର୍ଟାଲ୍ ଏବଂ ଆଇସିଏଆର ପ୍ୟାକେଜକୁ ଏଆଇ ପ୍ରଣାଳୀ ସହିତ ସଂଯୁକ୍ତ କରିବା ପାଇଁ ଏକ ବହୁଭାଷୀ ଏଆଇ ଉପକରଣ ଭାରତ ବିସ୍ତାରର ଶୁଭାରମ୍ଭ କରାଯାଇଛି । ଏହା ପରାମର୍ଶ ସେବା ଯୋଗାଇ ଦେଇ ଫସଲ ଉତ୍ପାଦକତା ବଢ଼ାଇବା ସହ ଚାଷୀଙ୍କୁ ଉନ୍ନତ ନିଷ୍ପତ୍ତି ଗ୍ରହଣ ଏବଂ ବିପଦ ହ୍ରାସରେ ସହାୟକ ହୋଇପାରିବ । ଡିସେମ୍ବର ୨୦୨୫ ସୁଦ୍ଧା ଏଆଇ ଆଧାରିତ କିଷାନ ଇ-ମିତ୍ର ଚାଟବୋଟରେ ୯୩ ଲକ୍ଷରୁ ଅଧିକ ପ୍ରଶ୍ନର ଉତ୍ତର ମିଳିଛି । ଦୈନିକ ୧୧ଟି ଆଞ୍ଚଳିକ ଭାଷାରେ ୮ ହଜାର ଚାଷୀଙ୍କ ପ୍ରଶ୍ନର ସମାଧାନ ହୋଇଛି ।

ଜାତୀୟ କୀଟ ନିରୀକ୍ଷଣ ପ୍ରଣାଳୀ ଏଆଇ ଏବଂ ମସିନ ଲର୍ଣ୍ଣିଂର ଉପଯୋଗ କରୁଛି । ଏହାଦ୍ୱାରା ୪୩୨ଟି କୀଟ ପ୍ରଜାତିକୁ ଚିହ୍ନଟ କରାଯାଇଛି ଏବଂ ୬୬ ପ୍ରକାର ଫସଲ ସୁରକ୍ଷା ହୋଇପାରିଛି । ଫଳରେ ୧୦ ହଜାରରୁ ଅଧିକ ସମ୍ପ୍ରସାରଣ କର୍ମୀଙ୍କୁ ସହାୟତା ମିଳିଛି । ୧୩ଟି ରାଜ୍ୟର କିଛି ଅଂଶରେ ସ୍ଥାନୀୟ ପାଣିପାଗ ପୂର୍ବାନୁମାନ ପାଇଁ ଖରିଫ ୨୦୨୫ ସମୟରେ ଏକ ଏଟିଆଇ-ଆଧାରିତ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିଲା । ସ୍ଥାନୀୟ ମୌସୁମୀ ଆଗମନକୁ ଧ୍ୟାନ ଦେଇ ସର୍ବୋତ୍ତମ ବିହନ ନିଷ୍ପତ୍ତି ନେବା ପାଇଁ, ସମ୍ଭାବ୍ୟ ପୂର୍ବାନୁମାନ ଏମକିଷାନ ପୋର୍ଟାଲ୍ ମାଧ୍ୟମରେ ଏସଏମଏସ ଜରିଆରେ ୧୩ଟି ରାଜ୍ୟର ପାଞ୍ଚଟି ଆଞ୍ଚଳିକ ଭାଷାରେ ୩.୮୮ କୋଟିରୁ ଅଧିକ ଚାଷୀଙ୍କୁ ଏହାର ଲାଭ ମିଳିଥିଲା ।

୨୦୨୪ ମସିହାରେ ଆରମ୍ଭ ହୋଇଥିବା ଡିଜିଟାଲ୍ କୃଷି ମିଶନର ମୋଟ ବ୍ୟୟ ଅଟକଳ ୨,୮୧୭ କୋଟି ଥିବା ବେଳେ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ୫୪,୯୭୨ କୋଟି ଟଙ୍କା ଆବଣ୍ଟନ କରାଯାଇଥିଲା । ଏହାର ଲକ୍ଷ୍ୟ ଥିଲା କୃଷି କ୍ଷେତ୍ରରେ ଅଭିନବ, କୃଷକ-କୈନ୍ଦ୍ରିକ ଡିଜିଟାଲ୍ ସମାଧାନକୁ ଆଗକୁ ବଢାଇବା । ଏହି ମିଶନ ଚାଷୀମାନଙ୍କୁ ଠିକ୍ ସମୟରେ ଫସଲ ଆଧାରିତ ସୂଚନା ପ୍ରଦାନ କରି ଉଚିତ୍ ନିଷ୍ପତ୍ତି ନେବାରେ ସହାୟକ ହେଉଛି । ଏଗ୍ରୀଷ୍ଟାକ୍ ଡିଜିଟାଲ୍ କୃଷି ମିଶନର ଏକ ମୁଖ୍ୟ ଉପାଦାନ, ଯାହା ଚାଷୀମାନଙ୍କୁ ଜମି ରେକର୍ଡ, ପ୍ରାଣୀସମ୍ପଦ ମାଲିକାନା, ଚାଷ କରାଯାଇଥିବା ଫସଲ ଏବଂ ଉପଲବ୍ଧ ଲାଭ ସହିତ ଜଡ଼ିତ ଏକ ଅନନ୍ୟ ଡିଜିଟାଲ୍ ପରିଚୟ (କୃଷକ ଆଇଡି) ପ୍ରଦାନ କରେ । ଏହା ସୁରକ୍ଷିତ ଚିହ୍ନଟ ଏବଂ କୃଷି ସେବାର ପ୍ରବେଶକୁ ସକ୍ଷମ କରିଥାଏ । ୨୦୨୬-୨୭ ସୁଦ୍ଧା ୧୧ କୋଟି ଚାଷୀ ପରିଚୟପତ୍ରର ଲକ୍ଷ୍ୟ ରଖାଯାଇଥିବା ବେଳେ ୨୭ ନଭେମ୍ବର ୨୦୨୫ ସୁଦ୍ଧା ୭.୬୩ କୋଟିରୁ ଅଧିକ ପରିଚୟପତ୍ର ସୃଷ୍ଟି କରାଯାଇଛି । ଏଥିରେ ମହିଳା ଚାଷୀଙ୍କ ପାଇଁ ୧.୯୩ କୋଟି ପରିଚୟପତ୍ର ସାମିଲ ରହିଛି । ଏଗ୍ରୀଷ୍ଟାକ୍ ମଧ୍ୟ ମୋବାଇଲ ଆଧାରିତ ଡିଜିଟାଲ ଫସଲ ସର୍ବେକ୍ଷଣକୁ ସମର୍ଥନ କରୁଛି । ରବି ଋତୁ ୨୦୨୪-୨୫ରେ ୪୯୨ ଜିଲ୍ଲା ଏବଂ ୨୩.୫ କୋଟି ଜମିର ସର୍ବେକ୍ଷଣ କରାଯାଇଛି ।

ଦେଶବ୍ୟାପୀ ମୃତ୍ତିକା ସମ୍ବଳ ମ୍ୟାପିଂ ପ୍ରକଳ୍ପ ଅଧୀନରେ ସେପ୍ଟେମ୍ବର ୨୦୨୪ ସୁଦ୍ଧା ୨୯ ନିୟୁତ ହେକ୍ଟର ଜମିର ମ୍ୟାପିଂ କରାଯାଇଛି । କୃଷି ଡିସିସନ ସପୋର୍ଟ ସିଷ୍ଟମ (କେଡିଏସଏସ) ବିଭିନ୍ନ ଉତ୍ସରୁ ତଥ୍ୟ ଏକୀକରଣ କରିବା ଫଳରେ ସରକାରୀ ଏଜେନ୍ସିଗୁଡ଼ିକୁ ଭରସାଯୋଗ୍ୟ, ବାସ୍ତବ ସୂଚନା ମିଳିପାରୁଛି । ୟେସଟେକ୍, କ୍ରପିକ୍, ଏବଂ ପିଏମଏଫବିୱାଇ ହ୍ୱାଟ୍ସଆପ ଚାଟବୋଟ୍ ଆଦି ପ୍ଲାଟଫର୍ମଗୁଡ଼ିକ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମଏଫବିୱାଇ) ଅନ୍ତର୍ଗତ ଫସଲ ବୀମାକୁ କୃଷକମାନଙ୍କ ଲାଗି ଅଧିକ ଅଭିନବ, ଦ୍ରୁତ ଏବଂ ଅଧିକ ସ୍ୱଚ୍ଛ କରିବା ପାଇଁ ଏଆଇ-ସକ୍ଷମ ଉପକରଣଗୁଡ଼ିକର ଉପଯୋଗ କରୁଛନ୍ତି । ଭାରତ ସରକାର କୃଷି ପ୍ରଯୁକ୍ତି ଷ୍ଟାର୍ଟଅପଗୁଡ଼ିକୁ ମଧ୍ୟ ପ୍ରୋତ୍ସାହନ ଦେଉଛନ୍ତି ଏବଂ ଏହି ଷ୍ଟାର୍ଟଅପଗୁଡ଼ିକ କୃଷି କ୍ଷେତ୍ରରେ ବିଭିନ୍ନ ଅଭିନବ ସମାଧାନ ଆଣୁଛନ୍ତି । ଜାନୁଆରୀ ୨୦୨୬ ସୁଦ୍ଧା ୬ହଜାରରୁ ଅଧିକ କୃଷି ଷ୍ଟାର୍ଟଅପକୁ ତାଲିମ ଏବଂ ଅନ୍ୟାନ୍ୟ ସହାୟତା ଯୋଗାଇ ଦେବା ସହିତ ୧୮୬ କୋଟିରୁ ଅଧିକ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଛି ।

### ଓଡ଼ିଶା...

ଓ ନଡ଼ିଆ ଗଛ ଲଗାଇଲେ ଏବଂ ପୋଖରୀରେ ମତ୍ସ୍ୟଚାଷ ମଧ୍ୟ ଆରମ୍ଭ କଲେ । ଏହାଦ୍ୱାରା ଗୋଟିଏ ଜାଗାରେ ପାରମ୍ପରିକ ଚାଷ ହେବା ସହିତ ପରିବା, ଫଳ ଓ ମାଛଚାଷ ମଧ୍ୟ ହେଲା । ଏଥିରୁ ଜମିର ଉତ୍ତମ ଉପଯୋଗ ହେଲା, ପାଣି ସଞ୍ଚିତ ହେଲା ଏବଂ ଅତିରିକ୍ତ ଆମଦାନୀ ମଧ୍ୟ ହେଲା । ଏବେ, ଦୂରଦୂରାନ୍ତରୁ କୃଷକମାନେ ତାଙ୍କର ମଡେଲ ଦେଖିବାକୁ ଆସୁଛନ୍ତି ।

କେରଳର ତ୍ରିସୂର ଜିଲ୍ଲାରେ ଗୋଟିଏ ଗାଁ ଅଛି ଯୋଉଠି ଗୋଟିଏ କ୍ଷେତରେ ୫୭୦ କିସମର ଧାନ ଲାଗିଛି । ଏଥିରେ ସ୍ଥାନୀୟ କିସମର ଧାନ ମଧ୍ୟ ଅଛି । ହର୍ବାଲ ଅଛି ଓ ଅନ୍ୟ ରାଜ୍ୟରୁ ଆସିଥିବା ପ୍ରଜାତିର ଧାନ ମଧ୍ୟ ରହିଛି । ଏହା କେବଳ ଚାଷ ନୁହେଁ, ମଞ୍ଜିର ପରମ୍ପରାକୁ ସଂରକ୍ଷିତ କରିବାର ମହାଅଭିଯାନ । ଆମ କୃଷକମାନଙ୍କର ପରିଶ୍ରମର ପ୍ରଭାବ ପରିସଂଖ୍ୟାନରେ ମଧ୍ୟ ଦେଖାଯାଉଛି । ବର୍ତ୍ତମାନ ବିଶ୍ୱର ସର୍ବବୃହତ ଧାନ ଉତ୍ପାଦକ ଦେଶ ହେଉଛି ଭାରତ । ୧୫ କୋଟି ଟନରୁ ଅଧିକ ଧାନର ଉତ୍ପାଦନ ଗୋଟିଏ ଛୋଟିଆ ଉପଲବ୍ଧି ନୁହେଁ । ଆମେ ନିଜର ଆବଶ୍ୟକତା ପୂର୍ଣ୍ଣ କରୁଛୁ ଏବଂ ଦୁନିଆର ଫୁଡ୍ ବାସ୍କେଟରେ ମଧ୍ୟ ଆମର ଯୋଗଦାନ ରହିଛି ।

ଏବେ କୃଷି ଉତ୍ପାଦନ ଆକାଶମାର୍ଗ ଦ୍ୱାରା ଅତି ସହଜରେ ବିଦେଶରେ ପହଞ୍ଚାଯାଇପାରୁଛି । କର୍ଣ୍ଣାଟକର ନଞ୍ଜନଗୁଡ଼ କଦଳୀ, ମୈସୁରର ପାନପତ୍ର ଏବଂ ଇଣ୍ଡି ଲେମ୍ବୁକୁ ମାଳଦ୍ୱୀପ ପଠାଯାଉଛି । ଏହି ଉତ୍ପାଦଗୁଡ଼ିକ ନିଜର ସ୍ୱାଦ ଓ ଗୁଣବତ୍ତା ପାଇଁ ପରିଚିତ ଏବଂ ଏହାକୁ ଏଓ ଟ୍ୟାଗ୍ ମଧ୍ୟ ମିଳିଛି । ଆଜିର କୃଷକ ଗୁଣବତ୍ତା ଚାହେଁ, ପରିମାଣ ମଧ୍ୟ ବଢ଼ାଏ ଏବଂ ନିଜର ପରିଚୟ ମଧ୍ୟ ସୃଷ୍ଟି କରିଥାଏ ।

### ଆତଙ୍କୀ...

ଚଢଉ ସମୟରେ ଆଠଟି ମୋବାଇଲ୍ ଫୋନ୍ ଓ ଷୋହଳଟି ସିମ୍ କାର୍ଡ ଜବତ କରାଯାଇଛି । ଯାହାକୁ ସେମାନେ ବିଦେଶୀ ହ୍ୟାଣ୍ଡଲର୍ ସହିତ ଯୋଗାଯୋଗ ରକ୍ଷା କରିବା ଓ ଏନକ୍ରିପ୍ଟେଡ୍ ଚାଟ୍ କରିବା ପାଇଁ ବ୍ୟବହାର କରୁଥିଲେ । ଫରେନସିକ୍ ଦଳ ସମସ୍ତ ଡିଜିଟାଲ୍ ଡିଭାଇସ୍ର ବୈଷୟିକ ପରୀକ୍ଷା କରୁଛନ୍ତି ।

### ବାହାଘର...

ଓ ମୃତଦେହ ଦୁଇଟିକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ବ୍ୟବଚ୍ଛେଦ ପରେ ଶବ ଦୁଇଟିକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ଶୋଭା ଓ ବିମଳାଙ୍କ ମାମୁ ଯଶୱନ୍ତ ସିଂହ ଏହି ଘଟଣା ପାଇଁ ସେମାନଙ୍କ ଘର ଲୋକ (ଶୋଭା ଓ ବିମଳାଙ୍କ ବାପାଙ୍କ ପରିବାରର ସଦସ୍ୟ)ଙ୍କୁ ଦାୟୀ କରିଛନ୍ତି । ସେ କହିଛନ୍ତି ଯେ ପୂର୍ବରୁ ଶୋଭା ଓ ବିମଳାଙ୍କ ବାହାଘର ଭାଙ୍ଗି ଯାଇଥିବା ବେଳେ ସେମାନଙ୍କୁ ଯେମିତି ହେଲେ ବାହା କରିବା ପାଇଁ ଦୀପ ସିଂହଙ୍କ ଉପରେ ସେମାନଙ୍କ ସାନ ଭାଇମାନେ ଚାପ ପକାଇଥିଲେ । ସେଥିପାଇଁ ଦୁଇ ଭଉଣୀ ଏଭଳି ପଦକ୍ଷେପ ନେଇଛନ୍ତି । ପୁଲିସ୍ କହିଛି ଯେ ଏହି ଅଭିଯୋଗକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ ।

### ୱାଶିଂଟନ୍...

ଫେବୃଆରୀ ୧୮ ତାରିଖରେ, ମେୟର ବାଉସର୍ ଫେଡେରାଲ୍ ସହାୟତା ପାଇବା ପାଇଁ ଏକ ମାସ ଧରି ଚାଲିଥିବା ଘଟଣାକୁ ସ୍ଥାନୀୟ ସାଧାରଣ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ ।

### ଅଗ୍ନିକାଣ୍ଡରେ...

ବୋଲି ପ୍ରକାଶ କରିଛନ୍ତି । ପାରାଦୀପର ଏହି ପରିବା ମାର୍କେଟରେ ବନ୍ଦର ପ୍ରଶାସନ ଅସ୍ଥାୟୀ ପିଣ୍ଡି ଦେଇଥିବା ବେଳେ ସ୍ଥାୟୀ ଦୋକାନ ନିର୍ମାଣ ହୋଇ ନଥିବାରୁ ବ୍ୟବସାୟୀମାନେ ଜରି ପାଲ ଘେରାଉ କରି ଦୋକାନ କରି ରହିଛନ୍ତି । ଆଜି ଏହି ମାର୍କେଟ ପୋଡି ଯାଇଥିବା ବେଳେ ପରିବା ମିଳିବା କଷ୍ଟ ହୋଇ ପଡିଛି । କିନ୍ତୁ ସବୁ ପରେ ମଧ୍ୟ ଲିକୁ ମାତ୍ର ଚାରି ଦିନ ତଳେ ଆସି ନିଆଁ ଲାଗିଥିବା ସମସ୍ତଙ୍କୁ ସଂକେତ ଦେଇ ୧୫ ବ୍ୟବସାୟୀ ନିଜର ଜୀବନ ବଞ୍ଚାଇ ପାରିଥିବା ଓ ସେ ନିଜେ ବନ୍ଧା ହୋଇଥିବାରୁ ନିଆଁରେ ପୋଡି ମରି ଯାଇଥିବା ବେଳେ ତାକୁ ସମସ୍ତେ ଝୁରି ହେଉଛନ୍ତି ଚାଲିକୁ ଗଲା ।

## ମନୋଜ ରାଉତ ଟାଉନ,ବସନ୍ତ ପଣ୍ଡା ସଦର ବ୍ଲକ ବିଜେଡି ସଭାପତି

ବାଲେଶ୍ୱର,(ସବ୍ୟୁ): ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକ ସଭାପତି ଓ ନଗର ସଭାପତିଙ୍କ ନାମ ଘୋଷଣା କରାଯାଇଛି । ଏହି ଅବସରରେ ବାଲେଶ୍ୱର ପୌରପରିଷଦର ପୂର୍ବତନ ଉପ ନଗରପାଳ ମନୋଜ କୁମାର ରାଉତଙ୍କୁ ବାଲେଶ୍ୱର ଟାଉନ ଏବଂ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବସନ୍ତ ପଣ୍ଡାଙ୍କୁ ପୁଣି ଥରେ ସଦର ବ୍ଲକ ବିଜୁ ଜନତା ଦଳର ସଭାପତି ଭାବେ ନିଯୁକ୍ତି ମିଳିଛି ।ଏମାନଙ୍କ କଠିନ ପରିଶ୍ରମ ଓ ଦୃଢ ସଙ୍ଗଠନ ଦ୍ୱାରା ବାଲେଶ୍ୱର ଜିଲ୍ଲାରେ ବିଜୁ ଜନତା ଦଳ ଆହୁରି ସୁଦୃଢ ହେବ ବୋଲି ସଦରର ପୂର୍ବତନ ବିଧାୟକ ସ୍ୱରୂପ ଦାସ ଆଶା ପ୍ରକାଶ କରିଥିବା ବେଳେ ଏହି ନିଯୁକ୍ତି ପାଇଁ ଉଭୟ ରାଉତ ଏବଂ ପଣ୍ଡା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ,ଜିଲ୍ଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର,ସଦରର ପୂର୍ବତନ ବିଧାୟକ ସ୍ୱରୂପ ଦାସଙ୍କୁ ଧନ୍ୟବାଦ ଜଣାଇବା ସହ ସଦର ନିର୍ବାଚନ ମଣ୍ଡଳୀର ସମସ୍ତ କର୍ମୀ ମାନଙ୍କ ସହଯୋଗ କାମନା କରିଛନ୍ତି ।ଏହି ଅବସରରେ ନବ ନିଯୁକ୍ତ ଦୁଇ ସଭାପତିଙ୍କୁ ଦଳର କର୍ମୀମାନେ ଶୁଭେଚ୍ଛା ଜଣାଇଛନ୍ତି ।

## ବାଲେଶ୍ୱର ଲାୟନ୍ସ କ୍ଲବ୍ ପକ୍ଷରୁ ପୋଲିସ କର୍ମଚାରୀଙ୍କ ପାଇଁ ବିଶାଳ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବାଲେଶ୍ୱର (ସବ୍ୟୁ) : ପୋଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା, ପ୍ରତିଷେଧମୂଳକ ଚିକିତ୍ସା ଓ ସାମଗ୍ରିକ କଲ୍ୟାଣ ଲକ୍ଷ୍ୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ସହଯୋଗରେ ବାଲେଶ୍ୱର ଲାୟନ୍ସ କ୍ଲବ ପକ୍ଷରୁ ଏକ ମେଗା ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ରିଜର୍ଭ ପୋଲିସ ଲାଇନ ସ୍ଥିତ ପୋଲିସ ହସପିଟାଲ ଠାରେ ଆୟୋଜିତ ଏହି ଶିବିରକୁ ପୂର୍ବାଞ୍ଚଳ ଜୋନ ପୋଲିସ ଡିଆଇଜି ପିନାକ ମିଶ୍ର ଉଦଘାଟନ ଥିଲେ । ଉଦଘାଟନୀ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଭାତ ବେହେରାଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ । ସହକାରୀ ଆରକ୍ଷୀ



ଅଧିକ୍ଷକ ମନିଷା ସୌଗୁନ୍ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା । ବାଲେଶ୍ୱର ଲାୟନ୍ସ କ୍ଲବ ସଭାପତି ଶିବୁ ପୋଦାର ଏଥିରେ ପୌରୋହିତ୍ୟ କରିବା ସହିତ ଶିବିର ଆୟୋଜନର ଆଭିମୁଖ୍ୟ ଓ ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଶିବିରର ପ୍ରଥମ ପର୍ଯ୍ୟାୟରେ ୩୦୦ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହେଉଛି । ତିନୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଅଭିଯାନରେ ମୋଟ ୧୨୦୦ କର୍ମଚାରୀ ଲାଭାନ୍ୱିତ ହେବେ ବୋଲି ଶ୍ରୀ ପୋଦାର ପ୍ରକାଶ କରିଛନ୍ତି । ଆପୋଲୋ ହସପିଟାଲ, ଆପୋଲୋ କ୍ଲିନିକ, ବାଗଚି ଶ୍ରୀ ଶଙ୍କର ହସପିଟାଲ, ଉକିଳ ହସପିଟାଲ ଏବଂ ବାଲେଶ୍ୱର ଲାୟନ୍ସ ଆଇ ହସପିଟାଲ ପ୍ରଭୃତି ସଂସ୍ଥାଙ୍କ ସହଯୋଗରେ ବଡି ମାସ ଇଣ୍ଡେକ୍ସ (ବିଏମଆଇ), ବୋନ୍ ମିନେରାଲ୍ ଡେନ୍ସିଟି (ବିଏମଡି), ଲିଭର ଚେକଅପ୍, କ୍ୟାନ୍ସର ସ୍କ୍ରିନିଂ, କାର୍ଡିଓଲୋଜି, ଚକ୍ଷୁ, ଫୁସଫୁସ, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ସହିତ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ । ଲାୟନ୍ସ କ୍ଲବର ବରିଷ୍ଠ ସଦସ୍ୟ ଡାକ୍ତର ବିଜୟ ଖଣ୍ଡେଲୱାଲଙ୍କ ପୁତ୍ରବୋଧୁ ତଥା ଦୁର୍ଗା ନର୍ସିଂ ହୋମର ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ଜୁହି ଅଗ୍ରୱାଲ ଏହି ଶିବିରରେ ଚିକିତ୍ସା ସେବା ପ୍ରଦାନ କରିଥିଲେ । ବାଲେଶ୍ୱର ଲାୟନ୍ସ କ୍ଲବର ସମ୍ପାଦକ ବିଷ୍ଣୁ ମାରୁ, କୋଷାଧ୍ୟକ୍ଷ ଶ୍ୟାମ ଖଣ୍ଡେଲୱାଲ, ଉପସଭାପତି ରାଜେନ୍ଦ୍ର ଗୁପ୍ତା ଓ ସ୍ୱାସ୍ଥ୍ୟ ଶିବିର ପ୍ରକଳ୍ପ ମୁଖ୍ୟ ରାଜେଶ କୁମାର ଖଣ୍ଡେଲୱାଲଙ୍କ ସହ ପୂର୍ବତନ ସଭାପତି ସଞ୍ଜୟ ଦାସ, ଭଗବାନ ଗୁପ୍ତା, ଚନ୍ଦ୍ର ପ୍ରକାଶ ଭରତିଆ, ସୁନୀଲ ମୋଦି, ଯୁଗଳ ରାଠୀ, ରାଜେନ୍ଦ୍ର ମହାବର, ରମେଶ ଗୁପ୍ତା, ନନ୍ଦ କିଶୋର ଖଣ୍ଡେଲୱାଲ, ଅଶୋକ ଖଣ୍ଡେଲୱାଲ, ନୀତିନ ଶର୍ମା, ଡାକ୍ତର ବିଜୟ ଖଣ୍ଡେଲୱାଲ, କମଲ ମୋଦି, ଚିରାଗ ଚୌହାନ, ରାଜକୁମାର ଖଣ୍ଡେଲୱାଲ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ । ବାଲେଶ୍ୱର ରୋଟାରୀ କ୍ଲବର ପୂର୍ବତନ ସଭାପତି ସୌରଭ ବେହେରା ଏହି ଶିବିରରେ ଯୋଗ ଦେଇ ଆୟୋଜକଙ୍କୁ ଉତ୍ସାହିତ କରିବା ସହିତ ଆଗାମୀ ଦିନରେ ସହଯୋଗର ପ୍ରତିଶୃତି ଦେଇଥିଲେ । ବାଲେଶ୍ୱର ଲାୟନ୍ସ କ୍ଲବ କାର୍ଯ୍ୟାଳୟ ସଂଯୋଜକ ଦେବବ୍ରତ ନନ୍ଦ ଓ ଅସୀମା ଘୋଷ ଶିବିରର ସମସ୍ତ କାର୍ଯ୍ୟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

## ଭୁବନେଶ୍ୱରରେ କ୍ରାଫ୍ଟନ୍ ଇଣ୍ଡିଆର ଜାତୀୟସ୍ତରୀୟ କଲେଜ କ୍ୟାମ୍ପସ ଟୁର

ଭୁବନେଶ୍ୱର : କ୍ରାଫ୍ଟନ୍ ଇଣ୍ଡିଆ ପକ୍ଷରୁ ଭୁବନେଶ୍ୱରସ୍ଥିତ ସେଂଚୁରିୟନ ୟୁନିଭର୍ସିଟିକୁ ଏହାର ଜାତୀୟସ୍ତରୀୟ କଲେଜ କ୍ୟାମ୍ପସ ଟୁର୍ ଆଣିଛି, ଯାହା ସ୍ଥାନୀୟ ଇସ୍ପୋର୍ଟସ ସମୁଦାୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନଟ କରୁଛି । ଏହାର ପ୍ରମୁଖ ତୃଣମୂଳ ପ୍ରୟାସର ଦ୍ୱିତୀୟ ସଂସ୍କରଣର ଏକ ଅଂଶ ଭାବରେ, ଏହି କ୍ୟାମ୍ପସ୍ କାର୍ଯ୍ୟକ୍ରମ ସିଧାସଳଖ "ଗଜଜ୍ୟୋତି'ରେ ପେସାଦାର ଢଙ୍ଗରେ ଆୟୋଜିତ ଟୁର୍ଣ୍ଣାମେଣ୍ଟଗୁଡ଼ିକୁ ସାମିଲ କରିଛି, ଯାହା ଛାତ୍ରଛାତ୍ରୀମାନଙ୍କୁ ଏକ ସୁସଙ୍ଗଠିତ ପ୍ରତିଯୋଗିତାମୂଳକ ପରିବେଶରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ସେମାନଙ୍କୁ ପ୍ରଥମ ସୁଯୋଗ ପ୍ରଦାନ କରିପାରିଛି ।ସେଞ୍ଚୁରିଆନ୍ ୟୁନିଭର୍ସିଟିରେ ଛାତ୍ରଛାତ୍ରୀମାନେ ଏକ ମାନକ ଫର୍ମାଟ, ଅଭିଜ୍ଞ ଟୁର୍ଣ୍ଣାମେଣ୍ଟ ପରିଚାଳନା ଏବଂ ଆଗକୁ ବଢ଼ିବାର ସ୍ପଷ୍ଟ ସୁଯୋଗ ସହିତ ବିଜିଏମ୍ଆଇ ଏବଂ ରିଅଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି । କାଜୁଆଲ ଗେମିଂ ପରିବର୍ତ୍ତେ ଅଂଶଗ୍ରହଣକାରୀମାନେ ପେସାଦାର ଇସ୍ପୋର୍ଟସର ଢାଞ୍ଚା ଓ ପ୍ରତିଯୋଗିତାମୂଳକ ତୀବ୍ରତାକୁ ଅନୁଭବ କରିପାରିବେ । ଏସମ୍ପର୍କରେ କ୍ରାଫଫନ ଇଣ୍ଡିଆର ଇସ୍ପୋର୍ଟସ ବିଭାଗର ସହନିର୍ଦ୍ଦେଶକ କରନ ପାଠକ କହିଛନ୍ତି, କ୍ୟାମ୍ପସଗୁଡିକରେ ଆମେ ଯାହା ଦେଖୁଛୁ ତାହା ହେଉଛି ଗମ୍ଭୀର ପ୍ରତିଯୋଗିତା ଓ ସ୍ୱୀକୃତି ପାଇଁ ଏକ ସ୍ପଷ୍ଟ ଆଗ୍ରହ ।ଆମର ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀଙ୍କୁ ଭେଟିବା ଯେଉଁଠାରେ ସେମାନେ ପୂର୍ବରୁ ଅଛନ୍ତି ଏବଂ ସେମାନଙ୍କର ଆଗ୍ରହକୁ ଏକ ଅଧିକ ସାର୍ଥକ ଦିଗ ପ୍ରଦାନ କରିବା । କ୍ୟାମ୍ପସ ଟୁର ଭଳି ପଦକ୍ଷେପଗୁଡିକ ଆମକୁ ଶିଖିବା, ଶୁଣିବା ଓ ସମୁଦାୟ ସହିତ ତୃଣମୂଳ ସ୍ତରରୁ ଇସ୍ପୋର୍ଟସର ନିର୍ମାଣ କରିବା ପାଇଁ ଅନୁମତି ଦେଇଥାଏ ।

## ଭାଷାବିକାଶ ତରଫରୁ ଭାଷାପକ୍ଷ ଓ କୁଟୀର ବହିମେଳା ଉଦ୍‌ଘାଟିତ

ବାଲେଶ୍ୱର (ସବ୍ୟୁ) : ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ଭାଷାପକ୍ଷ ଓ କୁଟୀର ବହିମେଳା ପୂର୍ବତନ ପୌରପାଳ ତଥା ବିଶିଷ୍ଟ ସମାଜସେବୀ ଆଲୋକ କୁମାର ସାହୁଙ୍କଦ୍ୱାରା ଉଦଘାଟିତ ହୋଇଯାଇଛି । ଫେବୃଆରୀ ୨୨ରୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ ପାଳିତ ହେବାକୁ ଥିବା ଭାଷାପକ୍ଷରେ ସହରର ବିଭିନ୍ନ ବରେଣ୍ୟ ସାରସ୍ୱତ ସାଧକଙ୍କ ସୃଷ୍ଟି ସଂପର୍କରେ ଯୁବ ସାହିତ୍ୟିକମାନେ ଆଲୋଚନା କରିବା କାର୍ଯ୍ୟକ୍ରମ ଥିବାବେଳେ କୁଟୀର ବହିମେଳାରେ ଫକୀରମୋହନ ସାହିତ୍ୟ ପରିଷଦ, ସମ୍ବାଦ, ରେମୁଣା ସାହିତ୍ୟ ସଂସଦ, ସ୍ରଷ୍ଟା ଓ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଅଂଶଗ୍ରହଣ କରିଛନ୍ତି । ଆଜି ଉଦଘାଟନୀ ଦିବସ ଅବସରରେ ବିଶିଷ୍ଟ ସାରସ୍ୱତ ସାଧକ ତଥା ଭେଷଜ ବିଶେଷଜ୍ଞ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପ୍ରଥମ କବିତାଗ୍ରନ୍ଥ ଶରୀର ଏକ ପାନ୍ଥଶାଳା ଉନ୍ମୋଚିତ ହୋଇଯାଇଛି । ଉପସଭାପତି ନିରଂଜନ ରାଉତଙ୍କ ପୌରୋହିତ୍ୟରେ ଏହି ସଭାରେ ଅକ୍ଷାଂଶର ସଂପାଦକ ଡ. ହରିଶ୍ଚନ୍ଦ୍ର ବେହେରା, ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା, ସାରସ୍ୱତ ସାଧକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ଗାଳ୍ପିକ ନିବାରଣ ଜେନା ପ୍ରମୁଖ ପୁସ୍ତକ ସଂପର୍କରେ ଆଲୋଚନା କରିଥିବାବେଳେ ସୁଶ୍ରୀ ଅରୁଣା ରାୟ, ଡ. ରମାକାନ୍ତ ନାୟକ, ଦୀନବନ୍ଧୁ ଲେଙ୍କା, ସୁଷମା ମହାପାତ୍ର, ପ୍ରଦୀପ ଚାଟାର୍ଜୀ, ଶରତ କୁମାର ମହାପାତ୍ର, ଡ. ସୁବାସ ଚନ୍ଦ୍ର ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସଂଗଠନ ସଂପାଦକ ତପନ ରାୟ ପ୍ରାକ୍‌କଥା ରଖିଥିବାବେଳେ ଡାକ୍ତର ନନ୍ଦ ଲେଖକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଫେସର ରଶ୍ମିରେଖା ପତି, ସୁବ୍ରତା ମହାନ୍ତି, ମମତା ମହାନ୍ତି, ଶୁଭଶ୍ରୀ ଦାସ, ଡ. ରତ୍ନାକର ସିଂହ, ଡ. ସାରଙ୍ଗଧର ତ୍ରିପାଠୀ, ପୀତାମ୍ବର ବେହେରା, ପଦ୍ମଲୋଚନ ପ୍ରଧାନ, ଅର୍ଚ୍ଚନା ନନ୍ଦୀ ପ୍ରମୁଖ ଉକ୍ତ ପୁସ୍ତକର ବିଭିନ୍ନ କବିତା ପାଠ କରିଥିଲେ । ସଭା ପ୍ରାରମ୍ଭରେ କଲ୍ୟାଣୀ ନନ୍ଦଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ସଙ୍ଗୀତା ବାରିକ, ତୃପ୍ତିରାଣୀ ପାତ୍ର, ସୁବ୍ରତା ମହାନ୍ତି, ବାସନ୍ତୀ ଦେ, ଗୀତାଞ୍ଜଳି ଶତପଥୀ, କବିତା ଜେନା ଓ ପୁଷ୍ପଲତା ଚକ୍ରବର୍ତ୍ତୀ ସମବେତ ସଙ୍ଗୀତ ପରିବେଷଣ କରିଥିଲେ । ଯୁଗ୍ମ ସଂପାଦକ ଜ୍ରମରନାଥ ପାତ୍ର ଓ ଶାନ୍ତିଲତା ପଣ୍ଡା ମିଳିତ ଭାବେ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ କବି ଦୀପକ ବୋଷ ଶେଷକଥା ରଖିଥିଲେ । ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ଡ. ହେମମାଳା ଦାଶଙ୍କ ବିବାହ ବାର୍ଷିକୀ ଉପଲକ୍ଷେ ଅନୁଷ୍ଠାନ ତରଫରୁ ସାରସ୍ୱତ ଦମ୍ପତିଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା ।

## କୋରାପୁଟ ମହିଳାଙ୍କ ଜଳବାୟୁ କାର୍ଯ୍ୟକ୍ରମକୁ ଜାତୀୟ ସ୍ତରୀୟ ସ୍ୱୀକୃତି

ଭୁବନେଶ୍ୱର : ଓଡ଼ିଶାର କୋରାପୁଟ ଜିଲ୍ଲାରେ ପ୍ରାୟ ୧୦ ହେକଟରରୁ ଅଧିକ ଅବ୍ୟବହୃତ ସାଧାରଣ ଜମିର ପୁନରୁଦ୍ଧାର ପାଇଁ ମହିଳାମାନଙ୍କ ଦ୍ୱାରା କରାଯାଇଥିବା ଏକ ପ୍ରୟାସ ଚଳିତ ସପ୍ତାହରେ ଜାତୀୟ ସ୍ତରରେ ସ୍ୱୀକୃତି ଲାଭ କରିଛି । ହାତୀପାଖଣା ଗ୍ରାମର ସରପଞ୍ଚ ଜୟନ୍ତୀ ନାୟକ, "ମୁମ୍ବାଇ କ୍ଲାଇମେଟ ୱିକ୍ ୨୦୨୬ ଅବସରରେ ଏହି ଅଭିନବ ପଦକ୍ଷେପକୁ ଉପସ୍ଥାପନ କରିଛନ୍ତି । ପତିତ ଜମିର ପୁନରୁଦ୍ଧାର ପାଇଁ ସ୍ଥାନୀୟ ମହିଳାମାନେ କିଭଳି ଗୋଷ୍ଠୀଗତ ଗବେଷଣା, ଗ୍ରାମସଭାର ଅନୁମୋଦନ ଏବଂ ସ୍ଥାନୀୟ ଯୋଜନା ପ୍ରକ୍ରିୟାର ସମନ୍ୱୟ ରକ୍ଷା କରିଛନ୍ତି, ତାହା ସେ ଏଠାରେ ପ୍ରଦର୍ଶନ କରିଥିଲେ । ଏଥିସହିତ ସେ କୋରାପୁଟର ଏହି ତୃଣମୂଳ ସ୍ତରର ମଡେଲକୁ ସ୍ଥାନୀୟ ଶାସନ ଓ ଜୀବିକା ଉପରେ ଆଧାରିତ ଜଳବାୟୁ କାର୍ଯ୍ୟାନୁଷ୍ଠାନର ଏକ ଶକ୍ତିଶାଳୀ ଉଦାହରଣ ଭାବରେ ଉପସ୍ଥାପିତ କରିଛନ୍ତି । ଜିଓ ୱାର୍ଲ୍ଡ କନଭେନସନ ସେଂଟରରେ "ଭାରତର ଜଳବାୟୁ ଚାର୍ଜର ନେତୃତ୍ୱ ନେଉଥିବା ପଞ୍ଚାୟତ' ଶୀର୍ଷକ ଏକ ସ୍ୱତନ୍ତ୍ର ଅଧିବେଶନରେ ଭାଷଣ ଦେଇ, ଶ୍ରୀମତୀ ନାୟକ ମହାରାଷ୍ଟ୍ର, କର୍ଣ୍ଣାଟକ, କେରଳ, ବିହାର ଏବଂ ଝାଡ଼ଖଣ୍ଡର ଛଅଟି ଗ୍ରାମ ପଞ୍ଚାୟତ ପ୍ରତିନିଧିଙ୍କ ସହିତ ଯୋଗ ଦେଇଥିଲେ, ଯେଉଁମାନେ ସ୍ଥାନୀୟ ଜଳବାୟୁ କାର୍ଯ୍ୟକୁ ରୂପରେଖ ଦେବାରେ ଗ୍ରାମ ସ୍ତରୀୟ ଅନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ ।

## ସଙ୍କଟରେ ପ୍ରାଣୀ ସମ୍ପଦ

କେନ୍ଦୁଝର, (ସବ୍ୟୁ) :କେନ୍ଦୁଝର ଜିଲ୍ଲାରେ ଥିବା ଗୋଚର ଜମି ଜବରଦଖଲ ଦିନକୁ ଦିନ ବଢୁଥିବାରୁ ପ୍ରାଣୀ ସମ୍ପଦ ସଙ୍କଟରେ ରହିଛି । ଅନାବାଦି ଓ ଗୋଚର ଜମି ପ୍ରାଣୀଙ୍କର ଚରିବା ଲାଗି ଥିଲା । ସହର ଓ ଗ୍ରାମାଞ୍ଚଳରେ ଏହି ଜମି ଜବରଦଖଲ ହୋଇ ଘର ନିର୍ମାଣ ହେଉଛି । କେତେକ ସ୍ଥାନରେ ଗୋଚର ଜମି ବେଆଇନ ଭାବେ କିସମ ପରିବର୍ତ୍ତନ ହେଉଛି । ରାଜସ୍ୱ ବିଭାଗର ଉଦାସୀନତା ଯୋଗୁ ଏହି ଗୋଚର ଜମିରେ ପ୍ରଭାବଶାଳୀ ବ୍ୟକ୍ତିମାନେ ବଗିଚା, କୋଠାବାଡି ଏବଂ ପୋଖରୀ ନିର୍ମାଣ କରୁଛନ୍ତି । ପ୍ରାଣୀ ସମ୍ପଦର ସୁରକ୍ଷା ଓ ଜନସାଧାରଣଙ୍କ ଅର୍ଥନୈତିକ ବିକାଶ ଲାଗି ପ୍ରଶାସନ ଜବର ଦଖଲ ଉଚ୍ଛେଦ କରୁନଥିବାରୁ ଚାଷୀ ଗୋପାଳନ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି । ଦ୍ରୁତ ସହରୀକରଣ ଓ ଶିଳ୍ପର ଦ୍ରୁତ ବିକାଶ ସାଙ୍ଗକୁ ସରକାରୀ ଜାଗା ଗୁଡିକର ଆବଶ୍ୟକୀୟ ସୁରକ୍ଷା ଅଭାବରୁ ରାଜ୍ୟର ପଶୁ ସମ୍ପଦର ଚାରଣ ଭୂଇଁର ଘୋର ଅଭାବ ପଶୁ ସମ୍ପଦର ବିକାଶରେ ବାଧକ ସୃଷ୍ଟି କରୁଛି ।କେନ୍ଦୁଝର ଜିଲ୍ଲାରେ ୩୪୦୦୦ ହେକଟର ଗୋଚର ଭୂମି ରହିଥିବା ସରକାରୀ ସୂତ୍ରରୁ ଜଣାପଡିଛି ।

## ସୁକନ୍ୟା ସମୃଦ୍ଧି ସଚେତନତା , ଖାତା ଖୋଲା ଶିବିର

ଭଦ୍ରକ,(ସବ୍ୟୁ): ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଆର୍ଥିକ ସାକ୍ଷରତା ତଥା ସୁକନ୍ୟା ସମୃଦ୍ଧି ସଚେତନତା ଓ ଖାତା ଖୋଲା ଶିବିର ଆୟୋଜିତ ହୋଇଯାଇଛି । ବନ୍ତ ବ୍ଲକର ମହତାବ ଏମ ବିଦ୍ୟାଳୟ ବିଦ୍ୟାଳୟ ଠାରେ । ଏହି ଶିବିରରେ ମୁଖ୍ୟଅତିଥି ଭାବେ ଭଦ୍ରକ ଡାକ ମୁଖ୍ୟ ଅଧିକାରୀ,ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ,ଲିଡ୍ ବ୍ୟାଙ୍କ୍ ମ୍ୟାନେଜର,ଆର୍ଥିକ ସାକ୍ଷରତା କାଉନସିଲ, ସାଇବର ଥାନା ଅଧିକାରୀ,ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ପଦ୍ମନ୍ କୁମାର ରାୟ,ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍ ମ୍ୟାନେଜର, ସିଏଫ୍ଏଲ୍ ଓ ମହତାବ ଏମଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗ ଦେଇଥିଲେ । ଅତିଥିମାନେ ଯୋଗଦେଇଥିବା ଅଭିଭାବକ,ଅଙ୍ଗନୱାଡ଼ି ୱର୍କର,ସୁପର୍ଭାଇଜର,ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତାମାନଙ୍କୁ ଆର୍ଥିକ ସାକ୍ଷରତା ଆବଶ୍ୟକତା ସମ୍ପର୍କରେ ଅବଗତ କରାଇବା ସହ ବ୍ୟାଙ୍କ୍ ଓ ଡାକଘରେ ଉପଲବ୍ଧ ଥିବା ସମସ୍ତ ସଂଚୟ ଓ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ ।

ଜିଲ୍ଲା ଡାକ ମୁଖ୍ୟ ଅଧିକାରୀ ବିଭିନ୍ନ ସଂଚୟ ଯୋଜନା ଗୁଡିକ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ଲେଡ ବ୍ୟାଙ୍କ୍ ମ୍ୟାନେଜର ଲୋକମାନଙ୍କୁ ସାଇବର ଫ୍ରଡ୍ରୁ ଦୂରେଇ ରହିବା ସମ୍ପର୍କରେ ସଚେତନ କରିଥିଲେ ।ସଭା ଶେଷରେ ଏକ କୁଇଜ୍ ପ୍ରତିଯୋଗିତା ହେଇଥିଲା ଓ ଅଭିଭାବକମାନଙ୍କୁ ପେନ୍ ପୁରସ୍କାର ଦିଆଯାଇଥିଲା । ସୁକନ୍ୟା ଅନ୍ତର୍ଭୁକ୍ତ କରଣ ଶିବିରରେ ଟିଁଲୋ ଓ ତାରାପୁର କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ୧୦ବର୍ଷରୁ କମ କନ୍ୟାମାନଙ୍କ ଅଭିଭାବକମାନେ ସେମାନଙ୍କ କନ୍ୟା ପାଇଁ ସୁକନ୍ୟା ଓ ପିପିଏଫ ଖାତା ଖୋଲିଥିଲେ । ଏଥିସହ ଆଧାର ନଥିବା ଛାତ୍ରଛାତ୍ରୀମାନଙ୍କର ଆଧାର ଅନ୍ତର୍ଭୁକ୍ତ କରାଯାଇଥିଲା । ଏହି ସଭାରେ ମୋଟ ୧୫୦ଜଣ କର୍ମକର୍ତ୍ତା ଯୋଗଦେଇଥିଲ ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION No-II, KEONJHAR
E-mail: eerw_kjr2@yahoo.com
********
25001/219/2526

"e" Procurement Notice for Road Works
Identification No Online NCB - 19/2025-26

1. Name of work : Road Works
2. Total no of work : 02 Nos.
3. Estimated Cost : Rs 18.00 Lakhs to Rs. 31.69 Lakhs
4. Class of Contractor : 'D', 'C' & 'B' Class
5. Period of Completion : As per annexure of e-Procurement Notice No. 19/2025-26
6. Other Details.

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender in O/o S.E., R.W. Division-II, Keonjhar |
|---|---|---|---|---|---|
| | | From | To | | Single Cover |
| 1 | 2 | 3 | 4 | 5 | 6 |
| Executive Engineer Rural Works Division-II, Keonjhar | Road online- NCB No. 19 | Dt. 26.02.2026 at 11.00 A.M | Dt. 06.03.2026 upto 5.00 P.M | Dt. 05.03.2026 upto 5.00 P.M | Dt. 07.03.2026 at 11.00 A.M |

* Further details can be seen from the website www.tendersodisha.gov.in
OIPR : 25001/25093/1/25-26/0018
Sd/- Executive Engineer, R.W. Divn. No-II, Keonjhar

# ବାର୍ଷିକ ଟେକ୍ନୋ-ସାଂସ୍କୃତିକ ମହୋତ୍ସବ ସୁରଭି

ଭୁବନେଶ୍ୱର (ସବ୍ୟୁ): ସ୍ଥାନୀୟ ଘଙ୍ଗାପାଟଣାସ୍ଥିତ ଜିଆଇଇଟି କଲେଜ ପରିସରରେ ୨ ଦିନିଆ ବାର୍ଷିକ ଟେକ୍ନୋ ସାଂସ୍କୃତିକ ମହୋତ୍ସବ ୨୦୨୬ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଦୁଇ ଦିନିଆ ଟେକ୍ନୋ-ସାଂସ୍କୃତିକ ମହୋତ୍ସବରେ ପ୍ରିନ୍ସିପାଲ ପ୍ରଫେସର (ଡକ୍ଟର) ସୁଭ୍ରଜିତ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁଗମ ଭାବରେ ପରିଚାଳିତ ହୋଇଥିଲା ଏବଂ ସଂଯୋଜକ ପ୍ରଫେସର ଶକ୍ତିନାରାୟଣ ମିଶ୍ରଙ୍କ ଦ୍ୱାରା ଦକ୍ଷତାର ସହିତ ସଂଯୋଜିତ ହୋଇଥିଲା। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ବିଭୂତି ମିଶ୍ର, ହିଣ୍ଡୋଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଆଦିତ୍ୟ ବିର୍ଲା ଗ୍ରୁପ୍ ର ପରାମର୍ଶଦାତା ଏବଂ ଅନ୍ୟାନ୍ୟ ବ୍ୟକ୍ତିତ୍ୱ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ରାମ ନାରାୟଣ ସାବତ, ଉପାଧ୍ୟକ୍ଷ, ଜିଆଇଇଟି- ଘଙ୍ଗାପାଟଣା, ଚିତ୍ତ ରଞ୍ଜନ ବେହେରା, ପ୍ରଯୁକ୍ତି ନିର୍ଦ୍ଦେଶକ, ଇଞ୍ଜିନିୟରିଂ ଏବଂ ଗବେଷଣା ଏବଂ ବିକାଶ ସେବା, ଗଜେନ୍ଦ୍ର ପ୍ରସାଦ ବାରିକ, ଆଞ୍ଚଳିକ ମାନବ ସମ୍ବଳ




ପରିଚାଳକ, ଟିସିଏସ ଭୁବନେଶ୍ୱର ଏବଂ ବିଶ୍ୱ ଭୂଷଣ ମିଶ୍ର, ମାନବ ସମ୍ବଳ ଏବଂ ପ୍ରଶାସକ, ବିସଲେରି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସଂଯୋଜକ ପ୍ରଫେସର ମିଶ୍ର ସଭାରେ ଉପସ୍ଥିତ ସମସ୍ତ ବିଶିଷ୍ଟ ବ୍ୟକ୍ତି ଏବଂ ଅନ୍ୟାନ୍ୟ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ଅଧ୍ୟକ୍ଷ ଡକ୍ଟର ପ୍ରଧାନ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ ।

ସୁରଭି -୨୦୨୬ ରେ ବିଭିନ୍ନ ବର୍ଗ ଯେପରିକି ବୈଷୟିକ ଇଭେଣ୍ଟ, କମ୍ପ୍ୟୁଟର ଇଭେଣ୍ଟ, ଅଣ-ବୈଷୟିକ ଇଭେଣ୍ଟ, କ୍ରୀଡ଼ା, ଆଥଲେଟିକ୍ସ, ଆର୍ଟ ଗ୍ୟାଲେରୀ, ପ୍ରାୟ ୪୨୨୩ ଛାତ୍ରଛାତ୍ରୀଙ୍କୁ ନେଇ ସ୍ୱାଦିଷ୍ଟ ଏବଂ ଜୀବନ୍ତ ଖାଦ୍ୟ ଷ୍ଟଲରେ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଏହି ଅବସରରେ ସୁରଭି ଅଫିସିଆଲ୍ ଚ୍ୟାନେଲର ୨୨୨୩ ଅନୁସରଣକାରୀଙ୍କୁ ମିଳିଥିଲା। ଅତିଥିମାନଙ୍କୁ ଉପାଧ୍ୟକ୍ଷ, ପ୍ରଧାନ ଏବଂ ସଂଯୋଜକଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା ଏବଂ ଉଦଘାଟନୀ ସମାରୋହରେ ଅତିଥିମାନଙ୍କ ଦ୍ୱାରା ବାର୍ଷିକ ପତ୍ରିକା ଏଣ୍ଡେଭର ଉନ୍ମୋଚନ କରାଯାଇଥିଲା। ରାଉରକେଲାସ୍ଥିତ ବିଜୁ ପଟ୍ଟନାୟକ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟର ଭାଇସ୍ ଚାନ୍ସେଲର ପ୍ରଫେସର (ଡକ୍ଟର) ଅମୀୟ କୁମାର ରଥ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଓଡ଼ିଟେକ ସଲ୍ୟୁସନ୍ସର ଏଚଆରବିପି ଏବଂ ଗ୍ରୋଥ୍ ସିନିୟର ମ୍ୟାନେଜର ଶ୍ରୀମତୀ ଲିପ୍ସା ମହାନ୍ତି, ଡେଲଏଟ୍‌ର ବ୍ୟବସାୟିକ ଅଂଶୀଦାର ଆଦିତ୍ୟ ପ୍ରସାଦ ବାଡୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ।

## ରେଳ ଶ୍ରମିକ କଂଗ୍ରେସ ନେତାଙ୍କ ମାତୃ ବିୟୋଗ

ଜଟଣୀ, (ସବ୍ୟୁ): ଖୋର୍ଦ୍ଧାରୋଡ ରେଳମଣ୍ଡଳ ଅନ୍ତର୍ଗତ ରେଡଙ୍ଗ କଲୋନୀ ରେଳ କ୍ୱାଟରରେ ରହୁଥିବା ଶ୍ରମିକ କଂଗ୍ରେସର ବରିଷ୍ଠ ନେତା କେନ୍ଦ୍ରୀୟ ପଦାଧିକାରୀ ରଜତ ମହାନ୍ତିଙ୍କ ମା ରମା ସ୍ୱାଇଁଙ୍କ ୮୬ ବର୍ଷ ବୟସରେ ବିୟୋଗ ଘଟିଛି । ସେ ଅତ୍ୟନ୍ତ ମେଳାପୀ ସ୍ୱଭାବର ଓ ଧର୍ମପରାୟଣ ମହିଳା ଥିଲେ । ଏହି ଖବର ପ୍ରସାରିତ ହେଲାପରେ ରେଡଙ୍ଗ କଲୋନୀ ଓ ନିଜ ଗ୍ରାମ କୁସୁମାଟିରେ ଶୋକର ଛାୟା ଖେଳିଯାଇଛି । ଖବର ପାଇ ଶ୍ରମିକ କଂଗ୍ରେସ ଶାଖା ସମ୍ପାଦକ ଏଲ ଡ଼ି ମହାନ୍ତି, ଉପସଭାପତି ପ୍ରମୋଦ ସାହାଣୀ, ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜ, ସହ ସଂଯୋଜକ ନିରଞ୍ଜନ ମିଶ୍ର , କେନ୍ଦ୍ରୀୟ ପଦାଧିକାରୀ ଏମ ଗୋପାଳ କ୍ରିଷ୍ଣା ରାଓ ସମେତ ସହକର୍ମଚାରି ପ୍ରମୁଖ ଶ୍ରୀ ମହାନ୍ତିଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ଶବ ସତ୍କାର କରାଯାଇଥିଲା ।

### ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ବାର୍ଷିକ ଉତ୍ସବ ଆଦ୍ୟାନ୍ତିକା-୨୦୨୬

# ବିକଶିତ ଓଡିଶା, ବିକଶିତ ଭାରତର ସ୍ୱପ୍ନ ସାକାର କର

କଟକ, (ସ୍ୱପ୍ର) : ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଦୁଇଦିନିଆ ବାର୍ଷିକ ଉତ୍ସବ ଆଦ୍ୟାନ୍ତିକା -୨୦୨୬ର ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି । ସମାରୋହରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଆଜି ଟେକ୍‌ନୋଲୋଜି କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ ଘଟୁଛି । ସଫଳ ବୃତ୍ତିଧାରୀ ସୃଷ୍ଟିହେଲେ ରାଜ୍ୟ ଓ ଦେଶ ଆଗକୁ ବଢ଼ିବ । ବିକଶିତ ଓଡିଶା ଓ ବିକଶିତ ଭାରତ ନିର୍ମାଣର ସ୍ୱପ୍ନ ଓ ସଂକଳ୍ପ ସାକାର ହେବ । ଏକ୍ଷେତ୍ରରେ ଛାତ୍ରଛାତ୍ରୀ ଓ ଯୁବ ସଂପ୍ରଦାୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପିତାଙ୍କ ସ୍ମୃତିରେ ଡ୍ରିମ୍‌ସ ଭଳି ଏତେ ବଡ ମଣିଷ ତିଆରି କାରଖାନା ଗଢିଥିବାରୁ ସେ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କୁ ସାଧୁବାଦ ଜଣାଇଥିଲେ । ସମ୍ମାନିତ ଅତିଥି ବିଶିଷ୍ଟ ସିନେ ଅଭିନେତା ଅରିନ୍ଦମ୍ ରାୟ ତାଙ୍କ ବକ୍ତବ୍ୟରେ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ କ୍ଷେତ୍ରରେ ଛାତ୍ରଛାତ୍ରୀ ଅଧିକ ଦକ୍ଷତା ହାସଲ କରିବା ସହ ସମାଜ ପାଇଁ କିଛି ଭଲ କାମ କରିବାର ସଂକଳ୍ପ ନେବାକୁ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେବା ସହ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧିନରେ ଏକ ଫିଲ୍ମ ଇନ୍‌ଷ୍ଟିଚ୍ୟୁଟ୍ ଖୋଲି ଛାତ୍ରଛାତ୍ରୀଙ୍କ କଳା ପ୍ରତିଭାର ବିକାଶ ଲାଗି ପ୍ରସ୍ତାବ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ଛାତ୍ରଛାତ୍ରୀମାନେ ବିକଶିତ ଓଡିଶା ସ୍ୱପ୍ନ ସାକର ଲାଗି ଆଗେଇ ଆସିବା




ଦରକାର ଓ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଏକ୍ଷେତ୍ରରେ ମାଇଲ ଖୁଣ୍ଟ ସାଜିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ପିପିଲି ବିଧାୟକ ଆଶ୍ରିତ୍ ପଟ୍ଟନାୟକ ପିତାମାତାଙ୍କ ସ୍ୱପ୍ନକୁ ସାକର କରିବା ଦିଗରେ ବ୍ରତୀ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ସମାରୋହରେ ପୌଠରହିତ୍ୟ କରି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଗରିମାମୟ ଉପସ୍ଥିତି ପାଇଁ କୃତଜ୍ଞତା ଜଣାଇଥିଲେ । କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ପ୍ରାଧାପିକା ଡ. ଅନୁରେଖା ନାୟକ କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରାଧାପିକା ରୋଜାଲିନ୍ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ, ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, ପଦ୍ମିନୀ କେୟାରର ପରିଚାଳନା ନିର୍ଦ୍ଦେଶିକା ନୀଳଞ୍ଜନା ମୁଖାର୍ଜୀଙ୍କ ସମେତ ବିଭିନ୍ନ ବିଭାଗର ଡିନ୍, ଅଧ୍ୟାପକ, ଅଧ୍ୟାପିକା, ପଦାଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରାଯାଥିଲା ।

# ରାଜ୍ୟ ବଜେଟକୁ 'ଆସୋଚାମ' ଅଧ୍ୟକ୍ଷଙ୍କ ପ୍ରଶଂସା

ଭୁବନେଶ୍ୱର, (ସବ୍ୟୁ) : ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ, ମୋହନ ଚରଣ ମାଝୀ ଶୁକ୍ରବାର ବିଧାନସଭାରେ ଓଡ଼ିଶା ବଜେଟ ଉପସ୍ଥାପନ କରିଛନ୍ତି। ତେବେ ଏହି ବଜେଟ ସମ୍ପର୍କରେ ନିଜର ପ୍ରତିକ୍ରିୟା ଦେଇ ଆସୋଚାମ ଓଡ଼ିଶା ରାଜ୍ୟ ବିକାଶ ପରିଷଦ ଅଧ୍ୟକ୍ଷ, ପଙ୍କଜ ଲୋଚନ ମହାନ୍ତି କହିଛନ୍ତିଯେ, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପିତ ଓଡ଼ିଶା ବଜେଟ୍ ୨୦୨୬-୨୭ ହେଉଛି ଓଡ଼ିଶା ପାଇଁ ଏକ ପ୍ରଗତିଶୀଳ ଏବଂ ବିକାଶମୁଖୀ ରୂପରେଖା। ପୁଞ୍ଜିଗତ ବ୍ୟୟ, କୃଷି, ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଭିତ୍ତିଭୂମି ଉପରେ ଦୃଢ଼ ଗୁରୁତ୍ୱ ସହିତ ୩.୧୦ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ, ସର୍ବସମାବେଶୀ ବିକାଶ ସହିତ ଆର୍ଥିକ ଶୃଙ୍ଖଳାକୁ ପ୍ରତିଫଳିତ କରୁଛି। ଆମେ କ୍ରୀଡ଼ା ଭିତିଭୂମି ଏବଂ



ଯୁବ ବିକାଶ ଉପରେ ଜାରି ରହିଥିବା ଗୁରୁତ୍ୱକୁ ମଧ୍ୟ ସ୍ୱାଗତ କରୁଛୁ, ଯାହା ଓଡ଼ିଶାକୁ ଏକ ଜାତୀୟ କ୍ରୀଡ଼ା ହବ ଭାବରେ ପ୍ରତିଷ୍ଠିତ କରିପାରିଛି। କ୍ରୀଡ଼ା କ୍ଷେତ୍ରରେ ପୁଞ୍ଜିନିବେଶ କେବଳ ପ୍ରତିଭା ସୃଷ୍ଟି କରେ ନାହିଁ, ବରଂ ଏହା ପର୍ଯ୍ୟଟନ, ବିଶ୍ୱସ୍ତରୀୟ ପରିଚୟ ଏବଂ ଅର୍ଥନୈତିକ କାର୍ଯ୍ୟକଳାପକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ। ସେହିଭଳି ଜଳସେଚନ, ଶିଳ୍ପ ଭିତିଭୂମି, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟସେବା ସମ୍ପ୍ରସାରଣ ଏବଂ ମହିଳା ସଶକ୍ତୀକରଣ ଉପରେ ଦିଆଯାଇଥିବା ଧ୍ୟାନ ଉଭୟ ତୃଣମୂଳ ସ୍ତରର ସମୃଦ୍ଧି ଏବଂ ନିବେଶକଙ୍କ ଆସ୍ଥାକୁ ସୁଦୃଢ଼ କରିବ। ଆସୋଚାମ ଏହି ସନ୍ତୁଳିତ ତଥା ଭବିଷ୍ୟତ ପାଇଁ ପ୍ରସ୍ତୁତ ଆଭିମୁଖ୍ୟକୁ ପ୍ରଶଂସା କରୁଛି ଏବଂ ଏହି ବ୍ୟୟବରାଦକୁ ତ୍ୱରାନ୍ୱିତ ପୁଞ୍ଜିବିନିଯୋଗ, କର୍ମନିଯୁକ୍ତି ସୃଷ୍ଟି ଏବଂ ସ୍ଥାୟୀ ବିକାଶରେ ରୂପାନ୍ତରିତ କରିବା ପାଇଁ ରାଜ୍ୟ ସରକାରଙ୍କ ସହ ସହଭାଗୀତା କରିବାକୁ ଆଶାବଦ୍ଧ ରହିଛି।

# ୨୫ବର୍ଷ ପରେ ଏକାଠି ହେଲେ ୨୦୦୧ ମାଟ୍ରିକ ବ୍ୟାଚର ବନ୍ଧୁ



ଭୁବନେଶ୍ୱର(ସବ୍ୟୁ): ଗଙ୍ଗପଡ଼ା ଉଚ୍ଚ ବିଦ୍ୟାଳୟର ୨୦୦୧ ମାଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ଭୁବନେଶ୍ୱର ଉପକଣ୍ଠ ଗଙ୍ଗପଡ଼ା ଠାରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୨୫ ବର୍ଷ ପରେ ପୂରାତନ ଛାତ୍ରଛାତ୍ରୀମାନେ କର୍ମମୟ ଜୀବନରୁ ସମୟ ବାହାର କରି ପ୍ରଥମ ଥର ଲାଗି ଏକାଠି ହୋଇଥିଲେ । ସେମାନେ ୨୦୦୧କୁ ଫେରିଯାଇ ପୁରୁଣା ସ୍ମୃତିକୁ ସାଉଣ୍ଟିବା ସହିତ ବିଭିନ୍ନ ବିଭାଗରେ ପଢ଼ାଉଥିବା ଶିକ୍ଷକମାନଙ୍କ ପରାମର୍ଶକୁ ସ୍ମରଣ କରିଥିଲେ । କେବଳ ସେତିକି ନୁହେଁ ବିଦ୍ୟାଳୟରେ ପାଠ ପଢ଼ା ସାଙ୍ଗକୁ ଖେଳକୁଦ ଏବଂ ଦୁଷ୍ଟାମୀ କଥା ମନେ ପକାଇ ଭାବବିହ୍ୱଳ ହୋଇଯାଇଥିଲେ ବନ୍ଧୁମାନେ । ପ୍ରତିବର୍ଷ କିପରି ପୁନର୍ବାର ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ ହୋଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ରବିଚନ୍ଦ୍ର ପରିଡ଼ା, ଜିତେନ୍ଦ୍ର ବାରିକ, ପ୍ରଶାନ୍ତ ମହାରଣା, ରବିନ୍ଦ୍ର ମହାକୁଡ଼, ଦୁର୍ଯ୍ୟଧନ ବେହେରା, କ୍ଷତିଶ ପ୍ରସାଦ ନିଶଙ୍କ, ପଦ୍ମନାଭ ସାମନ୍ତରା, ଶ୍ରୀରାମ ମହାନ୍ତି, ମଧୁସ୍ମିତା ମିଶ୍ର, ଅନସୋୟା ଦାସ, ସ୍ମୃତିପ୍ରଭା ରାଉତ, ଜ୍ୟୋର୍ତିମୟୀ ଦାଶଙ୍କ ପ୍ରୟାସରେ ଆୟୋଜିତ ହୋଇଥିଲା ।

# ଡାହିବାଡି ସାପ୍ତାହିକ ହାଟରୁ ବାଇକ୍ ଚୋରି

ବେତନଟୀ (ସବ୍ୟୁ) ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଉପକଣ୍ଠ ଡାହିବାଡି ସାପ୍ତାହିକ ହାଟରୁ ଶନିବାର ଏକ ବାଇକ୍ ଚୋରି ହୋଇଯାଇଥିବା ସୂଚନା ମିଳିଛି। ବୁଧବାର ଓ ଶନିବାର ଦୁଇଦିନ ଜିଲ୍ଲାର ଏହି ବିଶାଳ ବ୍ୟବସାୟୀକ ହାଟ ଲାଗିଥାଏ। ପ୍ରାୟ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଲୋକ ଅତ୍ୟାବଶ୍ୟକ ସାମଗ୍ରୀର କିଣା ବିକା ପାଇଁ ଏହି ହାଟ ଉପରେ ନିର୍ଭରଶୀଳ। ତେବେ ଶନିବାର ବେତନଟୀ ଅଞ୍ଚଳର ରାମଚନ୍ଦ୍ର ଟୁଡୁ ନିଜ ବାଇକ ନଂ ଓଡି ୧୧ ଏକ୍ସ ୪୬୬୪ ଯୋଗେ ପନିପରିବା କିଣିବା ପାଇଁ ବାଇକ ଟିକୁ ରଖି ହ୍ୟାଣ୍ଡେଲ ଲକ୍ କରି ଯାଇଥିଲେ। କିଣାକିଣି ସାରି ଫେରିବା ବେଳକୁ ବାଇକ ନଥିଲା। ସବୁ ଯାଗାରେ ଖୋଜାଖୋଜି କରି ନପାଇବାରୁ ବୈଶିଙ୍ଗା ପୋଲିସ ନିକଟରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଏହାକୁ ନେଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ତେବେ ଏଠାରେ ତିନୋଟି ସାଇକେଲ ଓ ବାଇକ୍ ଷ୍ଟାଣ୍ଡ ଥିବା ସତ୍ତ୍ୱେ ସେଠାରେ ବାଇକ ନରଖି ବାହାରେ ଏଣେତେଣେ ଅତ୍ୟନ୍ତ ବିପଦପୂର୍ଣ୍ଣ ଭାବେ ମୂଲ୍ୟବାନ ବାଇକ ରଖୁଥିବା ଯୋଗୁଁ ବାଇକ ଚୋରି ଘଟଣା ବଢି ଚାଲିଛି। ଏ ଦିଗରେ ଜନସାଧାରଣ ସତର୍କତା ଅବଲମ୍ବନ କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଭାରତୀ ଏୟାରଟେଲ୍ ପକ୍ଷରୁ ସାଇବର ବିପଦ ଗବେଷଣା କେନ୍ଦ୍ର

ଭୁବନେଶ୍ୱର (ସୁବ୍ୟ): କ୍ଲାଉଡ୍ ସୁରକ୍ଷାରେ ଅଗ୍ରଣୀ ଜେଡସ୍କେଲାର, ଆଇଏନସି., ଭାରତର ସର୍ବବୃହତ ଦୂରସଂଚାର ସେବା ପ୍ରଦାନକାରୀ ଭାରତୀ ଏୟାରଟେଲ୍(ଏୟାରଟେଲ୍) ସହିତ ସହଭାଗୀତାରେ ଏଆଇ ଏବଂ ସାଇବର ବିପଦ ଗବେଷଣା କେନ୍ଦ୍ର - ଭାରତ ଆରମ୍ଭ କରିଛି। ଏହି ବହୁ-ଭାଗୀଦାର ଡିଜିଟାଲ୍ ପ୍ରୟାସ ଜାତୀୟ ସାଇବର ସ୍ଥିରତାକୁ ଆଗକୁ ବଢ଼ାଇବା, ଭାରତର ଅର୍ଥନୈତିକ ଏବଂ ଜାତୀୟ ସୁରକ୍ଷା ପାଇଁ ଜରୁରୀ କ୍ଷେତ୍ର, ଶିଳ୍ପ ଏବଂ ସମ୍ପତ୍ତି, ଯେପରିକି ଦୂରସଂଚାର, ବ୍ୟାଙ୍କିଂ ଏବଂ ଶକ୍ତି, ଏବଂ ଡିଜିଟାଲ୍ ବ୍ୟବହାରକାରୀଙ୍କୁ ସୁରକ୍ଷା ଦେବା ଏବଂ ଭାରତର ଦ୍ରୁତ ବିସ୍ତାରିତ ଡିଜିଟାଲ୍ ଇକୋସିଷ୍ଟମରେ ବିଶ୍ୱସ୍ତ ଏଆଇ ଗ୍ରହଣକୁ ତ୍ୱରାନ୍ୱିତ କରିବା ପାଇଁ ଉତ୍ସର୍ଗୀକୃତ। ଭାରତ ଦୀର୍ଘଦିନ ଧରି ଜେଡସ୍କେଲାର ର ପ୍ରଯୁକ୍ତିବିଦ୍ୟା ନବସୃଜନ ଏବଂ ସାଇବର ଗବେଷଣା ପାଇଁ ଏକ ପ୍ରମୁଖ କେନ୍ଦ୍ର ହୋଇଆସିଛି। ଦେଶରେ ଜେଡସ୍କେଲାର ର



ଗବେଷଣା ପ୍ରତିଭାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ରହିଛି। ଏହି ଗବେଷଣା କେନ୍ଦ୍ର ଘରୋଇ କ୍ଷେତ୍ର, ସରକାରୀ କ୍ଷେତ୍ର, ଶିକ୍ଷାନୁଷ୍ଠାନ ଏବଂ ସରକାରଙ୍କ ମଧ୍ୟରେ ସହଯୋଗ ପାଇଁ ଜେଡସ୍କେଲାର ର କାର୍ଯ୍ୟକୁ ଏକ ଜାତୀୟ ପ୍ଲାଟଫର୍ମରେ ବିସ୍ତାର କରିବ। ଦେଶର ସାଇବର ପ୍ରତିରକ୍ଷାକୁ ସୁଦୃଢ଼ କରିବା ଏବଂ ଭାରତର ବିକାଶ ଭାରତ ଏବଂ ଏକ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଏବଂ ଡିଜିଟାଲ୍ ସ୍ୱାବଲମ୍ବୀ ଭବିଷ୍ୟତକୁ ସମର୍ଥନ କରିବା ପାଇଁ ଏକ ଭବିଷ୍ୟତ-ପ୍ରସ୍ତୁତ ପ୍ରତିଭା ପାଇପଲାଇନ ନିର୍ମାଣ କରିବା ଲକ୍ଷ୍ୟରେ ଡିଜାଇନ୍ କରାଯାଇଛି।

# ବ୍ୟାସନଗର ପବ୍ଲିକ ସ୍କୁଲର ଦ୍ୱିତୀୟ କ୍ୟାମ୍ପସ୍ ଉଦ୍‌ଘାଟିତ

ଦାନଗଦି, (ସବ୍ୟୁ): ସୁକିନ୍ଦା ବ୍ଲକ ଓଳିଆ ପଂଚାୟତଠାରେ ବ୍ୟାସନଗର ପବ୍ଲିକ ସ୍କୁଲର ୨ୟ କ୍ୟାମ୍ପସ ଉ"।ଟିତ ଓ ବାର୍ଷିକତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲେକ୍ଷ ସ୍କୁଲର ଅଧ୍ୟକ୍ଷ ଲେସର ଆବର୍ସନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡିଶା ସରକାରଙ୍କ ସମବାୟ ହସ୍ତତନ୍ତ୍ର,ହସ୍ତଶିଳ୍ପ ଓ ବୟନଶିଳ୍ପ ମନ୍ତ୍ରୀ ଡଃ, ପ୍ରଦୀପ ବଳସାମନ୍ତ ମୂଖ୍ୟଅତିଥି, କଳିଙ୍ଗନଗର ଅତରିକ୍ତ ଆରକ୍ଷୀ ଅଧ୍ୟକ୍ଷକ ସୁପ୍ରଶନ୍ନ ମଲ୍ଲିକ , ବ୍ୟାସନଗର ପବ୍ଲିକ ସ୍କୁଲ ସଭାପତି ଭାରତ ଭୂଷଣ ଦେଓ,ସମ୍ପାଦିକା ଡଃ. ଦେବସ୍ମିତା ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। କଳିଙ୍ଗନଗର ଶିଳ୍ପାଞ୍ଚଳ ଶିକ୍ଷାର ଚାହିଦା ଦିନକୁ ଦିନ ବୃଦ୍ଧି ସହାୟତା କରିବା ଦିଗରେ ଏହି ଅନୁଷ୍ଠାନର ଗୁରୁ୍ତି ଅଂଚଳର କୁନୀ କୁନୀ ବାଳକ ବାଳିକା ମାନେ ଶିକ୍ଷା ନିମନ୍ତେ ଯାଜପୁର ରୋଡକୁ ଯିବାକୁ ପଡୁଥିଲା। ଦୀର୍ଘବର୍ଷ ହେବ ଏହି ଅନୁଷ୍ଠାନର ନିଜ ଗୃହ ନଥିଲା। ମନ୍ତ୍ରୀ ଶ୍ରୀ ବଳସାମନ୍ତ ସ୍କୁଲକୁ ଉଦଘାଟନ କରିବା ସହିତ ସ୍କୁଲର ପରିବେଶ, ଶାନ୍ତିଶୃଙ୍ଖଳା, ପାଠପଢାକୁ ପଶଂସା କରିଥିଲେ। ସ୍କୁଲ ପକ୍ଷରୁ ମନ୍ତ୍ରୀ, ସମ୍ମାନୀତ ଅତିଥି , ମାମ୍ ଓ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅତିଥୁ ମାନେ ସ୍କୁଲର ଏକ ପତ୍ରିକା ଉନ୍ମୋଚନ କରିଥିଲେ। ବାଳକ ବାଳିକାଙ୍କ ଦ୍ୱାର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ସଭା ପୂର୍ବରୁ ଅତିଥି ଜଗନ୍ନାଥଙ୍କ ଫଟୋଚିତ୍ରରେ ଧୂପ ଦୀପ ଜଳାଇଥିଲେ। ଏହି କାର୍ଯ୍ୟକ୍ରମରେ ଅଂଚଳର ଶିକ୍ଷାପ୍ରେମୀ,ଅଭିଭାବକ, ବହୁ ମାନ୍ୟଗଣ୍ୟବ୍ୟକ୍ତିଙ୍କ ସମେତ ସ୍କୁଲର ସମସ୍ତ ମାମ୍ ଶିକ୍ଷକ ଉପସ୍ଥିତ ଥିଲେ।

### ବୈଜୟନ୍ତ ପଣ୍ଡାଙ୍କୁ ବଡ଼ ସଫଳତା

# ବିଜେପିରେ ଯୋଗଦେଲେ ଭୂପେନ ବୋରା

ଭୁବନେଶ୍ୱର, (ସବ୍ୟୁ):ଆସାମ ପ୍ରଦେଶର ପୂର୍ବତନ କଂଗ୍ରେସ ରାଜ୍ୟ ସଭାପତି ଭୂପେନ ବୋରା ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦେଇଛନ୍ତି। ଭାରତୀୟ ଜନତା ପାର୍ଟିର ରାଜ୍ୟ ମୁଖ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ଶ୍ରୀ ବୋରା ରାଜ୍ୟ ନିର୍ବାଚନ ପ୍ରଭାରୀ ବୈଜୟନ୍ତ ପଣ୍ଡାଙ୍କ ଉପସ୍ଥିତିରେ ଦଳର ପ୍ରାଥମିକ ସଦସ୍ୟତା ଗ୍ରହଣ କରିଛନ୍ତି। ଏହି ଅବସରରେ ଶ୍ରୀ ପଣ୍ଡା କହିଛନ୍ତି, ଏକଦା ଯେଉଁମାନେ ସଂଗଠନର ନେତୃତ୍ୱ ନେଇଥିଲେ ସେମାନେ ଦୂରେଇ ଯାଉଛନ୍ତି। ଏହା କଂଗ୍ରେସର ଆଭ୍ୟନ୍ତରୀଣ ସମନ୍ୱୟର ଗଭୀର କ୍ଷୟର ସଙ୍କେତ ଦେଉଛି । ଗୌହାଟୀର ରାଜ୍ୟ ମୁଖ୍ୟାଳୟରେ ଆମେ ଆସାମ କଂଗ୍ରେସର ପୂର୍ବତନ ସଭାପତି ଶ୍ରୀ ବୋରଙ୍କୁ ବିଶ୍ୱର ସର୍ବବୃହତ ରାଜନୈତିକ ଦଳରେ




ସ୍ୱାଗତ କରୁଛୁ । ତାଙ୍କର ନିଷ୍ପତ୍ତି ଏକ ବୃହତ ରାଜନୈତିକ ପରିବର୍ତ୍ତନକୁ ସୂଚିତ କରେ: ଗୋଟିଏ ଶିବିରରେ ଦ୍ୱନ୍ଦ୍ୱ ଗଭୀର ହେବା ସହିତ ଉଦ୍ଦେଶ୍ୟର ସ୍ୱଷ୍ଟତା ଏବଂ ନିର୍ଣ୍ଣାୟକ ନେତୃତ୍ୱ ପ୍ରତିବଦ୍ଧ ନେତାମାନଙ୍କୁ ଅଧିକ ସ୍ଥିର ଏବଂ ଆଗକୁ ନେଉଥିବା ପ୍ଲାଟଫର୍ମ ଆଡକୁ ଟାଣିବାରେ ଲାଗିଛି। ଏହି ମିଶ୍ରଣ ପର୍ବରେ ଶ୍ରୀ ପଣ୍ଡାଙ୍କ ସମେତ ପ୍ରଦାନ ବରୁଆ, ଜୟନ୍ତ ମାଳବରୁଆ, ଦିଲ୍ଲୀପ ସାଇକିଆ ଓ ହରିଶ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।

## ରାଷ୍ଟ୍ର ପରିଚାଳନାରେ ନ୍ୟାୟ ଇଞ୍ଜିନ୍ ସଦୃଶ:ନ୍ୟାୟମୂର୍ତ୍ତୀ ଶଶିକାନ୍ତ ମିଶ୍ର

ଭୁବନେଶ୍ୱର, (ସବ୍ୟୁ): ଭାରତର ସମ୍ବିଧାନ ରାଷ୍ଟ୍ରର ନାଗରିକଙ୍କୁ ବ୍ୟକ୍ତିଗତ ସ୍ତରରେ ଏବଂ ସାମୂହିକ ଭାବେ ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷତା ବୃଦ୍ଧି କରିବା ସୁନିଶ୍ଚିତ କରିଛି। ଯାହାଦ୍ୱାରା କି ରାଷ୍ଟ୍ର ନିରନ୍ତର ଭାବରେ ଉଚ୍ଚତର ସ୍ତରକୁ ଯାଇ ସଫଳତା ହାସଲ କରି ପାରିବ ବୋଲି ଶନିବାର ଓଡିଶା ହାଇକୋର୍ଟର ବିଚାରପତି ନ୍ୟାୟମୂର୍ତ୍ତୀ ଶଶିକାନ୍ତ ମିଶ୍ର କହିଥିଲେ। ଭାରତ ସମ୍ବିଧାନକୁ ସମ୍ମାନ ଦେବା ଆମର ମୌଳିକ ଦାୟିତ୍ୱ ଏବଂ ନ୍ୟାୟ ଏକ ଇଞ୍ଜିନ୍ ସଦୃଶ ଯାହାକି ରାଷ୍ଟ୍ରକୁ ପରିଚାଳନା କରିଥାଏ ବୋଲି କହିଥିଲେ ନ୍ୟାୟମୂର୍ତ୍ତୀ ମିଶ୍ର। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କର ଉଦ୍ଦେଶ୍ୟରେ ସୋଆ ବକ୍ତୃତାମାଳାର ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜଷ୍ଟିସ୍ ମିଶ୍ର ଏହା କହିଥିଲେ। ନ୍ୟାୟମୂର୍ତ୍ତୀ ମିଶ୍ର କହିଥିଲେ ଯେ ଜ୍ଞାନ ବୃଦ୍ଧି ଓ ମାନବ ସଭ୍ୟତାର ମିଶ୍ରଣକୁ ନେଇ ବିଶେଷଜ୍ଞମାନେ ଏକାଠି ବସି ସମ୍ବିଧାନ ଗଠନ କରିଥିଲେ। ତେଣୁ ବ୍ରିଟିଶରମାନେ ଯେ ଆମକୁ ଆଇନ ଶିଖାଇଛନ୍ତି ଏହା କହିବା ଭୁଲ୍ ହେବ ବୋଲି ନ୍ୟାୟମୂର୍ତ୍ତୀ ଶ୍ରୀ ମିଶ୍ର କହିଥିଲେ। ଭାରତୀୟ ନାଗରିକଙ୍କ ଉପରେ ସମ୍ବିଧାନର ପ୍ରଭାବକୁ ଦର୍ଶାଇ ନ୍ୟାୟମୂର୍ତ୍ତୀ ଶ୍ରୀ ମିଶ୍ର ନିଜର ଏକ ଅନୁଭୂତି ଛାତ୍ରଛାତୀମାନଙ୍କୁ ବଖାଣିଥିଲେ। ବହୁଦିନ ପୂର୍ବରୁ ସେ ଏକ ଶୀତ ରାତିରେ ନୂଆଦିଲ୍ଲୀରେ ଏକ ଅଟୋ ଯାଉଥିବାବେଳେ ଅଟୋ ଡ୍ରାଇଭର ଜଣକ ଟ୍ରାଫିକ ଲାଇଟ୍‌କୁ ଉଲଂଘନ କରି ଯିବା ପାଇଁ ମନା କରିଥିଲା। ଯଦିଓ ମଧ୍ୟରାତ୍ରିରେ ରାସ୍ତାରେ ମାତ୍ର କିଛିଟି ଗାଡି ଚାଲୁଥିଲା ଏବଂ ତାଙ୍କର ଏକ ଟ୍ରେନ୍ ଯାତ୍ରାର ସମୟ ହୋଇଯାଇଥିଲା। ସେ ଅଟୋ ଡ୍ରାଇଭର ଜଣକ ମନା କରିଦେଇ କହିଥିଲା ଯେ ଟ୍ରାଫିକ୍ ନିୟମ ଭାଙ୍ଗିଲେ ମତେ ଭଲ ଲାଗିବ ନାହିଁ। ନ୍ୟାୟମୂର୍ତ୍ତୀ ଶ୍ରୀ ମିଶ୍ର ତାଙ୍କ ଅନୁଭୂତିକୁ ଦର୍ଶାଇ କହିଥିଲେ ଯେ ଯଦିଓ ସେ ଆଇନ୍‌ର ପାଠ ପଢିଛନ୍ତି ଏବଂ ଅଟୋ ଡ୍ରାଇଭର ଜଣକ କେବେ ବି ଏହା ପଢି ନାହିଁ, କିନ୍ତୁ ତଥାପି ସେ ଆଇନ ଉଲଂଘନ କଲା ନାହିଁ। ଏହା ଭାରତୀୟ ନାଗରିକଙ୍କ ଉପରେ ସମ୍ବିଧାନର କିଭଳି ପ୍ରଭାବ ପକାଇଛି ତାହାର ଜ୍ୱଳନ୍ତ ଉଦାହରଣ ବୋଲି ସେ କହିଥିଲେ।

# ଘରୋଇ ବକ୍ସାଇଟ୍ ଆମଦାନୀ ନିର୍ଭରଶୀଳତାରୁ ଆତ୍ମନିର୍ଭର ଆଲୁମିନିୟମ ପାଇଁ ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, (ସବ୍ୟୁ): ଭାରତର ଅଭିବୃଦ୍ଧି କାହାଣୀ ଆଲୁମିନିୟମ ସହିତ କ୍ରମଶଃ ଜଡିତ ହେଉଛି – ଏହା ଏପାରି ଏକ ଧାତୁ ଯାହା ଭିତିଭୂମି, ପ୍ରତିରକ୍ଷା, ନବୀକରଣୀୟ ଶକ୍ତି, ବୈଦ୍ୟୁତିକ ଯାନବାହନ ଏବଂ ଆଧୁନିକ ଉତ୍ପାଦନ ପାଇଁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏକ ମୁଖ୍ୟ ବିରୋଧାଭାସ ରହିଛି: ପ୍ରଚୁର ବକ୍ସାଇଟ୍ ଭଣ୍ଡାର ଥିବା ସତ୍ତ୍ୱେ, ଭାରତ ଏହାର ଆଲୁମିନିୟମ ମୂଲ୍ୟ ଶୃଙ୍ଖଳକୁ ସୁରକ୍ଷିତ ରଖିବା ପାଇଁ ଆମଦାନୀ ଉପରେ ନିର୍ଭର କରିଚାଲିଛି। ଭାରତର ବକ୍ସାଇଟ୍ ସମ୍ବଳ ପ୍ରାୟ ୩.୯ ବିଲିୟନ ଟନ୍ ଆକଳନ କରାଯାଇଛି, ତଥାପି ଆମଦାନୀ ସ୍ଥିର ଭାବରେ ବୃଦ୍ଧି ପାଉଛି। ଆର୍ଥିକ ବର୍ଷ ୨୩ ରେ, ବକ୍ସାଇଟ୍ ଆମଦାନୀ ୩.୬ ନିୟୁତ ଟନ୍ ଥିଲା, ଯାହା ଆର୍ଥିକ ବର୍ଷ ୨୪ ରେ ଆହୁରି ବୃଦ୍ଧି ପାଇ ୪.୫ ନିୟୁତ ଟନ୍ ହୋଇଛି। ପ୍ରଚୁର ଘରୋଇ ଭଣ୍ଡାର ସତ୍ତ୍ୱେ ଆମଦାନୀ ଉପରେ ନିରନ୍ତର ନିର୍ଭରଶୀଳତା ଏକ ସାଂରଚନିକ ଦୁର୍ବଳତାକୁ ପ୍ରତିନିଧିତ୍ୱ କରେ। ଏହା ଭାରତକୁ ବିଶ୍ୱ ମୂଲ୍ୟ ଅସ୍ଥିରତା, ପରିବହନ ବାଧା ଏବଂ ଭୂରାଜନୈତିକ ଅନିଶ୍ଚିତତା - ଏକ ଖଣ୍ଡିତ ବିଶ୍ୱ ବାଣିଜ୍ୟ ପରିବେଶରେ କ୍ରମଶଃ ଗୁରୁତ୍ୱପୂର୍ଣ୍ଣ ବିପଦଗୁଡିକ ସାମ୍ନା କରିବାକୁ ପକାଏ। ଡକ୍ଟର ମଧୁମିତା




ଦାସ, ପୂର୍ବତନ ପ୍ରଫେସର, ଭୂତତ୍ତ୍ୱ ଉତ୍କଳ ବିଶ୍ୱବିଦ୍ୟାଳୟ, "ଚାହିଦାର ଦୃଷ୍ଟିକୋଣରୁ ଦେଖିଲେ ଜରୁରତା ସ୍ୱଷ୍ଟ ହୋଇଯାଏ। ଭାରତରେ ଆଲୁମିନିୟମ୍ ବ୍ୟବହାର ବର୍ତ୍ତମାନ ବାର୍ଷିକ ପ୍ରାୟ ୫.୫ ନିୟୁତ ଟନ୍, ଏବଂ ୨୦୩୦ ସୁଦ୍ଧା ଏହା ୮ ନିୟୁତ ଟନ୍ ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି। ଏହି ବୃଦ୍ଧି ନବୀକରଣୀୟ ଶକ୍ତି କ୍ଷମତାର ପ୍ରସାର, ପରିବହନର ବିଦ୍ୟୁତୀକରଣ, ସ୍ମାର୍ଟ ଗ୍ରୀଡ୍ ଏବଂ ବୃହତ ପରିମାଣର ଭିତିଭୂମି ବିକାଶ ଦ୍ୱାରା ପରିଚାଳିତ ହେବ। ଏହି ସମୟରେ, ଆର୍ଥିକ ବର୍ଷ ୨୫ ରେ ପ୍ରାଥମିକ ଆଲୁମିନିୟମ୍ ଉତ୍ପାଦନ ପ୍ରାୟ ୪.୨ ନିୟୁତ ଟନ୍ ହେବ ବୋଲି ଆକଳନ କରାଯାଇଛି, ଯାହା ଘରୋଇ କ୍ଷମତା ଏବଂ କଂଚାମାଲ ସଂଯୋଗକୁ ସୁଦୃଢ଼ କରିବାର ଆବଶ୍ୟକତାକୁ ଉଲ୍ଲେଖ କରିଥାଏ। ଏହି ବ୍ୟବଧାନର ଆର୍ଥିକ ପ୍ରଭାବ ପୂର୍ବରୁ ଦୃଶ୍ୟମାନ। ଆର୍ଥିକ ବର୍ଷ ୨୬ ସୁଦ୍ଧା ଭାରତର ଆଲୁମିନିୟମ୍ ଆମଦାନୀ ବିଲ୍ ପ୍ରାୟ ଟ.୩୦,୦୦୦ କୋଟି ଛୁଇଁବ ବୋଲି ଆଶା କରାଯାଉଛି, ଏହା ଏକ ଯଥେଷ୍ଟ ପ୍ରବାହ ଯାହା ଅନ୍ୟଥା ଘରୋଇ ନିବେଶ, ନିଯୁକ୍ତି ସୃଷ୍ଟି ଏବଂ ଶିଳ୍ପ ପ୍ରତିଯୋଗିତାକୁ ସମର୍ଥନ କରିପାରିବ।

ଆଲୁମିନିୟମ୍ ସ୍ୱାବଲମ୍ବନର ମୂଳଦୁଆ ବକ୍ସାଇଟ୍ ରେ ରହିଛି । ୧ ଟନ୍ ଆଲୁମିନିୟମ ଉତ୍ପାଦନ ପାଇଁ ପ୍ରାୟ ୬ ଟନ୍ ବକ୍ସାଇଟ୍ ଆବଶ୍ୟକ, ଅର୍ଥାତ୍ ଅଭିବୃଦ୍ଧିକୁ ସ୍ଥାୟୀ କରିବା ପାଇଁ କଂଚାମାଲର ସୁରକ୍ଷିତ ଉପଲବ୍ଧତା ଅତ୍ୟନ୍ତ ଜରୁରୀ। ଘରୋଇ ବକ୍ସାଇଟ୍ ପ୍ରତି ନିର୍ଭରଯୋଗ୍ୟ ପ୍ରବେଶ ବିନା, ଆଲୁମିନିୟମ କ୍ଷମତା ବୃଦ୍ଧି ଏବଂ ସମାପ୍ତ ଧାତୁ ଆମଦାନୀ ହ୍ରାସ କରିବାର ମହତ୍ୱାକାଂକ୍ଷା ସୀମିତ ରହିଛି। ଏହି ପରିପ୍ରେକ୍ଷୀରେ, ଓଡ଼ିଶା ରଣନୈତିକ ଗୁରୁତ୍ୱ ଗ୍ରହଣ କରେ। ଭାରତର ୫୦% ରୁ ଅଧିକ ବକ୍ସାଇଟ୍ ସଂରକ୍ଷଣ ସହିତ ଅଧିକାଂଶ ସଂରକ୍ଷଣ କଳାହାଣ୍ଡି, ରାୟଗଡା, କୋରାପୁଟ, ସୁନ୍ଦରଗଡ଼, ବଲାଙ୍ଗୀର ଏବଂ ସମ୍ବଲପୁର ଭଳି ଅଂଚଳରେ ରହିଛି। ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା ଏବଂ ସ୍ଥିର ଯୋଗାଣ ଶୃଙ୍ଖଳ ନିର୍ମାଣ କରିବାରେ ରାଜ୍ୟ ମୁଖ୍ୟ ଭୂମିକା ଗ୍ରହଣ କରେ। ଘରୋଇ ବକ୍ସାଇଟ୍ ଉତ୍ପାଦନ ୨୦୨୩ ମସିହାରେ ୨୩ ନିୟୁତ ଟନ୍ ଅତିକ୍ରମ କରିସାରିଛି, କିନ୍ତୁ ଏହି ସଂରକ୍ଷଣର ପୂର୍ଣ୍ଣ ସମ୍ଭାବନାକୁ ଅନଲକ୍ କରିବା ଦ୍ୱାରା ଭାରତ ଯଥେଷ୍ଟ ସୁରକ୍ଷିତ ହୋଇପାରିବ। ଘରୋଇ ଖଣି ବିସ୍ତାର କେବଳ ଏକ ଶିଳ୍ପ ପ୍ରାଥମିକତା ନୁହେଁ - ଏହା ଏକ ଆର୍ଥିକ ସୁଯୋଗ, ଭୂତତ୍ତ୍ୱ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡକ୍ଟର ମଧୁମିତା ଦାସ କହିଛନ୍ତି। ସ୍ଥାନୀୟ ଉତ୍ସକୁ ଅଧିକ ଶକ୍ତିଶାଳୀ କରିବା ନିଯୁକ୍ତିକୁ ସମର୍ଥନ କରେ, ରାଜ୍ୟ ରାଜସ୍ୱ ବୃଦ୍ଧି କରେ, ଡାଉନଷ୍ଟ୍ରିମ୍ ଉତ୍ପାଦନକୁ ମଜବୁତ କରେ ଏବଂ ବାହ୍ୟ ଆଘାତର ସମ୍ମୁଖୀନ ହେବା ହ୍ରାସ କରେ। ଏହା ଆମଦାନୀ ହୋଇଥିବା କଂଚାମାଲର ଦୀର୍ଘ ଦୂରତା ପରିବହନ ସହିତ ଜଡିତ କାର୍ବନ ପାଦଚିହ୍ନକୁ ମଧ୍ୟ ହ୍ରାସ କରେ। କେବଳ ଡାଉନଷ୍ଟ୍ରିମ୍ ଉତ୍ପାଦନ ମାଧ୍ୟମରେ ଆତ୍ମନିର୍ଭର ଭାରତ ହାସଲ କରାଯାଇପାରିବ ନାହିଁ। ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ରଣନୈତିକ ସ୍ୱାୟତତା ଘରେ କଂଚାମାଲ ସୁରକ୍ଷିତ କରିବା ଏବଂ ସମନ୍ୱିତ, ସ୍ଥିର ଯୋଗାଣ ଶୃଙ୍ଖଳ ନିର୍ମାଣ କରିବା ସହିତ ଆରମ୍ଭ ହେବା ଉଚିତ। ଆଲୁମିନିୟମରେ ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା କେବଳ ଏକ ବାଣିଜ୍ୟ ସମାୟୋଜନ ନୁହେଁ; ଏହା ଅର୍ଥନୈତିକ ସାର୍ବଭୌମତ୍ୱ ସହିତ ଜଡିତ ଏକ ରଣନୈତିକ ନିଷ୍ପତି। ଯଦି ଭାରତ ଦୀର୍ଘକାଳୀନ ଶିଳ୍ପ ଶକ୍ତି ନିର୍ମାଣ କରିବା ପାଇଁ ତତପର ତେବେ ଆଲୁମିନିୟମ ସ୍ୱାବଲମ୍ବନ ଉତ୍ସରୁ ଆରମ୍ଭ ହେବା ଉଚିତ - ଏବଂ ଘରୋଇ ବକ୍ସାଇଟ୍ ସେହି ମହତ୍ୱାକାଂକ୍ଷାର ମୂଳଦୁଆ ହେବା ଉଚିତ।

# ନମୋ ଭାରତ, ମିରଟ ମେଟ୍ରୋର ଶୁଭାରମ୍ଭ






ମିରଟ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦିନ ୧୨:୩୦ରେ ଶତାବ୍ଦୀ ନଗର ଷ୍ଟେସନରୁ ବହୁ ପ୍ରତୀକ୍ଷିତ ନମୋ ଭାରତ ଆଞ୍ଚଳିକ ରାପିଡ୍ ଟ୍ରାଞ୍ଜିଟ୍ ସିଷ୍ଟମ୍ (ଆରଆରଟିଏସ୍) ଏବଂ ମିରଟ ମେଟ୍ରୋକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଉପସ୍ଥିତିରେ ଏହି ସେବାକୁ ଉଦଘାଟନ କରିବା ସହ ନମୋ ଭାରତ ଟ୍ରେନରେ ବସି ମିରଟ ଦକ୍ଷିଣ ଷ୍ଟେସନ ପର୍ଯ୍ୟନ୍ତ ସେ ଯାତ୍ରା କରିଛନ୍ତି । ଏହି ସମୟରେ ସ୍କୁଲ ପିଲା ଓ ଅଧିକାରୀଙ୍କ ସହିତ ମୋଦୀ ଆଲୋଚନା ମଧ୍ୟ କରିଛନ୍ତି ।

'ଆରଆରଟିଏସ୍'କୁ ପତାକା ଦେଖାଇବା ପରେ, ପ୍ରଧାନମନ୍ତ୍ରୀ ଦେଶରେ ମେଟ୍ରୋ ନେଟୱାର୍କର ସମ୍ପ୍ରସାରଣରେ ହୋଇଥିବା ପ୍ରଗତି ଉପରେ ଆଲୋକପାତ କରିଥିଲେ । ୨୦୧୪ ପୂର୍ବରୁ, ଭାରତରେ ମେଟ୍ରୋ ସମ୍ପ୍ରସାରଣ ବହୁତ ଧୀର ଥିଲା । କଂଗ୍ରେସ ସରକାର ସମୟରେ, କେବଳ ପାଞ୍ଚଟି ସହରରେ ମେଟ୍ରୋ ଚାଲୁଥିଲା । ବିଜେପି ସରକାର ସମୟରେ, ବର୍ତ୍ତମାନ ୨୫ରୁ ଅଧିକ ସହରରେ ମେଟ୍ରୋ ଚାଲୁଛି," ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଭାରତ ବିଶ୍ୱର ତୃତୀୟ ବୃହତ ମେଟ୍ରୋ ନେଟୱାର୍କ ମଧ୍ୟ ନିର୍ମାଣ କରିଛି ।

ଗତ ୧୦-୧୧ ବର୍ଷ ମଧ୍ୟରେ, ମେଟ୍ରୋଗୁଡ଼ିକ ଡଜନ ଡଜନ ସହରରେ ପହଞ୍ଚିଛି, କାରଣ ବିଜେପି ସରକାର ନାଗରିକମାନଙ୍କୁ ସୁବିଧାଜନକ, ଦ୍ରୁତ ଏବଂ ପ୍ରଦୂଷଣମୁକ୍ତ ପରିବହନ ସୁବିଧା ଯୋଗାଇବାକୁ ଲକ୍ଷ୍ୟ ରଖିଛି ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି । ସେ ଆହୁରି କହିଛନ୍ତି, କିଛି ସମୟ ପୂର୍ବରୁ ମୁଁ ମେରଠ ମେଟ୍ରୋରେ ଯାତ୍ରା କରିଥିଲି... ଯାତ୍ରା ସମୟରେ, ମୁଁ ଅନେକ ସ୍କୁଲ ଓ କଲେଜ ଛାତ୍ର ଏବଂ ଅନ୍ୟାନ୍ୟ ଯାତ୍ରୀଙ୍କ ସହ ଭାବ ବିନିମୟ କରିଥିଲି । ଲୋକମାନେ ପୁରୁଣା ଦିନଗୁଡ଼ିକୁ ମନେ ପକାଇଥିଲେ, ବିଶେଷକରି ମହିଳା ଯାତ୍ରୀମାନେ ମୋତେ କହିଥିଲେ ଯେ କିଛି ବର୍ଷ ପୂର୍ବେ ସନ୍ଧ୍ୟା ସୁଦ୍ଧା ସମଗ୍ର ରୁଟ୍ ନିର୍ଜନ ହୋଇଯାଉଥିଲା, ଯାହା ଭୟର ପରିବେଶ ସୃଷ୍ଟି କରୁଥିଲା, କିନ୍ତୁ ବର୍ତ୍ତମାନ କେଉଁଆଡ଼େ ବି ଯାତ୍ରା କରିବା ପାଇଁ ଭୟ ଲାଗୁନି ।

ମିରଟ ମେଟ୍ରୋ, ଦେଶର ସବୁଠାରୁ ଦ୍ରୁତତମ ମେଟ୍ରୋ ସେବା । ଆଜିଠାରୁ ମୋଦୀପୁରମରୁ ଦକ୍ଷିଣ ମିରଟ ପର୍ଯ୍ୟନ୍ତ ଯାତ୍ରା କରିବ, ଯାହା ୧୨ଟି ଷ୍ଟେସନରେ ବିସ୍ତୃତ ୨୩ କିଲୋମିଟର ଟ୍ରାକକୁ କଭର କରିବ । ପ୍ରାୟ ୧୩,୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ, ମିରଟ ମେଟ୍ରୋ ସମଗ୍ର ଯାତ୍ରାକୁ ମାତ୍ର ୩୦ ମିନିଟ୍ ମଧ୍ୟରେ କଭର କରିବ । ଏହାର ସର୍ବାଧିକ ଘଣ୍ଟା ପ୍ରତି ବେଗ ୧୨୦ କିଲୋମିଟର ରହିବ । ଯଦି ଆମେ ଏହାର ଟିକେଟ୍-ଫି କଥା କହିବା ତେବେ ଏଥିରେ ଯାତ୍ରା କରିବା ପାଇଁ ୧୦ଟଙ୍କାରୁ ୫୦ଟଙ୍କା ମଧ୍ୟରେ ଭଡ଼ା ଦେବାକୁ ପଡ଼ିବ ।

# ଅସ୍ତ୍ରୋପଚାରର ୪ ବର୍ଷ ପରେ ମହିଳାଙ୍କ ପେଟରୁ ବାହାରିଲା କଇଁଚି

ଥିରୁଅନନ୍ତପୁରମ୍: କେରଳର ଏକ ମେଡିକାଲ୍ କଲେଜରେ ଅସ୍ତ୍ରୋପଚାର ସମୟରେ ଜଣେ ମହିଳାଙ୍କ ପେଟରେ କଇଁଚି ଛାଡି ଦିଆଯିବା ଘଟଣା ରାଜନୈତିକ ବିବାଦ ସୃଷ୍ଟି କରିଛି । ମେ ୨୦୨୧ରେ, ପୁନ୍ନାପ୍ରାର ବାସିନ୍ଦା ଉଷା ଯୋସେଫ (୫୧) ଗର୍ଭାଶୟ ଟ୍ୟୁମର ଅପରେସନ ପାଇଁ ଆଲାପୁଝା ମେଡିକାଲ୍ କଲେଜରେ ଭର୍ତ୍ତି ହୋଇଥିଲେ ।

ଅସ୍ତ୍ରୋପଚାର ପରେ ମହିଳାଙ୍କ ପେଟରେ ଲଗାତାର ଯନ୍ତ୍ରଣା ହେଉଥିଲା । କିନ୍ତୁ ଚାରି ବର୍ଷ ପରେ ଏକ ପରୀକ୍ଷାରୁ ଜଣାପଡିଲା ଯେ, ତାଙ୍କ ପେଟ ଭିତରେ ସର୍ଜିକାଲ ଫୋରସେପ୍ସ ରହିଛି । ବିରୋଧୀ ଦଳଗୁଡ଼ିକ ଏବେ ଏହି ପ୍ରସଙ୍ଗକୁ ନେଇ ସରକାରଙ୍କ ବିରୁଦ୍ଧରେ ଏକ ଅଭିଯାନ ଆରମ୍ଭ କରିଛନ୍ତି ।

ଏହି ଘଟଣାକୁ ବିରୋଧ କରି ଶନିବାର କଂଗ୍ରେସ ଏବଂ ଯୁବ କଂଗ୍ରେସ କର୍ମୀମାନେ ରାଜ୍ୟବ୍ୟାପୀ ପ୍ରତିବାଦ କରିଥିଲେ । ପ୍ରତିବାଦ ଏତେ ହିଂସାତ୍ମକ ଥିଲା ଯେ, ପ୍ରଦର୍ଶନକାରୀମାନେ ଥିରୁଅନନ୍ତପୁରମରେ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜଙ୍କ ସରକାରୀ ବାସଭବନ ପରିସରରେ ପ୍ରବେଶ କରିଥିଲେ ।

କର୍ମୀମାନେ ମନ୍ତ୍ରୀଙ୍କ ଘରର ଦ୍ୱାରରେ ଫୁଲମାଳ ଟାଙ୍ଗି ତାଙ୍କ ଇସ୍ତଫା ଦାବି କରିଥିଲେ । ବୀଣା ଜର୍ଜ କହିଛନ୍ତି ଯେ ବିରୋଧୀ ଦଳ ନେତା ଭିଡି ଶତିସନଙ୍କ ନିର୍ଦ୍ଦେଶରେ ଏହି ପ୍ରତିବାଦ କରାଯାଉଛି ଏବଂ ଏହା ତାଙ୍କ ଉପରେ ଆକ୍ରମଣ କରିବାର ଏକ ଷଡ଼ଯନ୍ତ୍ର ।

ଭିଡି ଶତିସନ୍ ଏହି ଅଭିଯୋଗଗୁଡ଼ିକୁ ସ୍ପଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କରିଛନ୍ତି । ସେ କହିଛନ୍ତି ଯେ, ସରକାର ନିଜର ବିଫଳତା ଏବଂ ଚିକିତ୍ସା ଅବହେଳାକୁ ଲୁଚାଇବା ପାଇଁ ଏକ ଷଡ଼ଯନ୍ତ୍ର ରଚନା କରୁଛନ୍ତି । ସେପଟେ ଶନିବାର



କୋଚିର ଏକ ଘରୋଇ ହସ୍ପିଟାଲରେ ଉଷା ଯୋଶେଫଙ୍କର ଆଉ ଏକ ଅସ୍ତ୍ରୋପଚାର କରାଯାଇଥିଲା ଏବଂ ତାଙ୍କ ପେଟରୁ ସୁରକ୍ଷିତ ଭାବରେ ଫୋରସେପ୍ସ ବାହାର କରାଯାଇଛି । ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି ।

# ୧.୭୦ କୋଟି ଭୋଟରଙ୍କ ନାମ କଟିଲା

ନୂଆଦିଲ୍ଲୀ: ଭାରତୀୟ ନିର୍ବାଚନ କମିଶନ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟରେ ଭୋଟର ତାଲିକାରେ ବ୍ୟାପକ ପରିବର୍ତ୍ତନ ରେକର୍ଡ କରାଯାଇଛି । ଶନିବାର ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ଭୋଟର ତାଲିକାର ଚୂଡ଼ାନ୍ତ ପ୍ରକାଶନ ପରେ ୯ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ମୋଟ ଭୋଟରଙ୍କ ସଂଖ୍ୟା ୧.୭୦ କୋଟିରୁ ଅଧିକ ହ୍ରାସ ପାଇଛି ।

ଗତବର୍ଷ ଅକ୍ଟୋବର ୨୭ ତାରିଖରେ ଏସଆଇଆର ପ୍ରକ୍ରିୟା ଆରମ୍ଭ ହୋଇଥିବା ସମୟରେ ଏହି ରାଜ୍ୟଗୁଡ଼ିକରେ ମୋଟ ୨୧.୪୫ କୋଟି ପଞ୍ଜିକୃତ ଭୋଟର ଥିଲେ । ଚୂଡ଼ାନ୍ତ ତାଲିକା ପ୍ରକାଶନ ପରେ, ଏହି ସଂଖ୍ୟା ୧୯.୭୫ କୋଟିକୁ ହ୍ରାସ ପାଇଛି । ଏହି ତାଲିକାରେ ଗୁଜରାଟ, ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼, କେରଳ, ଗୋଆ, ପୁଡୁଚେରୀ, ଲକ୍ଷ୍ନୌ, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ ଅନ୍ତର୍ଭୁକ୍ତ ।



ତଥ୍ୟ ଅନୁଯାୟୀ, ଗୁଜୁରାଟରେ ସର୍ବାଧିକ ବାଦ ଦିଆଯାଇଛି । ତାଲିକାରୁ ମୋଟ ୬୮, ୧୨, ୭୧୧ ଭୋଟରଙ୍କୁ ବାଦ ଦିଆଯାଇଛି, ଯାହା ରାଜ୍ୟର ମୋଟ ଭୋଟର ସଂଖ୍ୟା ୫,୦୮,୪୩,୩୬ରୁ ୪,୪,୦୩୦,୭୨୫କୁ ହ୍ରାସ ପାଇଛି, ଯାହା ୧୩.୪୦% ହ୍ରାସ ପାଇଛି । ମଧ୍ୟ ପ୍ରଦେଶରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଘଟିଛି, ୩୪,୨୫,୦୭୮ ଭୋଟରଙ୍କୁ ତାଲିକାରୁ ବାଦ ଦିଆଯାଇଛି । ଏଠାରେ ଭୋଟର ସଂଖ୍ୟା ବର୍ତ୍ତମାନ ୫.୭୪ କୋଟିରୁ ହ୍ରାସ ପାଇ ୫.୩୯ କୋଟିକୁ ହ୍ରାସ ପାଇଛି । ସେହିପରି, ରାଜସ୍ଥାନରେ ଭୋଟର ସଂଖ୍ୟା ୩୧.୩୬ ଲକ୍ଷ ଏବଂ ଛତିଶଗଡ଼ରେ ପ୍ରାୟ ୨୪.୯୯ ଲକ୍ଷ ହ୍ରାସ ପାଇଛି । କେରଳରେ ୮,୯୭,୨୧୧ ଭୋଟର ଏବଂ ଗୋଆରେ ୧,୨୭,୪୬୮ ଭୋଟର ହ୍ରାସ ପାଇଛନ୍ତି ।

କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ୫୨,୩୬୪, ପୁଡୁଚେରୀରେ ୭୭,୩୬୭ ଏବଂ ଲକ୍ଷାଦ୍ୱୀପରେ ୨୦୬ ଭୋଟରଙ୍କୁ ବାଦ ଦିଆଯାଇଛି । ନିର୍ବାଚନ ଅଧିକାରୀମାନେ କହିଛନ୍ତି ଯେ ଏହି "ନେଟ୍ ପରିବର୍ତ୍ତନ" ନୂତନ ଭାବରେ ଯୋଡି ହୋଇଥିବା ଯୋଗ୍ୟ ଭୋଟରଙ୍କ ସଂଖ୍ୟା ସହିତ ସଂଯୋଜିତ ତାଲିକାରୁ ବାଦ ଦିଆଯାଇଥିବା ଅଯୋଗ୍ୟ ଭୋଟରଙ୍କୁ ପ୍ରତିଫଳିତ କରେ ।

# ଭାରତ ଉପରେ କେତେ ଟାରିଫ ଲାଗିବ?

ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱର ବିଭିନ୍ନ ଦେଶ ଉପରେ ଲାଗୁ କରିଥିବା ଟାରିଫ ବ୍ୟବସ୍ଥାକୁ ଶୁକ୍ରବାର ଅଗ୍ରାହ୍ୟ କରି ଦେଇଛନ୍ତି ଦେଶର ସୁପ୍ରିମକୋର୍ଟ । ଆମେରିକା ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ଭାରତୀୟ ରପ୍ତାନୀ ଉପରେ ଲାଗୁ ହେଉଥିବା ଶୁଳ୍କ ବା ଟାରିଫକୁ ନେଇ ଦ୍ୱନ୍ଦ୍ୱ ଦେଖାଯାଇଛି । ଏହି ରାୟକୁ ନେଇ ଅଧିକ ପ୍ରଶ୍ନ ଓ କମ ଉତ୍ତର ସ୍ଥିତି ଦେଖିବାକୁ ମିଳିଛି । ଭାରତରୁ ରପ୍ତାନୀ କରୁଥିବା ବ୍ୟବସାୟୀଙ୍କୁ ବଦଳୁଥିବା ସ୍ଥିତି ଅନୁସାରେ ନିଜର ଲକ୍ଷ୍ୟକୁ ପୂରଣ କରିବାକୁ ପଡ଼ିବ । ଭାରତ ଓ ଆମେରିକା ବାଣିଜ୍ୟ ଡିଲ ଯୋଗୁ ନୂଆଦିଲ୍ଲୀ ଉପରେ ଲାଗୁ ହେଉଥିବା ଟାରିଫ ୫୦%ରୁ ୧୮%କୁ ଖସି ଥିଲା । ତଥାପି ଏଯାଏ ଏହି ଡିଲ ସ୍ୱାକ୍ଷରିତ ହୋଇନାହିଁ । ଏସବୁ ଭିତରେ ଆମେରିକା ସୁପ୍ରିମକୋର୍ଟ ଦେଇଥିବା ରାୟ ପରେ ଭାରତ ଉପରେ ୧୮%, ୧୦%, ୫୦% ନା ୧୩.୫% ଟାରିଫ ଲାଗିବ, ତା'କୁ ନେଇ ଦ୍ୱନ୍ଦ୍ୱ ଦେଖାଯାଇଛି । ବର୍ତ୍ତମାନ ସୁଦ୍ଧା ଅନ୍ତରୀଣ ବାଣିଜ୍ୟ ଡିଲ ଅନୁସାରେ ଭାରତୀୟ ଦ୍ରବ୍ୟ ଉପରେ ୧୮% ଟାରିଫ ଲାଗୁ ହେବା କଥା । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ବୁଝାମଣା ହୋଇଥିବା ବେଳେ ମାର୍ଚ୍ଚ ମଧ୍ୟଭାଗରେ ଚୁକ୍ତି ସ୍ୱାକ୍ଷରିତ ହେବ । ଆମେରିକା ପକ୍ଷରୁ ଭାରତ ଉପରେ ଲାଗୁଥିବା ପାରସ୍ପରିକ ଟାରିଫ ୧୮% ଖସିବ ଓ ଅତିରିକ୍ତ ଭାବେ ରୁଷ ଠାରୁ ତେଲ କିଣିବା ପାଇଁ ଲାଗୁ ହେଉଥିବା ୨୫% ଟାରିଫ ମଧ୍ୟ ଶୂନ ହୋଇଯିବ । କିନ୍ତୁ ଶୁକ୍ରବାର ଆମେରିକା ସୁପ୍ରିମକୋର୍ଟ ରୁଲିଂ ଦେଇଛନ୍ତି ଯେ ଟ୍ରମ୍ପ ୫୦ ବର୍ଷ ପୁରୁଣା (ଆଇଇଇପିଏ)କୁ ବ୍ୟବହାର କରି କାହା ଉପରେ ଟାରିଫ ଲାଗୁ କରିପାରିବେ ନାହିଁ । ଏହାର ଅର୍ଥ ଭାରତ ଉପରେ ଲାଗୁ ହେଉଥିବା ୧୮% ପାରସ୍ପରିକ ଟାରିଫକୁ ଆମେରିକା ସୁପ୍ରିମକୋର୍ଟ ହଟାଇ ଦେଇଛନ୍ତି । ଆଇନଗତ ନିର୍ଦ୍ଦେଶ ଯୋଗୁ ଟ୍ରମ୍ପଙ୍କ ପୂର୍ବରୁ ଥିବା ବ୍ୟବସ୍ଥା ଅନୁସାରେ ଭାରତ ଏବେ ୩.୫% ଟାରିଫ ଦେବା କଥା । କାରଣ ଆମେରିକାର ସବୁଠାରୁ ପସନ୍ଦର ଦେଶ (ଏମଏଫଏନ) ମାନ୍ୟତା ଅନୁସାରେ ଏପରି ଟାରିଫ ଭାରତ ଉପରେ ଲାଗିବା କଥା । ହେଲେ ସୁପ୍ରିମ ଝଟକା ଯୋଗୁ ରାଗି ଯାଇଥିବା ଟ୍ରମ୍ପ ଆଉ ଏକ ପ୍ରଦକ୍ଷେପ ଶନିବାର ନେଇଛନ୍ତି । ସେ ଗୋଟିଏ ନିର୍ଦ୍ଦେଶନାମାରେ ଦସ୍ତଖତ କରି ସବୁ ଦେଶ ଉପରେ ବାଧ୍ୟତାମୂଳକ ଭାବେ ୧୦% ଟାରିଫ ଲଗାଇଛନ୍ତି । ଏହା ମଧ୍ୟରେ ଭାରତ ମଧ୍ୟ ରହିଛି । ଅର୍ଥାତ ଭାରତରୁ ଆମେରିକାକୁ ରପ୍ତାନୀ ହେଉଥିବା ଦ୍ରବ୍ୟ ଗୁଡ଼ିକ ଉପରେ ୧୦% ଟାରିଫ ଲାଗୁ ହେବ । ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ପୂର୍ବରୁ କେବେ ବ୍ୟବହାର ହୋଇ ନଥିବା ଧାରା ୧୨୨କୁ ମଧ୍ୟ ସେ ବ୍ୟବହାର କରିଛନ୍ତି । ଏହି ଧାରାର ବ୍ୟବସ୍ଥା ଅନୁସାରେ ଆମେରିକାର ଯେକୌଣସି ରାଷ୍ଟ୍ରପତି ୧୫୦ ଦିନ ଯାଏ ବିଶ୍ୱର ସମସ୍ତ ରାଷ୍ଟ୍ର ଉପରେ ୧୫% ଯାଏ ଟାରିଫ ଲାଗୁ କରିପାରିବେ । ଏହାପରେ ଏହି ନିଷ୍ପତ୍ତିକୁ ଆମେରିକା ସଂସଦ ବା କଂଗ୍ରେସର ଅନୁମତି ଆବଶ୍ୟକ ପଡ଼ିବ । ଯଦି ସଂସଦ ଅନୁମତି ଦେଲା, ତା'ହେଲେ ରାଷ୍ଟ୍ରପତି ନେଇଥିବା ଟାରିଫ ବ୍ୟବସ୍ଥା ବଳବତ୍ତର ରହିବ । ଟ୍ରମ୍ପ ସେହି ଅନୁସାରେ ୧୦% ଟାରିଫ ଲଗାଇଛନ୍ତି । ଏହି ନିର୍ଦ୍ଦେଶ ଫେବୃଆରୀ ୨୪ରୁ କାର୍ଯ୍ୟକାରୀ ହେବ ।

ତେବେ ଟ୍ରମ୍ପଙ୍କୁ ଭାରତ ଉପରେ ଲାଗୁଥିବା ଟାରିଫ ସମ୍ପର୍କରେ ସ୍ପଷ୍ଟତା ମଗା ଯିବାରୁ ସେ ପୂର୍ବଭଳି ୧୮% ଲାଗୁ ହେବ ବୋଲି କହି ପୁଣି ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲେ । କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ହ୍ୱାଇଟ ହାଉସ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି । ହ୍ୱାଇଟ ହାଉସ କହିଛି ଯେ ବିଶ୍ୱର ସମସ୍ତ ଦେଶ ଉପରେ ୧୦% ଟାରିଫ ଲାଗୁ ହେବ । ଏହା ଏକ ଅସ୍ଥାୟୀ ବ୍ୟବସ୍ଥା ।

# ନ୍ୟୁୟର୍କକୁ ଏୟାର ଇଣ୍ଡିଆର ବିମାନ ସେବା ବାତିଲ




ନୂଆଦିଲ୍ଲୀ: ଶୀତକାଳୀନ ଝଡ଼ ଏବଂ ପ୍ରବଳ ତୁଷାରପାତ ପୂର୍ବାନୁମାନ କରି ରବିବାର ଦିନ ଏୟାର ଇଣ୍ଡିଆ ଆମେରିକାର ନ୍ୟୁୟର୍କ ଏବଂ ନେୟର୍କକୁ ସମସ୍ତ ଉଡ଼ାଣ ବାତିଲ କରିଛି ।

"୨୨ ଏବଂ ୨୩ ଫେବୃଆରୀରେ ଆମେରିକାର ପୂର୍ବ ତଟ ସହିତ ନ୍ୟୁୟର୍କ, ନ୍ୟୁ ଜର୍ସି ଏବଂ ଆଖପାଖ ଅଞ୍ଚଳରେ ପ୍ରବଳ ତୁଷାରପାତ ସହିତ ଏକ ଭୟଙ୍କର ଶୀତକାଳୀନ ଝଡ଼ ଆଶା କରାଯାଉଛି । ଯାହାଫଳରେ ବିମାନ ପରିଚାଳନା ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ ହୋଇପାରେ । ତେଣୁ ଯାତ୍ରୀ ଏବଂ କର୍ମଚାରୀଙ୍କ ସୁରକ୍ଷା ଏବଂ ସୁବିଧାକୁ ଧ୍ୟାନରେ ରଖି ୨୩ ଫେବୃଆରୀରେ ନ୍ୟୁୟର୍କ ଏବଂ ନେୟର୍କକୁ ସମସ୍ତ ଏୟାର ଇଣ୍ଡିଆ ବିମାନକୁ ବାତିଲ କରାଯାଇଥିବା ନେଇ ଏୟାର ଇଣ୍ଡିଆ ଏକ ବିବୃତ୍ତିରେ କହିଛି । ଯଦି କେହି ଏହି ତାରିଖରେ ଉଡ଼ାଣ ବୁକ୍ କରିଛନ୍ତି ତେବେ ଆମର ଟିମ୍ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦେବେ ବୋଲି ମଧ୍ୟ କମ୍ପାନୀ ତରଫରୁ ସୂଚନା ଦିଆଯାଇଛି ।

ନ୍ୟୁୟର୍କ ସହର ଏବଂ ଦେଶର ଉତ୍ତର-ପୂର୍ବ ଅଂଶ ପାଇଁ ଏକ ତୁଷାରପାତ ଚେତାବନୀ ଜାରି କରାଯିବା ସହ ରବିବାରଠାରୁ ସେଠାରେ ପ୍ରବଳ ପବନ ଏବଂ ଶକ୍ତିଶାଳୀ ଝଡ଼ ଆସିପାରେ ବୋଲି ବିଭାଗ ସୂଚନା ଦେଇଛି । ଏହାକୁ ଦୃଷ୍ଟିରେ ରଖି ୧,୦୦୦ରୁ ଅଧିକ ଉଡ଼ାଣ ପୂର୍ବରୁ ବାତିଲ କରାଯାଇଛି । ଏହି ତୁଷାରପାତ ଜାନୁଆରୀ ଶେଷ ଭାଗରେ ସହରରେ ଆସିଥିବା ତୁଷାରପାତ ଠାରୁ ମଧ୍ୟ ଅଧିକ ବିପଜ୍ଜନକ ହୋଇପାରେ ବୋଲି ନ୍ୟୁୟର୍କ ମେୟର ଜୋହରାନ୍ ମାମଦାନି ଚେତାବନୀ ଦେଇଛନ୍ତି ।

# ମୋଦିଙ୍କ ଗସ୍ତକୁ ନେଇ ଇସ୍ରାଏଲରେ ରାଜନୀତି ଉଷ୍ମ

ଜେରୁଜେଲମ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାଖାପାଖି ୮ ବର୍ଷ ପରେ ଇସ୍ରାଏଲ ଯାତ୍ରାରେ ଯାଉଛନ୍ତି । ଗତ ଗସ୍ତ କାଳ ଅପେକ୍ଷା ଏବେ ଅନେକ କିଛି ବଦଳିଗଲାଣି । ଏଣୁ ଉଭୟ ପକ୍ଷରୁ ଏହି ଗସ୍ତକାର୍ଯ୍ୟକ୍ରମକୁ ଏବେ ଅପେକ୍ଷା କରାଯାଇଛି । ତେବେ ମୋଦିଙ୍କ ଏହି ଗସ୍ତ ପୂର୍ବରୁ ଇସ୍ରାଏଲ ଘରୋଇ ରାଜନୀତି ଏବେ ବେଶ୍ ଉଷ୍ମ ଥିବା ଜଣାପଡିଛି । ଇସ୍ରାଏଲ ବିରୋଧୀ ଦଳ ନେତା ୟାର ଲିପିଡ ପ୍ରଧାନମନ୍ତ୍ରୀଙ୍କୁ ସିଧାସଳଖ ସଂସଦ ବହିଷ୍କାର ଧମକ ଦେଇଛନ୍ତି । ଲିପିଡ କହିଛନ୍ତି ଯେ ଯଦି ପରମ୍ପରା ଅନୁସାରେ ଇସ୍ରାଏଲ ସୁପ୍ରିମକୋର୍ଟ ମୁଖ୍ୟଙ୍କୁ କ୍ୟାନସେଟ୍(ସଂସଦ)ରେ ମୋଦିଙ୍କ ଭାଷଣକୁ ଡକା ନଯାଏ ତେବେ ସେ ମଧ୍ୟ ଭାଷଣକୁ ବହିଷ୍କାର କରି ପାରନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫେବୃଆରୀ ୨୫ ତାରିଖରେ ଇସ୍ରାଏଲ ଗସ୍ତରେ ଯିବେ । ସେଠାରେ ସେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଓ ରାଷ୍ଟ୍ରପତି ଆଇଜାକ ହେଜବର୍ଗଙ୍କୁ ଭେଟିବେ । ଏହି ଅବସରରେ ମୋଦି ଇସ୍ରାଏଲ ସଂସଦକୁ ସମ୍ବୋଧିତ କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି । ମୋଦିଙ୍କ ଏହି ସମ୍ବୋଧନକୁ ନେଇ ଏବେ ଦେଶରେ ବିବାଦ ଉପୁଜିଛି । ବିରୋଧୀ ଦଳ ନେତା ଲାପିଡ ଦାବି କରିଛନ୍ତି ଯେ ଯେତେବେଳେ ପ୍ରଧାନମନ୍ତ୍ରୀ ମୋଦି ସଂସଦକୁ ସମ୍ବୋଧିତ କରିବେ ସେହି ସମୟରେ ଯେପରି ସଂସଦରେ ସୁପ୍ରିମକୋର୍ଟ ଅଧ୍ୟକ୍ଷ ଇତଜ୍ୟାକ୍ ଆମନ୍ତ୍ରିତ ଥାନ୍ତି । ଲାପିଡ କହିଛନ୍ତି ଯେ ଆମେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଭାଷଣ ବହିଷ୍କାର କଥା କହୁ ନାହୁଁ, ହେଲେ ସରକାର ଆମକୁ ଜାଣିଶୁଣି ଏପରି ପରିସ୍ଥିତିରେ ପକାଇବାକୁ ଚାହୁଁଛନ୍ତି । ଇସ୍ରାଏଲ ସଂସଦରେ ଲାପିଡ କହିଛନ୍ତି ଯେ ଆମେ ଏହି ପ୍ରସଙ୍ଗରେ ଭାରତୀୟ ଦୂତାବାସଙ୍କ ସହ କଥା ହୋଇଛୁ । ସେ ଏହି ବିବାଦକୁ ନେଇ ଚିନ୍ତିତ ଅଛନ୍ତି । ଲିପିଡ କହିଛନ୍ତି



ଯେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ କେନସେଟ୍ ରେ ଯୋଗଦେବା ଆମ ସମସ୍ତଙ୍କ ପାଇଁ ସମ୍ମାନର କଥା । ତେବେ ସେ ଚେତାବନୀ ଦେଇଛନ୍ତି ଯେ ନେତନ୍ୟାହୁ ସରକାର ଯଦି ସୁପ୍ରିମକୋର୍ଟ ଅଧ୍ୟକ୍ଷଙ୍କୁ ଏହି ଭାଷଣରେ ବହିଷ୍କାର କରନ୍ତି ତେବେ ବିରୋଧୀ ଦଳ ମଧ୍ୟ ଏଥିରେ ସାମିଲ ହେବେନି । ଲିପିଡ କହିଛନ୍ତି ଯେ ଆମେ ଚାହୁଁନା ଶହେକୋଟି ଜନସଂଖ୍ୟାର ଦେଶ ଭାରତର ପ୍ରଧାନମନ୍ତ୍ରୀ ଅଧା ଖାଲି କ୍ୟାନସେଟ୍ ସାମ୍ନାରେ ଛିଡା ହୁଅନ୍ତୁ । ଆମେ ଭାରତକୁ ଅସହଜ କରିବା ଭଳି ପରିସ୍ଥିତିରେ ପକାଇବାକୁ ଚାହୁଁନାହୁଁ । ତେବେ ଭାରତର ପ୍ରଧାନମନ୍ତ୍ରୀଙ୍କ ଯାତ୍ରା କାଳରେ ବିରୋଧୀ ଦଳ ନେତା ଘରୋଇ ରାଜନୈତିକ ଅସନ୍ତୋଷକୁ ଉଠାଇବାରୁ ନେତନ୍ୟାହୁ ସରକାର ଲାପିଡଙ୍କୁ ସମାଲୋଚନା କରିଛନ୍ତି । କ୍ୟାନସେଟ୍ ସ୍ପିକର ଅମୀର ଓହନା ଅଭିଯୋଗ କରିଛନ୍ତି ଯେ ଘରୋଇ ରାଜନୀତି ଯୋଗୁ ଲାପିଡ ଭାରତ-ଇସ୍ରାଏଲ ସମ୍ପର୍କକୁ ଖରାପ କରିବାକୁ ଚାହୁଁଛନ୍ତି । ଏ ନେଇ ସ୍ପିକର ସୋସିଆଲ ମିଡିଆରେ କରିଥିବା ପୋଷ୍ଟରେ ଅନ୍ତରୀଣ ରାଜନୈତିକ ସଂଘର୍ଷରେ ଏହା ଅବୈଧ ଅସ୍ତ୍ର ବ୍ୟବହାର କରାଯିବା ଭଳି ବୋଲି ଉଲ୍ଲେଖ କରିଛନ୍ତି । ଜବାବରେ ଲାପିଡ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନେତନ୍ୟାହୁ ସୁପ୍ରିମକୋର୍ଟ ଅଧ୍ୟକ୍ଷଙ୍କୁ ଔପଚାରିକ ବୈଠକକୁ ଆମନ୍ତ୍ରିତ କରିବା ପାଇଁ କ୍ୟାନସେଟ ସ୍ପିକରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ।

# ସର୍ବମ ଇଣ୍ଡସ୍ ଆପ୍ ଏବେ ଡାଉନଲୋଡ୍ ପାଇଁ ଉପଲବ୍ଧ

ନୂଆଦିଲ୍ଲୀ: ନୂଆଦିଲ୍ଲୀ: ଭାରତୀୟ ଏଆଇ ଷ୍ଟାର୍ଟଅପ୍ ନିଜର ନୂତନ ଚାଟ୍ ଆପ୍ ଲଞ୍ଚ କରିଛି । ଯାହାର ଲକ୍ଷ୍ୟ ଏବଂ ପରି ବିଶ୍ୱବ୍ୟାପୀ ଏଆଇ ଚାଟବଟ୍ ସହିତ ସିଧାସଳଖ ପ୍ରତିଯୋଗିତା କରିବା । ଏହି ଆପ୍ ବିଶେଷ ଭାବରେ ଭାରତୀୟ ଉପଭୋକ୍ତାଙ୍କ ପାଇଁ ଡିଜାଇନ୍ କରାଯାଇଛି ଏବଂ ୨୨ଟି ଭାରତୀୟ ଭାଷାରେ ଟେକ୍ସଟ୍ ଏବଂ ଭଏସ୍ ସପୋର୍ଟ ପ୍ରଦାନ କରେ । କମ୍ପାନୀ ଦାବି କରୁଛି ଯେ ଏହାର ଫୋକସ ଡାଟା ସୁରକ୍ଷା ଏବଂ ଭାରତ-କେନ୍ଦ୍ରିକ ଏଆଇ ଇକୋସିଷ୍ଟମ ଉପରେ ରହିଛି । ସର୍ବମ ଦ୍ୱାରା ପ୍ରସ୍ତୁତ ଇଣ୍ଡସ୍ର ଏହି ଆପ୍ ୱେବ୍ ଏବଂ ମୋବାଇଲ୍ ପ୍ଲାଟଫର୍ମ ଉଭୟରେ ଉପଲବ୍ଧ । ଆପଣ ଗୁଗୁଲ ପ୍ଲେ ଷ୍ଟୋର ଏବଂ ଆପଲ ଆପ୍ ଷ୍ଟୋରରୁ ଏହି ଦେଶୀ ଏଆଇ ଚାର୍ଟବୋର୍ଟ ଇଣ୍ଡସ ଡାଉନଲୋଡ୍ କରିପାରିବେ । ଇଣ୍ଡସ୍ ଆପ୍ ସ୍ୱତନ୍ତ୍ର ଭାବରେ ଭାରତ ପାଇଁ ଡିଜାଇନ୍ କରାଯାଇଛି । ଏହା ୨୨ଟି ଭାରତୀୟ ଭାଷାରେ ଯୋଗାଯୋଗ କରିପାରିବ । ଏହା ଲେଖା ଏବଂ ଭଏସ୍ ଇନପୁଟ୍ ଉଭୟ ବୁଝିପାରେ । କମ୍ପାନୀ କହିଛି ଯେ ମଡେଲଟିକୁ ଭାରତୀୟ ବାକ୍ୟାଂଶ, ଉଚ୍ଚାରଣ ଏବଂ ପ୍ରସଙ୍ଗକୁ ଭଲ ଭାବରେ ବୁଝିବା ପାଇଁ ତାଲିମ ଦିଆଯାଇଛି । ଏହାର ଭିତ୍ତିଭୂମି ଭାରତରେ ଥିବାରୁ, ଡାଟାକୁ ସ୍ଥାନୀୟ ରଖିବା ଏବଂ ଘରୋଇ ଏଆଇ ଇକୋସିଷ୍ଟମକୁ ସୁଦୃଢ଼ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଏଥିରେ କଥାବାର୍ତ୍ତା ସମୟରେ ଭାଷା ବଦଳାଇବାର ସୁବିଧା ମଧ୍ୟ ଅନ୍ତର୍ଭୁକ୍ତ, ଯେପରିକି ଇଂରାଜୀରୁ ହିନ୍ଦୀ ଏବଂ ହିନ୍ଦୀରୁ ଇଂରାଜୀ ।

# ତେଜସ ଯୁଦ୍ଧ ବିମାନ ହରାଇଲା ଭାରତୀୟ ବାୟୁସେନା

ନୂଆଦିଲ୍ଲୀ: ଦୁର୍ଘଟଣାରେ ଆଉ ଏକ ହାଲୁକା ତେଜସ ଯୁଦ୍ଧ ବିମାନ ହରାଇଲା ଭାରତୀୟ ବାୟୁସେନା । ଏହି ଘଟଣା ପରେ ପୂରା ତେଜସ୍ ବିମାନ ସମୂହକୁ ନେଇ ବ୍ୟାପକ ବୈଷୟିକ ଯାଞ୍ଚ ଆରମ୍ଭ ହୋଇଛି । ସୂତ୍ର ଅନୁସାରେ, ଚଳିତ ମାସ ଆରମ୍ଭରେ ଏକ ପ୍ରମୁଖ ବାୟୁସେନାର ଘାଟିର ଅପରେସନାଲ ଏରିଆରେ ଏହି ଘଟଣା ଘଟିଥିଲା । ଲଢୁଆ ବିମାନଟି ନିୟମିତ ତାଲିମ ଉଡ଼ାଣ ଭରୁଥିବା ବେଳେ କ୍ରାସ୍ ହୋଇଥିଲା । ତେବେ କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁ ଦୁର୍ଘଟଣା ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି । ବିମାନଟିର ଏୟାରଫ୍ରେମ୍ ଗୁରୁତର କ୍ଷତି ହୋଇଛି ଏବଂ ଏହା ନଷ୍ଟ ହୋଇପାରେ । ତଥାପି, ପାଇଲଟ୍ ସୁରକ୍ଷିତ ଭାବରେ ବାହାରକୁ ବାହାରି ଆସିଲେ ଏବଂ ତାଙ୍କୁ କୌଣସି ଗୁରୁତର ଆଘାତ ଲାଗି ନ ଥିଲା । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭାରତୀୟ ବାୟୁସେନାରେ ସାମିଲ ହେବା ପରଠାରୁ ଏହା ତୃତୀୟ ତେଜସ୍ ବିମାନ, ଯାହା ନଷ୍ଟ ହୋଇଯାଇଛି ।

ପ୍ରଥମ ଦୁର୍ଘଟଣା ୨୦୨୪ ମାର୍ଚ୍ଚରେ ଜୈସଲମେର ନିକଟରେ ଘଟିଥିଲା । ସେତେବେଳେ ଏହି ଫାଇଟର ଜେଟଟି ନିଜର ଫାୟାରପାୱ ପ୍ରଦର୍ଶନ କରୁଥିବା ବେଳେ ଦୁର୍ଘଟଣା ଘଟିଥିଲା । ଏଥିରେ ପାଇଲଟ୍ ସୁରକ୍ଷିତ ଭାବରେ ବାହାରକୁ ବାହାରି ଆସିଥିଲେ । ଦ୍ୱିତୀୟ ଘଟଣା ନଭେମ୍ବର ୨୦୨୫ରେ ଦୁବାଇ ଏୟାରଶୋରେ ଏକ ଏରୋବେଟିକ୍ ପ୍ରଦର୍ଶନ ସମୟରେ ଘଟିଥିଲା । ଯେଉଁଥିରେ ପାଇଲଟଙ୍କ ମୃତ୍ୟୁ ହୋଇଥିଲା । ଏହି ଦୁର୍ଘଟଣାର ତଦନ୍ତ ଏପର୍ଯ୍ୟନ୍ତ ଜାରି ରହିଛି । ଆଉ ଏବେ ଘଟିଥିବା ଘଟଣା ତେଜସ୍ କା ର୍ଯ୍ୟକ୍ରମରେ ବିଳମ୍ବ ମଧ୍ୟରେ ହୋଇଥିଲା । କାରଣ ୧୮୦ଟି ଲଢୁଆ ବିମାନ ପାଇଁ ଅର୍ଡର ସତ୍ତ୍ୱେ ଡେଲିଭରି ସମୟସୀମା ପ୍ରାୟ ଦୁଇ ବର୍ଷ ବିଳମ୍ବରେ ହେବ । ତେବେ ସଦ୍ୟ ଘଟଣା ପରେ ଏପର୍ଯ୍ୟନ୍ତ କୌଣସି ସରକାରୀ ବିବୃତ୍ତି ଜାରି କରି ନାହିଁ ।

# ଚଳିତ ବର୍ଷର ସବୁଠୁ ଲମ୍ବା ଚନ୍ଦ୍ରଗ୍ରହଣ

ନୂଆଦିଲ୍ଲୀ: ୨୦୨୬ ମସିହାର ପ୍ରଥମ ଚନ୍ଦ୍ରଗ୍ରହଣ ମଙ୍ଗଳବାର, ୩ ମାର୍ଚ୍ଚରେ ପଡୁଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହାକୁ ବର୍ଷର ସବୁଠାରୁ ଦୀର୍ଘ ଚନ୍ଦ୍ରଗ୍ରହଣ ଭାବରେ ବିବେଚନା କରାଯାଉଛି । ଏହି ଦିନ ଚନ୍ଦ୍ର ସିଂହ ରାଶିରେ ରହିବେ । ଯେହେତୁ ଏହି ଗ୍ରହଣ ଭାରତରେ ଦୃଶ୍ୟମାନ ହେବ ତେଣୁ ସୂତକ ସମୟ ମଧ୍ୟ ଏଠାରେ ବୈଧ ହେବ । ଆସନ୍ତୁ ପୂର୍ଣ୍ଣ ଗ୍ରହଣ ସମୟ, ଭାରତରେ ଏହାର ଦୃଶ୍ୟମାନତା ଏବଂ ସୂତକ ସମ୍ବନ୍ଧରେ ଜାଣିବା...

୩ ମାର୍ଚ୍ଚରେ ଚନ୍ଦ୍ରଗ୍ରହଣ ଅପରାହ୍ନ ୩:୨୦ ରେ ଆରମ୍ଭ ହୋଇ ସନ୍ଧ୍ୟା ୬:୪୭ ରେ ଶେଷ ହେବ । ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ସନ୍ଧ୍ୟା ୪:୩୪ରେ ଆରମ୍ଭ ହେବ, ଯେଉଁ ସମୟରେ ଚନ୍ଦ୍ର ସମ୍ପୂର୍ଣ୍ଣ ଭାବରେ ପୃଥିବୀର ଛାୟାରେ ପ୍ରବେଶ କରିବ ।

ଏହି ଦିନ ଭାରତରେ ଚନ୍ଦ୍ରଉଦୟ ସନ୍ଧ୍ୟା ୬:୨୨ ରେ ହେବ । ଯେହେତୁ ସନ୍ଧ୍ୟା ୬:୪୭ ରେ ଗ୍ରହଣ ଶେଷ ହେବ, ତେଣୁ ଭାରତୀୟମାନେ ଏହି ଘଟଣା ପ୍ରାୟ ୨୫ ମିନିଟ୍ ପାଇଁ ଦେଖିପାରିବେ । ତେବେ ଚନ୍ଦ୍ରଉଦୟ ସମୟ ସହର ଅନୁସାରେ ସାମାନ୍ୟ ଭିନ୍ନ ହୋଇପାରେ ।

ଧାର୍ମିକ ବିଶ୍ୱାସ ଅନୁସାରେ, ଚନ୍ଦ୍ରଗ୍ରହଣର ନଅ ଘଣ୍ଟା ପୂର୍ବରୁ ସୂତକ ସମୟ ଆରମ୍ଭ ହୁଏ । ଫଳସ୍ୱରୂପ ସୂତକ ମାର୍ଚ୍ଚ ୩ ସକାଳ ୬:୨୦ରେ ଆରମ୍ଭ ହେବ । ସୂତକ ସମୟରେ ଶୁଭ କାର୍ଯ୍ୟ କରାଯାଏ ନାହିଁ । ଏପରିକି ଠାକୁର ମୂର୍ତ୍ତିକୁ ମଧ୍ୟ ସ୍ପର୍ଶ କରାଯାଏ ନାହିଁ ଏବଂ ପାକ ତ୍ୟାଗ ଓ ଖାଇବା ବର୍ଜନ କରାଯାଏ ।

# ଇରାନରେ ପୁଣି ପ୍ରତିବାଦର ନିଆଁ; ଆନ୍ଦୋଳନକୁ ଓହ୍ଲାଇଲେ ଛାତ୍ରଛାତ୍ରୀ

ତେହେରାନ୍: ଇରାନ-ଆମେରିକା ଉତ୍ତେଜନା ଭିତରେ ଇରାନରେ ପୁଣି ପ୍ରତିବାଦର ନିଆଁ ଦେଖିବାକୁ ମିଳିଛି । ଶନିବାର ଦିନ ତେହେରାନ ଓ ମଶାଦରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଶହ ଶହ ଛାତ୍ର ଶୋଭାଯାତ୍ରାରେ ଆରମ୍ଭ କରିଛନ୍ତି । ଗତ ମାସର ହିଂସା ପରେ ସବୁଠାରୁ ବଡ଼ ଛାତ୍ର ରାଲି ସରିଫ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି, ଅମିର କବୀର ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଓ ଉଭୟ ସହରର ଅନେକ ମେଡିକାଲ ସାଇନ୍ସ ୟୁନିଭରସିଟିରେ ଦେଖିବାକୁ ମିଳିଛି । ରାଜଧାନୀର ସରିଫ ବିଶ୍ୱବିଦ୍ୟାଳୟରେ, ଇରାନ ପତାକା ଧରି ଛାତ୍ରଛାତ୍ରୀମାନେ ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଅଲି ଖେମିନିଙ୍କ ନାମରେ



'ଏକଛତ୍ରବାଦୀଙ୍କ ମୃତ୍ୟୁ ହେଉ' ନାରା ଦେବା ସହିତ ସରକାର ବିରୋଧୀ ଓ ରାଜତନ୍ତ୍ର ସମର୍ଥନରେ ନାରାବାଜୀ କରିଛନ୍ତି ।

ତେହେରାନର ସହିଦ ବେହେସ୍ତି ବିଶ୍ୱବିଦ୍ୟାଳୟରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଛନ୍ତି ଛାତ୍ରଛାତ୍ରୀ । ଇରାନର ଦ୍ୱିତୀୟ ବୃହତ୍ତମ ସହର ମାଶହାଦରେ, ଛାତ୍ରମାନେ 'ଆଜାଦୀ, ଆଜାଦୀ' ନାରା ଦେଇ ସେମାନଙ୍କ ସାଥୀମାନଙ୍କୁ ନିଜ ଅଧିକାର ପାଇଁ ସ୍ୱର ଉଠାଇବାକୁ ଆହ୍ୱାନ କରିଛନ୍ତି । ଉଲ୍ଲେଖଯୋଗ୍ୟ, ଗତ ମାସକ ପୂର୍ବରୁ ଇରାନରେ ରାଷ୍ଟ୍ରବ୍ୟାପୀ ଆନ୍ଦୋଳନ ଦେଖିବାକୁ ମିଳିଥିଲା । ଏହି ପ୍ରତିବାଦକୁ ନେଇ କଠୋର ହୋଇଥିଲେ ଖେମିନି ସରକାର, ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଥିଲେ, ଯେଉଁଥିରେ ପ୍ରାୟ ୭ହଜାର ଲୋକଙ୍କ ଜୀବନ ଯାଇଥିବା କଥା କୁହାଯାଉଥିବାବେଳେ ଇରାନ ସରକାର ଜାନୁଆରୀ ୨୧ ତାରିଖରେ ୩୧୧୭ ଜଣଙ୍କ ମୃତ୍ୟୁ ହୋଇଥିବା କଥା ପ୍ରକାଶ କରିଥିଲେ ।

# ନେପାଳରେ ଭୟଙ୍କର ଭୂମିକମ୍ପ

କାଠମାଣ୍ଡୁ: ରବିବାର ସକାଳେ ନେପାଳର କୋଶୀ ପ୍ରଦେଶରେ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି । ଜାତୀୟ ଭୂମିକମ୍ପ ମନିଟରିଂ ଓ ଗବେଷଣା କେନ୍ଦ୍ର ଅନୁଯାୟୀ, ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୪.୧ ଥିଲା ଏବଂ ଏହା ସକାଳ ୭:୩୧ ମିନିଟରେ ଅନୁଭୂତ ହୋଇଥିଲା । ଏହାର କେନ୍ଦ୍ରସ୍ଥଳ ନେପାଳର ରାଜଧାନୀ କାଠମାଣ୍ଡୁରୁ ୪୭୫ କିଲୋମିଟର ପୂର୍ବରେ ଥିବା ସଂଖୁବାସଭା ଜିଲ୍ଲାର ରିତାକ ଅଞ୍ଚଳରେ ଥିଲା । ନେପାଳର ପଡ଼ୋଶୀ ଜିଲ୍ଲା ତାପଲେଜଙ୍ଗ ଓ ଭୋଜପୁରରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଥିଲା । ଭୂମିକମ୍ପ ଯୋଗୁଁ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଥିଲା । ସ୍ଥାନୀୟ ଲୋକେ ଘର ଛାଡ଼ି ବାହାରକୁ ଦୌଡ଼ି ଆସିଥିଲେ । କିନ୍ତୁ ଏହି ବିପର୍ଯ୍ୟୟରେ କୌଣସି ବଡ଼ କ୍ଷୟକ୍ଷତି କିମ୍ବା ଜୀବନହାନି ହୋଇନାହିଁ ।

ତେବେ ନେପାଳରେ ବାରମ୍ବାର ଭୂମିକମ୍ପ ହେବା କିଛି ନୂଆ କଥା ନୁହେଁ । ଏହି ଦେଶ ବିଶ୍ୱର ସର୍ବାଧିକ ଭୂମିକମ୍ପପ୍ରବଣ ଦେଶମାନଙ୍କ ମଧ୍ୟରେ ୧୧ତମ ସ୍ଥାନରେ ଅଛି । ହିମାଳୟ ଅଞ୍ଚଳରେ ଅବସ୍ଥିତ, ନେପାଳ ପ୍ରାୟତଃ ଟେକ୍ଟୋନିକ୍ ପ୍ଲେଟ୍ ଗତିବିଧି ଯୋଗୁଁ ଭୂମିକମ୍ପର ଶିକାର ହୁଏ । ଭାରତୀୟ ଏବଂ ୟୁରେସିଆନ୍ ପ୍ଲେଟର ଧକ୍କା ଏହି ଅଞ୍ଚଳରେ ଭୂମିକମ୍ପର ମୁଖ୍ୟ କାରଣ, କିନ୍ତୁ ବଡ଼ କଥା ହେଉଛି ନେପାଳରେ ସାଧାରଣତଃ ଅଧିକ ତୀବ୍ରତାର ଭୂମିକମ୍ପ ହୋଇନଥାଏ, ଯାହା ବଡ଼ କ୍ଷତିର ଆଶଙ୍କାକୁ ଦୂର କରେ । ଏହା ସତ୍ତ୍ୱେ, ସ୍ଥାନୀୟ ଲୋକମାନେ ସତର୍କ ରୁହନ୍ତି ।

# ଅସଲ ପରୀକ୍ଷାରେ ଭାରତ ଫେଲ୍

ଅହମ୍ମଦାବାଦ, ୨୨।୨(ଏଜେନ୍ସି) : ଟି -୨୦ ବିଶ୍ୱକପ୍ ସୁପର ୮ ପର୍ଯ୍ୟାୟ ଆରମ୍ଭରୁ ଭାରତ ଝୁଣ୍ଟିଛି । ଲିଗ୍ ପର୍ଯ୍ୟାୟରେ ଅପରାଜେୟ ରହିଥିବା ଭାରତ ୭୬ ରନ ବ୍ୟବଧାନରେ ଦ.ଆଫ୍ରିକା ନିକଟରୁ ହାରିଯାଇଛି । ସୁପର ୮ ର ଅସଲ ପରୀକ୍ଷାରେ ଫେଲ୍ ମାରିଛି ଭାରତ । ତେଣୁ ସେମିଫାଇନାଲକୁ ଯିବା ପାଇଁ ହେଲେ ପରବର୍ତ୍ତୀ ଦୁଇଟି ମ୍ୟାଚରେ ଭଲ ରନରେଟ୍ ସହ ଭାରତକୁ ଜିତିବାକୁ ହେବ । ଏହି ମ୍ୟାଚରେ ଦ. ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୮୭ ରନ କରିଥିଲା । ଜବାବ୍‌ରେ ଭାରତ ୧୮.୫ ଓଭରରେ ୧୧୧ ରନ କରି ଅଲଆଉଟ୍ ହୋଇଥିଲା । ବୁମରାଙ୍କ ପାୱାରଫୁଲ ବୋଲିଂ ସତ୍ତ୍ୱେ ଦୁର୍ବଳ ବ୍ୟାଟିଂ ଯୋଗୁଁ ଭାରତ ଏହି ବିଫଳତାର ସମ୍ମୁଖୀନ ହୋଇଛି । ଗତ ଦୁଇମାସ ମଧ୍ୟରେ ଉଭୟ ଦଳ ପରସ୍ପରକୁ ଷଷ୍ଠଥର ଭେଟିଛନ୍ତି । କିନ୍ତୁ ବିଶ୍ୱକପରେ ପ୍ରଥମ ଥର ମୁହାଁମୁହିଁ ହୋଇଛନ୍ତି ଭାରତ ଓ ଦ. ଆଫ୍ରିକା । ଦ. ଆଫ୍ରିକା ପକ୍ଷରୁ ଡେଭିଡ୍ ମିଲ୍ଲର ସର୍ବାଧିକ ୬୩ ରନ କରିଥିବା ବେଳେ ବ୍ରେଭିସ୍ ୪୫ ଓ ଟ୍ରିଷ୍ଟାନ ଷ୍ଟୁବସ ୪୪ ରନ କରିଥିଲେ । ଭାରତ ପକ୍ଷରୁ ଯଶପ୍ରୀତ ବୁମରା ସର୍ବାଧିକ ୩ ୱିକେଟ୍ ନେଇଥିବା ବେଳେ ଅର୍ଶଦୀପ ସିଂ ଓ ଶିବମ୍ ଦୁବେ ତଥା ବରୁଣ ଚକ୍ରବର୍ତ୍ତୀଙ୍କୁ ଗୋଟିଏ କରି ୱିକେଟ୍ ସଫଳତା ମିଳିଥିଲା ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିବା ଆଡିନ ମାର୍କାମ ଓ କ୍ୱିଣ୍ଟନ ଡିକକ୍ ଇନିଂସ ଓପନ କରିଥିଲେ । ଦୁଇ ଅଭିଜ୍ଞ ଓପନର ଏହି ମ୍ୟାଚରେ ସମ୍ପୂର୍ଣ୍ଣ ଫେଲ ମାରିଥିଲେ । ଯଶପ୍ରୀତ ବୁମରାଙ୍କ ବଲରେ ଆଉଟ୍ ହୋଇଥିଲେ ଡିକକ୍ । ଯଶପ୍ରୀତ ବୁମରା ଡିକକଙ୍କୁ ଆଉଟ କରି ଭାରତକୁ ପ୍ରଥମ ସଫଳତା ଦେଇଥିଲେ । ସୁପର ୮ ମୁକାବିଲାରେ ପ୍ରଥମ ଓଭର ବୋଲିଂ କରିବାକୁ ଆସିଥିବା ଅର୍ଶଦୀପ ସିଂ ମାତ୍ର ୪ ରନ ଦେଇଥିଲେ । ଦ୍ୱିତୀୟ ଓଭରରେ ବୁମରା ଓପନର ଡିକକଙ୍କୁ ଆଉଟ କରିଥିଲେ । ତୃତୀୟ ଓଭରରେ ଅର୍ଶଦୀପ ସିଂ ଘାତକବୋଲିଂ କରି ମାକ୍ରାମଙ୍କୁ ଆଉଟ୍ କରିଥିଲେ । ଚତୁର୍ଥ ଓଭରରେ ବୋଲିଂ କରିବାକୁ ଆସିଥିବା ବୁମରା ଶିବମ୍ ଦୁବେଙ୍କ ହାତରେ ତାଙ୍କୁ କ୍ୟାଚ ଆଉଟ କରିଥିଲେ ।



ଦ. ଆଫ୍ରିକା ୪ ଓଭର ଖେଳି ମାତ୍ର ୨୦ ରନରେ ୩ ୱିକେଟ ହରାଇଥିଲା । ଏହାପରେ ଡେଭିଡ୍ ମିଲ୍ଲର ଓ ଦେୱଲ ବ୍ରେଭିସ୍ ଦ୍ରୁତ ଗତିରେ ରନ ସଂଗ୍ରହ କରିଥିଲେ । ଭାରତ ପକ୍ଷରୁ ଅର୍ଶଦୀପ ସିଂ ୩ ଓଭର ବୋଲିଂ କରି ୨୨ ରନ ଦେଇ ଗୋଟିଏ ୱିକେଟ ନେଇଥିଲେ । ବୁମରାଙ୍କୁ ୩ ୱିକେଟ୍, ବରୁଣ ଚକ୍ରବର୍ତ୍ତୀ ଗୋଟିଏ ୱିକେଟ୍ ନେଇଥିଲେ । ଷଷ୍ଠ ଓ ସପ୍ତମ ଓଭର ବୋଲିଂ କରିଥିବା ବରୁଣ ଚକ୍ରବର୍ତ୍ତୀ ଓ ୱାଶିଂଟନ ସୁନ୍ଦର ୨୨ ରନ ଲେଖାଏଁ ଦେଇଥିଲେ । ଦୁଇ ସ୍ପିନର ମାଡଖାଇବା ପରେ ପୁଣି ଥରେ ଦ୍ରୁତ ବୋଲରଙ୍କୁ ଲଗାଇଥିଲେ ସୂର୍ଯ୍ୟକୁମାର । ଅଷ୍ଟମ ଓଭରରେ ହାର୍ଦ୍ଦିକ ପାଣ୍ଡ୍ୟା ମାତ୍ର ୪ ରନ ଦେଇଥିଲେ । ପରବର୍ତ୍ତୀ ଓଭରରେ ବରୁଣ ଚକ୍ରବର୍ତ୍ତୀ ୧୭ ରନ ଦେଇଥିଲେ । ଦ. ଆଫ୍ରିକା ୧୦ ଓଭର ସୁଦ୍ଧା ୩ ୱିକେଟ ହରାଇ ୮୪ ରନ କରିଥିଲା । ୧୨.୨ ଓଭର ବେଳେ ଶିବମ୍ ଦୁବେ ଭାରତକୁ ୱିକେଟ ସଫଳତା ଦେଇଥିଲେ । ବ୍ରେଭିସଙ୍କୁ ଅଭିଶେକ ଶର୍ମାଙ୍କ ହାତରେ କ୍ୟାଚ ଆଉଟ କରାଇଥିଲେ । ବ୍ରେଭିସ ୨୯ ବଲ ଖେଳି ୪୫ ରନ କରି ଆଉଟ ହୋଇଥିଲେ ।

ଜବାବରେ ଭାରତ ୧୮୮ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଏକଦମ ଖରାପ ଖେଳିଥିଲା । ବିଗତ ମ୍ୟାଚ ଗୁଡିକର ହିରୋ ଇଷାନ କିଶାନ ଖାତା ଖୋଲିପାରିନଥିବା ବେଳେ ଅଭିଶେଷ ଶର୍ମା ୧୫, ତିଲକ ବର୍ମା ୧, ସୂର୍ଯ୍ୟକୁମାର ଯାଦବ ୧୮, ୱାଶିଂଟନ ସୁନ୍ଦର ୧୧, ଶିବମ୍ ଦୁବେ ୪୨, ହାର୍ଦ୍ଦିକ ପାଣ୍ଡ୍ୟା ୧୮ ରନ କରିବା ସତ୍ତ୍ୱେ ଭାରତ ୧୮.୫ ଓଭରରେ ୧୧୧ ରନ କରି ଅଲଆଉଟ ହୋଇଥିଲା । ଦ. ଆଫ୍ରିକାର ମାର୍କୋ ଜନସେନ୍ ୪ ଟି , କେଶବ ମହାରାଜ ୩ ଟି, କୋରବିନ ଗୋଶ୍ଚ ୨ ଟି ଓ ଆଦିନ ମାର୍କାନ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ ।

## ଆଜିର ମ୍ୟାଚ

- ❒ ଜିମ୍ବାୱେ -ଇଣ୍ଡିଜ
- ❒ ସ୍ଥାନ - ୱାଙ୍ଖେଡେ
- ❒ ସମୟ - ରାତି ୭ଟା
- ❒ ପ୍ରସାରଣ- ଷ୍ଟାର ନେଟ୍‌ୱର୍କ

## ପୁଅକୁ ୪ କୋଟିର ଗିଫ୍ଟ ଦେଲେ ପାଣ୍ଡ୍ୟା



ନୂଆଦିଲ୍ଲୀ, ୨୨।୨(ଏଜେନ୍ସି) : ପୁଅ ଅଗସ୍ତ୍ୟ ଓ ପୂର୍ବତନ ପତ୍ନୀ ନତାସାଙ୍କୁ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ଏକ ନୂଆ ଡିଫେଣ୍ଡର ଉପହାର ଦେଇଛନ୍ତି । ଏହାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ହାର୍ଦ୍ଦିକ ଏବଂ ନତାସା ୨୦୨୪ ଜୁଲାଇରେ ପରସ୍ପରଠାରୁ ଅଲଗା ହୋଇଥିଲେ । ହାର୍ଦ୍ଦିକ ଦେଇଥିବା ଏହି ଲ୍ୟାଣ୍ଡ ରୋଭର ଡିଫେଣ୍ଡରର ମୂଲ୍ୟ ପ୍ରାୟ ୪ କୋଟି ଟଙ୍କା । ମୁମ୍ବାଇର ଲ୍ୟାଣ୍ଡରୋଭର କମ୍ପାନୀ ନବନୀତ ମୋଟର ଏହାର ଅଫିସିଆଲ ଇନଷ୍ଟାଗ୍ରାମ ଆକାଉଣ୍ଟରେ ପୋଷ୍ଟ କରି ଏହି ସୂଚନା ଦେଇଛି । ଏଥିସହିତ ନତାସା ଓ ଅଗସ୍ତ୍ୟଙ୍କ ଏକ ଫଟୋ ମଧ୍ୟ ସେୟାର କରିଛି ।

## କ'ଣ କରନ୍ତି ଧାୱନଙ୍କ ପତ୍ନୀ ?

ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଦଳର ପୂର୍ବତନ ଓପନର ଶିଖର ଧାୱନ ଏବଂ ସୋଫି ସାଇନ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ଧାୱନ ଏବଂ ସୋଫିଙ୍କ ବିବାହ ବିଷୟରେ କିଛି ଦିନ ଧରି ସୋସିଆଲ ମିଡିଆରେ ପ୍ରବଳ ଚର୍ଚ୍ଚା ଚାଲିଥିଲା । ଶନିବାର ଦୁହିଁଙ୍କର ବିବାହ ଫଟୋ ସାମ୍ନାକୁ ଆସିବା ପରେ ଏହି ଚର୍ଚ୍ଚାରେ ଯବନୀକା ପଡ଼ିଛି । ଶିଖରଙ୍କ ପତ୍ନୀ ସୋଫି ସାଇନଙ୍କ ଘର ଆୟରଲ୍ୟାଣ୍ଡରେ । ସେ ଜଣେ ପ୍ରଡକ୍ଟ କନସଲଣ୍ଟାଣ୍ଟ । ସେ ଧାୱନଙ୍କଠାରୁ ପାଞ୍ଚ ବର୍ଷ ସାନ । ଶିଖରଙ୍କ ବୟସ ୪୦ ହୋଇଥିବା ବେଳେ ସୋଫିଙ୍କ ବୟସ ୩୫ ବର୍ଷ । ସୋଫି ଆୟରଲ୍ୟାଣ୍ଡରେ ଶିକ୍ଷା ଲାଭ କରିଥିଲେ । ସ୍କୁଲ ପରେ,ସେ ଲିମେରିକ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଏବଂ କ୍ୟାସଲରୟ କଲେଜରୁ ଉଚ୍ଚଶିକ୍ଷାରେ ଡିଗ୍ରୀ ହାସଲ କରିଥିଲେ । ତାଙ୍କ ପାଠପଢ଼ା ସମାପ୍ତ କରିବା ପରେ,ସୋଫି କର୍ପୋରେଟ୍ ଜଗତରେ ନିଜକୁ ପ୍ରତିଷ୍ଠିତ କରିଥିଲେ । ଏହା ଶିଖରଙ୍କ ଧାୱନ ଦ୍ୱିତୀୟ ବିବାହ । ସେ ପୂର୍ବରୁ ୨୦୧୨ ମସିହାରେ ତାଙ୍କଠାରୁ ୧୦ ବର୍ଷ ବଡ଼ ଆୟେଶା ମୁଖାର୍ଜୀଙ୍କୁ ବିବାହ କରିଥିଲେ । ୨୦୨୩ ମସିହାରେ ସେମାନଙ୍କର ଛାଡପତ୍ର ହୋଇଥିଲା । ଧାୱନଙ୍କର ଆୟେଶାଙ୍କ ସହିତ ଏକ ସନ୍ତାନ ଅଛି,ଯାହାର ନାମ ଜୋରାଭର । ତଥାପି,ଧାୱନ ଏବେ ତାଙ୍କ ଜୀବନରେ ଏକ ନୂଆ ଇନିଂସ ଆରମ୍ଭ କରିଛନ୍ତି ।

## ଏସୀୟ କ୍ରୀଡା ଯୋଗ୍ୟତା ଅର୍ଜନ କଲେ କାର୍ତ୍ତିକ

ନୂଆଦିଲ୍ଲୀ, ୨୨।୨ (ଏଜେନ୍ସି) : ମୁମ୍ବାଇର କାର୍ତ୍ତିକ କରକେରା ମର୍ଯ୍ୟଦା ଜନକ ୧୧ତମ ନୂଆଦିଲ୍ଲୀ ମାରାଥନ ଜିତିଛନ୍ତି । ସେ ମାତ୍ର ୨ ଘଣ୍ଟା ୧୩ ମିନିଟ ୧୦ ସେକେଣ୍ଡ ସମୟ ନେଇ ୪୨.୨ କିଲୋମିଟର ଅତିକ୍ରମ କରି ମାରାଥନ ଜିତିଛନ୍ତି । ଏଥିସହ ସେ ଏସୀୟ କ୍ରୀଡା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ଅଲମ୍ପିଆନ୍ ଥୋନାକ୍‌ଲ ଗୋପୀ ୨ ଘ. ୧୩ ମି. ୧୨ ସେ.ରେ ଏହି ଦୂରତ୍ୱ ଅତିକ୍ରମ କରିବା ସହ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଆଉ ୩ ସେ. ବିଳମ୍ବରେ ପହଞ୍ଚିଥିବା ୨୦୨୪ର ଏସୀୟ ମାରାଥନ ସ୍ୱର୍ଣ୍ଣ ପଦକ ବିଜେତା ମାନ ସିଂ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଗୋପୀ ଏବଂ ସିଂ ମଧ୍ୟ ଏସୀୟ କ୍ରୀଡା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ଚଳିତ ବର୍ଷ ଜାପାନରେ ହେବାକୁ ଥିବା ଏସୀୟ କ୍ରୀଡା ପାଇଁ ଯୋଗ୍ୟତା ପର୍ଯ୍ୟାୟ ଟାଇମିଂ ୨ ଘ. ୧୫ ମି. ୪ ସେ. ରଖାଯାଇଛି । ଅନ୍ୟ ପକ୍ଷରେ ନିର୍ମାବେନ୍ ଠାକୁର ମହିଳା ବର୍ଗରେ ବିଜୟୀ ହୋଇଛନ୍ତି । ସେ ୨ ଘ. ୪୧ ମି. ୧୫ ସେ. ରେ ଏହି ଦୂରତ୍ୱ ଅତିକ୍ରମ କରିଥିଲେ । ଏହା ସତ୍ତ୍ୱେ ସେ ଏସୀୟ କ୍ରୀଡା ଯୋଗ୍ୟତା ଅର୍ଜନ କରିପାରିନାହାଁନ୍ତି । କାରଣ ଏସୀୟ କ୍ରୀଡାର ମହିଳା ବର୍ଗ ପାଇଁ ଟାଇମିଂ ୨ ଘ. ୩୧ ମି. ୫୨ ସେ. ରଖାଯାଇଛି ।




## ଟି -୨୦ ବିଶ୍ୱକପ୍ ସୁପର ୮

## ଶ୍ରୀଲଙ୍କାକୁ ଧରାଶାୟୀ କଲା ଇଂଲଣ୍ଡ




ପାଲକେଲେ, ୨୨।୨(ଏଜେନ୍ସି) : ସୁପର ୮ ମୁକାବିଲାରେ ଇଂଲଣ୍ଡ ଜମାଣିଆ ଆରମ୍ଭ କରିଛି । ଆୟୋଜକ ଶ୍ରୀଲଙ୍କାକୁ ୫୧ ରନରେ ପରାସ୍ତ କରି ଚକିତ କରିଦେଇଛି ଇଂଲଣ୍ଡ । ଜୋଫ୍ରା ଆର୍ଚର ଏବଂ ଉଇଲ ଜ୍ୟାକ୍ସ ତାଙ୍କ ବୋଲିଂରେ ବିପର୍ଯ୍ୟୟ ଘଟାଇ ଶ୍ରୀଲଙ୍କା ବ୍ୟାଟରଙ୍କୁ ଚକମା ଦେଇଛନ୍ତି । ଅଧିନାୟକ ଦଶନ ସନକା ଶେଷ ପର୍ଯ୍ୟନ୍ତ ଲଢିଥିଲେ ମଧ୍ୟ ଦଳକୁ ପରାଜୟରୁ ମୁକୁଳାଇ ପାରିନଥିଲେ । ପାଲକେଲେ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୧୪୬ ରନ କରିଥିଲା । ଜବାବ୍‌ରେ ଶ୍ରୀଲଙ୍କା ଦଳ ୯୫ ରନ କରିବାକୁ ସମର୍ଥ ହୋଇଥିଲା । ଟସ୍ ଜିତିବା ପରେ ଶ୍ରୀଲଙ୍କା ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଏହି ନିଷ୍ପତ୍ତି ଶ୍ରୀଲଙ୍କା ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । ଏହି ମ୍ୟାଚରେ କେବଳ ବୋଲରଙ୍କ ରାଜୁତି ଦେଖିବାକୁ ମିଳିଥିଲା । ଉଭୟ ଇନିଂସରେ ମୋଟ ୧୯ ୱିକେଟ ଝଡିଥିଲା । ମ୍ୟାଚ ଆରମ୍ଭରେ ଇଂଲଣ୍ଡର ଉଇଲ୍ ଜ୍ୟାକ୍ସ ଏବଂ ଜୋଫ୍ରା ଆର୍ଚର ଶ୍ରୀଲଙ୍କା ବ୍ୟାଟରଙ୍କ ଘାଇଲା କରିଥିଲେ । ଇଂଲଣ୍ଡ ପାଇଁ ସୁପର ୮ ପର୍ଯ୍ୟାୟର ପ୍ରଥମ ମ୍ୟାଚ ବିଜୟ ଚମତ୍କାର ଠାରୁ କମ ନୁହେଁ । କାରଣ ଘରୋଇ ଦଳ ପରିସ୍ଥିତିକୁ ଭଲ ଭାବେ ଜାଣିଥିଲେ ସୁଦ୍ଧା ବଡ ପରାଜୟ ବରଣ କରିଛି । ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୧୪୬ ରନ କରିଥିଲା । ସବୁକିଛି ଇଂଲଣ୍ଡ ଦଳ ବିପକ୍ଷରେ ଯାଉଥିବା ପରି ମନେ ହେଉଥିଲା । କିନ୍ତୁ ବୋଲିଂରେ ଇଂଲଣ୍ଡ ନିଜ ଦକ୍ଷତା ପ୍ରମାଣ କରିଦେଇଛି । ଆର୍ଚର ଏବଂ ୱିଲ ଜ୍ୟାକ୍ସଙ୍କ ପ୍ରାରମ୍ଭିକ ବୋଲିଂ ଆଟାକ ଏତେ ବିଧ୍ୱଂସିକାର ଥିଲା ଯେ ଶ୍ରୀଲଙ୍କା ମାତ୍ର ୩୪ ରନରେ ୫ ୱିକେଟ ହରାଇଥିଲା । ଦଶନ ସନକା ଏକାକି ଲଢିଥିଲେ । ସେ ୨୪ ବଲର ୩୦ ରନ କରିଥିଲେ । କିନ୍ତୁ ଦଳକୁ ବିଜୟୀ କରିପାରିନଥିଲେ । ଇଂଲଣ୍ଡ ପକ୍ଷରୁ ଆର୍ଚର ଦୁଇଟି ୱିକେଟ ନେଇଥିଲେ । ୱିଲ ଜ୍ୟାକ୍ସ ୩ ୱିକେଟ ନେଇ ସବୁଠୁ ସଫଳ ବୋଲର ହୋଇଥିଲେ । ଆଦିଲ ରସିଦ ଏବଂ ଲିଆମ ଡସନଙ୍କୁ ଦୁଇଟି ଲେଖାଏଁ ୱିକେଟ ସଫଳତା ମିଳିଥିଲା । ଓଭର ଟନ ଗୋଟିଏ ୱିକେଟ ହାସଲ କରିଥିଲେ ।

## ତମାଣ୍ଡୋ ପ୍ରିମିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଆଦିତ୍ୟ ଏକାଦଶ ଚାମ୍ପିଅନ

ଭୁବନେଶ୍ୱର,୨୨।୨(ସବ୍ୟୁ) : ତମାଣ୍ଡୋ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୮ମ ତମାଣ୍ଡୋ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜି ଥିଲା ଫାଇନାଲ ଦିବସ । ଆଜି ଫାଇନାଲରେ ଟିସିସି ଭୁବନେଶ୍ୱରକୁ ୪ ୱିକେଟରେ ପରାସ୍ତ କରି ଆଦିତ୍ୟ ଏକାଦଶ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ଆଦିତ୍ୟ ଏକାଦଶ ପ୍ରଥମେ ଟସ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ତେଣୁ ଟିସିସି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୮୬ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ରାକେଶ କୁମାର ପଟ୍ଟନାୟକ ୧୦ ବଲରେ ୪୨ ରନ, ଆକାଶ ମହାପାତ୍ର ୨୫ ବଲରେ ୨୮ ରନ କରିଥିଲେ ।ବିପକ୍ଷ ଦଳର ସତ୍ୟକାମ ଭରଦ୍ୱାଜ ୪ ଓଭର ବୋଲିଂ କରି ୪୨ ରନ ଦେଇ ୩ ୱିକେଟ ଓ ଆନନ୍ଦ ଭରଦ୍ୱାଜ ୪ ଓଭରରେ ୪୪ ରନ ଦେଇ ୨ ଟି ୱିକେଟ ଦଖଲ କରିଥିଲେ ।ଖେଳର ଦ୍ୱିତୀୟ ଇନିଙ୍ଗସରେ ଆଦିତ୍ୟ ଏକାଦଶ ଦଳ ୧୮୭ ରନର ବିଜୟ ଲକ୍ଷ ନେଇ ୧୮.୪ ଓଭରରେ ୬ ୱିକେଟ ହରାଇ ୧୮୯ ରନ କରି ଚାମ୍ପିଅନ ହୋଇଥିଲେ । ଆଦିତ୍ୟ ଏକାଦଶ ପକ୍ଷରୁ ଆୟୁଷ ନଟ ଆଉଟ ରହି ୨୩ ବଲ ଖେଳି ୭୨ ରନ , ବିକ୍ରମ ସାମଲ ୧୪ ବଲରେ ୨୩ ରନ କରିଥିଲେ ।ବିପକ୍ଷ ଦଳର ଅତୁଲ ସାରୱାର ୩.୩ ଓଭରରେ ୩୫ ରନ ଦେଇ ୨ଟି ୱିକେଟ୍ ଓ ରାମଚନ୍ଦ୍ର ବେହେରା ୪ ଓଭରରେ ୧୯ ରନ ଦେଇ ଦୁଇଟି ୱିକେଟ ଦଖଲ କରିଥିଲେ । ଆଜିର ମ୍ୟାଚ ପରିଚାଳନା କରିଥିଲେ ସୁମେନ୍ଦ୍ର ପାତ୍ର , ଆଶୁତୋଷ ପାଣି ଓ ଶୁଶିଲ ସାମନ୍ତରାୟ ।




ତମାଣ୍ଡୋ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ପୁରସ୍କାର ବିତରଣ ଉତ୍ସବରେ କ୍ଲବର ସଭାପତି ଆଶିଷ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ ।ଆଜିର ଏହି ଉତ୍ସବରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ବିଜେପି ନେତା ବିଶ୍ୱ ରଞ୍ଜନ ବଡ଼ଜେନା ଓ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ବ୍ଲକ ଅଧକ୍ଷା ନିରୁପମା ସାହୁ ଓ ଶିଳ୍ପପତି ଶିଶିର କୁମାର ବେହେରା ଯୋଗ ଦେଇଥିଲେ । ଅତିଥି ମାନେ ଚାମ୍ପିଅନ ଆଦିତ୍ୟ ଏକାଦଶକୁ ଟ୍ରଫି ସହ ନଗଦ ଦେଢ଼ ଲକ୍ଷ ଟଙ୍କା ଓ ଉପବିଜେତା ଟିସିସି ଦଳକୁ ଟ୍ରଫି ସହ ଏକ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ ।ଆଜିର ଖେଳରେ ବିଜେତା ଦଳର ଆୟୁଷଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର, ମ୍ୟାନ ଅଫ୍ ଦି ସିରିଜ ଓ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଅତୁଲ ସାରୱାର, ଶ୍ରେଷ୍ଠ ବୋଲୋର ଶୁଶିଲ କୁମାର ବାରିକ ଓ ଶ୍ରେଷ୍ଠ ଫିଲ୍ଡର କାଶ୍ୟମ ସାଗର ବଳଙ୍କୁ ଅତିଥି ମାନେ ପୁରସ୍କୃତ କରାଯାଇଥିଲା ।

## ବିହାରୀଲାଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିଅନ

ଭୁବନେଶ୍ୱର,୨୨।୨(ସବ୍ୟୁ): ପୋଖରୀପୁଟ୍ ସ୍ଥିତ ବିହାରୀଲାଲ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଚାଲିଥିବା ୨୭ତମ ବିହାରୀଲାଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଉଦଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିଅନ ହୋଇଛି । ଫାଇନାଲ ମ୍ୟାଚରେ କିଶୋର କ୍ଲବକୁ ୩ ୱିକେଟରେ ପରାଜିତ କରିଥିଲା ରାମେଶ୍ୱର ସ୍ପୋର୍ଟିଂ । ସେହିଭଳି ଭେଟେରାନ ବିଭାଗରେ କିଶୋର କ୍ଲବକୁ ୪ ୱିକେଟରେ ହରାଇ ପୁରୀର ଜେପି ବ୍ଲାଷ୍ଟର ଟାଇଟଲ ଜିତିଛି । ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟଟି ୧୦ ଓଭର ବିଶିଷ୍ଟ ଖେଳାଯାଇଥିବା ବେଳେ ଫାଇନାଲ ମ୍ୟାଚଟି ୧୦୧ ବଲ ବିଶିଷ୍ଟ ହୋଇଥିଲା । ଭୁବନେଶ୍ୱର ସାଂସଦ ଅପରାଜିତ ଷଡଙ୍ଗୀ, ଓଡିଶା ଅଲମ୍ପିକ ଆସୋସିଏସନ୍ ସଭାପତି ସମୀର ମହାନ୍ତି, ଦୁଇ ପୂର୍ବତନ କ୍ରିକେଟର ରଶ୍ମିରଞ୍ଜନ ପରିଡା ଏବଂ ପ୍ରଭଞ୍ଜନ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଉତ୍ସାହିତ କରିଥିଲେ । ଆୟୋଜକ ପ୍ରତି ବର୍ଷ ଏହି ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଆୟୋଜନ କରି ବିଭିନ୍ନ ମହଲରେ ପ୍ରଶଂସା ପାଇଛନ୍ତି । ଆଗାମୀ ଦିନରେ ଏହି ଟୁର୍ଣ୍ଣାମେଣ୍ଟକୁ ଆହୁରି ବ୍ୟାପକ କରାଯିବ ବୋଲି ବିହାରୀଲାଲ୍ ସ୍ପୋର୍ଟ୍ସ ଟ୍ରଷ୍ଟ ପକ୍ଷରୁ କୁହାଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ ଟି ଦଳ ଅଂଶଗ୍ରହଣ କରିଥିଲେ ।




ସୂଚନା

ସମୟ BHIM SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


## ବୈଭବଙ୍କୁ ବଡ ଉପହାର

ପାଟଣା, ୨୨।୨(ଏଜେନ୍ସି) : ଯୁବ କ୍ରିକେଟର ତଥା ବିସ୍ମୟ ବାଳକ ବିହାରର ବୈଭବ ସୂର୍ଯ୍ୟବଂଶୀଙ୍କୁ ବଡ ଉପହାର ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନୀତିଶ କୁମାର । ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ବିହାରକୁ ଗର୍ବିତ କରିଥିବା ବୈଭବଙ୍କୁ ମୁଖ୍ୟମନ୍ତ୍ରୀ ୫୦ ଲକ୍ଷ ଟଙ୍କା ଉପହାର ଦେଇଛନ୍ତି । ଏହି ଅବସରରେ ନୀତିଶ କୁମାର କହିଛନ୍ତି ବୈଭବ ବିଶ୍ୱକପ୍‌ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ତାଙ୍କ କଠିନ ପରିଶ୍ରମ ଏବଂ ପ୍ରତିଭା ମାଧ୍ୟରେ ସେ ଭାରତୀୟ କ୍ରିକେଟ ପାଇଁ ନୂଆ ଆଶା ସଂଞ୍ଚାର କରିଛନ୍ତି । ମୁଁ କାମନା କରୁଛି ବୈଭବ ଭବିଷ୍ୟତରେ ଭାରତୀୟ ଦଳ ପାଇଁ ନୂଆ ରେକର୍ଡ କରନ୍ତୁ । ଦେଶ ପାଇଁ ଗୌରବ ଆଣନ୍ତୁ । ବୈଭବଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଆହୁରୀ ଭଲ ଖେଳନ୍ତୁ ବୋଲି ନୀତିଶ କୁମାର କହିଛନ୍ତି । ତୁମେ ଭଲ କ୍ରିକେଟ ଖେଳିବା ଜାରି ରଖ ଏବଂ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସରକାର ଖେଳାଳିଙ୍କୁ ଉତ୍ସାହିତ କରୁଛନ୍ତି । ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେଉଛନ୍ତି ।

ଅନ୍ୟପଟେ ବୈଭବଙ୍କୁ ମଧ୍ୟ ମହଙ୍ଗା କାର ଉପହାର ମିଳିଛି । ଟାଟା ମୋଟର୍ସ ବୈଭବଙ୍କୁ ଏହି କାର ଉପହାର ଦେଇଛି । ପାଟଣାରେ ଏକ ଟାଟା ସୋରୁମର ମାଲିକ କହିଛନ୍ତି ବୈଭବଙ୍କୁ କାର ଉପହାର ଦିଆଯାଇଛି । ବୈଭବ ଏବଂ ତାଙ୍କ ବାପା ବ୍ୟକ୍ତିଗତ ଭାବେ ଏହି କାର ଗ୍ରହଣ କରିଛନ୍ତି ।

## ସଦାନନ୍ଦ ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ୍

## ଅରିଶ ବିଜେତା

ଭୁବନେଶ୍ୱର, ୨୨।୨(ସବ୍ୟୁ) : କେଶୁରା ସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପ୍ରାଙ୍ଗଣରେ ପଞ୍ଚମ ସଦାନନ୍ଦ ସ୍ୱାଇଁ ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିଅନସିପ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ୟୁନିଟ୍ ୮ ଡିଏଭି ପବ୍ଲିକ ସ୍କୁଲର ଛାତ୍ର ଅରିଶନନ୍ଦ ଗୋସ୍ୱାମୀ ଚାମ୍ପିଅନ ହୋଇଛନ୍ତି । କେନ୍ଦ୍ରୀୟ ବିଦ୍ୟାଳୟ ୧ ର ଆୟୁଷମାନ ବେହେରା ଦ୍ୱିତୀୟ, ନାରାୟଣ ଇ-ଟେକ୍ନୋ ସ୍କୁଲର ଅୟନନାଥ ମହାନ୍ତି ତୃତୀୟ, କେ ଭି ୧ ର ସ୍ୱସ୍ତିକ ବେହେରା ଚତୁର୍ଥ ଏବଂ ୟୁନିଟ୍ ୮ ଡିଏଭିର ଅତିଶନନ୍ଦ ଗୋସ୍ୱାମୀ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି । ସେହିଭଳି ବିଭିନ୍ନ ବୟସ ବର୍ଗ ଏବଂ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣ ଉତ୍ସବରେ ଆଇଆଇଟି ଭୁବନେଶ୍ୱରର ଆସୋସିଏଟ୍ ପ୍ରଫେସର ଶ୍ରୀନିବାସ ରାମାନୁଜମ୍ କନନ, ପୂର୍ବତନ ଜାତୀୟ ଚେସ୍ ଖେଳାଳି ସଂଘମିତ୍ରା ସିଂ, ରୟାଲ ପବ୍ଲିକ୍ ସ୍କୁଲର ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞାପରଲିଙ୍କା ସାହୁ, ଓଡିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ତଥା ସ୍ୱର୍ଗତ ସଦାନନ୍ଦ ସ୍ୱାଇଁଙ୍କ ଝିଅ ପ୍ରମୁଖ ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।








Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665,
TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି